ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୧୮/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 18/2023 | Page 16 ₹ 7.00

୪୯ଶ ଭାଗ ୧୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 172 ମୂଲ୍ୟ₹୭/-



**ଲୋବେରା ଓଏଫ୍‌ସିର ନୂଆ କୋଚ**

ସ୍ପାନିଶ ଫୁଟ୍‌ବଲର ସର୍ଗିଓ ଲୋବେରା ଆସନ୍ତା ଦୁଇ ବର୍ଷ ପାଇଁ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି।

୦୮

୦୨

**ସ୍ତ୍ରୀଙ୍କୁ ବାର୍ ଖୋଲିବାକୁ ମନାକଲେ ଭିକି**

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଘରେ ଏକ ବାର୍ ଖୋଲିବାକୁ ସ୍ୱାମୀ ତଥା ଅଭିନେତା ଭିକି କୌଶଲଙ୍କୁ କହିଥିବାବେଳେ ସେ ଏଥିପାଇଁ ମନା କରିଛନ୍ତି।



# ଉପ ହେବାକୁ ଶିବକୁମାରଙ୍କ ନା

## କର୍ନାଟକ ପାଇଁ କଂଗ୍ରେସ ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୭।୫**

କର୍ନାଟକ ବିଧାନସଭା ନିର୍ବାଚନ ଫଳ ମେ' ୧୩ରେ ଆସିଥିଲା। ୨୨୪ ଆସନ ମଧ୍ୟରୁ କଂଗ୍ରେସ ୧୩୫ ଦଖଲକରି ଅଭୂତପୂର୍ବ ବିଜୟ ହାସଲ କରିଛି। ଗୁରୁବାର ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ଶପଥ ଗ୍ରହଣ ପାଇଁ ମଞ୍ଚ ସଜ୍ଜା ମଧ୍ୟ ହୋଇସାରିଛି। କିନ୍ତୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିଏ ହେବେ ତାଙ୍କ ନାମ ପ୍ରକାଶ କରାଯାଇନାହିଁ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଡି.କେ. ଶିବକୁମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ନିଜ ନିଜ ଜିଦ୍‌ରେ ଅଡ଼ିବସିଥିବାରୁ ଦଳର ହାଇକମାଣ୍ଡ ବର୍ତ୍ତମାନ ସୁଦ୍ଧା ନାମ ଘୋଷଣା କରିନାହାନ୍ତି। କର୍ନାଟକରେ କଂଗ୍ରେସ ବିଜୟର ମୁଖ୍ୟ ବିନ୍ଧାଣି କୁହାଯାଉଥିବା ଶିବକୁମାର ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାକୁ ନାରାଜ ଥିବାରୁ ଦଳ ପାଇଁ ଚିନ୍ତା ବଢ଼ିଯାଇଛି।

ତୁହାକୁ ତୁହା ଗସ୍ତ, ମାରାଥନ୍ ବୈଠକ। ମନେ ହେଉଛି ତଥାପି ଛିଣ୍ଡିନି ହିସାବ। ଶିବକୁମାରଙ୍କୁ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଦୁଇଟି ଅଫର୍‌କୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି। ଶିବକୁମାର ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ନେତା ରାହୁଲ ଗାନ୍ଧୀଙ୍କୁ ନୂଆଦିଲ୍ଲୀରେ ଭେଟି ନିଜ ପକ୍ଷ ରଖିଥିଲେ। ଅଢ଼େଇ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଖାର୍ଗେ ଓ ରାହୁଲ ତାଙ୍କୁ ପିସିସି ସଭାପତି ସାଙ୍ଗକୁ ଉପମୁଖ୍ୟମନ୍ତ୍ରୀ ପଦ ଯାଚିଥିଲେ। ଏଥିସହ ୬ଟି ବିଭାଗ ନିଜ ପାଖରେ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା। ଶିବକୁମାର ମନା କରିଦେଇଥିଲେ। 'ଜଣେ ବ୍ୟକ୍ତି ଗୋଟିଏ ପଦ' ନିୟମ ରାହୁଲ ନିଜେ ବାହାର କରିଥିଲେ, ଯେତେବେଳେ ☞ପୃଷ୍ଠା-୪



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବୁଧବାର ନୂଆଦିଲ୍ଲୀରେ ସାକ୍ଷାତ କରୁଛନ୍ତି ଡି.କେ.ଶିବକୁମାର।

## ପୋଲିସ ଏସ୍ଆଇଙ୍କ ବିରୋଧରେ ବଳାତ୍କାର ମାମଲା

**ପଦ୍ମପୁର,୧୭।୫(ଡି.ଏନ.ଏ)**

ବରଗଡ଼ ଜିଲାରେ କାର୍ଯ୍ୟରତ ଜଣେ ପୋଲିସ ସବ୍‌ଇନ୍ସପେକ୍ଟର(ଏସ୍ଆଇ)ଙ୍କ ବିରୋଧରେ ପଦ୍ମପୁର ଥାନାରେ ବଳାତ୍କାର ଅଭିଯୋଗ ହୋଇଛି। ସେ ହେଲେ ଅତାବିରା ଥାନାରେ କାର୍ଯ୍ୟରତ ଏସ୍ଆଇ ରବୀନ୍ଦ୍ର ହେମ୍ବ୍ରମ। ପଦ୍ମପୁର ଥାନାରେ କାର୍ଯ୍ୟରତ ଥିବାବେଳେ ସେ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତା ପଦ୍ମପୁର ଥାନାରେ ଏତଲା ଦେବା ପରେ ବୁଧବାର ଏସ୍ଆଇ ହେମ୍ବ୍ରମଙ୍କ ବିରୋଧରେ ଦଫା ୩୭୬, ୩୨୩, ୫୦୬କ୍ରମେ ଏକ ମାମଲା(୧୩୫/୨୩) ରୁଜୁ ହୋଇଛି। ତଦନ୍ତ ଚାଲୁ ରହିଛି ବୋଲି ପଦ୍ମପୁର ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୧୧ ମସିହାରେ ଏସ୍ଆଇ ହେମ୍ବ୍ରମ ପଦ୍ମପୁର ଥାନାରେ କାର୍ଯ୍ୟରତ ଥିଲେ। ଚଡ଼ାଉ ଆଳରେ ଜଣେ ଯୁବତୀଙ୍କ ଘରକୁ ଯାଇଥିଲେ। ତାଙ୍କ ପରିବାର ଲୋକଙ୍କ ସହିତ ଏସ୍ଆଇ ହେମ୍ବ୍ରମ ସମ୍ପର୍କ ସ୍ଥାପନ କରିଥିଲେ। ସମ୍ପର୍କ ନିବିଡ଼ ହେବା ପରେ ହେମ୍ବ୍ରମ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କାହାକୁ କହିଲେ ସେ ଫଟୋ, ଭିଡ଼ିଓ ଭାଇରାଲ କରିଦେବା ଭଳି ଧମକ ଦେଉଥିବା ଅଭିଯୋଗ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ଜଗତୀକରଣ ଓ ସବୁଜ ବିଶ୍ୱ**

## ଆଜି ମାଟ୍ରିକ ପରୀକ୍ଷାଫଳ

**କଟକ ଅଫିସ,୧୭।୫:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲେମେଣ୍ଟ୍-୨ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇବ। ଏଥିସହ ଉକ୍ତ ଦିନ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ। ପୂର୍ବାହ୍ନ ୧୦ଟାରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ଫଳାଫଳ ପ୍ରକାଶ କରାଯିବ। ☞ପୃଷ୍ଠା-୪

## ଆଜିଠୁ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର, ୧୭।୫(ବ୍ୟୁରୋ):** ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଗୁରୁବାର ଠାରୁ ଗଡ଼ିବା ଆରମ୍ଭ ହେବ। ଭର୍ଚୁଆଲ ମୋଡ୍‌ରେ ଏହି ହାଇସ୍ପିଡ୍ ଟ୍ରେନ୍‌ର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଗୁରୁବାରକୁ ଛାଡ଼ି ସପ୍ତାହର ବାକି ସବୁଦିନ ଚାଲିବ। ପୁରୀରୁ ଏହି ଟ୍ରେନ୍ ଦିନ ୧ଟା ୫୦ ☞ପୃଷ୍ଠା-୪






ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ମେ, ୨୦୨୩

## ବିମାନରେ ବିଡ଼ି ଟାଣି ଯାତ୍ରୀ ଗିରଫ

ଆକାଶ ଏୟାର ଫ୍ଲାଇଟରେ ଯାତ୍ରା କରୁଥିବା ଜଣେ ୫୬ ବର୍ଷୀୟ ବ୍ୟକ୍ତି ଉଡ଼ନ୍ତା ବିମାନରେ ବିଡ଼ି ଟାଣି ଗିରଫ ହୋଇଛନ୍ତି। ରାଜସ୍ଥାନ ମାରଓ୍ୱାର ଅଞ୍ଚଳର ପ୍ରବୀଣ କୁମାର ଅହମଦାବାଦରୁ ଫ୍ଲାଇଟ୍‌ରେ ବସିଥିଲେ। ବିମାନ ଟଏଲେଟ୍‌ରେ ପ୍ରବୀଣ ବିଡ଼ି ଟାଣୁଥିବାରୁ ଏୟାରଲାଇନ୍ସ କ୍ରିୟୁ ମେମ୍ବର ଜାଣିବାକୁ ପାଇଥିଲେ। ବିମାନ ବେଙ୍ଗାଲୁରୁ ବିମାନ ବନ୍ଦରରେ ଅବତରଣ କରିବା ପରେ ପ୍ରବୀଣଙ୍କୁ ପୋଲିସ ଜିମା ଦିଆଯାଇଥିଲା। ପରେ ତାଙ୍କୁ ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲ ପଠାଇ ଦିଆଯାଇଛି।



# ୨୧ ସୁଦ୍ଧା ଡେଟ୍ ସିଲିଂ ଡିଲ୍

**ଆମେରିକାରେ ଆର୍ଥିକ ସଙ୍କଟ ଘନେଇବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ ସରକାର ଓ ବିରୋଧୀଙ୍କ ମଧ୍ୟରେ ସିଲିଂ ଡିଲ୍ ଚୂଡ଼ାନ୍ତ ନ ହେଲେ ଦେଶ ଦେବାଳିଆ ଅବସ୍ଥାକୁ ଚାଲିଯିବ। ଫଳରେ ସରକାରୀ କର୍ମଚାରୀଙ୍କୁ ଦରମା ଦେବା ମଧ୍ୟ ଅସମ୍ଭବ ହୋଇଯିବ। ଏଥିଯୋଗୁ ୭୦ ଲକ୍ଷ କର୍ମଚାରୀଙ୍କ ଚାକିରି ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ସାରା ବିଶ୍ୱରେ ମାନ୍ଦାବସ୍ଥା ଦେଖାଦେଇପାରେ। ସମସ୍ୟା ଏତେ ଜଟିଳ ଯେ, ରାଷ୍ଟ୍ରପତି ଜୋ ବାଇଡେନ୍ କ୍ୱାଡ୍ ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି।**



ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସହ ଆଲୋଚନାରତ ହାଉସ୍ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି।

**ୱାଶିଂଟନ୍, ୧୭।୫**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ କଂଗ୍ରେସନାଲ ରିପବ୍ଲିକାନ୍ କେଭିନ୍ ମ୍ୟାକ୍‌କାର୍ଥି ବୁଧବାର କହିଛନ୍ତି, ଦେଶ ପାଇଁ ଆସନ୍ନ ଆର୍ଥିକ ଦୁର୍ଗତିକୁ ଏଡ଼ାଇବା ପାଇଁ ସଂଘୀୟ ସରକାରଙ୍କ ୩୧.୪ ଟ୍ରିଲିୟନ୍ ଡଲାର ଡେଟ୍ ସିଲିଂର ସୀମା ବୃଦ୍ଧି ନେଇ ୨୧ ତାରିଖ ସୁଦ୍ଧା ସେମାନେ ଏକ ଡିଲ୍ କରିବାକୁ ଯାଉଛନ୍ତି। ଡେମୋକ୍ରାଟିକ୍ ରାଷ୍ଟ୍ରପତି ଏବଂ ପ୍ରତିନିଧି ସଭା ବାଚସ୍ପତିଙ୍କ ମଧ୍ୟରେ ମାସେ ଧରି ମୁହାଁମୁହିଁ ସ୍ଥିତି ଲାଗିରହିବା ପରେ ଉଭୟେ ପ୍ରତ୍ୟକ୍ଷ ଭାବେ ଏକ ଡିଲ୍ ପାଇଁ ଆଲୋଚନା କରିବାକୁ ମଙ୍ଗଳବାର ରାଜି ହୋଇଥିଲେ। ସରକାରୀ ରାଜକୋଷ ଖାଲି ହେବାକୁ ବସିଥିବାବେଳେ କଂଗ୍ରେସର ଉଭୟ ସଦନରେ ଜୁନ୍ ୧ ଡେଡ୍‌ଲାଇନ୍ ପୂର୍ବରୁ ଯଥାଶୀଘ୍ର ସମ୍ଭବ ଏକ ଚୁକ୍ତିନାମା ଉପରେ ସହମତି ପ୍ରକାଶ କରି ତାକୁ ଗୃହୀତ କରାଇବାକୁ ପଡ଼ିବ। କିଛି ବିକଳ୍ପ ନ ଥିବାରୁ ଆମେ ଏକାଠି ହେବାକୁ ଯାଉଛୁ ବୋଲି ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ବାଇଡେନ୍ ଖବରଦାତାମାନଙ୍କୁ କହିଛନ୍ତି। ଅର୍ଥାତ୍ ବଜେଟର ରୂପରେଖ ନେଇ ଆଲୋଚନା ଏବଂ ଡେଟ୍ ସିଲିଂ ଉପରେ କଂଗ୍ରେସର ନେତାମାନେ ସହମତି ପ୍ରକାଶ କରିଛନ୍ତି। ଆମେ ଡିଫଲ୍ଟ (ଖିଲାପ) କରିବୁ ନାହିଁ। ଏଥିରେ ସମସ୍ତ ନେତା ଏକମତ ବୋଲି ବାଇଡେନ୍ ସ୍ପଷ୍ଟ କରିଛନ୍ତି।

୨୨୨-୨୧୩ ସଂଖ୍ୟାଗରିଷ୍ଠତା ସହ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସକୁ ନିୟନ୍ତ୍ରଣ କରୁଥିବା ରିପବ୍ଲିକାନ୍‌ମାନେ ଶାସକ ଡେମୋକ୍ରାଟ୍‌ମାନଙ୍କ ନିକଟରେ ଖର୍ଚ୍ଚକାଟ୍ ପରିବର୍ତ୍ତେ କଂଗ୍ରେସ ନିଜେ ଧାର୍ଯ୍ୟ କରିଥିବା ଡେଟ୍ ଲିମିଟ୍‌କୁ ବୃଦ୍ଧି କରିବା ନେଇ ଅନେକ ମାସ ଧରି ଦାବି କରିଆସୁଛନ୍ତି। ସରକାର ଟିକସ ବାବଦକୁ ନେଉଥିବା ଅର୍ଥର ପରିମାଣଠାରୁ ଅଧିକ ଖର୍ଚ୍ଚ କରୁଥିବାରୁ ଉକ୍ତ ସୀମାକୁ ନିୟମିତ ଭାବେ ବୃଦ୍ଧି କରାଯିବା ଆବଶ୍ୟକ। କ୍ୟାପିଟୋଲରେ ଏନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ମ୍ୟାକ୍‌କାର୍ଥି କହିଥିଲେ, ବାଇଡେନ୍ ଏସିଆ ଗସ୍ତରୁ ଫେରିବା ପରେ ଡେଟ୍ ସିଲିଂ ଡିଲ୍ ହୋଇପାରିବ। ଏଥିପାଇଁ ଆମ ହାତରେ ଖୁବ୍ କମ୍ ସମୟ ରହିଛି।

ହିରୋଶିମାରେ ମେ' ୧୯ରୁ ୨୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ବିଶ୍ୱନେତାଙ୍କ ଜି ୭ ସମ୍ମିଳନୀରେ ଯୋଗଦେବା ପାଇଁ ବାଇଡେନ୍ ବୁଧବାର ଜାପାନ ଗସ୍ତ କରିଛନ୍ତି। ସେଠାକୁ ଯିବା ପୂର୍ବରୁ ବାଇଡେନ୍ କହିଥିଲେ, ସେ ବୈଠକରେ ଥିବାବେଳେ ବରିଷ୍ଠ ଆଇନପ୍ରଣେତାମାନଙ୍କ ସହ ଫୋନ୍ କଥା ହେବେ ଏବଂ ଫେରିବା ପରେ ସେମାନଙ୍କୁ ସାକ୍ଷାତ କରିବେ।

ବାଇଡେନ୍ ଓ ମ୍ୟାକ୍‌କାର୍ଥି ମଙ୍ଗଳବାର ହ୍ୱାଇଟ୍ ହାଉସ୍‌ରେ ସିନେଟ୍ ମେଜରିଟି ଲିଡର ଚୁକ୍ ସ୍କୁମେର, ସିନେଟ୍ ରିପବ୍ଲିକାନ୍ ଲିଡର ମିଚ୍ ମ୍ୟାକ୍‌କୋନେଲ ଏବଂ ହାଉସ୍ ଡେମୋକ୍ରାଟିକ୍ ଲିଡର ହାକିମ୍ ଜେଫ୍ରିଜ୍‌ଙ୍କ ସହ ପ୍ରାୟ ଘଣ୍ଟାଏ ସମୟ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ଫାଇନାନ୍ସିଆଲ ମାର୍କେଟରେ ଉତ୍ସାହିତ ଭରିଦେଇଛି। ବୁଧବାର ଆମେରିକାର ଷ୍ଟକ୍ସ ଉପରମୁହାଁ ହୋଇଛି। ଡାଓ ଜୋନ୍ସ ୪୦୦ ପଏଣ୍ଟ ଉପରକୁ ଉଠିଥିବାବେଳେ ନେସ୍‌ଡେକ୍ ୧୬୦ ଏବଂ ଏସ୍‌ଆଣ୍ଡପି-୫୦୦ରେ ପ୍ରାୟ ୫୦ ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଛି।

## ଜୁନ୍ ୧ ଡେଡ୍‌ଲାଇନ୍





ୟୁଏସ୍ ଟ୍ରେଜେରି କହିଛି, ଜୁନ୍ ୧ ସୁଦ୍ଧା ସରକାରୀ ବିଲ୍ ପଇଠ କରିବା ପାଇଁ ପାଣ୍ଠି ଶେଷ ହୋଇଯାଇଛି। ଷ୍ଟାଫ୍‌ଙ୍କୁ ଦରମା ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ ଦେବା ପାଇଁ ପାଣ୍ଠି ଶେଷ ହେବା ଅବସ୍ଥାକୁ ଚାଲିଆସିଛି। ଏହାକୁ ଦେଖି ଅର୍ଥନୀତିଜ୍ଞମାନେ ମାନ୍ଦାବସ୍ଥା ମାଡ଼ିଆସିବା ଆଶଙ୍କା କରିଛନ୍ତି। ତେଣୁ ବାଇଡେନ୍ ରବିବାର ହିରୋଶିମାରୁ ୱାଶିଂଟନ୍ ଫେରିବା ପୂର୍ବରୁ ଏକ ସହମତିରେ ପହଞ୍ଚିବା ଲାଗି ମଧ୍ୟସ୍ଥମାନେ ଉଦ୍ୟମ ଆରମ୍ଭ ଚଳାଇଛନ୍ତି। ହାଉସ୍ ସ୍ପିକର ମ୍ୟାକ୍‌କାର୍ଥି କହିଛନ୍ତି, ଡିଲ୍‌କୁ ଡେମୋକ୍ରାଟ୍‌ମାନଙ୍କ ୫୧-୪୯ ମାର୍ଜିନ୍ ନିୟନ୍ତ୍ରଣରେ ଥିବା ସିନେଟ୍‌କୁ ଅନୁମୋଦନ ପାଇଁ ପଠାଇବା ପୂର୍ବରୁ ହାଉସ୍‌ରେ ପ୍ରଥମେ ଭୋଟ କରାଯିବ। ସିନେଟ୍‌ରେ ସହମତି ପାଇଁ ଡିଲ୍‌କୁ ଅନ୍ୟୂନ ୯ ରିପବ୍ଲିକାନ୍‌ଙ୍କ ସମର୍ଥନ ଆବଶ୍ୟକ।

## ସଂକ୍ଷେପରେ

### ସତ୍ୟପାଲଙ୍କ ସହଯୋଗୀଙ୍କ ଘରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ, ୧୭।୫:** ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସହଯୋଗୀମାନଙ୍କ ଘରେ ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଚଢ଼ାଉ କରିଛି। ଦିଲ୍ଲୀର ୧୦ ଓ ରାଜସ୍ଥାନର ୧୨ଟି ସ୍ଥାନରେ ଚଢ଼ାଉ ଚାଲିଥିବା ଜଣାପଡ଼ିଛି। କିରୁ ହାଇଡ୍ରାଉଲିକ୍ ଦୁର୍ନୀତି ମାମଲାରେ ସତ୍ୟପାଲଙ୍କ ପୂର୍ବତନ ପ୍ରେସ୍ ସେକ୍ରେଟାରି ସୁନକ ବାଲି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭି.ଏସ୍. ରାଣା ଏବଂ ବ୍ୟକ୍ତିଗତ ସହାୟକ କେ.ଏସ୍. ରାଣାଙ୍କ ଘରେ ଯାଞ୍ଚ ଚାଲିଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ଅଭିଯୋଗକାରୀଙ୍କୁ ସିବିଆଇ ହଇରାଣ କରିବା ଦୁର୍ଭାଗ୍ୟଜନକ ବୋଲି ସତ୍ୟପାଲ କହିଛନ୍ତି।

### ମହମ୍ମଦ ବିରୋଧୀ ପୋଷ୍ଟ: ଯୁବକ ଗିରଫ

**ଶାହଜାହାନପୁର, ୧୭।୫:** ସୋସିଆଲ ମିଡିଆରେ ପ୍ରୋଫେଟ୍ ମହମ୍ମଦଙ୍କ ଉପରେ ଜଣେ ଯୁବକ ଶେୟାର କରିଥିବା ଏକ ଆପତ୍ତିଜନକ ପୋଷ୍ଟକୁ ନେଇ ଉତ୍ତର ପ୍ରଦେଶର ଶାହଜାହାନପୁର ଜିଲାସ୍ଥିତ ତିଲହାରରେ ଉତ୍ତେଜନା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଭିଯୁକ୍ତ ଯୁବକ ବରୁଣ ଧାୱନଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ଆଗରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ବିବାଦ ସୃଷ୍ଟି ହେବା ପରେ ବରୁଣ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। କିନ୍ତୁ ସେତେବେଳ ଯାଏ ପୋଷ୍ଟ ଭାଇରାଲ ହୋଇସାରିଥିଲା। ତେବେ କାହାର ଧର୍ମୀୟ ଭାବାବେଗକୁ କୁଠାରାଘାତ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି।

**ଡିଆରଡିଓ ଗୁପ୍ତଚରଗିରି ମାମଲା**

### ଖବରଦାତା ବିବେକ ରଘୁବଂଶୀଙ୍କୁ ଗିରଫକଲା ସିବିଆଇ

**ନୂଆଦିଲ୍ଲୀ, ୧୭।୫:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ)ର ଗୋପନୀୟ ତଥ୍ୟ ସଂଗ୍ରହ ଏବଂ ଏହାକୁ ବିଦେଶ ଗୋଇନ୍ଦା ଏଜେନ୍ସିକୁ ଦେବା ଅଭିଯୋଗରେ ମୁକ୍ତବୃତ୍ତି ସାମ୍ବାଦିକ ବିବେକ ରଘୁବଂଶୀ ଏବଂ ପୂର୍ବତନ ନୌସେନା କମାଣ୍ଡରଙ୍କୁ ଗିରଫ କରିଛି। ବିବେକ ଡିଆରଡିଓ ଓ ଆର୍ମି ପ୍ରୋଜେକ୍ଟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିବା ସିବିଆଇ କହିଛି। ସିବିଆଇ ମଙ୍ଗଳବାର ବିବେକ ଓ ତାଙ୍କ କେତେଜଣ ବନ୍ଧୁଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଏଥିରୁ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ସିବିଆଇର ହସ୍ତଗତ ହୋଇଥିଲା। ଗତବର୍ଷ ଡିସେମ୍ବର ୯ରେ ଏ ନେଇ ସିବିଆଇ ବିବେକଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

### ଭାରତ ମହାସାଗରରେ ବୁଡ଼ିଗଲେ ୩୯ ଜଣ

**ବେଜିଂ, ୧୭।୫:** ଚାଇନାର ଏକ ମାଛଧରା ବୋଟ୍ ଭାରତ ମହାସାଗରରେ ବୁଡ଼ିଯାଇଛି। ସେଥିରେ ଥିବା ୩୯ ଜଣ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୧୭ ଚାଇନା କ୍ରିଉ ମେମ୍ବର, ୧୭ ଇଣ୍ଡୋନେସିଆ ନାଗରିକ ଓ ୫ ଜଣ ଫିଲିପାଇନ୍ସର ଥିଲେ। ନିଖୋଜ ବ୍ୟକ୍ତିମାନଙ୍କୁ ଠାବକରି ଉଦ୍ଧାର କରିବା ପାଇଁ ବୁଧବାର ଚାଇନା ବିଭିନ୍ନ ଦେଶକୁ ସହାୟତା ମାଗିଛି। ମଙ୍ଗଳବାର ଭୋର ୩ଟାରେ ଘଟିଥିବା ବୋଟ୍ ଦୁର୍ଘଟଣାର ନିଖୋଜ ବ୍ୟକ୍ତିମାନଙ୍କ ପତ୍ତା ମିଳିନାହିଁ। ସମୁଦ୍ରରେ ତଲାସି ଅଭିଯାନ ଜାରି ରହିଛି।

## ଏପ୍ରିଲରେ ଗ୍ରୀଷ୍ମପ୍ରବାହ ୩୦ ଗୁଣା ଅଧିକ

**ନୂଆଦିଲ୍ଲୀ, ୧୭।୫:** ଚଳିତବର୍ଷ ଦେଶରେ ଏପ୍ରିଲ ମାସର ଗ୍ରୀଷ୍ମ ପ୍ରବାହ ରେକର୍ଡ କରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଗତମାସର ଗ୍ରୀଷ୍ମ ପ୍ରବାହ ୩୦ଗୁଣା ଅଧିକ ରେକର୍ଡ କରିଥିବା ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁଶନ୍ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ରିପୋର୍ଟରେ କୁହାଯାଇଛି। ଭାରତ ସମେତ ବାଂଲାଦେଶ, ଲାଓସ ଏବଂ ଥାଇଲାଣ୍ଡରେ ଏପ୍ରିଲ୍ ମାସରେ ସବୁଠୁ ଅଧିକ ତାତି ଅନୁଭୂତ ହୋଇଛି। ଦକ୍ଷିଣ ଏବଂ ଦକ୍ଷଣପୂର୍ବ ଏସିଆରେ ସବୁଠାରୁ ଅଧିକ ଗ୍ରୀଷ୍ମପ୍ରବାହ ହୋଇଥିବାବେଳେ ଲାଓସରେ ତାପମାତ୍ରା ୨୪ ଡିଗ୍ରୀ ସେଲ୍‌ସିୟସ୍ ଏବଂ ଥାଇଲାଣ୍ଡରେ ପାରଦ ସର୍ବାଧିକ ୪୫ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା।

## ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷଙ୍କ ପରଲୋକ



ଶ୍ରୀଚାନ୍ଦ ପରମାନନ୍ଦ ହିନ୍ଦୁଜା

**ଲଣ୍ଡନ, ୧୭।୫:** ଲଣ୍ଡନରେ ବୁଧବାର ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀଚାନ୍ଦ ପରମାନନ୍ଦ ହିନ୍ଦୁଜାଙ୍କ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ୪ ଭାଇଙ୍କ ମଧ୍ୟରେ ଶ୍ରୀଚାନ୍ଦ ସବା ବଡ଼ ହୋଇଥିବାବେଳେ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ଭାରତରେ ଜନ୍ମିତ ବ୍ରିଟେନ୍‌ର ବିଲିୟନେୟାର ଶ୍ରୀଚାନ୍ଦଙ୍କ ବିୟୋଗ ନେଇ ଘରଲୋକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାଙ୍କ୍, କେମିକାଲ୍ସ ଏବଂ ହେଲ୍‌ଥକେୟାର ସେକ୍ଟରରେ ହିନ୍ଦୁଜା ଗ୍ରୁପ୍ ବ୍ୟବସା କରୁଛି। ବିଶ୍ୱବ୍ୟାପୀ ମୋଟ ୨,୦୦,୦୦୦ କର୍ମଚାରୀ ଏହା ଅଧୀନରେ କାର୍ଯ୍ୟ କରୁଛନ୍ତି।



ଉତ୍ତର ଦିଲ୍ଲୀସ୍ଥିତ ଶାସ୍ତ୍ରୀ ପାର୍କ ବସ୍ତିରେ ଲାଗିଥିବା ନିଆଁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗର କର୍ମଚାରୀ ଚେଷ୍ଟା ଚଳାଇଛନ୍ତି।

## ଭାରତରେ ଫ୍ରାନ୍ସ ରାଜପରିବାର ବଂଶଜ

**ଭୋପାଳ, ୧୭।୫**

ଫ୍ରାନ୍ସର ବିଶାଳ ରାଜବଂଶ ନିଜ ଶାସନ ସମୟରେ ସାରା ୟୁରୋପରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଭର୍ସେଲ୍ସରେ ଥିବା ଏହାର ରାଜପ୍ରାସାଦ ଥିଲା ଅତି ରମଣୀୟ। କିନ୍ତୁ ଫ୍ରାନ୍ସରେ କ୍ରାନ୍ତି ଅଭିଯାନ ଆରମ୍ଭ ହେବା ପରେ ୧୭୯୩ରେ ରାଜତନ୍ତ୍ର ଶେଷ ହୋଇଯାଇଥିଲା। ସେ ସମୟରେ ରାଜା ଥିଲେ ଲୁଇସ୍ ଚତୁର୍ଦ୍ଦଶ, ଯାହାଙ୍କୁ ଦି ଲାଷ୍ଟ ବୋଲି କୁହାଯାଏ। ଫ୍ରାନ୍ସରେ ରାଜତନ୍ତ୍ର ଶେଷ ହୋଇଯାଇଥିଲେ ସୁଦ୍ଧା ରାଜବଂଶ ଲୋପ ପାଇନାହିଁ। ଏହି ବିରାଟ ରାଜବଂଶର ବଂଶଜ ଏବେ ଭାରତରେ। ତେବେ ଫ୍ରାନ୍ସ ରାଜପରିବାରର ଉତ୍ତରାଧିକାରୀ ତଥା ଫ୍ରାନ୍ସର ରାଜା ଏବେ ଭାରତରେ ଥିବା କଥା ଗ୍ରୀସ୍ ରାଜକୁମାର ମାଇକେଲ କହିଥିଲେ।

ଭୋପାଳରେ ରହୁଥିବା ବାଲଥାଜାର୍ଡ ନେପୋଲିଅନ୍ ଚତୁର୍ଥ ଡେ ବୋର୍ବନ ନିଜକୁ ଫ୍ରାନ୍ସର ଉତ୍ତରାଧିକାରୀ ବା ରାଜା ବୋଲି ଦାବି କରିଆସୁଛନ୍ତି। ୧୯୫୮ ଜୁଲାଇରେ ଜନ୍ମିତ ବୋର୍ବନ ଜଣେ ଆଇନଜୀବୀ। ନିଜ ବଂଶ ସମ୍ପର୍କରେ ପୂର୍ବଜମାନଙ୍କଠୁ ଶୁଣିଥିବା କାହାଣୀ ଅନୁସାରେ ସେ ଫ୍ରାନ୍ସ ରାଜପରିବାରର ବୋଲି ଜାଣିଥିଲେ।



ବାଲଥାଜାର୍ଡ ନେପୋଲିଅନ୍ ଚତୁର୍ଥ ଡେ ବୋର୍ବନ

## ମଣିପୁର ହାଇକୋର୍ଟଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୧୭।୫**

ମଣିପୁରର ଅଣଆଦିବାସୀ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗରେ ଅନ୍ତର୍ଭୁକ୍ତ କରିବା ପାଇଁ ହାଇକୋର୍ଟ ଜଜ୍ ଏମ୍.ଭି. ମୁରଲିଧରନ ଦେଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ନିନ୍ଦା କରିଛନ୍ତି। ମଣିପୁର ହିଂସା ସମ୍ପର୍କିତ ଶୁଣାଣି ବେଳେ ବୁଧବାର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ମାର୍ଚ୍ଚ ୨୭ରେ ହାଇକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଘୃଣ୍ୟ ଓ ତ୍ରୁଟିପୂର୍ଣ୍ଣ। ସର୍ବୋଚ୍ଚ ଅଦାଲତଙ୍କୁ ଉକ୍ତ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇବାକୁ ପଡ଼ିବ। ବିଚାରପତି ମୁରଲିଧରନ ଦେଇଥିବା ନିର୍ଦ୍ଦେଶରେ ସଂଶୋଧନ କରିବାକୁ ସମୟ ଦିଆଯାଇଥିବା ସିଜେଆଇ କହିଛନ୍ତି। ଅଣଆଦିବାସୀ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତିରେ ଅନ୍ତର୍ଭୁକ୍ତ କରିବା ଲାଗି ମାର୍ଚ୍ଚ ୨୭ରେ ହାଇକୋର୍ଟରେ ଶୁଣାଣି କରାଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ସରକାର ୪ ସପ୍ତାହ ମଧ୍ୟରେ କେନ୍ଦ୍ରକୁ ସୁପାରିସ କରନ୍ତୁ ବୋଲି ବିଚାରପତି ମୁରଲିଧରନ ନିର୍ଦ୍ଦେଶ ଦେଇଥଲେ। ଏହାପରେ କୁକି ଆଦିବାସୀ ଓ ମେଇତିଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ରାଜ୍ୟରେ ହିଂସା ଘଟିଥିବା ଦ୍ୱାରା ୬୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି।



❝ ମେଇତି ସମ୍ପ୍ରଦାୟକୁ ଏସ୍‌ଟି ବର୍ଗରେ ଅନ୍ତର୍ଭୁକ୍ତ କରିବା ନେଇ ମାର୍ଚ୍ଚ ୨୭ରେ ହାଇକୋର୍ଟ ଦେଇଥିବା ରାୟ ତ୍ରୁଟିପୂର୍ଣ୍ଣ।
**-ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼**

## ଅପରେଶନ ଧ୍ୱସ୍ତ: ୩୨୪ ସ୍ଥାନରେ ଚଢ଼ାଉ

**ନୂଆଦିଲ୍ଲୀ, ୧୭।୫**

ଆତଙ୍କବାଦୀ-ଗ୍ୟାଙ୍ଗ୍‌ଷ୍ଟର-ନାର୍କୋ ମେଣ୍ଟ ବିରୋଧରେ ୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୨୪ ସ୍ଥାନରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ପଞ୍ଜାବ ଓ ହରିୟାଣା ପୋଲିସ ସହଯୋଗରେ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ 'ଅପରେଶନ ଧ୍ୱସ୍ତ' ନାମ ଦିଆଯାଇଛି। ପଞ୍ଜାବ, ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ରେ ଦିନ ତମାମ ହୋଇଥିବା ଚଢ଼ାଉ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଆପତ୍ତିଜନକ ସାମଗ୍ରୀ ଓ ନଗଦ ୩୯.୬୦ ଲକ୍ଷ ଟଙ୍କା ଜବତ ହୋଇଥିବା ଏନ୍‌ଆଇଏର ଜଣେ ମୁଖପାତ୍ର ସୂଚନା ଦେଇଛନ୍ତି। ଏନ୍‌ଆଇଏ ୧୨୯ ସ୍ଥାନରେ ଚଢ଼ାଉ କରିଥିବାବେଳେ ପଞ୍ଜାବ ପୋଲିସ ୧୭ ଜିଲାର ୧୪୩ ସ୍ଥାନରେ ରେଡ୍ କରିଥିଲା। ହରିୟାଣା ପୋଲିସ ୧୦ ଜିଲାର ୫୨ ସ୍ଥାନରେ ଚଢ଼ାଉକରି ଛାନ୍‌ଭିନ୍ କରିଥିଲା।

## ସ୍ତ୍ରୀଙ୍କୁ ବାର୍ ଖୋଲିବାକୁ ମନାକଲେ ଭିକି



**ମୁମ୍ବାଇ:** ବଲିଉଡ୍ ଅଭିନେତା ଭିକି କୌଶଲଙ୍କ ନିକଟରେ ଏକ ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ'ର ଟ୍ରେଲର ରିଲିଜ୍ ହୋଇଛି। ଯେଉଁଥିରେ ସେ ଅଭିନେତ୍ରୀ ସାରା ଅଲୀଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଭିକି ଏବଂ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। କ୍ୟାଟ୍ରିନା ଘରେ ଏକ ବାର୍ ଖୋଲିବାକୁ ଚାହୁଁଥିବା ଭିକିଙ୍କୁ କହିଥିଲେ। ହେଲେ ସେଥିପାଇଁ ଖର୍ଚ୍ଚ ହେବାକୁ ଥିବା ଟଙ୍କା କଥା କ୍ୟାଟ୍ରିନା କହିବାରୁ ଭିକି ଆଶ୍ଚର୍ଯ୍ୟ ହୋଇଥିଲେ। ଏହା ବହୁତ ଦାମୀ ହେବ। ଏହାଠୁ ଭଲ ହେବ ଯେ ମୁଁ ସେଠାରେ ଟ୍ରେ ଧରି ଡ୍ରିଙ୍କ୍ ଦେଇ ୱେଟର ହୋଇଯିବି ବୋଲି ଭିକି କହିଥିଲେ। ଏହା ତାଙ୍କ ସିଙ୍କ ମୂଲ୍ୟଠାରୁ ବହୁତ ଅଧିକ। ଏହା ହୋଇପାରିବନି ବୋଲି ଭିକି ମନାକଲେ। ତେବେ ଭିକି ୨୦୧୨ରେ ବଲିଉଡ୍‌ରେ ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଶେଷ ଥର ପାଇଁ ଚଳଚ୍ଚିତ୍ର 'ଅଲ୍‌ମୋଷ୍ଟ ପ୍ୟାର୍ ଉଇଥ୍ ଡିଜେ ମହୋବତ୍'ରେ ଦେଖିବାକୁ ମିଳିଥିଲେ। ଆଗକୁ ମଧ୍ୟ ତାଙ୍କ ହାତରେ ୩/୪ଟି ଫିଲ୍ମ ରହିଛି।

## ଅନାହାରରେ ୮,୭୫,୦୦୦ ଆଫଗାନ୍ ଶିଶୁ

**କାବୁଲ, ୧୭।୫**

ତାଲିବାନୀ ଶାସକ କାବୁଲକୁ ବଳପୂର୍ବକ ଦଖଲ କରିବା ପରେ ଆଫଗାନିସ୍ତାନବାସୀ ନାନାଦି ସମସ୍ୟା ଭିତର ଦେଇ ଗତି କରୁଥିବାବେଳେ ଖାଦ୍ୟାଭାବ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦେଶରେ ୮,୭୫,୦୦୦ ଶିଶୁ ଅନାହାରରେ ଥିବା ଏନ୍‌ଜିଓ ହ୍ୟୁମାନ ରାଇଟ୍‌ସ ୱାଚ୍ (ଏଚ୍‌ଆରଡବ୍ଲ୍ୟୁ) ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତାଲିବାନୀ ଶାସକ ମହିଳାମାନଙ୍କୁ ଏନ୍‌ଜିଓରେ କାମ କରିବା ନେଇ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପରେ ଦେଶରେ ଶିଶୁ ଅନାହାର ବୃଦ୍ଧି ପାଇଛି। ଅନାକାର କବଳିତ ଶିଶୁଙ୍କ ସମେତ ଦେଶର ଦୁଇ-ତୃତୀୟାଂଶ ଲୋକ ଖାଦ୍ୟାଭାବ ଦେଇ ଗତି କରୁଛନ୍ତି। ବିଶେଷ କରି ମହିଳା ଓ ଝିଅମାନଙ୍କ ଜୀବନ ବିପଦରେ ଥିବା ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟଦେଶରୁ ଆଫଗାନିସ୍ତାନକୁ ମିଳୁଥିବା ସହଯୋଗ ବନ୍ଦ ହୋଇଯିବା ଏହାର ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଅନାହାର ଯୋଗୁ ଚଳିତବର୍ଷ ଅନେକ ଶିଶୁ ପ୍ରାଣ ହରାଇବେ ବୋଲି ଜାତିସଂଘ ଚିଲ୍‌ଡ୍ରେନ୍ସଫଣ୍ଡର ମୁଖ୍ୟ ମେଲାନି ଗାଲଭିନ୍ ଟୁଇଟରରେ ଏକ ଭିଡିଓ ଶେୟାର କରି ସତର୍କ କରିଛନ୍ତି।

ଏହା ପୂର୍ବରୁ ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ବିଶ୍ୱରେ ଖାଦ୍ୟ ସଙ୍କଟ ଦେଇ ଗତି କରୁଥିବା ୭ ଦେଶ ହେଲା, ଆଫଗାନିସ୍ତାନ, ବୁର୍କିନା ଫାସୋ, ହାଇତି, ନାଇଜେରିଆ, ସୋମାଲିଆ, ଦକ୍ଷିଣ ସୁଦାନ ଏବଂ ୟେମେନ। ଖାଦ୍ୟାଭାବ ନେଇ ୨୦୧୭ରେ ଗ୍ଲୋବାଲ ରିପୋର୍ଟ ପ୍ରକାଶ ପାଇବା ପରଠୁ ଏହି ଦେଶଗୁଡ଼ିକରେ ଖାଦ୍ୟର ଅଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି।



**୫୭ ଇନ୍ସପେକ୍ଟରଙ୍କ ପଦୋନ୍ନତି**

**କଟକ ଅଫିସ:** ପୋଲିସ ବିଭାଗରେ କାର୍ଯ୍ୟରତ ୫୭ ଜଣ ଇନ୍ସପେକ୍ଟରଙ୍କୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ଭାବେ ପଦୋନ୍ନତି ଦିଆଯାଇଛି। ଏ ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତନ୍ମଧ୍ୟରେ ସାଧାରଣ ବର୍ଗର ୩୯ ଜଣ, ଅନୁସୂଚିତ ଜାତି ବର୍ଗର ୯ ଜଣ ଓ ଅନୁସୂଚିତ ଜନଜାତି ବର୍ଗର ୯ ଜଣ ରହିଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




# ଆଗାମୀ ଶୁଣାଣି ସୁଦ୍ଧା ଓଏଚ୍‌ଆର୍‌ସି ସଦସ୍ୟ ପଦବୀ ପୂରଣ କର

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୧୭।୫**

ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ (ଓଏଚ୍‌ଆର୍‌ସି)ରେ ସଦସ୍ୟ ପଦବୀ ଖାଲି ପଡ଼ିବା ନେଇ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଖାଲି ପଦବୀ ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଓଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ ତାଙ୍କ ପଦରୁ ଗତ ଫେବୃୟାରୀ ୯ରେ ଇସ୍ତଫା ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଉକ୍ତ ପଦବୀରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ତେଣୁ ଉକ୍ତ ପଦବୀ ପୂରଣ ନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର ଦାସ ସୋମବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ୨୦୧୫ରେ ସୁପ୍ରିମକୋର୍ଟ ଡି. କେ. ବସୁ ମାମଲାରେ ୩ ମାସରେ ହିଁ ପଦବୀ ପୂରଣ ହେବା ଉଚିତ ବୋଲି କହିଥିବା ନେଇ ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଓଏଚ୍‌ଆର୍‌ସି ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ଗଛକୁ ଧକ୍କାଦେଲା ବୋଲେରୋ, ୨ ମୃତ

**ଚମ୍ପୁଆ, ୧୭।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ରାମଚନ୍ଦ୍ରପୁରଠାରେ ମଙ୍ଗଳବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଭାରସାମ୍ୟ ହରାଇ ଗଛରେ ପିଟିହେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚମ୍ପୁଆ ଡାକ୍ତରଖାନା ଓ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ କୋଇଡ଼ା ଅଞ୍ଚଳର କମଣ୍ଡ ଗାଁର ବିନୋଦ ବାରିକ ଓ ନୀଳାଦ୍ରି ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋଇଡ଼ା ଅଞ୍ଚଳର ୪ ଜଣ ଝାଡ଼ଖଣ୍ଡ ମଝିଗାଁ ଅଞ୍ଚଳରୁ ଏକ ବାହାଘର ଭୋଜି ଖାଇ ବୋଲେରୋ (ଓଡି ୦୨ ୱାଇ ୦୪୫୪)ରେ ଗ୍ରାମକୁ ଫେରୁଥିଲେ। ରାମଚନ୍ଦ୍ରପୁର ନିକଟରେ ବୋଲେରୋ ଭାରସାମ୍ୟ ହରାଇ ଏକ ଶାଳ ଗଛକୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ବିନୋଦ ଓ ନୀଳାଦ୍ରିଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଡ଼ି ମାଲିକ ତଥା ଡ୍ରାଇଭର ଭରତ ବେହେରା ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଚମ୍ପୁଆ ପୋଲିସ ଗୁରୁତରଙ୍କୁ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।




# ଶିଳ୍ପପତିଙ୍କ ପସନ୍ଦ ପାଲଟିଛି ଓଡ଼ିଶା

## ପୁଞ୍ଜିନିବେଶରେ ଦେଶର ଦ୍ୱିତୀୟ

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ଓଡ଼ିଶା। ଦେଶ ହେଉ କି ବିଦେଶ, ନିବେଶ ପାଇଁ ଶିଳ୍ପପତି ଓଡ଼ିଶା ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଶିଳ୍ପପତିଙ୍କ ଭରସା ବଢ଼ାଇଛି। ପୁଞ୍ଜିନିବେଶ, ଜାତୀୟ ହାରକୁ ବହୁ ପଛରେ ପକାଇଛି ରାଜ୍ୟ। ଏକ ଘରୋଇ ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇ) ରିପୋର୍ଟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ଗୁଜରାଟ, ଆନ୍ଧ୍ର ପ୍ରଦେଶ, କର୍ଣାଟକ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶକୁ ପଛରେ ପକାଇ ଓଡ଼ିଶା ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ମହାରାଷ୍ଟ୍ର ପଛକୁ ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ମହାରାଷ୍ଟ୍ର ୨୭.୬ ଲକ୍ଷ କୋଟି ପୁଞ୍ଜି ଆକୃଷ୍ଟ କରିଥିବା ବେଳେ ଓଡ଼ିଶା ୨୦.୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିପାରିଛି। ସେହିପରି ଗୁଜରାଟ ୧୯.୪ ଲକ୍ଷ କୋଟି ଏବଂ ଆନ୍ଧ୍ର ପ୍ରଦେଶ ୧୭.୬ ଲକ୍ଷ କୋଟି ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରିଛି। କରୋନା ସମୟରେ ଦେଶରେ ସର୍ବାଧିକ ନିବେଶ ଓଡ଼ିଶାକୁ ଆସିଥିଲା। ପୁଞ୍ଜିନିବେଶରେ ମହାରାଷ୍ଟ୍ରକୁ ପଛରେ ପକାଇ ୧ ନମ୍ବର ସ୍ଥାନ ହାସଲ କରିଥିଲା। ୨୦୨୦ ଆର୍ଥିକ ବର୍ଷରେ ମହାରାଷ୍ଟ୍ରରେ ଦେଶର ୧୬ ପ୍ରତିଶତ ନିବେଶ ହୋଇଥିବା ବେଳେ ଓଡ଼ିଶାକୁ ୧୮ ପ୍ରତିଶତ ମିଳିଥିଲା। ୨୦୨୩ ରିପୋର୍ଟରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟକୁ ୨୦.୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ମିଳିଛି। ପୁଞ୍ଜିନିବେଶରେ ଦେଶଠୁ ଓଡ଼ିଶା ଆଗରେ ରହିଛି। ଜାତୀୟ ହାର ୨୨ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୪୫ରୁ ୪୭ ପ୍ରତିଶତ ରହିଛି। ମେକ୍ ଇନ୍ ଓଡ଼ିଶା ୨୦୧୬ରେ ୮୪ ଶିଳ୍ପ ପାଇଁ ୨ ଲକ୍ଷ ୩୨ ହଜାର ୩୫ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ବେଳେ ୨୦୧୮ରେ ୨୦୨ଟି ଶିଳ୍ପ ପ୍ରସ୍ତାବ ଆସିଥିଲା। ଏଥିରେ ୪ ଲକ୍ଷ ୨୩ ହଜାର ୧୧୫ କୋଟିର ନିବେଶ ପ୍ରତିଶ୍ରୁତି ମିଳିଥିଲା। ମେକ୍ ଇନ୍ ଓଡ଼ିଶା ୨୦୨୨ ଜରିଆରେ ୭୪୧ ଶିଳ୍ପ ପାଇଁ ୧୦ ଲକ୍ଷ ୪୮ ହଜାର ୮୦୭ କୋଟି ନିବେଶ ପାଇଁ ପୁଞ୍ଜିପତି ଆଗେଇ ଆସିଥିଲେ। ଏସବୁ କାର୍ଯ୍ୟକାରୀ ହେଲେ ୧୦ ଲକ୍ଷ ୩୭ ହଜାର ୮୦୧ ନିଯୁକ୍ତି ସୃଷ୍ଟି ହେବ। ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପାଇଁ ମଧ୍ୟ ୩୬ଟି ଶିଳ୍ପ ସଂସ୍ଥା ସହ ଚୁକ୍ତି ହୋଇଛି। କେବଳ ଖଣିଜଭିତ୍ତିକ ଶିଳ୍ପ ନୁହେଁ କୃଷି, ବୟନ ଶିଳ୍ପ, ଆଇଟି ଓ ଆଇଟିଏସ୍, ପେଟ୍ରୋକେମିକାଲ ସେକ୍ଟରରେ ମଧ୍ୟ ପୁଞ୍ଜିନିବେଶରେ ଓଡ଼ିଶା ରେକର୍ଡ କରିଛି।

# ମଧ୍ୟବିତ୍ତଙ୍କୁ ସୁଯୋଗ, ବଢ଼ିଲା ମେଧାବୃତ୍ତି ରାଶି

## ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

୨୦୨୩-୨୪ ଶିକ୍ଷାବର୍ଷରୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଆରମ୍ଭ ହେବାକୁ ଯାଉଛି। ଏଥିରେ ମଧ୍ୟବିତ୍ତ ବର୍ଗର ପିଲାଙ୍କୁ ମେଧାବୃତ୍ତି ପାଇବାର ସୁଯୋଗ ମିଳିବ। ଏହାର କାର୍ଯ୍ୟକାରିତା ନେଇ ଉଚ୍ଚଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟ ସରକାରଙ୍କ ପୂର୍ବ ପ୍ରଚଳିତ ମେଧାବୃତ୍ତି ଯୋଜନାର ରୂପରେଖ ବଦଳିବା ସହ ଆକାର ବୃଦ୍ଧି ହୋଇଛି। ମେଧାବୃତ୍ତି ପାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବୃତ୍ତି ରାଶିକୁ ବୃଦ୍ଧି କରାଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କ ପରିବାରର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ସେହି ଛାତ୍ରୀଛାତ୍ର ଏହି ମେଧାବୃତ୍ତି ପାଇଁ ଆବେଦନ କରିପାରିବେ। ଏହି ବାର୍ଷିକ ଆୟ ସୀମା ପୂର୍ବରୁ ୬ଲକ୍ଷ ଟଙ୍କା ଥିଲା। ସେହିଭଳି ପୂର୍ବରୁ ୧୪,୫୦୦ ଛାତ୍ରୀଛାତ୍ରଙ୍କୁ ଇ-ମେଧାବୃତ୍ତି ଅଧୀନରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବାବେଳେ ଚଳିତବର୍ଷଠାରୁ ୨୫ହଜାର ବିଦ୍ୟାର୍ଥୀ ଏହି ସୁବିଧା ପାଇପାରିବେ। ପୂର୍ବରୁ ୫ ହଜାର ଯୁକ୍ତ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ ହଜାର ଟଙ୍କା ମେଧାବୃତ୍ତି ଦିଆଯାଉଥିଲା, ଏବେ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏ ମିଳିବ। ପିଜିରେ ୩୫୦୦ ବଦଳରେ ୫ ହଜାର ଛାତ୍ରୀଛାତ୍ର ବାର୍ଷିକ ୧୫ ହଜାର ଟଙ୍କା ଲେଖାଏ ମେଧାବୃତ୍ତି ପାଇବେ। ପୂର୍ବରୁ ଏହି ରାଶି ୧୦ ହଜାର ଟଙ୍କା ଥିଲା। ବୈଷୟିକ ଛାତ୍ରୀଛାତ୍ରଙ୍କ ତାଲିକା ମଧ୍ୟ ବଢ଼ିବ। ପୂର୍ବରୁ ୩୫୦୦ ଯୁକ୍ତ ସ୍ତରୀୟ ଓ ୨୫୦୦ ପିଜି ସ୍ତରୀୟ ବୈଷୟିକ ଛାତ୍ରୀଛାତ୍ର ପାଠ୍ୟକ୍ରମର ଅବଧି ଅନୁସାରେ ୧୦ ହଜାର ଟଙ୍କା ଲେଖାଏ ପାଉଥିଲେ। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୧୦ ହଜାର ବୈଷୟିକ ଛାତ୍ରୀଛାତ୍ର ବାର୍ଷିକ ୨୦ ହଜାର ଟଙ୍କା ଲେଖାଏ ବୃତ୍ତି ପାଇବେ। ଆବେଦନକାରୀ ରାଜ୍ୟ ବାହାରେ ପଢୁଥିଲେ ମଧ୍ୟ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ପୂର୍ବ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏହି ମେଧାବୃତ୍ତି ଆବେଦନ ପାଇଁ ଯୋଗ୍ୟ ହେବେ। ଏହି ମେଧାବୃତ୍ତି ପାଇଁ ଛାତ୍ରୀଛାତ୍ର https://scholarship.odisha.gov.inରେ ଲଗ୍‌ଇନ୍ କରି ଆବେଦନ କରିପାରିବେ। ଏ ବାବଦକୁ ରାଜ୍ୟ ସରକାର ବାର୍ଷିକ ୪୦ କୋଟି ଟଙ୍କାର ବ୍ୟୟଭାର ବହନ କରିବେ। ଯୁକ୍ତ ମେଧା ବାବଦକୁ ୧୦ କୋଟି, ପିଜି ମେଧା ବାବଦକୁ ସାଢ଼େ ୭ କୋଟି, ଫକୀରମୋହନ ଭାଷା ମେଧାବୃତ୍ତି ବାବଦକୁ ଦେଢ଼ କୋଟି, ବୈଷୟିକ ଶିକ୍ଷା ବିଭାଗ ପାଇଁ ୨୦କୋଟି ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୧କୋଟି ଟଙ୍କାର ବୃତ୍ତି ରାଶି ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବ୍ୟାସକବି ଫକୀରମୋହନ ମେଧା ଭାଷାବୃତ୍ତି ଓ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

# ଆଉ ୪ ଦିନ ପ୍ରଚଣ୍ଡ ତାତି

**ଭୁବନେଶ୍ୱର, ୧୭।୫(ବ୍ୟୁରୋ):** ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପଶ୍ଚିମ ଓଡ଼ିଶାରେ ପାରଦ ୪୫ ଡିଗ୍ରୀ ଛୁଇଁବା ନେଇ ଆକଳନ କରାଯାଇଛି। ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ପ୍ରଭାବରେ ତାପମାତ୍ରା ସାମାନ୍ୟ କମ୍ ରହୁଥିବାବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଅପରିବର୍ତ୍ତିତ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରରୁ ସୂଚନା ମିଳିଛି। ବୁଧବାର ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୧ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ଅନୁଗୋଳ ୪୪.୧, ବୌଦ୍ଧ ୪୪, ଟିଟିଲାଗଡ଼ ୪୩.୫, ସମ୍ବଲପୁର ୪୩.୪, ଝାରସୁଗୁଡ଼ା ୪୩.୪, ଭବାନୀପାଟଣା ୪୩, ହୀରାକୁଦ ୪୨.୯, ମାଲକାନଗିରି ୪୨.୬, ବଲାଙ୍ଗୀର ୪୨.୫, ତାଳଚେର ୪୨.୪, ରାଉରକେଲା ୪୨.୨, ନୂଆପଡ଼ା ୪୨, ସୁନ୍ଦରଗଡ଼ ୪୨, ବରଗଡ଼ ୪୨, ବାରିପଦା ୪୧.୨, ଭଦ୍ରକ ୪୧, ଫୁଲବାଣୀ ୪୧, ଦେବଗଡ଼ ୪୦.୫ ଏବଂ କେନ୍ଦୁଝରରେ ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# 'ସଂସ୍କୃତି ବିଶ୍ୱ ସମ୍ପର୍କ ସ୍ଥାପନର ବଡ଼ ମାଧ୍ୟମ'

## ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଉଦ୍‌ଯାପିତ

- ଉଦୟଗିରି ଗୁମ୍ଫା ପରିଦର୍ଶନ କଲେ ପ୍ରତିନିଧି
- ଓଡ଼ିଶାର ସଂସ୍କୃତି, କଳାସ୍ଥାପତ୍ୟ ଦେଖି ମନ୍ତ୍ରୀ ଓ ଅତିଥି ଅଭିଭୂତ

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

ଠିକ୍ ଚିନ୍ତାଧାରା, ସଂକଳ୍ପ ଓ ଠିକ୍ କାର୍ଯ୍ୟାନୁଷ୍ଠାନ ଭାରତକୁ ଉପଯୁକ୍ତ ସମ୍ମାନ ଦେଇପାରିବ। ଭାରତକୁ ନିଜର ହୃତଗୌରବ ଫେରିପାଇବା ଲାଗି କଠିନ ପରିଶ୍ରମ କରିବାକୁ ପଡିବ ବୋଲି କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ କହିଛନ୍ତି। ଭୁବନେଶ୍ୱରଠାରେ ଚାଲିଥିବା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ଦ୍ୱିତୀୟ ବୈଠକର ଉଦ୍‌ଯାପନ ଅବସରରେ ବୁଧବାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ କହିଲେ, ସଂସ୍କୃତି ସମସ୍ତଙ୍କୁ ଏକଜୁଟ କରିବା ଓ ସମ୍ପର୍କ ସ୍ଥାପନର ଏକ ବଡ଼ ମାଧ୍ୟମ ହୋଇ ପାରିବ। ବିଶେଷକରି ବିଶ୍ୱବ୍ୟାପୀ ଅଧିକ ଉତ୍ତେଜନା ଓ ଚାପ ଦେଖାଦେଇଥିବା ସମୟରେ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ସଂସ୍କୃତି ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ସଂସ୍କୃତି ସମ୍ପର୍କ ଯୋଡିଥାଏ। ଜି-୨୦ ସାଂସ୍କୃତିକ କାର୍ଯ୍ୟଗୋଷ୍ଠୀକୁ ପ୍ରଥମଥର ପାଇଁ ଏକ ଭିନ୍ନ ଗୋଷ୍ଠୀ ଭାବେ ଗଠନ କରାଯାଇଛି। ଉତ୍କଳ ବା ଉତ୍କର୍ଷ କଳାର ଭୂମି ଓଡ଼ିଶା ନିଜର ସମୃଦ୍ଧଶାଳୀ କଳା ଓ ସଂସ୍କୃତି ପାଇଁ ପରିଚିତ। ଏଠାରେ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ସେ ଖୁସିବ୍ୟକ୍ତ କରିଥିଲେ। ପରେ ବିଦେଶାଗତ ଅତିଥିମାନେ ଉଦୟଗିରି ଗୁମ୍ଫା ଓ ଗାନ୍ଧୀ ଶାନ୍ତି କେନ୍ଦ୍ର ବୁଲି ଦେଖିଥିଲେ। ଏହି ବୈଠକ ସମସ୍ତଙ୍କ ପାଇଁ ଏକ ଜ୍ଞାନ ବିନିମୟ ଅନୁଭୂତି ଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପ୍ରାଚୀନ କାଳର କଳାସ୍ଥାପତ୍ୟ ଏବଂ ଓଡ଼ିଶାର ସଂସ୍କୃତିକୁ ଦେଖି ମନ୍ତ୍ରୀ ଓ ଅତିଥି ଅଭିଭୂତ ହୋଇଯାଇଥିଲେ।

ଏଥିସହ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଏହି ଦ୍ୱିତୀୟ ବୈଠକ ବିଧିବଦ୍ଧ ଭାବେ ଶେଷ ହୋଇଛି। ବୈଠକ କାଳରେ ୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ସଂସ୍କୃତି କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ବାସ୍ତବବାଦୀ ତଥା କାର୍ଯ୍ୟ ଉନ୍ମୁଖୀ ସୁପାରିସ କରିବା ଲାଗି ବ୍ୟାପକ ଆଲୋଚନା ଓ ବିଚାରବିମର୍ଶ କରିଥିଲେ। ୨ ଦିନରେ ୬ଟି ଅଧିବେଶନରେ ଆଲୋଚନା ହୋଇଥିଲା। ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ ୪ଟି ପ୍ରାଥମିକତା କ୍ଷେତ୍ର: ସାଂସ୍କୃତିକ ସମ୍ପତ୍ତିର ସଂରକ୍ଷଣ ଓ ପୁନଃପ୍ରତିଷ୍ଠା, ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ, ସଂସ୍କୃତି ଓ ସୃଜନଶୀଳ ଉଦ୍ୟୋଗ ଓ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଉପରେ ଆଲୋଚନା କରାଯାଇଥିଲା। ବୈଠକର ଅଂଶବିଶେଷ ସ୍ୱରୂପ 'ସଷ୍ଟେନ: ଦ କ୍ରାଫ୍ଟ ଇଡିଅମ୍' ଶୀର୍ଷକ ପ୍ରଦର୍ଶନୀ କଳାଭୂମି ପରିସରରେ ଆୟୋଜନ କରାଯାଇଥିଲା। ସେହିପରି 'ସଂସ୍କୃତି ସମସ୍ତଙ୍କୁ ଏକଜୁଟ କରିଥାଏ' ଶୀର୍ଷକ ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏକ ବାଲୁକା କଳା ପ୍ରଦର୍ଶନ କରିଥିଲେ।


ଖଣ୍ଡଗିରିସ୍ଥିତ ଗାନ୍ଧୀ ଶାନ୍ତିକେନ୍ଦ୍ରକୁ କେନ୍ଦ୍ର ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ ଏବଂ ବିଦେଶୀ ଅତିଥିମାନେ ବୁଲି ଦେଖୁଛନ୍ତି।



**ଆଜିର ମନ୍ତବ୍ୟ**

“ଦେଶ ବର୍ତ୍ତମାନ ବିକାଶର ‘ତେଲଙ୍ଗାନା ମଡେଲ’ ଚାହୁଁଛି। କାରଣ ୨୦୧୪ରେ ତେଲଙ୍ଗାନା ଗଠନ ସହ ବିଆର୍‌ଏସ୍ କ୍ଷମତାକୁ ଆସିବା ପରଠୁ ରାଜ୍ୟର ଆଶାତୀତ ଉନ୍ନତି ଘଟିଛି। **-କେ.ଚନ୍ଦ୍ରଶେଖର ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ଦକ୍ଷିଣେ, ଶୋଇବ ବାଆଁ**
**ଭାତ ଝଡ଼ିଯିବ ଆପଣା ଛାଁ।**

ଦକ୍ଷିଣ ନାସା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ ହୋଇଥାଏ। ସେହିପରି ବାମ ନାସା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ବିଶ୍ରାମ କରିବା ବା ଶୋଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇଲାବେଳକୁ ପୁଅର ମା’**
**ହୁଲୁହୁଳି ଦେଲା ବେଳକୁ ତୁଣ୍ଡରେ ଘା।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବେଙ୍ଗାଲୁରୁ-ଭୁବନେଶ୍ୱର ଇଣ୍ଡିଗୋ ବିମାନ ବାତିଲ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସୁଥିବା ଇଣ୍ଡିଗୋ ବିମାନକୁ ବୁଧବାର ବାତିଲ କରାଯାଇଛି। ବିମାନଟିରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ଇଣ୍ଡିଗୋ କର୍ତ୍ତୃପକ୍ଷ ବିମାନ ଉଡ଼ାଣକୁ ବନ୍ଦ କରିଥିଲେ। ସନ୍ଧ୍ୟା ୬ଟା ୪୦ରେ ଉକ୍ତ ବିମାନ ବେଙ୍ଗାଲୁରୁ ବିମାନ ବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଭରିବାର ଥିଲା। ମାତ୍ର ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ବିମାନଟି ଟେକ୍‌ଅଫ୍ ନେଇପାରି ନ ଥିଲା। ବିମାନ ଉଡ଼ାଣକୁ ବାତିଲ କରାଯିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତଭାବେ ବିମାନରୁ ଓହ୍ଲାଇ ବିମାନବନ୍ଦରକୁ ପଠାଯାଇଥିଲା।

## ଲାଞ୍ଚ ନେବାବେଳେ ଧରିପଡ଼ିଲେ ବନ୍ଧୁଗାଁ ସିଡିପିଓ




ଗିରଫ ସିଡିପିଓ ନମିତାରାଣୀ ପାଲ ଓ କିରାଣି ଅଶ୍ୱିନୀ କୁମାର ପ୍ରଧାନ ।

■ ସିଡିପିଓଙ୍କ ସମେତ କିରାଣିଙ୍କୁ ଗିରଫ କରିଛି ଜୟପୁର ଭିଜିଲାନ୍ସ

ଜୟପୁର/ବନ୍ଧୁଗାଁ/ ନନ୍ଦପୁର, ୧୭।୫(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅଶ୍ୱିନୀ କୁମାର ପ୍ରଧାନ ଓ ବନ୍ଧୁଗାଁ ସିଡିପିଓ ନମିତାରାଣୀ ପାଲ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଅଶ୍ୱିନୀଙ୍କଠାରୁ ୪୦ ହଜାର ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଜୟପୁର ଭିଜିଲାନ୍ସ ବିଭାଗ ସୂଚନାନୁଯାୟୀ ମିନତି କୁଲେସିକା ଅଙ୍ଗନୱାଡି ପଦବୀ ପାଇଁ ପରୀକ୍ଷା ଦେଇଥିଲେ। ନିଯୁକ୍ତିପତ୍ର ପାଇଁ ବନ୍ଧୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସିଡିପିଓ ନମିତାରାଣୀ ପାଲଙ୍କ ନିର୍ଦ୍ଦେଶକ୍ରମେ କିରାଣି ଅଶ୍ୱିନୀ ପ୍ରଧାନ ୧ ଲକ୍ଷ ୪୦ ହଜାର ଟଙ୍କା ଦାବି କରିଥିଲେ। ଆଗରୁ ୧ ଲକ୍ଷ ଟଙ୍କା ନେଇ ସାରିଥିଲେ। ବୁଧବାର ମିନତିଙ୍କ ବାପା ରାଉତ କୁଲେସିକାଙ୍କଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହାପରେ ସିଡିପିଓଙ୍କ ନନ୍ଦପୁରସ୍ଥିତ ଘର ଓ କିରାଣିଙ୍କ ସରକାରୀ କ୍ୱାର୍ଟର୍ସ ଉପରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ସିଡିପିଓ ନମିତାରାଣୀ ପାଲଙ୍କ ନନ୍ଦପୁରସ୍ଥିତ ବାସଭବନରେ ଭିଜିଲାନ୍ସର ୭ ଜଣିଆ ଟିମ୍ ପହଞ୍ଚି ତନାଘନା କରିଛନ୍ତି। ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କ ନେତୃତାଧୀନ ଏହି ଟିମ୍ ବନ୍ଧୁଗାଁରୁ ସିଡିପିଓଙ୍କୁ ସାଙ୍ଗରେ ଆଣି ଘରର ଯାଞ୍ଚ କରିଥିଲେ। ସେଠାରୁ ୯୦ ହଜାରରୁ ଅଧିକ ନଗଦ ଟଙ୍କା , କିଛି ଅଳଙ୍କାର, ଏଲ୍‌ଆଇସି ବଣ୍ଡ, ଜମିଜମା ଓ ଗାଡ଼ିର କାଗଜପତ୍ର ମିଳିଛି। ଏହାକୁ ଭିଜିଲାନ୍ସ ଟିମ୍ ନିଜ ହେପାଜତକୁ ନେଇଥିବା ଡିଏସ୍‌ପି ପ୍ରଧାନ ସୂଚନା ଦେଇଛନ୍ତି।

## ବଜ୍ରପାତରେ ବୃଦ୍ଧା ମୃତ

ପାଟଣା, ୧୭।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ପଞ୍ଚାୟତ ଚିଲିଦା ଗ୍ରାମରେ ବୁଧବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଚିଲିଦା ବେହେରା ସାହିର ମୁରଲୀ ବେହେରାଙ୍କ ସ୍ତ୍ରୀ ବିମଳା ବେହେରା(୬୦)। ବିମଳା ଅପରାହ୍ଣରେ ଗାଁ ନିକଟ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ। ବାଟରେ ବଜ୍ରପାତର ଶିକାର ହୋଇ ଟଳିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏଏସ୍‌ଆଇ ନରେଶ ଓରାମ ପହଞ୍ଚି ଶବ ଜବତ କରିଛନ୍ତି। ଥାନାରେ (ନଂ. ୫/୨୩) ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।

# ବନ୍ଦ ଘରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

■ ଟାଙ୍ଗିଆରେ ମୁଣ୍ଡଗଣ୍ଡି ଅଲଗା ପରେ ପଲିଥିନରେ ପ୍ୟାକିଂ କରିଥିଲେ
■ ଯୁବକଙ୍କୁ ୯ ଖଣ୍ଡ କରି ହାଣିଛନ୍ତି ଦୁର୍ବୃତ୍ତ

ବଲାଙ୍ଗୀର ଅଫିସ, ୧୭।୫

ବଲାଙ୍ଗୀର ସହର ସାଲେପାଲିସ୍ଥିତ ଏକ ତାଲାବନ୍ଦ ଭଡାଘରୁ ପଲିଥିନ ପ୍ୟାକିଂ ହୋଇଥିବା ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହକୁ ବୁଧବାର ଟାଉନ୍ ପୋଲିସ ଜବତ କରିଛି। ମୃତକ ରିଙ୍କୁ ମେହେର (୨୭) ବୋଲି ଚିହ୍ନଟ କରାଯାଇଛି। ଏହା ଏକ ବୀଭତ୍ସ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାରମ୍ଭିକ ତଦନ୍ତରୁ ସ୍ପଷ୍ଟ କରିଛି। ବୁଧବାର ସକାଳେ ସ୍ଥାନୀୟ ଲୋକେ ସାଲେପାଲି ମଠଖାଇ ମନ୍ଦିର ଛକ ନିକଟରେ ଥିବା ଏକ ଘରୁ ଦୁର୍ଗନ୍ଧ ବାହାରୁଥିବା କହିଥିଲେ। ଘର ବାହାର ପଟୁ ତାଲା ପଡିଥିବାରୁ ଲୋକେ ସନ୍ଦେହ କରି ଟାଉନ୍ ଥାନା ପୋଲିସକୁ ଖବର କରିଥିଲେ। ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତାଲାଭାଙ୍ଗି ଘର ଖୋଲିବାରୁ ରିଙ୍କୁ ମେହେରଙ୍କ ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହ ଅନେକ ଜରି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଇ ସେଠାରେ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଘର ଭିତରେ ଦୁଇଟି ଟାଙ୍ଗିଆ, ଶାବଳ ଓ ହାତୁଡି ପଡିଥିବା ଦେଖାଯାଇଥିଲା। କେହି ଦୁର୍ବୃତ୍ତ ରିଙ୍କୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଖଣ୍ଡବିଖଣ୍ଡିତ କରି ପ୍ୟାକିଂ କରିଥିବା ପୋଲିସ ଅନୁମାନ କରିଥିଲା।



ଜବତ ହୋଇଥିବା ଦୁଇ ଟାଙ୍ଗିଆ, ହାତୁଡି ଏବଂ ଶାବଳକୁ ସାଇଣ୍ଟିଫିକ୍ ଟିମ୍ ଛାନଭିନ୍ କରୁଛନ୍ତି।



କଳା ପଲିଥିନରେ ପ୍ୟାକିଂ ହୋଇଥିବା ମୃତକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ।

ରିଙ୍କୁ ମେହେର ଉକ୍ତ ଘରେ ଦୀର୍ଘ ୮ ବର୍ଷ ହେଲା ରହି ଆସୁଥିଲେ। ପୂର୍ବରୁ ସେ ଗାଡି ଡ୍ରାଇଭର ଭାବେ କାମ କରୁଥିଲେ। ନୂଆପଡା ଜିଲା ଖରିଆର ନିକଟବର୍ତ୍ତୀ ଲିଆଡ ଗ୍ରାମର ରିଙ୍କୁ ବହୁ ବର୍ଷ ପୂର୍ବରୁ ବଲାଙ୍ଗୀର ଚାଲିଆସି ଏଠାରେ ରହିଥିଲେ। ଉକ୍ତ ଘରେ ରିଙ୍କୁଙ୍କ ସହ ତାଙ୍କ ପିତା ମାର୍କଣ୍ଡ ମେହେର, ମା’ ଓ ଭାଇ ପିଙ୍କୁ ରହୁଥିଲେ। ଶୁଣିବାକୁ ମିଳିଛି ଯେ, ଗତ କିଛିଦିନ ତଳେ ରିଙ୍କୁ ଓ ତାଙ୍କ ପିତାଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ତିନିଦିନ ତଳେ ରିଙ୍କୁଙ୍କ ପିତା ମାର୍କଣ୍ଡଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ପିତାଙ୍କ ସହ ମା’ ଓ ଭାଇ ଯାଇଥିଲେ। ରିଙ୍କୁ ଘରେ ଏକାକୀ ଥିଲେ। ତେବେ ସାଇଣ୍ଟିଫିକ୍ ଟିମ୍‌ର ଛାନଭିନ୍ ଏବଂ ପୋଲିସ ତଦନ୍ତ ପରେ ଦୁଇରୁ ତିନି ଦିନ ପୂର୍ବରୁ ରିଙ୍କୁଙ୍କ ମୃତ୍ୟୁ ହୋଇଯାଇ ଗଳିତ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ଟିମ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି। ପାରିବାରିକ ଗଣ୍ଡଗୋଳ ନା ଅନ୍ୟ କେଉଁ କାରଣରୁ ରିଙ୍କୁକୁ ହତ୍ୟା କରାଯାଇଛି ସେ ଦିଗରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା (୨୨୨/୨୩) ରୁଜୁ କରାଯାଇଛି। ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଧାରୁଆ ଅସ୍ତ୍ରରେ ହତ୍ୟା କରିବା ପରେ କେହି ରିଙ୍କୁଙ୍କ ମୁଣ୍ଡଗଣ୍ଡି, ହାତଗୋଡକୁ ଅଲଗା କରି ପଲିଥିନରେ ପ୍ୟାକିଂ କରିଥିଲେ। ବାହାରେ ଫିଙ୍ଗିଦେଇ ପ୍ରମାଣ ନଷ୍ଟ କରିବା ଉଦ୍ୟମ କରି ଅଭିଯୁକ୍ତମାନେ ବିଫଳ ହେବାରୁ ଉକ୍ତ ଘରେ ତାଲାବନ୍ଦ କରିଦେଇ ଫେରାର ହୋଇଥିବା ସେ କହିଥିଲେ। ତେବେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ବାଗ କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଦୁଇଟି ଟାଙ୍ଗିଆ, ହାତୁଡି ଏବଂ ଶାବଳ ଜବତ କରିଛି।

# ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

■ ଏକକାଳୀନ ୮ ସ୍ଥାନରେ ଯାଞ୍ଚ
■ ୨ ଫ୍ଲାଟ୍, ଗୋଟିଏ କୋଠା, ୩ ପ୍ଲଟ୍ ଠାବ

ଭଞ୍ଜନଗର,(ଡି.ଏନ୍.ଏ.)/ ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଭଞ୍ଜନଗର ଅତିରିକ୍ତ ଯୋଗାଣ ଅଧିକାରୀ (ଏସିଏସ୍‌ଓ) ସଞ୍ଜୟ କୁମାର ସାହୁଙ୍କ ଘର ଓ କାର୍ଯ୍ୟାଳୟ ସମେତ ଏକ କାଳୀନ ୮ ସ୍ଥାନରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିମଧ୍ୟରେ ଭଞ୍ଜନଗରସ୍ଥିତ କାର୍ଯ୍ୟାଳୟ, ଭଞ୍ଜନଗର ଟାଉନସ୍ଥିତ ଭଡ଼ାଘର, ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜୋକଗାଁସ୍ଥିତ ପୈତୃକ ଘର, ରାରୁଆଁ ଥାନା ଅନ୍ତର୍ଗତ ପଣ୍ଡାରଶିଳାରେ ଥିବା ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶ୍ରୀବିହାରସ୍ଥିତ ଡି-ହାବିଟାଟ୍ ଆପାର୍ଟମେଣ୍ଟର ୩ୟ ମହଲାରେ ଥିବା ଫ୍ଲାଟ୍ ନଂ.୩୦୪, ପଟିଆ କ୍ଷେତ୍ରବାସୀ ରେସିଡେନ୍ସିର ଫ୍ଲାଟ ନଂ.୬୦୧, ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡରେ ଥିବା ଘର ଓ ନହରକଣ୍ଟାର ପ୍ଲଟ୍ ରହିଛି। ଏହି ଚଢ଼ାଉରେ ଭିଜିଲାନ୍ସର ୮ଟି ଟିମ୍‌ରେ ୫ଜଣ ଡିଏସ୍‌ପି, ୧୨ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ରହିଛନ୍ତି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ସଞ୍ଜୟଙ୍କ ନାଁରେ ଭୁବନେଶ୍ୱରରେ ୨ଟି ଫ୍ଲାଟ, ଗୋଟିଏ କୋଠା ଓ ୩ଟି ପ୍ଲଟ ଠାବ ହୋଇଛି। ତେବେ ଫ୍ଲାଟ ଓ ଘରର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍‌ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ତେବେ ଠାବ ହୋଇଥିବା ୩ଟି ପ୍ଲଟର ପଟା ଅନୁଯାୟୀ ୪.୧୦ ଲକ୍ଷ ଥିବାବେଳେ ଏହାକୁ କିଣିବା ବେଳେ କମ୍ ମୂଲ୍ୟ ଦର୍ଶାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ସଞ୍ଜୟଙ୍କଠାରୁ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନ ବୀମା ଜମା ୨୧.୫୭ ଲକ୍ଷ, ୨୦୦ ଗ୍ରାମ ସୁନା ଅଳଙ୍କାର, ଗୋଟିଏ ୧୩.୧୯ ଲକ୍ଷ ଟଙ୍କାର କାର୍, ୨ଟି ବାଇକ ଓ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି। ସଞ୍ଜୟ ଢେଙ୍କାନାଳ ଜିଲା କାମାକ୍ଷାନଗରରେ ସହାୟକ ଯୋଗାଣ ଅଧିକାରୀ ଥିଲେ। ଏପ୍ରିଲ ୨୪ରେ ସେ ବଦଳି ହୋଇ ଭଞ୍ଜନଗର ଆସିଥିଲେ। ତେବେ ସଞ୍ଜୟ ଢେଙ୍କାନାଳରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ତେଣୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଉଛି। ତେବେ ଚଢ଼ାଉ ଜାରି ରହିଥିବାବେଳେ ସଞ୍ଜୟଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସଞ୍ଜୟ ବିଭିନ୍ନ କଣ୍ଟ୍ରୋଲରଙ୍କଠାରୁ କମିଶନ ନେଇ ଏହି ସମ୍ପତ୍ତି ଠୁଳ କରିଥିବା ଚର୍ଚ୍ଚା ହେଉଥିବାରୁ ଭିଜିଲାନ୍ସ ଏହି ଦିଗରେ ମଧ୍ୟ ଅଧିକ ଖୋଳତାଡ଼ ଚଳାଇଛି।

# ଫେରିଆସିଲା ନିଖୋଜ ପୁଅ

■ ୧୦ ବର୍ଷ ହେଲା ନ ଥିଲା ଖୋଜଖବର
■ ଦେବଦୂତ ସାଜିଲେ ୨ ଟ୍ରକ୍ ଚାଳକ
■ ମଧ୍ୟପ୍ରଦେଶରୁ ଉଦ୍ଧାର କଲା ପୋଲିସ

ଛେଣ୍ଡିପଦା, ୧୭।୫(ସ୍ୱ.ପ୍ର.)

ମଧ୍ୟପ୍ରଦେଶର ଏକ ଢାବାରେ ସାଧାରଣ କାମ କରୁଥିଲେ ମଧ୍ୟ ତାଙ୍କ କଥାବାର୍ତ୍ତା ଓ ଚାଲିଚଳଣ ଥିଲା ଉଚ୍ଚଶିକ୍ଷିତଙ୍କ ପରି। ଏହାକୁ ଠଉରାଇ ନେଇଥିଲେ ଜଣେ ଟ୍ରକ୍ ଚାଳକ। କିଛି ସମୟର କଥାବାର୍ତ୍ତା ମଧ୍ୟରେ ସେ ମାଗି ନେଇଥିଲେ ସମ୍ପୃକ୍ତ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ନାମ ଓ ଠିକଣା ଲେଖା କାଗଜ। ୩ ମାସ ବିଳମ୍ବ ହେଲେ ବି ଅନ୍ୟଜଣେ ଟ୍ରକ୍ ଚାଳକଙ୍କ ସହାୟତାରେ ସେ ତାହାକୁ ପହଞ୍ଚାଇ ଦେଇଥିଲେ ଠିକଣା ସ୍ଥାନରେ। ଆଉ ଏହାପରେ ଯାହ ଘଟିଲା ତାହା ଭାଷାରେ ଅବର୍ଣ୍ଣନୀୟ। ମା’କୁ ମିଳିଗଲା ୧୦ ବର୍ଷ ହେଲା ନିଖୋଜ ଥିବା ପୁଅ। ସାବିତ୍ରୀ ପୂର୍ବରୁ ସ୍ତ୍ରୀଙ୍କୁ ମିଳିଗଲେ ସ୍ୱାମୀ।



ମା’, ସ୍ତ୍ରୀ ଓ ପୁଅ ସହ ଫେରିଆସିଥିବା ଯତୀନ୍ଦ୍ର ବେହେରା।

ଘଟଣାଟି ହେଲା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଛେଣ୍ଡିପଦା ଗ୍ରାମର। ଗାଁର ଯଶୋଦା ବେହେରାଙ୍କ କହିବା ଅନୁଯାୟୀ, ୨୦୧୩ ଅକ୍ଟୋବର ୩୧ରୁ ପୁଅ ଯତୀନ୍ଦ୍ର ବେହେରା (୪୮) ନିଖୋଜ ଥିଲେ। ପରିବାର ପକ୍ଷରୁ ଖୋଜାଖୋଜି ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲେ ମଧ୍ୟ ଯତୀନ୍ଦ୍ରଙ୍କୁ ଠାବ କରିପାରି ନ ଥିଲା। ତଥାପି ମା’ ଯଶୋଦା ଓ ସ୍ତ୍ରୀ ଆରତୀ ବେହେରା ଆଶା ଛାଡ଼ି ନ ଥିଲେ। ଯତୀନ୍ଦ୍ର ଯେ ଦିନେ ନିଶ୍ଚିତ ଫେରିବେ ସେହି ବିଶ୍ୱାସକୁ ଭରସା କରି ସେମାନେ ଅପେକ୍ଷା କରିଥିବା ବେଳେ ଗତ ରବିବାର ଘରେ ପହଞ୍ଚିଥିଲା ଯତୀନ୍ଦ୍ରଙ୍କ ହାତ ଲେଖା ଏକ କାଗଜ। ୩ ମାସ ତଳୁ ଆସିଥିବା ଉକ୍ତ କାଗଜରୁ ଯତୀନ୍ଦ୍ର ମଧ୍ୟପ୍ରଦେଶ ସତ୍‌ନା ଜିଲାର ଏକ ଢାବାରେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ଉକ୍ତ ଢାବାରେ ଖାଉଥିବା ଜଣେ ଟ୍ରକ୍ ଚାଳକ କଟକର ଏକ ଟ୍ରାନ୍ସପୋର୍ଟକୁ ଆସିଥିବା ବେଳେ ଠିକଣା ଲେଖା କାଗଜକୁ ଛେଣ୍ଡିପଦାର ଅନ୍ୟ ଜଣେ ଟ୍ରକ୍ ଚାଳକଙ୍କୁ ଦେଇ ଯତୀନ୍ଦ୍ରଙ୍କ ଘରେ ପହଞ୍ଚାଇ ଦେବାକୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ଟ୍ରକ୍ ଚାଳକ ଯତୀନ୍ଦ୍ରଙ୍କ ଘରେ କାଗଜ ପହଞ୍ଚାଇବା ସହ ଘଟଣା ସମ୍ପର୍କରେ କହିବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଥିଲା। ତୁରନ୍ତ ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ଛେଣ୍ଡିପଦା ଥାନା ସହିତ ଯୋଗାଯୋଗ କରିଥିଲେ। ଏହାପରେ ଏକ ପୋଲିସ ଟିମ୍ ମଧ୍ୟପ୍ରଦେଶ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ଯତୀନ୍ଦ୍ରଙ୍କୁ ଉଦ୍ଧାର କରି ବୁଧବାର ସକାଳେ ଛେଣ୍ଡିପଦା ଫେରିଥିଲେ ବୋଲି ଯଶୋଦା ପ୍ରକାଶ କରିଛନ୍ତି। ୧୦ ବର୍ଷ ପରେ ପରିବାର ଲୋକଙ୍କୁ ପାଇ ଯତୀନ୍ଦ୍ର ଖୁସି ହୋଇଯାଇଥିଲେ ବି ସେ କେମିତି ମଧ୍ୟପ୍ରଦେଶରେ ପହଞ୍ଚିଲେ ତାହା କହିପାରୁ ନାହାନ୍ତି। ତେବେ ପୁଅକୁ ପାଇ ମା’ ଯଶୋଦା ଏକ୍‌ଦମ ଖୁସି ବୋଲି କହିଥିବାବେଳେ ସ୍ତ୍ରୀ ଆରତୀ ସ୍ୱାମୀଙ୍କୁ ଫେରାଇ ଆଣିବାରେ ଦେବଦୂତ ସାଜିଥିବା ୨ ଟ୍ରକ୍ ଚାଳକ ଓ ସହାୟତା କରିଥିବା ସରପଞ୍ଚ ଏବଂ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଉପ ହେବାକୁ ...

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ବିରୋଧରେ ସଚିନ ପାଇଲଟ୍ ବିଦ୍ରୋହ କରିଥିଲେ। କିନ୍ତୁ ଶିବକୁମାରଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ ବୋଲି ମାନିନେବା ପରେ କଂଗ୍ରେସ ବୁଝାମଣା ଜରିଆରେ ସମାଧାନ ଚାହୁଁଥିବା ଜଣାପଡ଼ିଛି। ଶିବକୁମାର ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ କ୍ଷମତା ଭାଗବଣ୍ଟା ନେଇ ଦ୍ୱିତୀୟ ବିକଳ୍ପ ଦିଆଯାଇଥିଲା। ପ୍ରଥମେ ସିଦ୍ଧାରାମାୟା ୨ ବର୍ଷ ଓ ପରେ ଶିବକୁମାର ୩ ବର୍ଷ ପାଳିକରି ମୁଖ୍ୟମନ୍ତ୍ରୀ ହେବେ ବୋଲି କୁହାଯାଇଥିଲା। କିନ୍ତୁ ଶିବକୁମାର କିମ୍ବା ସିଦ୍ଧାରାମାୟା ଏହି ପ୍ରସ୍ତାବରେ ସହମତି ପ୍ରକାଶ କରି ନ ଥିବା ଜଣାପଡ଼ିଛି। ଏଭଳି ସମୟରେ କର୍ଣ୍ଣାଟକରେ ମଧ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭଳି ସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି। ରାଜସ୍ଥାନରେ ବର୍ତ୍ତମାନ ମଧ୍ୟ ପାଇଲଟ୍ ଭାଜପା ଅମଳର ଦୁର୍ନୀତିକୁ ଆଳକରି ଗେହଲଟ୍‌ଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି। ଛତିଶଗଡ଼ରେ ଗତ ବିଧାନସଭା ନିର୍ବାଚନ ପରେ ଭୂପେଶ ବଘେଲଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇ ଟି.ଏସ୍. ସିଂହଦେଓଙ୍କୁ ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଆସନ ମିଳିବା ଆଶ୍ୱାସନା ଦିଆଯାଇଥିଲା। ବଘେଲ ଓ ସିଂହଦେଓଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଲାଗିରହିଥିବାରୁ ଆଗାମୀ ନିର୍ବାଚନରେ କଂଗ୍ରେସକୁ କ୍ଷତି ସହିବାକୁ ପଡ଼ିପାରେ। ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମୁଖ୍ୟମନ୍ତ୍ରୀ କରା ନ ଯିବାରୁ ସେ ନିଜ ୨୨ ଅନୁଗତ ବିଧାୟକଙ୍କୁ ଧରି ଭାଜପାରେ ସାମିଲ ହେଲେ। ଶେଷରେ କମଲନାଥ ସରକାରଙ୍କ ପତନ ଘଟିଲା। ଅନ୍ୟପକ୍ଷେ ଶିବକୁମାର ଏଭଳି ବିଦ୍ରୋହ ଘଟାଇବେ ନାହିଁ ବୋଲି କହିଛନ୍ତି। ଦଳ ଚାହିଁଲେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବ, କଂଗ୍ରେସରେ ସେ ବିଭାଜନ ଚାହୁଁ ନ ଥିବା ଶିବକୁମାର କହିଛନ୍ତି। ତେବେ ସିଦ୍ଧାରାମାୟାଙ୍କୁ ମୁଖ୍ୟମନ୍ତ୍ରୀ କଲେ ଆଗାମୀ ଦିନରେ ଶିବକୁମାର କ’ଣ ପଦକ୍ଷେପ ନେଉଛନ୍ତି ତା’ ଉପରେ ନଜର ରହିବ। କାରଣ ମଙ୍ଗଳବାର ଶିବକୁମାର ଖାର୍ଗେଙ୍କୁ କହିଥିଲେ, ମୋତେ ମୁଖ୍ୟମନ୍ତ୍ରୀ କରନ୍ତୁ, ନଚେତ୍ ଆପଣ ନିଜେ ହୁଅନ୍ତୁ। କିନ୍ତୁ ସିଦ୍ଧାରାମାୟାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଗ୍ରହଣୀୟ ହେବ ନାହିଁ। ଶିବକୁମାର ନିଜ ଅନୁଗତ ବିଧାୟକମାନଙ୍କୁ ନେଇ ତାଙ୍କ ଭାଇ ଡି.କେ. ସୁରେଶ (ଏମ୍‌ପି)ଙ୍କ ସରକାରୀ ବାସଭବନରେ ବୈଠକ କରିଛନ୍ତି। ସିଦ୍ଧାରାମାୟାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲେ ମଧ୍ୟ ତାଙ୍କ ଅନୁଗତ ଓ ସମର୍ଥକମାନେ ପରସ୍ପରକୁ ମିଠା ଖୁଆଉଛନ୍ତି। ସିଦ୍ଧାରାମାୟା ଶିବିରରେ ଉତ୍ସାହ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନ ପାଇଁ ପ୍ରଥମ ଦାବିଦାର ଭାବେ ଦର୍ଶାଉଛି।

### ଆଜି ମାଟ୍ରିକ ...

ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷାର୍ଥୀମାନେ ନିଜର ପରୀକ୍ଷାଫଳ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଦେଖିପାରିବେ। ଏଥିସହ ମୋବାଇଲ ଫୋନ୍‌ରେ ଓଆର୍୧୦ ଲେଖି ସ୍ପେସ୍ ଦେଇ ରୋଲ୍ ନମ୍ବର ଟାଇପ କରି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ପରୀକ୍ଷାଫଳ ଜାଣିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମାଟ୍ରିକ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫ ଲକ୍ଷ ୪୧ ହଜାର ୨୪୭ ଜଣ ଫର୍ମପୂରଣ କରିଥିବାବେଳେ ୫ ଲକ୍ଷ ୧୮ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ରାଜ୍ୟର ୩,୨୧୮ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ରାଜ୍ୟରେ ମୋଟ୍ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ ହୋଇଥିଲା।

### ପୋଲିସ ଏସ୍‌ଆଇଙ୍କ ...

ହୋଇଛି। ଫଳରେ ଭୟରେ ଯୁବତୀ ଜଣକ ଚୁପ୍ ଥିଲେ। ସମୟାନୁକ୍ରମେ ଯୁବତୀଙ୍କ ପରିବାର ଲୋକେ ମଧ୍ୟ ତାଙ୍କଠାରୁ ଦୂରେଇ ରହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହେମ୍ବ୍ରମ ଯୁବତୀଙ୍କ ପାଖରେ ପହଞ୍ଚି ନାନା ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳ ୮ଟାରେ ଏସ୍‌ଆଇ ହେମ୍ବ୍ରମ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ପଦ୍ମପୁର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

### ଆଜିଠୁ ଗଡ଼ିବ ବନ୍ଦେ ...

ମିନିଟ୍‌ରେ ଛାଡ଼ିବ ଓ ସନ୍ଧ୍ୟା ସାଢେ ୮ଟାରେ ହାଓଡାରେ ପହଞ୍ଚିବ। ସେହିପରି ହାଓଡାରୁ ସକାଳ ୬ଟା ୧୦ରେ ବାହାରି ଦିନ ୧୨ଟା ୩୫ରେ ପୁରୀରେ ପହଞ୍ଚିବ। ସେହିପରି ପୁରୀ ଏବଂ କଟକ ଷ୍ଟେଶନର ନବୀକରଣ ଲାଗି ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ପୂର୍ବରୁ ଉଭୟ ରେଳଷ୍ଟେଶନର ପ୍ରସ୍ତାବିତ ଡିଜାଇନ ଆସିଛି। ଏହାସହ ଆଉ କିଛି ରେଳ ପ୍ରକଳ୍ପର ମଧ୍ୟ ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି। ତେବେ ଏହି କାର୍ଯ୍ୟକ୍ରମ ଲାଗି ପୁରୀ ଏବଂ କଟକ ରେଳଷ୍ଟେଶନରେ ବିଭିନ୍ନ ସ୍ଥାନର ରଙ୍ଗ କରାଯିବା ସହିତ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି। ଏହି ପ୍ରସଙ୍ଗରେ ଜିଆର୍‌ପି ଏସ୍‌ପି ଇନ୍‌ଚାର୍ଜ ସୁରେନ୍ଦ୍ର ନାଥ ଶତପଥୀ କହିଛନ୍ତି, ବନ୍ଦେ ଭାରତ ଟ୍ରେନ୍ ଲାଗି ଜିଆର୍‌ପି ତରଫରୁ ବିଭିନ୍ନ ପୋଲିସ ଆରେଞ୍ଜମେଣ୍ଟ କରାଯାଇଛି। ପ୍ରତି ଟ୍ରେନ୍‌ରେ ପ୍ରତି ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥଳରେ ଜିଆର୍‌ପି ପୋଲିସ ରହିବେ। ସେହିପରି ଜନସାଧାରଣଙ୍କର ଅସୁବିଧା ଯେପରି ନ ହେବ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାର ଉଦ୍‌ଘାଟନ ଏବଂ ଫ୍ଲାଗିଂ ଅଫ ଯେପରି ଜନସାଧାରଣ ଦେଖିପାରିବେ ସେହି ହିସାବରେ ମଧ୍ୟ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ବ୍ୟବହାରରେ ସଂଯମତା ଅଭାବରୁ ଅପ୍ରିୟ ସତ୍ୟ କହି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ବିଭିନ୍ନ କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** - କର୍ମକ୍ଷେତ୍ରରେ ଏକାଧିକ ଚିନ୍ତା ମଧ୍ୟରେ ମାନସିକ ସ୍ଥିରତା ଆଦୌ ରହିବ ନାହିଁ। ବନ୍ଧୁଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହୋଇଯିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ। କିନ୍ତୁ ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ।

**ମିଥୁନ** - ପରିବାରରେ ଅଭାବ ଅସୁବିଧା ନ ଥିଲେ ମଧ୍ୟ ଟଙ୍କାପଇସା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହେବେ। ବନ୍ଧୁଙ୍କ ନିକଟରେ ମନକଥା କଥାପ୍ରସଙ୍ଗରେ ପ୍ରକାଶକରି ଭର୍ତ୍ସିତ ହେବେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନୂତନ ସ୍ଥାନ ଦର୍ଶନ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ।

**କର୍କଟ** - ସାମୟିକ ପ୍ରତିବନ୍ଧକ ଆପଣଙ୍କ ଅର୍ଥ, ଦ୍ରବ୍ୟ ଲାଭରେ ଅନ୍ତରାୟ ସୃଷ୍ଟି କରିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇବା ଆଶା କରାଯାଇପାରେ। ପୁନର୍ବସୁ ନକ୍ଷତ୍ର ଶିଳ୍ପ, ବାଣିଜ୍ୟରେ ସଫଳତା ହାସଲ କରିବେ। ରାଜନୈତିକ, ସାଂଗଠନିକ ଓ ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇପାରନ୍ତି।

**ସିଂହ** - ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାରେ ନିଜ ପାଖଲୋକ ଈର୍ଷାନ୍ୱିତ ହେବେ। କର୍ମକ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାକି କାର୍ଯ୍ୟହାନିର କାରଣ ହେବ। ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣିପାରିବେ ନାହିଁ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କନ୍ୟା** - ବନ୍ଧୁଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାର କରିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଭଲ ସମ୍ପର୍କ ଥିବା ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଉପକୃତ ହୋଇପାରନ୍ତି। ଚିତ୍ରା ନକ୍ଷତ୍ର ଅର୍ଥ ସମ୍ପର୍କୀୟ ବିବାଦରେ ସୁଧାର ପରିସ୍ଥିତି ସୃଷ୍ଟି ହେବାର ସୂଚନା ପାଇବେ।

**ତୁଳା** - ପାପଗ୍ରହଜନିତ ଆଜିର କାମଗୁଡିକ ସହଜରେ ସମ୍ପନ୍ନ ନ ହୋଇ ବିଶୃଙ୍ଖଳିତ ରହିବ। ନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ଆହୁତ ହୋଇ ସଭାସମିତିରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ବିଛା** - ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହୋଇଯିବ। ଅନୁରାଧା ନକ୍ଷତ୍ର ବିଗତ ଦିନର କଥାକୁ ନେଇ ଦୁଃଖରେ ରହିବାକୁ ବାଧ୍ୟହେବେ। ସମ୍ପର୍କୀୟ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିପାରେ।

**ଧନୁ** - ଗ୍ରହଙ୍କ ପ୍ରତିକୂଳତା ପ୍ରତ୍ୟେକ କ୍ଷେତ୍ରକୁ ଅସ୍ଥିର କରାଇବ। ପରିବାରରେ ଅଶାନ୍ତି, ନିଜ ଲୋକଙ୍କ ଅନାସ୍ଥା ଭାବ ମାନସିକ ଅସୁସ୍ଥତାର କାରଣ ହେବ। ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟହେବେ।

**ମକର** - କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ହେତୁ ଜମା ଫୁରସତ୍ ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ସହ ମତପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ପରି ଖୁସି ହୋଇପାରିବେ ନାହିଁ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** - ଆଜିର ଚନ୍ଦ୍ର ପାରିବାରିକ ଜୀବନକୁ କେତେକାଂଶରେ ପ୍ରଭାବିତ କରି ରଖିବ। ଯାନବାହନ, ଲୋକସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମୂଲ୍ୟବାନ୍ ଅଳଙ୍କାର ଓ ବସନ ଭୂଷଣ କ୍ରୟ କରିପାରନ୍ତି।

**ମୀନ** - ସମସ୍ୟା ସୁଧାରିବା ସହ କୌଣସି ବନ୍ଧୁଙ୍କ ବଦାନ୍ୟତାରୁ ମନ ଉଲ୍ଲସିତ ହୋଇ ଉଠିବ। କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ଭିତ୍ତିରେ କାମ କରିପାରିବେ କିନ୍ତୁ ଆନୁଷ୍ଠାନିକ କାମରେ ଖଟଣି ବଢ଼ିଯିବ। ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ମେ’ ୧୮ ତାରିଖ, ସଂଗ୍ରହାଳୟ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୩ମି. ଗତେ ଘ.୦୬।୦୫ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ. ୧୧।୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୫୭ମି. ମଧ୍ୟେ ରାହୁକାଳ।

Azadi Ka Amrit Mahotsav
PM Gati Shakti National Master Plan for Multi-Modal Connectivity

# ବିକାଶର ଦ୍ରୁତ ପଥରେ ଓଡ଼ିଶାକୁ ଉପସ୍ଥାପିତ କରିବା ପାଇଁ ଭାରତ ସରକାରଙ୍କ ପ୍ରୟାସ
## ୮୨୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ସହିତ




ପତାକା ଦେଖାଇ ହେବ ଶୁଭାରମ୍ଭ

## ପୁରୀ-କୋଲକତା (ହାୱଡା) ବନ୍ଦେ ଭାରତ ଏକ୍ସପ୍ରେସ୍

. ଓଡ଼ିଶା ରାଜ୍ୟ ପାଇଁ ପ୍ରଥମ ବନ୍ଦେ ଭାରତ . ଆତ୍ମନିର୍ଭର ଭାରତ ଅଧୀନ ସ୍ୱଦେଶୀ ଉତ୍ପାଦ . ଶ୍ରୀଜଗନ୍ନାଥ ମନ୍ଦିର, ସ୍ୱର୍ଣ୍ଣ ବେଳାଭୂମି, କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ବୁଲି ଆସୁଥିବା ପର୍ଯ୍ୟଟକ ବିଶେଷ କରି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଉପକୃତ ହେବେ . ଦ୍ରୁତତର ତ୍ୱରାନ୍ୱୟନ ; ଯାତ୍ରା ସମୟ ହାରାହାରି ଏକ ଘଣ୍ଟା ତିରିଶ ମିନିଟ ସଞ୍ଚୟ .ଟ୍ରେନ୍ ଧକ୍କା ପ୍ରତିରୋଧ ପାଇଁ ଉପଯୋଗୀ କବଚ . ୩୬୦ ଡ଼ିଗ୍ରୀ ଘୂର୍ଣ୍ଣନ ବ୍ୟବସ୍ଥା ସମ୍ପନ୍ନ ଚେୟାର କାର୍ ସମୂହରେ ଏର୍ଗୋନୋମିକ ରିକ୍ଲାଇନିଂ ଆସନ . ଉତ୍ତମ ଅଗ୍ନି ନିରାପତ୍ତା . କୋଚ ଗୁଡ଼ିକରେ ସିସିଟିଭି ବ୍ୟବସ୍ଥା . ଦିବ୍ୟାଙ୍ଗଜନ ଅନୁକୂଳ ୱାସ ରୁମ , ସିଟ୍ ହ୍ୟାଣ୍ଡେଲ ଓ ବ୍ରେଲିଲିପି ଆଧାରିତ ସିଟ ସଂଖ୍ୟା . ଇନଫୋଟେନମେଣ୍ଟ ପ୍ରଣାଳୀ . ପୁରୀ, ଭୁବନେଶ୍ୱର, କଟକ ଓ ବାଲେଶ୍ୱର ଷ୍ଟେସନରେ ସହାୟତା ପାଇଁ ଫୁଟ୍ ଫଲ୍‌ର ବୃଦ୍ଧି

ହେବ ଶିଳାନ୍ୟାସ

## ପୁରୀ ଓ କଟକ ରେଳ ଷ୍ଟେସନର ପୁନଃଉନ୍ନତିକରଣ

. ସ୍ଥାନୀୟ ମନ୍ଦିର ସମୂହର ସ୍ଥାପତ୍ୟ ଦ୍ୱାରା ପ୍ରେରଣା ଆଧାରରେ ଦିନକୁ ୪ଲକ୍ଷ ଯାତ୍ରୀଙ୍କ ପରିଚାଳନା ସାମର୍ଥ୍ୟ ନିମନ୍ତେ ପୁରୀ ଷ୍ଟେସନର ହେବ ପୁନଃ ଉନ୍ନତିକରଣ . ବିଶ୍ୱ ଶ୍ରେଣୀୟ ସୁବିଧା ଯଥା : ସଂପ୍ରସାରିତ ରୁଫ ପ୍ଲାଜା ବିଭାଜିତ ପ୍ରବେଶ ଓ ପ୍ରସ୍ଥାନ ପଥ, ସୋଲାର ପ୍ୟାନେଲ , ଜଳ ସଂରକ୍ଷଣ ଓ ବର୍ଷା ଜଳ ଅମଳ ବ୍ୟବସ୍ଥା . ଦକ୍ଷ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ସଲିଡ଼ ୱେଷ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥା ସଂପର୍ଣ୍ଣ ଆଧୁନିକ ଗ୍ରୀନ ବିଲ୍ଡିଂ . ଲୋକଙ୍କ ଭବିଷ୍ୟତ ଆବଶ୍ୟକତାକୁ ସହାୟତା କରିବା ପାଇଁ ଡିଜାଇନ ଓ ବିକାଶ ଉପରେ ଗୁରୁତ୍ୱ .

ଉଦ୍‌ଘାଟନ ହେବ

## ବିଛୁପାଲି-ଝରତରଭା ନୂଆ ରେଳ ଲାଇନ୍

. ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ପ୍ରକଳ୍ପର ଅଂଶ ଯାହାରକି ବଲାଙ୍ଗୀର ସହିତ ସଂଯୋଗିକତାରେ ଉନ୍ନତି ଅଣାଯିବ
. ପ୍ରଥମଥର ପାଇଁ ଓଡିଶାର ସୁବର୍ଣ୍ଣପୁର ଜିଲ୍ଲାରେ ରେଳବାଇ ଟ୍ରାକ୍‌ର ଉପଲବ୍ଧି

ଜାତିପ୍ରତି ଉତ୍ସର୍ଗ

### ସମ୍ବଲପୁର-ଟିଟିଲାଗଡ ରେଳପଥର ଦୋହରୀକରଣ (୧୮୨କିଲୋମିଟର)

. ଓଡିଶାର ପଶ୍ଚିମାଞ୍ଚଳରେ ଇସ୍ପାତ, ଶକ୍ତି ଓ ଖଣି ଉଦ୍ୟୋଗ ସମୂହର ଶିଳ୍ପାଞ୍ଚଳରେ ଉନ୍ନତି ଆଣିବା

### ଅନୁଗୁଳ-ସୁକିନ୍ଦା ରୋଡ ମଧ୍ୟରେ ନୂଆ ଲାଇନ୍ (୧୦୪କିଲୋମିଟର)

. ଆଇରନ୍‌ଓର୍ ସମୃଦ୍ଧ ଅଞ୍ଚଳ(ଯୋଡା-ବଡବିଲ ) ଅବସ୍ଥିତ ଇସ୍ପାତ ଓ ସ୍ପଞ୍ଜ ଶିଳ୍ପ ସମୂହ ସହ ସଂଯୋଗ .ତାଳଚେର କୋଇଲା ମାଇନିଂ ବେଲ୍ଟ ଏବଂ କଳିଙ୍ଗନଗରର ଥର୍ମାଲ ପାୱାରପ୍ଲାଣ୍ଟ ମଧ୍ୟରେ ଥିବା ରୁଟ୍‌କୁ ଭିଡମୁକ୍ତ ତଥା ଅପେକ୍ଷାକୃତ ଦୂରତା କମ୍ କରିବା . କଳିଙ୍ଗନଗରରୁ ମୁମ୍ବାଇ ଏବଂ ଦିଲ୍ଲୀ ଭାୟା ତାଳଚେର-ସମ୍ବଲପୁର-ଝାରସୁଗୁଡା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଥିବା ଇସ୍ପାତ ଉତ୍ପାଦଗୁଡିକର ପ୍ରେରଣକୁ ଶସ୍ତା ତଥା ଦୂରତା ହ୍ରାସ କରିବା

### ମନୋହରପୁର-ରାଉରକେଲା-ଝାରସୁଗୁଡା-ଜାମଗା ମଧ୍ୟରେ ତୃତୀୟ ଲାଇନ୍ (୧୮୪ କିଲୋମିଟର)

. ଝାରସୁଗୁଡା ଅଞ୍ଚଳରେ ଥିବା ପାୱାର ଆଣ୍ଡ ଷ୍ଟିଲପ୍ଲାଣ୍ଟଗୁଡିକୁ ମହାନଦୀ କୋଲ ଫିଲ୍‌ଡସ (ଏମସିଏଲ )ରୁ କୋଇଲା ଏବଂ ମାଇନିଂ କ୍ଷେତ୍ରଗୁଡିକରୁ ଆଇରନ୍ ଓର୍‌ର ପରିବହନରେ ସହାୟତା . ରୁଟରେ ବର୍ଦ୍ଧିତ ପରିବହନ ସାମର୍ଥ୍ୟ ଏବଂ ବର୍ଦ୍ଧିତ ହାରାହାରି ବେଗ . ଟ୍ରେନ୍ ସେବାଗୁଡିକୁ ଅଧିକ ବ୍ୟବସ୍ଥିତ କରିବା

### ଓଡିଶା ରାଜ୍ୟରେ ରେଳ ନେଟୱର୍କର ୧୦୦ପ୍ରତିଶତର ବିଦ୍ୟୁତିକରଣ

୨୦୩୦ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ଅଭିମୁଖେ ଭାରତର ରେଳବାଇକୁ ପହଞ୍ଚାଇବାରେ ଅନ୍ୟତମ ପଦକ୍ଷେପ

ଦ୍ୱାରା

## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ
(ଭିଡିଓ କନଫରେନ୍ସିଂ ଜରିଆରେ)

୧୮ ମଇ, ୨୦୨୩ | ପୂର୍ବାହ୍ନ ୯.୩୦ | ପୁରୀ ରେଳୱେ ଷ୍ଟେସନ

| ଟ୍ରେନ ନଂ ୨୨୮୯୫ କୋଲକାତା (ହାୱାଡା)-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ (ଛାଡିବ) | (ପହଞ୍ଚିବ) | ଷ୍ଟେସନ | ଟ୍ରେନ ନଂ ୨୨୮୯୬ ପୁରୀ-କୋଲକାତା (ହାୱାଡା) ବନ୍ଦେ ଭାରତ ଏକ୍ସପ୍ରେସ (ଛାଡିବ) | (ପହଞ୍ଚିବ) |
|---|---|---|---|---|
| ୦୬:୧୦ | -- | ହାଓଡ଼ା ଜଙ୍କସନ | -- | ୨୦:୩୦ |
| -- | ୧୨:୩୫ | ପୁରୀ | ୧୩:୫୦ | -- |

ଷ୍ଟପେଜ : ଖଡଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର-କେଉଁଝର ରୋଡ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଯାତ୍ରାର ଦିନ : ସପ୍ତାହରେ ଛଅ ଦିନ (ଗୁରୁବାରକୁ ଛାଡି)

ସମ୍ମାନନୀୟ ଅତିଥିମାନଙ୍କ ଉପସ୍ଥିତିରେ

**ପ୍ରଫେସର ଗଣେଶୀ ଲାଲ** – ମାନ୍ୟବର ରାଜ୍ୟପାଳ (ଓଡିଶା)
**ନବୀନ ପଟ୍ଟନାୟକ** – ମାନ୍ୟବର ମୁଖ୍ୟମନ୍ତ୍ରୀ (ଓଡିଶା)
**ଧର୍ମେନ୍ଦ୍ର ପ୍ରଧାନ** – ମାନ୍ୟବର କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ
**ଅଶ୍ୱିନୀ ବୈଷ୍ଣବ** – ମାନ୍ୟବର କେନ୍ଦ୍ର ରେଳପଥ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି କେନ୍ଦ୍ରମନ୍ତ୍ରୀ, ଭାରତ ସରକାର

/RailMinIndia
ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
ଭାରତୀୟ ରେଳପଥ
www.indianrailways.gov.in

ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। –ଶ୍ରୀଅରବିନ୍ଦ



# ଜଗତୀକରଣ ଓ ସବୁଜ ବିଶ୍ୱ




ଓଲିଭିଆ ହ୍ୱାଇଟ
ଡାଇରେକ୍ଟର ଅଫ୍ ଦି ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ

ମେକାଲା କ୍ରିଷ୍ଣନ
ପାର୍ଟନର, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ

ଜଳବାୟୁ ଲକ୍ଷ୍ୟ ବିଶେଷକରି ସବୁଜଗୃହ ବାଷ୍ପଗୁଡ଼ିକ (ଜିଏଚ୍‌ଜିଏସ୍)ର ଶୂନ ନିର୍ଗମନ ସ୍ତର କିଭଳି ହାସଲ କରାଯାଇପାରିବ ସେ ସମ୍ପର୍କରେ ବିତର୍କ ଚାଲିଛି। କେତେଜଣ ଯୁକ୍ତି ବାଢ଼ନ୍ତି ଯେ, ଏକ ସହନୀୟ ଅର୍ଥବ୍ୟବସ୍ଥାରେ ଉତ୍ପାଦନ ଓ ପରିବହନ ଭିତ୍ତିକ ବାଣିଜ୍ୟରୁ ଜିଏଚ୍‌ଜିଏସ୍ ସୃଷ୍ଟି ହେଉଥିବାରୁ ଏହାର ଜଗତୀକରଣ ହେବା ଉଚିତ ନୁହେଁ। କିନ୍ତୁ ମ୍ୟାକ୍ କିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା କରାଯାଇଥିବା ଗବେଷଣା ସ୍ପଷ୍ଟ କରେ ଯେ, ଏହାର ବିପରୀତ ହିଁ ସତ୍ୟ। ଅର୍ଥାତ୍ ଶୂନ ନିର୍ଗମନ ଲାଗି ଜଗତୀକରଣର ଆବଶ୍ୟକତା ରହିଛି। କିନ୍ତୁ ଶୂନ ନିର୍ଗମନରେ ପହଞ୍ଚିବାକୁ ଆବଶ୍ୟକ ସାମଗ୍ରୀ, ନୂତନତ୍ୱ ଏବଂ ପୁଞ୍ଜି ସମାନ ଭାବେ ବଣ୍ଟନ କରାଯାଇନାହିଁ। ସେଥିପାଇଁ ସାରା ବିଶ୍ୱରେ ଏହାକୁ ଶେୟାର କରାଯିବା ଦରକାର। ବିଭିନ୍ନ ଦେଶ ମଧ୍ୟରେ ସାମଗ୍ରୀ, ସେବା, ଫାଇନାନ୍ସ କାରବାର ଉପରେ ଗୁରୁତ୍ୱ ନ ଦେଲେ ବିଶ୍ୱତାପନକୁ ସୀମିତ କରିବା ଏକ ବଡ଼ ଆହ୍ୱାନ ହୋଇଯିବ। ବିଶ୍ୱ ବାଣିଜ୍ୟ ସଂଗଠନ ତାହାର ସଦ୍ୟତମ ବାର୍ଷିକ ରିପୋର୍ଟରେ ଏହି ସମାନ ପ୍ରକାର ସିଦ୍ଧାନ୍ତରେ ବି ପହଞ୍ଚିଛି। ବାଣିଜ୍ୟ କିଭଳି ନିର୍ଗମନ ହ୍ରାସ କରିବା ସହ ଜଳବାୟୁ ସହନୀୟ ସ୍ଥିତି ଗଢିବାରେ ସାହାଯ୍ୟ କରେ ସେ ସମ୍ପର୍କରେ ଏହା ଆଲୋକପାତ କରିଛି। ନିର୍ଗମନ ହ୍ରାସ କରିବା ଲାଗି ପ୍ରାରମ୍ଭିକ ପ୍ରୟାସ କରୁଥିବା ଦେଶଗୁଡ଼ିକର ଅର୍ଥବ୍ୟବସ୍ଥା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ରାଷ୍ଟ୍ର ସ୍ତରରେ ଶୂନ ନିର୍ଗମନ ସ୍ତର ହାସଲ କରିବା ପାଇଁ ଆବଶ୍ୟକ ଉତ୍ପାଦକ ସାମଗ୍ରୀ ଓ ନିବେଶ ଅତ୍ୟଧିକ ହେବା ଉଚିତ। କେବଳ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଏବେ ଉତ୍ପାଦନ ହେଉଥିବା ଉତ୍ପାଦଗୁଡ଼ିକ ଅନ୍ୟସବୁ ଅଞ୍ଚଳ ଓ କ୍ଷେତ୍ରରେ ଉପଲବ୍ଧ କରାଇବାକୁ ହେବ। ଉଦାହରଣ ସ୍ୱରୂପ, ବିଶ୍ୱ ସ୍ତରରେ ବୈଦ୍ୟୁତିକ ଯାନର ବ୍ୟାଟେରିର ମୁଖ୍ୟ ଉପାଦାନ ଲିଥିୟମର ୭୫% ଯୋଗାଣ ଏବେ ଅଷ୍ଟ୍ରେଲିଆ ଓ ଚିଲିରୁ ହେଉଛି।

ଶକ୍ତି, ପରିବହନ ଏବଂ ଭାରି ଶିଳ୍ପ ସମେତ ଅତ୍ୟଧିକ ସବୁଜଗୃହ ବାଷ୍ପ ନିର୍ଗମନ କରୁଥିବା ସେକ୍ଟରଗୁଡ଼ିକୁ କାର୍ବନ ନିର୍ଗମନ ମୁକ୍ତ କରିବାକୁ ହେଲେ କମ୍ ନିର୍ଗମନ ଟେକ୍‌ନୋଲୋଜି ଏବଂ ସହଯୋଗଭିତ୍ତିକ ଭିତ୍ତିଭୂମି ଦରକାର । ଅନ୍ୟପକ୍ଷରେ ଏହିସବୁ ଆସେଟ୍‌କୁ ନିର୍ମାଣ କରି ସଞ୍ଚାଳନ କରିବା ଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ ଇନ୍‌ପୁଟ୍ ଯଥା ନୂଆ ମିନେରାଲ ଉତ୍ସ, ନୂଆ ଇନ୍ଧନ ଏବଂ ବ୍ୟାପକ କମ୍ପ୍ଲେକ୍ସ ମାନୁଫାକ୍‌ଚରିଂ ଉପରେ ନିର୍ଭର କରିବ। ଏସବୁ ସୃଷ୍ଟି କରିବା ଲାଗି ପରସ୍ପର ମଧ୍ୟରେ ରହିଥିବା ଯୋଗାଣ ଚେନ୍‌ଗୁଡ଼ିକର ଅନ୍ତର୍ଜାତୀୟ ନେଟ୍‌ୱର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କପର, ଲିଥିୟମ ସମେତ ଅନ୍ୟ ମିନେରାଲ୍ସ ଏବଂ ପୃଥିବୀର ବିରଳ ଧାତୁ ବିଷୟରେ ବିଚାର କରାଯାଉ। ବୈଦ୍ୟୁତିକ ଯାନ ଉତ୍ପାଦନ, ଅକ୍ଷୟ ଶକ୍ତି ଏବଂ ବ୍ୟାପକ ବିଦ୍ୟୁତୀକରଣ ପାଇଁ ଏ ମିନେରାଲସ୍ ଓ ଧାତୁର ଗୁରୁତ୍ୱକୁ ଦେଖିଲେ ଶୂନ ନିର୍ଗମନ ସ୍ତର ହାସଲ କରିବା ଜଟିଳ ମନେହେଉଛି।



ତଥାପି ସେହି ଲକ୍ଷ୍ୟରେ ପହଞ୍ଚିବାକୁ ଯୋଗାଣକୁ ବୃଦ୍ଧି କରିବାକୁ ହେବ। କେତେକ କ୍ଷେତ୍ରରେ ଏହାକୁ ୮ଗୁଣ ବଢ଼ାଇବାକୁ ପଡ଼ିବ। ସମ୍ପୂର୍ଣ୍ଣ ନୂଆ ଯୋଗାଣରେ ଏହି ସବୁ ମିନେରାଲ୍ସ ମଧ୍ୟରୁ ଅନେକ ଯୋଗାଇବାକୁ ହେବ। ଏଥିପାଇଁ ବିଶ୍ୱସ୍ତରରେ ଦରକାର ବାଣିଜ୍ୟ, କାରଣ ଏଗୁଡ଼ିକର ଉତ୍ତୋଳନ ଏବଂ ବିଶୋଧନ ଭୌଗୋଳିକ ରୂପେ ବିଫଳ ହୋଇଛି। ବିଶ୍ୱର ୭୦% କୋବାଲ୍ଟ ଅଛି କଙ୍ଗୋରେ । ବିଶ୍ୱରେ ଗଚ୍ଛିତ ମୋଟ ନିକେଲର ଏକ ତୃତୀୟାଂଶ ଇଣ୍ଡୋନେସିଆରେ ଉତ୍ତୋଳନ ହେଉଛି। ଚାଇନା ଗୁରୁତ୍ୱପୂର୍ଣ୍ଣ ତଥା ସହଜରେ ଉପଲବ୍ଧ ହେଉ ନ ଥିବା ମିନେରାଲ୍ସ ଲିଥିୟମ, କୋବାଲ୍ଟ ଏବଂ ଗ୍ରାଫାଇଟର ପ୍ରୋସେସିଂ କରୁଛି। କିନ୍ତୁ ପ୍ରମୁଖ ପଦକ୍ଷେପ ଓ ଟେକ୍‌ନୋଲୋଜି ପାଇଁ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରୁଛି। ଜାପାନ ଓ ଦକ୍ଷିଣ କୋରିଆ ଶୁଦ୍ଧ ଗ୍ରାଫାଇଟରେ ସ୍ୱତନ୍ତ୍ରତା ହାସଲ କରିଛନ୍ତି।

ଶୂନ ନିର୍ଗମନ ସ୍ତରକୁ ଆସିବା ଲାଗି ନୂଆ ଇନ୍ଧନ ଆବଶ୍ୟକ ହେଉଥିବାରୁ ଉଦ୍‌ଜାନ ଓ ଏଥିରୁ ନିସୃତ ପଦାର୍ଥଗୁଡ଼ିକର ଅନେକ କ୍ଷେତ୍ରରେ ଆବଶ୍ୟକତା ରହିଛି। ବିଶେଷକରି ଲମ୍ବା ପଥ ମାଲ ପରିବହନ ଏବଂ ଷ୍ଟିଲ ଉତ୍ପାଦନ ପାଇଁ ଉଦ୍‌ଜାନ ଉପଯୋଗର ଗୁରୁତ୍ୱ ଅଧିକ। କିନ୍ତୁ ଏ କ୍ଷେତ୍ରରେ ଯୋଗାଣ ଉତ୍ସ ଓ ଚାହିଦା ମଧ୍ୟରେ ଏକ ଭୌଗୋଳିକ ଅସମାନତା ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଆକଳନ କରିଛି ଯେ, ଏବେ ବିକାଶ କରାଯାଇଥିବା ପ୍ରୋଜେକ୍ଟକୁ ଯଦି ଯୋଜନା ମୁତାବକ ଶେଷ କରାଯାଏ ତେବେ ୨୦୩୦ ସୁଦ୍ଧା କମ୍ ନିର୍ଗମନ କ୍ଷମତାସମ୍ପନ୍ନ ପ୍ରାୟ ୧୨ ମିଲିୟନ ଟନ୍ ହାଇଡ୍ରୋଜେନ ରପ୍ତାନି କରାଯାଇପାରିବ। ଶେଷରେ, ଉତ୍ପାଦିତ ସାମଗ୍ରୀ ଯଥା ସୋଲାର ପ୍ୟାନେଲ ଏବଂ ବୈଦ୍ୟୁତିକ ଯାନର ବ୍ୟବହାର ମଧ୍ୟ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରକରେ। ପୁଞ୍ଜି, ସାଧନ ଓ ସେବାର ବାଣିଜ୍ୟ କ୍ଷେତ୍ରରେ ଦେଶଗୁଡ଼ିକର ବ୍ୟାପକ ଭାଗୀଦାରି ନୂତନତ୍ୱକୁ ପ୍ରୋତ୍ସାହିତ କରିବ ଓ ଦକ୍ଷତା ବଢାଇବ ଏବଂ ଏହା ଟେକ୍‌ନୋଲୋଜିର ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ।

ଏବକାର ଉତ୍ପାଦିତ ସାମଗ୍ରୀସବୁର ବାଣିଜ୍ୟକୁ ଆହୁରି ସମ୍ପ୍ରସାରିତ କରିବା ଜଗତୀକରଣ ପାଇଁ ଅତ୍ୟାବଶ୍ୟକ। ଏକ ସହନୀୟ ଭବିଷ୍ୟତ ନିଶ୍ଚିତ କରିବା ପାଇଁ ବିପୁଳ ନିବେଶ ଦରକାର। ଶୂନ ନିର୍ଗମନ ସ୍ତର ହାସଲ କରିବା କ୍ଷେତ୍ରରେ ଜିଡିପିର ଶେୟାର ଭାବେ ବିକାଶଶୀଳ ଦେଶଗୁଡ଼ିକ ବିକଶିତ ଦେଶଗୁଡ଼ିକଠାରୁ ଅଧିକ ବ୍ୟୟ କରିବାର ସମ୍ଭାବନା ରହିଛି। କିନ୍ତୁ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ କ୍ଷେତ୍ରରେ ନିବେଶ କରିବା ପାଇଁ ସୀମିତ ବିତ୍ତୀୟ ସୁଯୋଗ ରହିଛି। ଏଣୁ ବିଶ୍ୱରେ ଅନେକ ଅର୍ଥ ବ୍ୟବସ୍ଥା ଲାଗି ସୀମାପାର ବିତ୍ତୀୟ ସହଯୋଗ ଆବଶ୍ୟକ ହେବ। ଉତ୍କୃଷ୍ଟ ନୂତନ ଟେକ୍‌ନୋଲୋଜି ବିକାଶ କରିବା ଓ ତାହାକୁ ବ୍ୟବହାର କରିବାରେ ନୂତନତ୍ୱର ମଧ୍ୟ ସମାନ ଗୁରୁତ୍ୱ ରହିଛି। ଏଥିପାଇଁ ଦେଶ ଦେଶ ମଧ୍ୟରେ ତଥ୍ୟ, ସେବା, ବୌଦ୍ଧିକ ସମ୍ପତ୍ତି ଓ କୁଶଳୀ କର୍ମଚାରୀ ପହଞ୍ଚାଇବା ଆବଶ୍ୟକ। ଏହା ଆବିଷ୍କାରକୁ ଉତ୍ସାହିତ କରିବା ସହ ଉତ୍ପାଦନ ମୂଲ୍ୟ ହ୍ରାସ ଘଟାଇବ ଏବଂ ଅଧିକ ସାଧନ ମିଳିପାରିବ।

ବିଶ୍ୱର ଅର୍ଥ ବ୍ୟବସ୍ଥାଗୁଡ଼ିକ ଯୋଗାଣ ଶୃଙ୍ଖଳର ବିବିଧୀକରଣ ଓ ଆଞ୍ଚଳିକୀକରଣ କରିବାକୁ ଯଦି ଏହି ରଣନୀତିଗୁଡ଼ିକ ଲାଗୁ କରନ୍ତି ତେବେ ଅତ୍ୟଧିକ ପୁଞ୍ଜି ଓ ଆସେଟ ଦରକାର ପଡ଼ିବ। ଉଦାହରଣ ସ୍ୱରୂପ, ବୈଦ୍ୟୁତିକ ଯାନ ବ୍ୟାଟେରି ଉତ୍ପାଦନ କରିବା ପାଇଁ ଅନେକ ବିଲିୟନ ଡଲାର ବ୍ୟୟ ହୋଇପାରେ। ଏପରିକି ଏବକାର ଅଧିକ ଯୋଗାଯୋଗଭିତ୍ତିକ ବିଶ୍ୱରେ ଏକ ଉପଯୋଗୀ, ସୁରକ୍ଷିତ ଏବଂ ଶସ୍ତାରେ ଶୂନ ନିର୍ଗମନ ହାସଲ କରିବା ଲାଗି ଅନ୍ତର୍ଜାତୀୟ ସ୍ତରରେ ଅତ୍ୟଧିକ ସେବା, ଜ୍ଞାନ, ଟେକ୍‌ନୋଲୋଜି, ଆସେଟଗୁଡ଼ିକୁ ପହଞ୍ଚାଇବା ସକାଶେ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଉତ୍ପାଦନର ନୂତନ ଉତ୍ସ ବିକଶିତ କରିବା ଦରକାର, ନୂଆ ଯୋଗାଣକାରୀ ସମ୍ପର୍କ ସ୍ଥାପନ ଏବଂ ବୈଶ୍ୱିକ ଏକୀକରଣର ନୂଆ ଢାଞ୍ଚାର ସନ୍ଧାନ କରିବାକୁ ହେବ। ମନେରଖିବାକୁ ହେବ ଯେ, ଭୂରାଜନୈତିକ ଉତ୍ତେଜନା ବୃଦ୍ଧି କଲେ ଏହି କାର୍ଯ୍ୟ ଅଧିକ ଜଟିଳ ଓ ଆହ୍ୱାନପୂର୍ଣ୍ଣ ହୋଇଯିବ। ଜଳବାୟୁ ପ୍ରଭାବକୁ ରୋକି ସବୁଜ ବିଶ୍ୱ ଗଢିବାକୁ ହେଲେ ବିକଳ୍ପ ରୂପେ ଜଗତୀକରଣ ଉପରେ ଗୁରୁତ୍ୱ ଦେବାକୁ ହେବ। କିନ୍ତୁ ଏହାକୁ ଏଡାଇ ଗଲେ ଜଳବାୟୁର ପ୍ରଭାବ ଆହୁରି ଯନ୍ତ୍ରଣାଦାୟକ ହୋଇଯିବ।

## ଧୂଳିକଣାରେ ରୁନ୍ଧିହେଉଛି ସହର



ନାରାୟଣ ଚନ୍ଦ୍ର ବିଶ୍ୱାଳ

ସହରୀ ସଭ୍ୟତାର ଅଭିବୃଦ୍ଧି ସହ ତାଳଦେଇ ବଢୁଛି ବାୟୁ ପ୍ରଦୂଷଣ। ବହୁ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ଏହାର ପ୍ରମୁଖ କାରଣ ପାଲଟିଛି। ସହରର ବାୟୁରେ ବର୍ଦ୍ଧିତ ଧୂଳିକଣାର ପରିମାଣ ଜନଜୀବନକୁ କ୍ଷତି ପହଞ୍ଚାଉଛି। ଏହାର ପ୍ରଭାବରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କଟକ ସହରର ତିନି ସ୍ଥାନରେ ବାୟୁ ପ୍ରଦୂଷଣକୁ ମାପିବା ପାଇଁ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାଦ୍ୱାରା ବାୟୁରେ ଥିବା ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଶ୍ୱାସକ୍ରିୟାରେ ନେଇ ହେଉଥିବା ୧୦ ମାଇକ୍ରନରୁ କମ୍ ଓ ୨.୫ ମାଇକ୍ରନ୍‌ରୁ କମ୍ ଆକାର ବିଶିଷ୍ଟ ଧୂଳିକଣାର ପରିମାଣକୁ ପରୀକ୍ଷା କରାଯାଉଛି। ବାଦାମବାଡ଼ି ଟ୍ରାଫିକ୍ ଟାୱାର, ସୂର୍ଯ୍ୟବିହାରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ କୋଠା, ବାରବାଟୀ ଷ୍ଟାଡିୟମ ନିକଟସ୍ଥ ପିଏଚ୍‌ଡି ଅଫିସଠାରେ ଏହି ଯନ୍ତ୍ରଗୁଡ଼ିକୁ ଭୂମିଠାରୁ ୩ ମିଟର ଉଚ୍ଚତାରେ ସ୍ଥାପନ କରାଯାଇଛି। ସୋମବାର ଓ ଗୁରୁବାର ବାଦାମବାଡ଼ିରେ, ମଙ୍ଗଳବାର ଓ ଶୁକ୍ରବାର ସୂର୍ଯ୍ୟବିହାରରେ, ବୁଧବାର ଓ ଶନିବାର ବାରବାଟୀ ଷ୍ଟାଡିୟମ ନିକଟରେ ଯନ୍ତ୍ରରୁ ୪ଟି ପର୍ଯ୍ୟାୟରେ ବାୟୁର ନମୁନା ସଂଗ୍ରହ କରାଯାଉଛି। ସକାଳ ୬ଟାରୁ ଆରମ୍ଭ କରି ରାତି ୧୦ଟା ଯାଏ ପ୍ରତି ୪ଘଣ୍ଟା ଅନ୍ତରରେ ସଂଗୃହୀତ ବାୟୁକୁ ଆଞ୍ଚଳିକ କାର୍ଯ୍ୟାଳୟସ୍ଥିତ ଲାବୋରେଟୋରିକୁ ଆଣି ପରୀକ୍ଷା କରାଯାଉଛି। ପ୍ରତି ମାସରେ ନିୟମିତ ଏହି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଉଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସୁପାରିସ ଅନୁସାରେ, ପ୍ରତି ଘନମିଟର ବାୟୁରେ ମାଇକ୍ରୋଗ୍ରାମ ଏକକରେ ଦୈନିକ ହାରାହାରି ସଲ୍‌ଫର ଡାଇଅକ୍ସାଇଡର ମାତ୍ରା ୮୦, ନାଇଟ୍ରୋଜେନ ଡାଇଅକ୍ସାଇଡର ମାତ୍ରା ୧୦, ୧୦ ମାଇକ୍ରନରୁ କମ୍ ଆକାର ଧୂଳିକଣାର ମାତ୍ରା ୧୦୦ ଓ ୨.୫ ମାଇକ୍ରନରୁ କମ୍ ଆକାର ଧୂଳିକଣାର ମାତ୍ରା ୬୦ ରହିଲେ କ୍ଷତିକାରକ ନୁହେଁ। ମାତ୍ର ୨୦୧୪-୧୫ରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ରିପୋର୍ଟ ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ିଠାରେ ୧୯୨, ସୂର୍ଯ୍ୟବିହାରଠାରେ ୧୬୧ ଓ ବାରବାଟୀ ଷ୍ଟାଡିୟମଠାରେ ୩୪୪ ରହିଥିଲା। ପ୍ରତି ଘନମିଟର ବାୟୁରେ ୨.୫ ମାଇକ୍ରନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ିଠାରେ ୮୭, ସୂର୍ଯ୍ୟବିହାରଠାରେ ୭୭ ଓ ବାରବାଟୀ ଷ୍ଟାଡିୟମଠାରେ ୮୫ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ ବାଦାମବାଡ଼ିଠାରେ ୧୦୧ ଦିନ, ସୂର୍ଯ୍ୟବିହାରରେ ୧୦୨ ଦିନ ଓ ବାରବାଟୀ ଷ୍ଟାଡିୟମଠାରେ ୯୭ ଦିନ ତଥ୍ୟ ନିଆଯାଇଥିଲା। କଟକରେ ଅନ୍ୟ ଉପାଦାନଗୁଡ଼ିକ ନିରାପଦ ପରିମାଣରେ ଥିବାବେଳେ ଧୂଳିକଣାର ହାରାହାରି ମାତ୍ରା ୨ଗୁଣରୁ ୩ଗୁଣ ବିପଦରେ ରହିଛି। ଭୁବନେଶ୍ୱର ସହରରେ ୫ଟି ସ୍ଥାନରେ ଲାଗିଥିବା ବାୟୁ ପ୍ରଦୂଷଣ ମାପ ଯନ୍ତ୍ରଗୁଡ଼ିକରୁ ମିଳିଥିବା ତଥ୍ୟରୁ ପ୍ରଦୂଷଣ ମାତ୍ରା କେତେକ ସ୍ଥାନରେ କଟକଠାରୁ କମ୍ ଥିବାବେଳେ କେତେକ ସ୍ଥାନରେ ଅଧିକ ଥିବା ଜଣାଯାଇଛି। ଭୁବନେଶ୍ୱରର ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ୟୁନିଟ-୮ରେ ୧୬୨, ନୟାପଲ୍ଲୀ ଆଇଆରସି ଭିଲେଜଠାରେ ୧୨୮, ୟୁନିଟ-୧ରେ ୧୬୧, ପଳାଶୁଣିଠାରେ ୧୨୫, ପାତ୍ରପଡ଼ାଠାରେ ୧୪୬ ଏବଂ ୨.୫ ମାଇକ୍ରନ ଧୂଳିକଣାର ହାରାହାରି ପରିମାଣ ୟୁନିଟ-୮ରେ ୮୭, ନୟାପଲ୍ଲୀ ଆଇଆରସି ଭିଲେଜଠାରେ ୮୨, ୟୁନିଟ-୧ରେ ୯୯, ପଳାଶୁଣିଠାରେ ୭୫, ପାତ୍ରପଡାଠାରେ ୮୩ ରହିଛି। ଉଲ୍ଲେଖଯୋଗ୍ୟ ଯେ ୟୁନିଟ-୮ଠାରେ ୯୧ ଦିନ, ନୟାପଲ୍ଲୀ ଆଇଆରସି ଭିଲେଜଠାରେ ୯୩ ଦିନ, ୟୁନିଟ-୧ରେ ୯୨ ଦିନ, ପଳାଶୁଣିଠାରେ ୭୮ ଦିନ, ପାତ୍ରପଡାଠାରେ ୮୬ ଦିନ ତଥ୍ୟ ସଂଗ୍ରହ କରାଯାଇଥିଲା। ସହରରେ ବହୁସଂଖ୍ୟକ ଗାଡ଼ିରୁ ନିର୍ଗତ ଧୂଆଁ, ସେଗୁଡ଼ିକର ଚଳାଚଳ ଯୋଗୁ ଉଠୁଥିବା ଧୂଳି, ଖୋଲାଯାନରେ ମାଲ ପରିବହନ, ନିର୍ମାଣ ସାମଗ୍ରୀ ବିକ୍ଷିପ୍ତ ଭାବେ ପକାଇବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଏସବୁ ପ୍ରତି ଜନସାଧାରଣଙ୍କଠାରୁ ଆରମ୍ଭ କରି ପ୍ରଶାସନ ଯାଏ ସମସ୍ତେ ସଚେତନ ହେଲେ ପ୍ରଦୂଷଣକୁ କେତେକାଂଶରେ ରୋକାଯାଇପାରିବ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନି,
କାଠଗୋଲାରୋଡ୍, ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

ହିମାଳୟରୁ ପ୍ଲାଷ୍ଟିକ ବର୍ଜ୍ୟ ସଫା କରି ପରିବେଶ ସୁରକ୍ଷାର ବର୍ତ୍ତା ଦେଉଛନ୍ତି ହରିୟାଣାର ପ୍ରଦୀପ ସାଙ୍ଗବାନ୍। ସେ ୨୦୧୬ ମସିହାରୁ ହିମାଚଳପ୍ରଦେଶରେ ଦୁର୍ଗମ ହିମାଳୟ ଅଞ୍ଚଳରୁ ବର୍ଜ୍ୟ ସଫା କରି ଆସୁଛନ୍ତି। ସେ 'ହିଲିଂ ହିମାଳୟ' ସଂସ୍ଥା ମାଧ୍ୟମରେ ଏହି ଅଭିଯାନ ଚଳାଇଛନ୍ତି। ହିମାଳୟକୁ ପ୍ଲାଷ୍ଟିକ ମୁକ୍ତ କରିବାରେ ତାଙ୍କର ଏହି ଅଭିଯାନ ବି ସଫଳ ହୋଇଛି। ପ୍ରତ୍ୟେକ ଦିନ ବର୍ଜ୍ୟ ସଂଗ୍ରହ କେନ୍ଦ୍ରରେ ୫ ଟନ ବର୍ଜ୍ୟ ଗଚ୍ଛିତ ହେଉଛି। ତାଙ୍କର ଏହି ଅଭିଯାନରେ ଅନେକ ହଜାର ଲୋକ ଯୋଡ଼ି ହୋଇଛନ୍ତି। ଏହା ସହ ସ୍ଥାନୀୟ ପ୍ରଶାସନ ଓ ପର୍ଯ୍ୟଟକମାନେ ବି ଏହି ଅଭିଯାନରେ ସହଯୋଗ କରୁଛନ୍ତି। ଏବେ ସୁଦ୍ଧା ହିଲିଂ ହିମାଳୟ ସଂସ୍ଥା ଦ୍ୱାରା ୮୦୦ ଟନ୍ ବର୍ଜ୍ୟ ସଂଗ୍ରହ କରାଯାଇ ସେସବୁକୁ ରିସାଇକ୍ଲିଂ ସେଣ୍ଟରକୁ ପଠାଯାଇସାରିଲାଣି। ପ୍ରଦୀପ ପ୍ରଥମେ ଏକା ଏହି କାର୍ଯ୍ୟ ଆରମ୍ଭ କରିଥିଲେ ଓ ଏହା ତାଙ୍କ ପାଇଁ ବି ଆହ୍ୱାନପୂର୍ଣ୍ଣ ରହିଥିଲା। ତେବେ ଏବେ ତାଙ୍କ ପ୍ରୟାସରେ ହିମାଳୟରୁ ମିଳୁଥିବା ୯୫% ବର୍ଜ୍ୟ ଏଣେତେଣେ ପଡ଼ି ନ ରହି ରିସାଇକ୍ଲିଂ ସେଣ୍ଟରକୁ ଯାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୯୮

- ଏଲ୍‌ଟିଟିଇ ଗେରିଲାମାନଙ୍କ ଗୁଳିମାଡ଼ରେ ଉତ୍ତର ଜାଫନା ସହରର ନବନିର୍ବାଚିତା ମେୟର ସରୋଜିନୀ ଯୋଗେଶ୍ୱରନ୍ ନିହତ।
- ବିବାଦୀୟ ବିଦ୍ୟୁତ୍ ଅଧ୍ୟାଦେଶ ଲାଗୁ କରାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଘୋଷଣା।
- କଳିଙ୍ଗ ଷ୍ଟୁଡିଓର ଘରୋଇକରଣ ଓ କଟକ ଚଳଚ୍ଚିତ୍ର ଭବନର ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଚଳଚ୍ଚିତ୍ର ପ୍ରଯୋଜକମାନଙ୍କ ଦୃଢ଼ ବିରୋଧ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 4 | 8 | 9 | 1 | 5 |
| | 1 | | | | 6 | | | 2 |
| | | | | 9 | | | | |
| | | 4 | | | | | | 7 |
| | | | | 1 | | | | |
| | 7 | | | | | 4 | | 6 |
| | 8 | 1 | | 6 | | | 5 | |
| | 6 | | | | | 3 | | |
| 3 | | 5 | | | | | 7 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 3 | 9 | 7 | 1 | 2 | 6 | 8 |
| 8 | 1 | 7 | 2 | 3 | 6 | 5 | 4 | 9 |
| 2 | 9 | 6 | 5 | 8 | 4 | 7 | 3 | 1 |
| 3 | 8 | 2 | 1 | 9 | 7 | 6 | 5 | 4 |
| 7 | 5 | 1 | 6 | 4 | 3 | 9 | 8 | 2 |
| 4 | 6 | 9 | 8 | 5 | 2 | 1 | 7 | 3 |
| 1 | 3 | 4 | 7 | 6 | 9 | 8 | 2 | 5 |
| 9 | 7 | 5 | 4 | 2 | 8 | 3 | 1 | 6 |
| 6 | 2 | 8 | 3 | 1 | 5 | 4 | 9 | 7 |

ଗତକାଲିର ଉତ୍ତର

# ଚାଇନାର କୂଟନୀତି



ହରେକୃଷ୍ଣ ପଣ୍ଡା

ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଆଗୁଆ ଦେଶ ବୋଲାଇବା ନିଶା ଚାଇନା ରାଷ୍ଟ୍ରପତିଙ୍କୁ ଛାଡ଼ି ନାହିଁ। ନିଜ ଦେଶ ପାଇଁ ବହୁ ସମସ୍ୟା ମୁଣ୍ଡ ଟେକୁଥିବା ବେଳେ ଦକ୍ଷିଣ ଏସିଆ ପାଇଁ ଚାଇନା ରାଷ୍ଟ୍ରପତି ମୁଣ୍ଡ ଖେଳାଇବା ହାସ୍ୟାସ୍ପଦ କଥା। ପଡ଼ୋଶୀ ରାଷ୍ଟ୍ର ଭାବେ ଭାରତକୁ ଏବେ ବି ଚାଇନା ଭାବୁଛି ପାକିସ୍ତାନ ଭଳି ଦୁର୍ବଳ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ଚାଇନା ଋଣଜାଲରେ ଫସାଇ ତଳିତଳାନ୍ତ କଲାପରେ ମଧ୍ୟ ନିଜର ଦାମ୍ଭିକତାକୁ ଛାଡ଼ିପାରୁ ନାହିଁ। ବିଲେଇ ଆଖି ବୁଜି କ୍ଷୀର ପିଇଲା ଭଳି ଚାଇନା ନିଜ ମୁହାଁକୁ ଲୁଚାଇ ନିଜର ବନ୍ଧୁତ୍ୱକୁ ଏମାନଙ୍କ ପାଖରେ ଜାହିର କରୁଛି। ଗୋଆରେ ସାଂଘାଇ ସହଯୋଗ ସଂଗଠନର ବୈଠକ ସରିଲା ପରେ ଚାଇନାର ବୈଦେଶିକ ମନ୍ତ୍ରୀ ଜିନ୍‌ଗାଙ୍ଗ୍ ବିଚଳିତ ହୋଇ ଦୁଇଦିନିଆ ପାକିସ୍ତାନ ଗସ୍ତରେ ଯିବା ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ଭାରତ ପକ୍ଷରୁ ସେହି ସମ୍ମିଳନୀରେ ଯେଉଁ ବୁମେରାଂ ଅସ୍ତ୍ର ଛଡ଼ାଯାଇଥିଲା ତାହା ଚାଇନା ସହ୍ୟ କରିପାରିଲାନାହିଁ। ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବା ମାତ୍ରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଦୃଢ ସ୍ୱରରେ ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ପିଓକେକୁ ଛାଡ଼ିଦେବା ଉଚିତ ବୋଲି ଦାବି କରିଥିଲେ। ଏହି ଦାବି ଚାଇନା ପାଇଁ ଅସହ୍ୟ ହୋଇଥିଲା। ତେଣୁ ଚାଇନା ପାକିସ୍ତାନକୁ ସମର୍ଥନ ଜଣାଇବାକୁ ଯାଇ କହିଲା ଯେ ଭାରତ-ପାକିସ୍ତାନ ମଧ୍ୟରେ କଶ୍ମୀର ବିବାଦ ହେଉଛି ଐତିହାସିକ ଏବଂ କୌଣସି ପ୍ରକାର ଏକପାଖିଆ କାର୍ଯ୍ୟାନୁଷ୍ଠାନ ବଦଳରେ ଜାତିସଂଘ ନିଷ୍ପତ୍ତି ଆଧାରରେ ଏହାର ସମାଧାନ ହେବା ଉଚିତ। ଏଥିରୁ ଜଣାପଡ଼ିଲା ଯେ ଚାଇନା ଜାତିସଂଘକୁ ଟାଣିଓଟାରି ପୂରାଉଛି। ଏହା ଚାଇନାର ବାଚାଳାମି ବୋଲି ସମସ୍ତେ ଉପନୀତ ହେଲେ। ଅନ୍ୟପକ୍ଷେ ଜଣାପଡ଼ିଲା ଯେ ବର୍ତ୍ତମାନ ସମୟରେ ଚାଇନାର ଏକମାତ୍ର ଆଧାର ହେଉଛି ପାକିସ୍ତାନ। କୁମ୍ଭୀର ଅଧାନଈରେ କଲା ପରେ ବି ଚାଇନା ହେଜିପାରୁ ନାହିଁ। ସବୁ ଦିଗ ଚାଇନା ପାଖରୁ ଦୂରେଇଯିବାକୁ ବସିଲାଣି। ତଥାପି ଚାଇନା ଏକଚାଟିଆ ବାଣିଜ୍ୟ କରିବାର ସ୍ୱପ୍ନ ଦେଖୁଛି।

ପାକିସ୍ତାନରେ ଚାଇନା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଆର୍‌ଆଇ ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ଭାରତ ତା'ର ଗତିପଥରେ ବାଧା ସୃଷ୍ଟି କରିଆସିଛି। ଭାରତର କୂଟନୀତି ଆଗରେ ଚାଇନାର କୂଟନୀତି ସବୁବେଳେ ଫିକା ପଡୁଛି। ତାଲିବାନ୍ ଆଫଗାନରେ ଶାସନ ଭାର ନେବା ପରେ ଚାଇନା ପ୍ରଥମେ ସହଯୋଗର ହାତ ବଢ଼ାଇଥିଲା ଏହି ଆର୍‌ବିଆଇ ପ୍ରକଳ୍ପକୁ ଆଖି ଆଗରେ ରଖି। କିନ୍ତୁ ତା' ଆଗରୁ ଭାରତର ସହଯୋଗ ଆଫଗାନ ନିର୍ମାଣରେ କାର୍ଯ୍ୟ କରିଆସିଛି। ଏବେ ଚାଇନା ଆଫଗାନ ସହ ନିଜ ଦେଶର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନେଇ ଏକ ରାଜିନାମା ସ୍ୱାକ୍ଷର କରିଛି। ଏହି ଅବସରରେ ଆଫଗାନିସ୍ତାନରେ ଆତଙ୍କବାଦର ମୁକାବିଲା ଏବଂ ତାକୁ ଆନ୍ତର୍ଜାତିକ କଟକଣାରୁ ସୁରକ୍ଷା ପ୍ରଦାନ ନିମନ୍ତେ ଚାଇନା ଓ ପାକିସ୍ତାନ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତ ପିଓକେକୁ ମୁକ୍ତ ନ କରିବା ପୂର୍ବରୁ ଚାଇନା ନିଜକୁ ପ୍ରମାଦ ପଡ଼ିବା ମନେକଲାଣି। ସେଥିପାଇଁ ତରବରରେ ସେ ପାକିସ୍ତାନ ସହ କଥାବାର୍ତ୍ତା କରି କିପରି ଆଫଗାନ ସହ ହାତ ମିଳାଇ ନିଜର ଇକୋନୋମିକ କରିଡର ବା ସିପିଇସି କୁ ପୁନଃ ନିର୍ମାଣ କରିବାକୁ ଆଗେଇ ଆସିଛି। ଏହି ପ୍ରକଳ୍ପର ଭିତ୍ତିଭୂମି ନିର୍ମାଣ ପାଇଁ ଚାଇନା ୬୦ ବିଲିୟନ ଡଲାର ବିନିଯୋଗ କରୁଛି। ଚାଇନା ଏବେ ଭାରତକୁ ନାଲିଆଖି ଦେଖାଇବା ସହିତ ତାଲିବାନ୍‌କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଚାଲିଛି। ଆଫଗାନିସ୍ତାନରେ ୧୦୦ ବିଲିୟନ ଡଲାର ବିନିଯୋଗ କରିବ ବୋଲି କହିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ତାଲିବାନ୍ ସରକାର ଆନ୍ତର୍ଜାତିକ କଟକଣାର ଶିକାର ହୋଇଛି। ବିଭିନ୍ନ ବିଦେଶୀ ବ୍ୟାଙ୍କରେ ତାଲିବାନ୍ ସରକାରଙ୍କର ୯୦୦ କୋଟି ଡଲାର ପଡ଼ିରହିଛି। ତାହା ଉଠାଇବା କଷ୍ଟକର। ଏହାକୁ ମୁକୁଳାଇବା ପାଇଁ ଚାଇନା ଓ ପାକିସ୍ତାନ ଉଭୟ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ତାଲିବାନୀ ବିଶେଷଜ୍ଞ ସେମାନଙ୍କ କଥାରେ ଭଳି ଚାଲିଛନ୍ତି। ଏବେ ଚାଇନା,ପାକିସ୍ତାନ,ଇରାନ ଓ ରୁଷିଆ ତାଲିବାନ୍ ଶାସକଙ୍କୁ ଆଫଗାନସ୍ତାନର ପୁନଃ ନିର୍ମାଣରେ ସହାୟତା କରିବାକୁ ଆଗେଇ ଆସିଛନ୍ତି। କଥାରେ ଅଛି 'ଆରେ ଡମଣା ବୁଲି ବୁଲି ଆସି ସେଇ ଅଗଣା'। ଚାଇନା ଯେତେ ଯାହା କଲେ, ପାକିସ୍ତାନ ଅଧିକୃତ ପିଓକେ ପାଖରେ ଆସି ପହଞ୍ଚିଯାଏ। ସେ ଅଞ୍ଚଳରେ ଚାଇନାର ଆର୍ଥିକ କରିଡରକୁ ଭାରତ କେବେ ବି ବାଟ ଛାଡ଼ିବ ନାହିଁ। ଏହି ଅଞ୍ଚଳକୁ ନିଜର ବୋଲି ଭାରତ କରୁଥିବା ଦାବିକୁ ପାକିସ୍ତାନ,ଚାଇନା ଗୁରୁତ୍ୱ ଦେଉନାହାନ୍ତି ସତ, କିନ୍ତୁ ସବୁବେଳେ ଆଶଙ୍କାଗ୍ରସ୍ତ। ସେଥିପାଇଁ ଚାଇନାର କୂଟନୀତି ଏବେ ଚରମସୀମାରେ ପହଞ୍ଚିଛି। ଏହି ୩ ରାଷ୍ଟ୍ର ମଧ୍ୟରେ ଯେଉଁ ବୁଝାମଣା ହୋଇଛି ତାହା ସ୍ଥାୟୀ ହୋଇ ରହିବା ମନେହୁଏନା। କାରଣ ଚାଇନା ନିଜର ଫାଇଦା ପାଇଁ ଦକ୍ଷିଣ ଏସିଆରେ ଜାଲ ବିଛାଇବା ଆରମ୍ଭ କରିଛି। ଏଣେ ଚାଇନା ଦେଖୁଛି ଦକ୍ଷିଣ ଚୀନ ସାଗର ବିବଦମାନ ଅବସ୍ଥାରେ। ଭାରତ ଏବଂ ଭାରତର ସହଯୋଗୀ ରାଷ୍ଟ୍ର ସବୁବେଳେ ଆଖି ରଖିଛନ୍ତି। ବେଳେ ବେଳେ ଆମେରିକା ନୌଜାହାଜ ଏଠାରେ ପଇଁତରା ମାରୁଛି।



ରୁଷିଆ, ଚାଇନା, ଇରାନ ଏବେ ନିଜ ରକ୍ଷା ପାଇଁ ବାଟ ଖୋଜୁଥିବା ବେଳେ ଆଉ ଗୋଟିଏ ରାଷ୍ଟ୍ରକୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେବା କେବଳ ପ୍ରତାରଣା ବ୍ୟତୀତ ଆଉ କିଛି ନ ହୋଇ ପାରେ। ରୁଷିଆ ୟୁକ୍ରେନ୍ ଉପରେ ଲଦିଦେଇଥିବା ଯୁଦ୍ଧ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ରୁଷିଆ ସମ୍ମୁଖୀନ ହୋଇଥିବା କ୍ଷତି ଭରଣା କରିବାକୁ କେତେବର୍ଷ ଯେ ଲାଗିବ ତାହା କହିହେଉ ନାହିଁ। ପାକିସ୍ତାନରେ ହୁଏତ ସାମରିକ ଶାସନ ପୁଣି ଲେଉଟିପାରେ ବୋଲି ଅନୁଭୂତ ହେଉଛି। ଏଇଭଳି ପରିସ୍ଥିତିରେ ଚାଇନା ମଜ୍ଜା ମାରିବାକୁ ବସିଛି। ସମଗ୍ର ବିଶ୍ୱ ଅର୍ଥନୈତିକ ସଙ୍କଟ ଭୋଗ କରୁଥିବା ବେଳେ ଚାଇନା ସେଥିରୁ ବାଦ୍ ଯାଇନାହିଁ। ଚାଇନା ତା'ର ପଡ଼ୋଶୀ ରାଷ୍ଟ୍ରର କାନ୍ଧ ଉପରେ ଠିଆହେବାକୁ ପ୍ରୟାସ କରୁଛି। ଚାଇନାର ପାରମ୍ପରିକ ଶତ୍ରୁରାଷ୍ଟ୍ର ଆମେରିକା ପାଖରେ ନାଲିଆଖି ଦେଖାଇବା କଷ୍ଟକର। ଏଭଳି ସ୍ଥିତିରେ ଭାରତ ଯେ ଚୁପ୍ ହୋଇ ବସିରହିବ ତାହା ନୁହେଁ। ଆସନ୍ତା ମାସରେ ଭାରତ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଉଛନ୍ତି। ଦୁଇ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା ହେବ। ମୋଦି ଏବଂ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆଲୋଚନା ହେବ। ମୋଦିଙ୍କ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗସ୍ତ ବୋଲି ମନେକରଯାଉଛି। ଆମେରିକା ରାଷ୍ଟ୍ରପତି ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଯେଉଁ ଆଲୋଚନା ହେବ ତାହା ଚାଇନା ପାଇଁ କ'ଣ ହୋଇ ପାରେ ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେହୁଏ। ଚାଇନାର ବର୍ତ୍ତମାନର କୂଟନୀତି ଏହା ପରେ କେଉଁ ନୀତିକୁ ଗ୍ରହଣ କରିବ ତାହା ଆଉ ମାସକ ପରେ ଜଣାପଡିବ।

ସୟଦପୁର, ଯାଜପୁର,
ମୋ- ୯୪୩୭୩୧୫୬୨୩

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗ୍ୟ ପ୍ରାର୍ଥୀ କିଏ

ମହାଶୟ,

ନିର୍ବାଚନ ସମୟ ଆସିଲେ ବିଭିନ୍ନ ମହଲରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପରାମର୍ଶ ଦିଆଯାଇଥାଏ। ତେବେ ଯୋଗ୍ୟ ପ୍ରାର୍ଥୀ କିଏ ? ସେମାନଙ୍କ ସଂଜ୍ଞା ନିରୂପଣ କରିବା ପାଇଁ ଏତିକି କୁହାଯାଇପାରେ ଯେ, ଯୋଗ୍ୟ ପ୍ରାର୍ଥୀ ସେମାନଙ୍କୁ କରାଯିବ, ଯେଉଁମାନେ କୌଣସି ସଙ୍ଗିନ ଅପରାଧରେ ଅଭିଯୁକ୍ତ ନ ଥିବେ। ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସହ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ସାମର୍ଥ୍ୟ ଥିବ। ଦଳୀୟ ନୀତି, ଆଦର୍ଶ ଓ ଶୃଙ୍ଖଳା ମାନୁଥିବେ। କ୍ଷମତା ଉପଭୋଗ ଓ ସମ୍ପତ୍ତି ଆହରଣରେ ଲିପ୍ତ ନ ରହି ଜନସେବାକୁ ଜୀବନର ବ୍ରତ କରିଥିବେ। ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ମାନୁଥିବେ। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁ ନ ଥିବେ। ସାମ୍ପ୍ରତିକ ରାଜନୀତିରେ ଯୋଗ୍ୟ ପ୍ରାର୍ଥୀ ମିଳିବା ବିରଳ। ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଉଥିବା ଭୋଟରମାନଙ୍କ ସଂଖ୍ୟା କମ୍ ଥିବାରୁ ଯୋଗ୍ୟ ପ୍ରାର୍ଥୀମାନେ ପରାଜିତ ହେଉଛନ୍ତି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ବଡ଼ ବିଡମ୍ବନା।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଅନନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।








ବେଙ୍ଗାଲୁରୁଠାରେ କଂଗ୍ରେସ ନେତା ସିଦ୍ଧାରାମାୟା ଓ ନୂଆଦିଲ୍ଲୀଠାରେ କର୍ଣାଟକ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ସମର୍ଥକମାନେ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି ଜଣାଉଛନ୍ତି।

# ଖୁବ୍‌ଶୀଘ୍ର ହୋଇପାରେ ମନ୍ତ୍ରିମଣ୍ଡଳ ଅଦଳବଦଳ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଗତ ୧୨ ତାରିଖରୁ ବାଚସ୍ପତି, ସ୍କୁଲ ଓ ଗଣଶିକ୍ଷା ଏବଂ ଶ୍ରମମନ୍ତ୍ରୀଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳରୁ ଆଉ କେତେଜଣ ମନ୍ତ୍ରୀ ଇସ୍ତଫା ଦେବା ନେଇ ଚର୍ଚ୍ଚା ହେଉଛି। ତେବେ ନୂଆ ମନ୍ତ୍ରିମଣ୍ଡଳ ଗଠନ ନେଇ ସମୟ ଗଡ଼ି ଚାଲିଛି। ଗତ ୧୧ ତାରିଖରୁ ୨୨ ତାରିଖଯାଏ ରାଜ୍ୟପାଳ ଗଣେଶୀ ଲାଲ ଛୁଟିରେ ଥିବାରୁ ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ ବିଳମ୍ବ ହେଉଥିବା କୁହାଯାଉଛି। ବୁଧବାର ସନ୍ଧ୍ୟାରେ ରାଜ୍ୟପାଳ ଓଡ଼ିଶା ଫେରିଛନ୍ତି। ଗୁରୁବାର ସେ ପୁରୀରେ ବନ୍ଦେ ଭାରତ ଟ୍ରେନ ଚଳାଚଳର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି। ଏହାପରେ ସେ ପୁଣି ହରିୟାଣା ଯିବେ। ଆସନ୍ତା ୨୨ ତାରିଖରେ ଓଡ଼ିଶା ଆସିବେ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

## ଫେରିଲେ ରାଜ୍ୟପାଳ

ତେବେ ରାଜ୍ୟପାଳ ଓଡ଼ିଶା ଫେରିଥିବାରୁ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଲାଗି ରହିଥିବା ଚର୍ଚ୍ଚା ପୁଣି ଜୋର ଧରିଛି। ଏଥିସହ ଦୁବାଇ ଗସ୍ତରେ ଯାଇଥିବା ବିଜେଡିର କେତେକ ବରିଷ୍ଠ ବିଧାୟକ ଓ ଅଧିକାରୀ ମଧ୍ୟ ଭୁବନେଶ୍ୱର ଫେରିଛନ୍ତି। ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଲାଗିଥିବା ଚର୍ଚ୍ଚା ଉପରେ ଗୁରୁବାର ମୋହର ଲାଗିପାରେ। ହେଲେ ଏ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ମିଳିନାହିଁ। ଗତ ୧୨ ତାରିଖରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ। ଏହାପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଝାରସୁଗୁଡ଼ା ଉପନିର୍ବାଚନ ଭୋଟ ଗଣତି ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଥିଲା। ଗଣତି ଶେଷ ହୋଇ ଫଳାଫଳ ବାହାରି ସାରିଲାଣି। ବିଧାୟକମାନେ ଓଡ଼ିଶା ଦିବସ ପାଳି ଦୁବାଇରୁ ଫେରିଲେଣି। ବାଚସ୍ପତି ଓ ମନ୍ତ୍ରୀଙ୍କ ଇସ୍ତଫା ଦେବା ୫ ଦିନ ବିତିଗଲାଣି। ଏହା ପରେ ମଧ୍ୟ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ସ୍ପଷ୍ଟ ହୋଇପାରୁ ନାହିଁ।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
0674-2580385, 8637280816, 7894447167, 9338226625

**OFFTC ENTERPRISE BHUBANESWAR**

ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍

Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ନାରୀ ନିର୍ଯାତନା ପ୍ରସଙ୍ଗ**

# ବିଜେଡି–ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

- **୨ନେତାଙ୍କ ବୋହୂଙ୍କ ଅଭିଯୋଗ ବିଷୟରେ କହି ବର୍ଷିଲା ଭାଜପା**
- **ମହିଳା କୁସ୍ତିଯୋଦ୍ଧାଙ୍କ ପ୍ରସଙ୍ଗରେ ଭାଜପା ନେତ୍ରୀଙ୍କ ପାଟି ଚୁପ୍: ବିଜେଡି**

ରାଜ୍ୟର ୨ ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓ ଏବଂ ଶଶିଭୂଷଣ ବେହେରାଙ୍କ ବୋହୂ ନିର୍ଯାତନା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହେବାପରେ ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଭାଜପା ଏହି ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିଥିବାବେଳେ ଖବରଦାତା ସମ୍ମିଳନୀ କରି ଶାସକ ଦଳ ତା'ର ଜବାବ ରଖିଛି। ଦୀର୍ଘଦିନ ହେବ ଦିଲ୍ଲୀରେ ଧାରଣା ଦେଉଥିବା ମହିଳା କୁସ୍ତିଯୋଦ୍ଧାଙ୍କ ପ୍ରସଙ୍ଗ ଉଠାଇ ଭାଜପା ଉପରେ ବିଜେଡି ବର୍ଷିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ବୁଧବାର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିଜ ଦଳର ମହିଳାମାନେ ଅସୁରକ୍ଷିତ, ତାଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ବାଧ୍ୟବାଧକତାରେ ତଦନ୍ତ ହେଲେ କ୍ଷମତାର ଅପବ୍ୟବହାର କରି ତଦନ୍ତକୁ ବାଟବଣା କରିଦିଆଯାଉଛି। ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ସାଜି ନିଜ ଦଳର ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଯୋଗାଇ ମହିଳାଙ୍କ ପ୍ରତି ଅନ୍ୟାୟ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ମଙ୍ଗଳବାର ଘଟଣା ଉପରେ ଦୃଷ୍ଟିଦେଲେ ସ୍ପଷ୍ଟ ଜଣାପଡୁଛି ବିଜେଡି ମହିଳାଙ୍କୁ କିଭଳି ସୁରକ୍ଷା ଦେଉଛି। ବଲାଙ୍ଗୀରର ରାଜପରିବାରର ଅନଙ୍ଗ ଉଦୟ ସିଂଦେଓଙ୍କ ସାନବୋହୂ ତାଙ୍କ ପରିବାରର ସମସ୍ତଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ସେହିପରି ଶଶିଭୂଷଣ ବେହେରାଙ୍କ ପୁତ୍ରବଧୂ ମଧ୍ୟ ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ଏହି ୨ମହିଳାଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବାରେ ସମର୍ଥ ହେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମହିଳାଙ୍କୁ ଯଦି ରାଜ୍ୟ ସରକାର ସମ୍ମାନ ଦେଉଛନ୍ତି ତେବେ ତାଙ୍କ ଦଳର ବିଧାୟକଙ୍କ ନାଁରେ କାହିଁକି ନିର୍ଯାତନା ମାମଲା ଆସୁଛି ତାହାର ଜବାବ ରଖନ୍ତୁ ବୋଲି ସ୍ମୃତି ଦାବି କରିଛନ୍ତି।






ବିଜେଡି ଓ ଭାଜପା ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉଭୟ ଦଳର ନେତ୍ରୀ।

ଶଙ୍ଖ ଭବନଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ଦଳର ନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ରାଜ୍ୟ ଭାଜପାର ବରିଷ୍ଠ ନେତା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ଦଳର ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମିଶନ ଶକ୍ତି ମହିଳାଙ୍କୁ ଅପମାନିତ କରିବା ସହ ଅପରାଧୀ ଭଳି ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ଭାଜପା ମହିଳାଙ୍କ ପ୍ରତି ସମ୍ମାନ ଏବଂ ସେମାନଙ୍କ ସୁରକ୍ଷା ବିଷୟରେ କହିବା ଅତ୍ୟନ୍ତ ବିଡ଼ମ୍ବନାର ବିଷୟ। ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓଡ଼ିଶା ଝିଅଙ୍କୁ ଅପମାନିତ ତଥା ବଦନାମ କରିଛନ୍ତି। ଧର୍ମେନ୍ଦ୍ର ଏବଂ ରାଜ୍ୟ ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପଦ୍ମପୁରରେ ବର୍ଷା ସିଂବରିହା ଏବଂ ଝାରସୁଗୁଡ଼ାରେ ସୁଶ୍ରୀ ଦୀପାଳି ଦାସଙ୍କୁ ଅପମାନିତ କରିଥିଲେ। ଏହାର ଫଳସ୍ୱରୂପ ଉଭୟ ପଦ୍ମପୁର ଏବଂ ଝାରସୁଗୁଡ଼ାର ଲୋକମାନଙ୍କଠାରୁ ପରାଜୟ ଆକାରରେ ଉତ୍ତର ପାଇଲେ। ଯେତେବେଳେ ଭାରତର ଜଣେ ଏମ୍‌ପିଙ୍କ ବିରୋଧରେ ଦେଶ ପାଇଁ ପଦକ ଜିତିଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ମହିଳା ରେସ୍‌ଲରଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନ ଅଭିଯୋଗ ପ୍ରସଙ୍ଗ ଆସିଥିଲା ସେତେବେଳେ ରାଜ୍ୟ ଭାଜପା ନେତାମାନେ ନୀରବ ରହିଥିଲେ। ଏହି ଭାରତୀୟ ମହିଳା କୁସ୍ତିଯୋଦ୍ଧାମାନେ ସମ୍ପୃକ୍ତ ଭାଜପା ଏମ୍‌ପିଙ୍କ ଉପରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଏହି ଘଟଣାରେ ଭାଜପା ନେତ୍ରୀମାନଙ୍କ ପାଟିରେ ତାଲା ପଡ଼ିଛି। ତେବେ ବିଜେଡି ନେତାଙ୍କ ପ୍ରସଙ୍ଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


**Classified Everyday**
0674-2580101, 2549949




**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର– 1200sqft. 3,00,000/-, ନଖରା–300/- 6371569855. D-74863

**ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: **9438620034.** D-0346

**ଭୁବନେଶ୍ୱର ତ୍ରିଶୁଳିଆରେ** Boundary, Road **ଥାଇ** General plot- 1800/-, SC-1350/-7855818549. D-74861

Your classified advertisement published in Dharitri will be listed free in Dharitri online edition: **dharitriepaper.in**




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Newly open health benefits SPA special offer @ 799 Jaydev Vihar. 8018429809. D-75106

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

All types of professional body massage by professional therapy. Contact: 9556924059, 7077933109. D-0332

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 28.04.2023, I, Swarna Manjari Panda, resident of At- Sunthipal, P.O.- Bandalo, P.S.- Tigiria, Dist.- Cuttack, PIN- 754030, Odisha have changed my daughter's name from Aakankshya Priyadarsini to Aakankshya. Henceforth, she will be known as Aakankshya for all purposes. D-0375

**ଜନ୍ମଦିନ ଶୁଭେଚ୍ଛା**



**ଅନନ୍ୟା ମଲ୍ଲିକ**

ପଟଣା, ସାଁପୁର, ଥା.– ଜଗତସିଂହପୁର
ପ୍ରଥମ ଜନ୍ମଦିବସ
ତୋର ଦୀର୍ଘ ଓ ନିରାମୟ ଜୀବନ ସହ ପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ, ଏତିକି ପ୍ରାର୍ଥନା ।
ଆଶୀର୍ବାଦ ସହ- ପିତା ସୁଧୀର ମଲ୍ଲିକ, ମାତା ସସ୍ମିତା, ଜେଜେ ଶରତ, ଜେଜେମା' ଉର୍ମିଳା, ବଡ଼ବାପା ସମିର, ବଡ଼ମା' ସୁଜାତା, ସାନବାପା ଶିଶିର, ସାନ ମା' ସୁଶ୍ରୀସଙ୍ଗୀତା, ଭାଇ ଅଭିନାସ, ଆଦର୍ଶ, ଅଂଶିକା, ହାପି, ଲିପି, ମାମୁ ବବୁଲ, ଗୁରୁ ଓ ବାପି ।
ଧ–୦୩୭୬

**ନିରୁଦ୍ଦିଷ୍ଟ**



ନିରୁଦ୍ଦିଷ୍ଟ ବ୍ୟକ୍ତି– **ଯୋଗେନ୍ଦ୍ର ଦାସ,** ବୟସ– ୬୫, ମଧ୍ୟମ ଧରଣର ସ୍ୱାସ୍ଥ୍ୟ, ଶ୍ୟାମଳ ବର୍ଣ୍ଣ, ଉଚ୍ଚତା– ୫ ଫୁଟ, ସ୍ୱଭାବ ଶାନ୍ତ । ଗଲାବେଳେ ଧୋତି ପଞ୍ଜାବି ପିନ୍ଧିଥିଲେ। ଭାଷା ଓଡ଼ିଆ। ଠିକଣା– Plot No.439, Bharatpur, Akhandalamani Sahi, Khandagiri, BBSR, Ph.- 8457011334, 8260082349, 8144753364, 8118018092. D-0373

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସରୋଜ କୁମାର ସେନାପତି**

ଆବିର୍ଭାବ- June 15, 1950
ତିରୋଧାନ- 9.6.2021
ଜ୍ୟେଷ୍ଠମାସ, କୃଷ୍ଣପକ୍ଷ, ଚତୁର୍ଦ୍ଦଶୀ
Plot No.A78, Sahid Nagar, Bhubaneswar
୨ୟ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ତୁମ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ତୁମର ସ୍ତ୍ରୀ- ରୁକ୍ମିଣୀ, ପୁଅ- ଆଶୀର୍ବାଦ, ବୋହୂ- ମାନିନୀ, ନାତିନାତୁଣୀ ଏବଂ ସେନାପତି ପରିବାରବର୍ଗ ।
ଧ–୦୩୭୨


# ନଡ୍ଡାଙ୍କୁ ଭେଟିଲେ ମନମୋହନ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବୁଧବାର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଦିଲ୍ଲୀସ୍ଥିତ ମୁଖ୍ୟାଳୟଠାରେ ଭେଟିଛନ୍ତି। ତେବେ ମନମୋହନ ତାଙ୍କ ଭେଟଘାଟ ସମୟରେ ରାଜ୍ୟରେ ଦଳର ସ୍ଥିତି ନେଇ ବିଭିନ୍ନ କଥା ଉପରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ଏହାସହ ମନମୋହନ ତାଙ୍କୁ ଏବଂ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓଡ଼ିଶାରେ ହେବାର ଆବଶ୍ୟକତା ଥିବା ସମ୍ପର୍କରେ ମଧ୍ୟ କହିଥିବା ଜଣାପଡ଼ିଛି। ଏହାସହ ଗତ ଝାରସୁଗୁଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ଭୋଟ୍ ୫୫୫୬ ଖଣ୍ଡ ବଢ଼ିଥିବା ନେଇ ମଧ୍ୟ ରାଜ୍ୟ ସଭାପତି ଏହି ଅବସରରେ ନଡ୍ଡାଙ୍କୁ ଅବଗତ କରାଇଛନ୍ତି। ନଡ୍ଡାଙ୍କୁ ଭେଟିବା ପରେ ମନମୋହନ କହିଛନ୍ତି, କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ସମ୍ପର୍କରେ ବିଶେଷ ଆଲୋଚନା ହେଲା। ଆସନ୍ତା ୩୦ ତାରିଖରୁ ୩୦ ଜୁନ୍ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ କିପରି ସଫଳ ହେବ ତାକୁ ନେଇ ଆଲୋଚନା ହେଲା। ଆଗକୁ ନିର୍ବାଚନୀ ବର୍ଷ ଆସୁଛି। ତେଣୁ ରାଜ୍ୟରେ କେଉଁ ସବୁ ବିକାଶ କଥା କହିଛୁ କେତେ ସଫଳତା ପାଇଛୁ କ'ଣ କରିଛୁ ସେନେଇ ଆଲୋଚନା ହେଲା ବୋଲି ମନମୋହନ କହିଛନ୍ତି। ତେବେ ବୁଧବାର ବିଳମ୍ବିତ ରାତିରେ ସେ ଓଡ଼ିଶା ଫେରି ଆସିଛନ୍ତି।



ନୂଆଦିଲ୍ଲୀଠାରେ ଜେ.ପି. ନଡ୍ଡାଙ୍କୁ ଭେଟିବା ଅବସରରେ ମନମୋହନ ସାମଲ।

# ବିଜେଡିର ବେନାମୀ ଆଦାୟ ରିପୋର୍ଟକୁ ନେଇ ବର୍ଷିଲେ ବିରୋଧୀ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

- **କେନ୍ଦ୍ର ଭାଜପା ତୁଳନାରେ ବିଜେଡି କିଛି ନୁହେଁ: କଂଗ୍ରେସ**
- **ରାଜ୍ୟ ସରକାରଙ୍କୁ ସ୍ୱଚ୍ଛତା ଦେଖାଇବାର କିଛି ବାଟ ନାହିଁ: ଭାଜପା**

ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର୍) ପକ୍ଷରୁ ୨୦୨୧–୨୨ ଆର୍ଥିକ ବର୍ଷ ପାଇଁ ଦେଶର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପାଣ୍ଠି ଉତ୍ସ ସମ୍ପର୍କରେ ବିଶ୍ଳେଷଣାତ୍ମକ ରିପୋର୍ଟ ପ୍ରକାଶ କରାଯାଇଛି। ନିର୍ବାଚନ କମିଶନଙ୍କ ନିକଟରେ ରାଜନୈତିକ ଦଳଗୁଡ଼ିକ ଦାଖଲ କରିଥିବା ତଥ୍ୟ ଏବଂ ଅଡିଟ୍ ରିପୋର୍ଟରୁ ଜଣାଯାଇଛି ଯେ ସେମାନଙ୍କ ଆୟର ସିଂହଭାଗ ମୁଖ୍ୟତଃ ଅଜଣା ସୂତ୍ରରୁ ଆସିଛି। ସର୍ବାଧିକ ଅର୍ଥ ପାଇଥିବା ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ଶୀର୍ଷରେ ଡିଏମ୍‌କେ ଥିବାବେଳେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଏଡିଆର୍ ରିପୋର୍ଟ ମୁତାବକ ବିଜେଡି ୨୦୨୧–୨୨ ଆର୍ଥିକ ବର୍ଷରେ ମୋଟ ୩୦୭–୨୮ କୋଟି ଟଙ୍କା ଆୟ କରିଛି। ଏଥିରୁ ୯୪.୭୩ ପ୍ରତିଶତ ଅର୍ଥାତ୍ ୨୯୧.୦୯୬ କୋଟି ଟଙ୍କା ଅଜଣା ସୂତ୍ରରୁ ସଂଗ୍ରହ କରାଯାଇଛି। ଏହାକୁ ନେଇ ବର୍ଷିଛନ୍ତି ବିରୋଧୀ। ବିଜେଡି ପ୍ରଚୁର ଅର୍ଥ କମାଇବା ସହ ଭୋଟ ପିଛା ହଜାର ହଜାର ଟଙ୍କା ବାଣ୍ଟୁଥିବା ବିରୋଧୀ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଭାଜପା କେନ୍ଦ୍ରରେ ତ ହଜାର ହଜାର କୋଟି ଟଙ୍କା ଆଣୁଛି। ତା' ତୁଳନାରେ ବିଜେଡି କିଛି ନୁହେଁ। କିନ୍ତୁ ରାଜ୍ୟ ଦଳ ହୋଇ ମଧ୍ୟ ବିଜେଡି ଯେତିକି ଟଙ୍କା ପାଉଛି ତା' ବି ଅତୀତରେ କେହି କଳ୍ପନା କରିପାରି ନ ଥିଲେ। ଏତେବଡ଼ ଶଙ୍ଖ ଭବନ ସେମାନେ ତିଆରି କରିବା ଆମ ଚିନ୍ତାର ବାହାରେ। ଜନସାଧାରଣ ବର୍ତ୍ତମାନ ଜାଣିବାର ଆବଶ୍ୟକତା ଅଛି ଏତେ ଟଙ୍କା ପ୍ରକୃତରେ କେଉଁଠୁ ଆସୁଛି ବୋଲି ସେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଯଦି ଏଡିଆର୍ ରିପୋର୍ଟ ବାହାରକୁ ଯିବା ହଜାର ହଜାର କୋଟି ଟଙ୍କା ଦଳ ଭିତରକୁ ଆହୁରି ପଶିଆସିଛି। ଉପନିର୍ବାଚନଗୁଡ଼ିକରେ ଯେଉଁଭଳି ଖର୍ଚ୍ଚ କରୁଛନ୍ତି ସେଥିରୁ ଏହା ସ୍ପଷ୍ଟ ବୁଝାପଡୁଛି। ଏହି ରିପୋର୍ଟରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଯେଉଁଠାରେ ଦୁର୍ନୀତି ବଢ଼ିଚାଲେ ସେହି ରାଜ୍ୟରେ ବେନାମୀ ଅର୍ଥ ବିପୁଳ ମାତ୍ରାରେ ଆଦାୟ ହୋଇଥାଏ। ଦୁର୍ନୀତି କଥା ଏତେ ମାତ୍ରାରେ ସ୍ପଷ୍ଟ ହୋଇଛି ଯେ, ସରକାରଙ୍କୁ ସ୍ୱଚ୍ଛତା ଦେଖାଇବାର ଆଉ କିଛି ବାଟ ନାହିଁ ବୋଲି ମୋହନ କହିଛନ୍ତି।



ନରସିଂହ ମିଶ୍ର



ମୋହନ ଚରଣ ମାଝି

# ଆଜିଠୁ ରାଉରକେଲାରେ ଜାତୀୟ ସବ୍‌ଜୁନିୟର ପୁରୁଷ ହକି

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ପୁରୁଷ ହକିର ୧୩ତମ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୧ ଦିନିଆ ଟୁର୍ନାମେଣ୍ଟରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିବେ। ନବନିର୍ମିତ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଦେଶର ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଚଳିତ ମାସ ୨୮ରେ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହେବ।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକୁ ୮ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ 'ଏ'ରେ ଉତ୍ତର ପ୍ରଦେଶ, କର୍ନାଟକ, କେରଳ, ପୁଲ୍ 'ବି'ରେ ଝାଡ଼ଖଣ୍ଡ, ବେଙ୍ଗଲ, ହିମାଚଳ ପ୍ରଦେଶ, ପୁଲ୍ 'ସି'ରେ ଓଡ଼ିଶା, ଉତ୍ତରାଖଣ୍ଡ, ମହାରାଷ୍ଟ୍ର ଏବଂ ପୁଲ୍ 'ଡି'ରେ ହରିୟାଣା, ଗୋଆ ଓ ଛତିଶଗଡ଼ ସ୍ଥାନ ପାଇଛି। ସେହିପରି ପୁଲ୍ 'ଇ'ରେ ପଞ୍ଜାବ, ଦିଲ୍ଲୀ, ଆସାମ, ତ୍ରିପୁରା, ପୁଲ୍ 'ଏଫ'ରେ ଦାଦ୍ରା ଆଣ୍ଡ ନଗର ହାଭେଲି, ଡାମନ ଆଣ୍ଡ ଡିଉ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ପୁଲ୍ 'ଜି'ରେ ବିହାର, ମଧ୍ୟପ୍ରଦେଶ, ମିଜୋରାମ, ତେଲଙ୍ଗାନା ଏବଂ ପୁଲ୍ 'ଏଚ୍'ରେ ଚଣ୍ଡିଗଡ଼, ଅରୁଣାଚଳ, ଗୁଜରାଟ ଓ ରାଜସ୍ଥାନ ସ୍ଥାନ ପାଇଛି। ପୂର୍ବ ସଂସ୍କରଣରେ ଉତ୍ତର ପ୍ରଦେଶ ଚାମ୍ପିୟନ ଓ ଝାଡ଼ଖଣ୍ଡ ରନରଅପ୍ ହୋଇଥିଲା। ତୃତୀୟ ସ୍ଥାନରେ ରହି ଓଡ଼ିଶା ବ୍ରୋଞ୍ଜ ପଦକ ପାଇଥିଲା। ଲିଗ୍ ପର୍ଯ୍ୟାୟ ପରେ ମେ' ୨୫ରୁ କ୍ୱାର୍ଟର ଫାଇନାଲ, ୨୭ରେ ସେମିଫାଇନାଲ ଏବଂ ୨୮ରେ ଫାଇନାଲ ଅନୁଷ୍ଠିତ ହେବ।



ଜାତୀୟ ସବ୍‌ଜୁନିୟର ପୁରୁଷ ହକି ପାଇଁ ମନୋନୀତ ଓଡ଼ିଶା ଦଳ।

## ଆଶିଷ ଓଡ଼ିଶା ଦଳ ଅଧିନାୟକ

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ହେବାକୁ ଯାଉଥିବା ଜାତୀୟ ସବ୍‌ଜୁନିୟର ପୁରୁଷ ହକି ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୫ ବର୍ଷୀୟ ଆଶିଷ କୁମାର ଟପ୍ପୋ ଘରୋଇ ଦଳର ନେତୃତ୍ୱ ନେବେ। ବିଲକାନ ଓରାମଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ଅଭିମନ୍ୟୁ ଗୌଡ଼ା ଓ ରୋନିତ ରାଜ ଖାଖା ଗୋଲକିପର ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳରେ ନାଭାଲ ଟାଟା ହକି ଏଚ୍‌ପିସିର କେତେକ ଖେଳାଳି ସାମିଲ ଅଛନ୍ତି। ''ବାଳକମାନେ ପଡ଼ିଆରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟଗ୍ର। ନିକଟରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିୟର ମହିଳା ହକି ଅବସରରେ ବହୁ ସଂଖ୍ୟାରେ ଦର୍ଶକ ଷ୍ଟାଡିୟମକୁ ମ୍ୟାଚ ଦେଖିବାକୁ ଆସିଥିଲେ। ଆଗାମୀ ଟୁର୍ନାମେଣ୍ଟ ସମୟରେ ମଧ୍ୟ ସମାନ ଉତ୍ସାହ ଦେଖିବାକୁ ମିଳିବା ଆଶା ରହିଛି। ବହୁ ସଂଖ୍ୟାରେ ଦର୍ଶକଙ୍କ ଉପସ୍ଥିତିରେ ଯୁବ ପ୍ରତିଭାମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସୁଯୋଗ ପାଇବେ। ସମସ୍ତ ଚ୍ୟାଲେଞ୍ଜର ମୁକାବିଲା କରି ଆମେ ଆଗାମୀ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଆଶାବାଦୀ'' ବୋଲି କୋଚ୍ ବି.ଜେ. କାରିଆପ୍ପା ପ୍ରକାଶ କରିଛନ୍ତି। ଏକ ବିଶ୍ୱକପ ଭେନ୍ୟୁରେ ଖେଳିବାକୁ ଯାଉଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି ଅଧିନାୟକ ଆଶିଷ କୁମାର ଟପ୍ପୋ। ପ୍ରତିଯୋଗିତା ପାଇଁ ଆମେ କଠିନ ପରିଶ୍ରମ କରିଛୁ। ତେଣୁ ଭଲ ପ୍ରଦର୍ଶନର ଆଶା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ**

ଗୋଲକିପର୍ସ: ରୋନିତ ଖାଖା, ଅଭିମନ୍ୟୁ ଗୋଡ଼ା।
ଡିପ୍ ଡିଫେଣ୍ଡର୍ସ: ପ୍ରଦୀପ ମଣ୍ଡଳ, ରୋନିତ କୁଲୁ, ସଲମନ ଟପ୍ପୋ।
ଫ୍ଲାଙ୍କ ଡିଫେଣ୍ଡର: ବିଲକାନ ଓରାମ।
ଡିଫେନ୍ସିଭ ମିଡ୍‌ଫିଲ୍ଡର୍ସ: ସୁଦର୍ଶନ ଗୌଡ଼, ଅମରଜିତ ସିଂ, ସୁରେଶ ଶର୍ମା।
ଆଟାକିଂ ମିଡ୍‌ଫିଲ୍ଡର୍ସ: ସମିର ବାରଓ୍ୱା, ଆଶିଷ କୁମାର ଟପ୍ପୋ, ସ୍ୱାଧୀନ ଲୁଗୁନ।
ଲେଫ୍ଟ ଷ୍ଟ୍ରାଇକର୍ସ: ଯୋଜିତ ମିଞ୍ଜ, ନାନଓ୍ୱାର ଦେବନାଥ।
ସେଣ୍ଟର ଷ୍ଟ୍ରାଇକର: ରୋନିତ ସିଂ
ରାଇଟ୍ ଷ୍ଟ୍ରାଇକର୍ସ: ଦୀପକ ପ୍ରଧାନ, ବିଦ୍ୟାନନ୍ଦ ସିଂ।

# ସର୍ଜିଓ ଲୋବେରା ଓଏଫ୍‌ସିର ନୂଆ କୋଚ୍

**ଭୁବନେଶ୍ୱର, ୧୭।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି)ର ମୁଖ୍ୟ କୋଚ୍ ଭାବରେ ସ୍ପାନିଶ ଫୁଟବଲର ସର୍ଜିଓ ଲୋବେରାଙ୍କୁ ନିଯୁକ୍ତି ଦିଆଯାଇଛି। ବୁଧବାର ଓଏଫ୍‌ସିର ମୁଖ୍ୟ କୋଚ୍ ଭାବରେ ସେ ଦୁଇବର୍ଷିଆ ଚୁକ୍ତି କରିଛନ୍ତି। ନିକଟରେ ସୁପର୍ କପ୍ ଜିତିବା ସହିତ ଏସିଆନ୍ ଏଏଫ୍‌ସି କପ୍ ପାଇଁ ଓଏଫ୍‌ସି ଯୋଗ୍ୟତା ହାସଲ କରିଥିବା ବେଳେ ଲୋବେରୋଙ୍କୁ ଦାୟିତ୍ୱ ମିଳିଛି। ଭାରତୀୟ ଫୁଟବଲରେ ଲୋବେରାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଫ୍‌ସି ଗୋଆ ଓ ମୁମ୍ବାଇ ସିଟି ଏଫ୍‌ସି ସହିତ ସେ କୋଚ୍ ଭାବରେ କାର୍ଯ୍ୟ କରିଥିବା ବେଳେ ଉଭୟ ଦଳ ଆଇଏସ୍‌ଏଲ୍ ଟାଇଟଲ ଜିତି ସାରିଛନ୍ତି। ଭାରତୀୟ ଉପମହାଦେଶରେ ଲୋବେରା ୪ଟି ସିଜନ ଅତିବାହିତ କରିଛନ୍ତି। ୨୦୧୭ରେ ଗୋଆ ସହିତ ଯୋଗ ଦେଇ ସେ ଦଳକୁ ଚାମ୍ପିୟନ କରିଥିଲେ। କ୍ରମାଗତ ୩ ସିଜନ ଧରି ସେ ଗୋଆକୁ ପ୍ଲେ ଅଫ୍‌ରେ ପହଞ୍ଚାଇ ଥିବାବେଳେ ୨୦୧୯ ସୁପର୍ କପ୍ ମଧ୍ୟ ଜିତାଇଥିଲେ। ଏହାପରେ ୨୦୨୦-୨୧ ସିଜନରେ ସେ ମୁମ୍ବାଇ ସିଟି ଏଫ୍‌ସି ସହିତ ଯୋଗ ଦେଇଥିଲେ। ଦଳକୁ ଲିଗ୍ ଷ୍ଟେଜରେ ଟେବଲ ଟପ୍‌ରେ ରଖିବା ପରେ ସେ ଚାମ୍ପିୟନ ମଧ୍ୟ କରିଥିଲେ। ଲୋବେରା ସର୍ବଦା ନିଜ ଦଳ ମଧ୍ୟରେ ବିଜୟର ଆତ୍ମବିଶ୍ୱାସ ଭରିଥାନ୍ତି। ଓଡ଼ିଶା ଏଫ୍‌ସି ସହିତ ତାଙ୍କର ଚୁକ୍ତି ଏକ ନୂତନ ଯୁଗର ଅଭ୍ୟୁଦୟ ବୋଲି କୁହାଯାଇଛି। ଦୀର୍ଘମିଆଦୀ ଯୋଜନା ଅନୁସାରେ ଲୋବେରାଙ୍କ ସହିତ ଦୁଇବର୍ଷିଆ ଚୁକ୍ତି ସ୍ୱାକ୍ଷର କରାଯାଇଛି। ତାଙ୍କ ଅଧୀନରେ ଓଏଫ୍‌ସି ଏକ ଚାମ୍ପିୟନ ଦଳ ଭାବରେ ପରିଗଣିତ ହେବା ନେଇ ଆଶା କରାଯାଉଛି। ୪୬ ବର୍ଷୀୟ ଲୋବେରା ୨୦୦୬ରେ ବାର୍ସେଲୋନା ବି'ର କୋଚ୍ ରହିଥିଲେ। ଏହା ବ୍ୟତୀତ ଟେରାସା, ସାନ୍ ରୋକ୍, କେଉଟା, ଲାସ୍ ପାଲମାସ୍, ମୋଘ୍ରେବ ଟେଉଟାନ୍ ପରି ଦଳର ମ୍ୟାନେଜର ଦାୟିତ୍ୱରେ ରହିଛନ୍ତି। ଦୁଇଟି ଯାକ ଭାରତୀୟ ଫ୍ରାଞ୍ଚାଇଜିରେ ତାଙ୍କର ବିଜୟ ପ୍ରତିଶତ ୫୬ ରହିଛି। ସର୍ଜିଓ ଲୋବେରାଙ୍କୁ ମ୍ୟାନେଜର ଭାବରେ ପାଇ ଆମେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି କ୍ଲବ ପ୍ରେସିଡେଣ୍ଟ ରାଜ ଅଠଓ୍ୱାଲ। ଏହା ଆଗକୁ ବଢ଼ିବାରେ କ୍ଲବ୍‌ର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି ବୋଲି ସେ କହିଥିଲେ।



ସର୍ଜିଓ ଲୋବେରା

# ଲନ୍ ବଲ୍ସ ବୈଷୟିକ ଅଧିକାରୀଙ୍କ କର୍ମଶାଳା ଆରମ୍ଭ

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ବୋଲିଂ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ଇନ୍‌ଡୋର ହଲ୍‌ରେ ବୁଧବାରଠାରୁ ଲନ୍ ବଲ୍ସ ବୈଷୟିକ ଅଧିକାରୀ ଓ କୋଚ୍‌ଙ୍କ କର୍ମଶାଳା ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ, ସ୍ୱରୂପ ନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବୋଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ବୈଷୟିକ ଅଧିକାରୀ ପାରସ ଶର୍ମା, ନୀତୀନ ବାସଓ୍ୱାନୀ ଏବଂ ଓଡ଼ିଶା ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।




କର୍ମଶାଳାରେ ଭାଗ ନେଇଥିବା ଲନ୍ ବଲ୍ସ ବୈଷୟିକ ଅଧିକାରୀ ଓ କୋଚ୍‌ମାନେ ଅତିଥିଙ୍କ ସହ।

**ଫେଡେରେଶନ କପ୍ ଆଥ୍‌ଲେଟିକ୍ସ ମିଟ୍**

# ସାଲ୍‌ମିଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୨୬ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ଡିସ୍କସ୍ ଥ୍ରୋରେ ଓଡ଼ିଶାର ସାଲ୍‌ମି କିସ୍‌ପୋଟାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ବୁଧବାର ଅନୁଷ୍ଠିତ ପ୍ରତିଯୋଗିତାରେ ସାଲ୍‌ମି ୪୬.୩୧ ମିଟର ଦୂରତାକୁ ଥ୍ରୋ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ଶାଳିନୀ ଚୌଧାରୀ (୪୯.୩୫) ସ୍ୱର୍ଣ୍ଣ ଓ ପଞ୍ଜାବର ପରମଜ୍ୟୋତି କୌର (୪୮.୭୬) ରୌପ୍ୟ ପଦକ ପାଇଛନ୍ତି। ୧୦୦ ମିଟର ହର୍ଡଲ୍ସରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ ପ୍ରଜ୍ଞା ପ୍ରଶାନ୍ତି ସାହୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ଶ୍ରାବଣୀ ନନ୍ଦ ଓ ଅମିୟ ମଲିକ ଯଥାକ୍ରମେ ୧୦୦ ମିଟର ମହିଳା ଓ ପୁରୁଷ ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଡି.ଏମ୍. ଜୟରାମଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ସେହିପରି ଓଡ଼ିଶା ହାଇଜମ୍ପର ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ପାଇଛନ୍ତି।



ସାଲ୍‌ମି କିସ୍‌ପୋଟା

# ଆଡ୍‌ହକ କମିଟି ନିକଟରେ ୧୭୦୦ ଏଣ୍ଟ୍ରି

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଚୟନ ଟ୍ରାଏଲ**

**ନୂଆଦିଲ୍ଲୀ, ୧୭।୫(ପି.ଟି.)**

ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ୧୭ ଓ ୨୩ ବର୍ଷରୁ କମ୍ ଏସିଆନ୍ ରେସ୍‌ଲିଂ ଚାମ୍ପିୟନଶିପ୍ ଚୟନ ଟ୍ରାଏଲ୍ ଆୟୋଜନ କରିଛି ଆଡ୍‌ହକ୍ କମିଟି। ଇଣ୍ଡିଆନ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ପକ୍ଷରୁ ରେସଲିଂ ଫେଡେରେଶନର ସମସ୍ତ କର୍ମୀଙ୍କୁ ବାଦ୍ ଦିଆଯାଇ ଆଡ୍‌ହକ୍ କମିଟିକୁ ଚୟନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୪ ଦିନିଆ ଚୟନ ଶିବିର ଏନ୍‌ଆଇଏସ୍ ପଟିଆଲା ଓ ସାଇ ଆଞ୍ଚଳିକ କେନ୍ଦ୍ର ସୋନେପତରେ ଅନୁଷ୍ଠିତ ହେଉଛି। ଏହି ଚୟନ ଟ୍ରାଏଲ ପୂର୍ବରୁ କମିଟି ନିକଟକୁ ରେକର୍ଡ ସଂଖ୍ୟକ ୧୭୦୦ଟି ଏଣ୍ଟ୍ରି ଆସିଥିବା ଜଣାପଡିଛି। ବୁଧବାର ଆଡ୍‌ହକ କମିଟି ସଦସ୍ୟ ତଥା ଚୟନ କମିଟି ମୁଖ୍ୟ ଭୂପିନ୍ଦର ସିଂ ବାଜଓ୍ୱା ଉଭୟ କେନ୍ଦ୍ରକୁ ଯିବା ସହିତ ବ୍ୟବସ୍ଥାକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ୧୭ ଓ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନ୍‌ଶିପ୍ ଜୁନ୍ ୧୦ରୁ ୧୮ ତାରିଖ ମଧ୍ୟରେ ବିଶକେକରେ ଆୟୋଜିତ ହେବ। ସମୁଦାୟ ୧୭୦୪ଟି ଏଣ୍ଟ୍ରି ଆସିଥିବା ବେଳେ ୨୩ ବର୍ଷରୁ କମ୍ ବୟସ ବର୍ଗର ଫ୍ରି ଷ୍ଟାଇଲରେ ୩୯୩ ଜଣ ପଞ୍ଜୀକରଣ କରିଛନ୍ତି। ଗ୍ରୀକୋ ରୋମାନରେ ୨୨୦ ଓ ମହିଳା ବର୍ଗରେ ୧୫୧ ଜଣ ପଞ୍ଜୀକୃତ କରିଛନ୍ତି। ୧୭ ବର୍ଷରୁ କମ୍ ବୟସ ବର୍ଗର ଫ୍ରି ଷ୍ଟାଇଲରେ ୪୯୦ ଜଣ ପଞ୍ଜୀକରଣ କରିଛନ୍ତି। ଗ୍ରୀକୋ ରୋମାନରେ ୨୦୭ ଓ ମହିଳା ବର୍ଗରେ ୨୪୩ ଜଣ ପଞ୍ଜୀକୃତ କରିଛନ୍ତି। ଫ୍ରି ଷ୍ଟାଇଲ ବର୍ଗରେ ବାଜଓ୍ୱା, ଜଗମନ୍ଦେର ସିଂ ଓ ରମେଶ ଗୁଲିଆ ଚୟନକର୍ତ୍ତା ରହିଛନ୍ତି।

# ଆଜି ଭାରତ-ଅଷ୍ଟ୍ରେଲିଆ ମହିଳା ଦଳ ମ୍ୟାଚ୍

**ଆଡିଲେଡ୍, ୧୭।୫(ପି.ଟି.)**

ଏସିଆନ୍ ଗେମ୍ସ ପ୍ରସ୍ତୁତି ପାଇଁ ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଗସ୍ତରେ ରହିଛି। ଗୁରୁବାର ପ୍ରଥମ ମ୍ୟାଚରେ ଭାରତ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ୫ ମ୍ୟାଚ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ସହିତ ୩ ଓ ଅଷ୍ଟ୍ରେଲିଆ ଏ' ସହିତ ଦୁଇଟି ମ୍ୟାଚ୍ ଖେଳିବ ଭାରତ। ୧୮, ୨୦ ଓ ୨୧ ତାରିଖରେ ଅଷ୍ଟ୍ରେଲିଆ ସହିତ ମ୍ୟାଚ୍ ଖେଳିବ ଭାରତ। ଅନୁଭବୀ ଗୋଲକିପର ସବିତା ଭାରତର ଅଧିନାୟିକା ରହିଥିବା ବେଳେ ଓଡ଼ିଆ ଖେଳାଳି ଦୀପଗ୍ରେସ୍ ଏକ୍କାଙ୍କୁ ଉପ ଅଧିନାୟିକା ଚୟନ କରାଯାଇଛି। ଅଷ୍ଟ୍ରେଲିଆ ପରିବେଶ ସହିତ ଅଭ୍ୟସ୍ତ ହେବା ପାଇଁ ଭାରତୀୟ ଦଳ ୪ ଦିନ ପୂର୍ବରୁ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛି। ହାଙ୍ଗଝୌ ଏସିଆନ୍ ଗେମ୍ସ ଆସନ୍ତା ସେପ୍ଟେମ୍ବର୨୩ରୁ ଅକ୍ଟୋବର ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରୁ ଗୋଟିଏ ଦଳ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ।

# ଡୋପିଂ ମାମଲାରେ କେନିଆ ଧାବକ ବାସନ୍ଦ

**ମୋନାକୋ, ୧୭।୫ (ପି.ଟି.):** କେନିଆ ଦୂରଗାମୀ ଧାବକ ରୋନେକ୍ସ କିପ୍ରୁଟୋଙ୍କୁ ଡୋପିଂ ମାମଲାରେ ବୁଧବାର ବାସନ୍ଦ କରାଯାଇଛି। ୨୦୧୯ ବିଶ୍ୱ ଚାମ୍ପିୟନଶିପର ୧୦ ହଜାର ମିଟର ବର୍ଗ ରେସ୍‌ରେ ସେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ବୁଧବାର ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍(ଏଆଇୟୁ) ପକ୍ଷରୁ ତାଙ୍କୁ ବାସନ୍ଦ କରାଯାଇଛି। ଆଥ୍‌ଲେଟିକ ବାୟୋଲୋଜିକାଲ ପାସପୋର୍ଟ ଆଧାରରେ କିପ୍ରୁଟୋଙ୍କୁ ବାସନ୍ଦ କରାଯାଇଥିବା ପ୍ରକାଶ କରିଛି ଏଆଇୟୁ। ରକ୍ତ ନମୁନାରେ ହୋଇଥିବା ପରିବର୍ତ୍ତନକୁ ବାୟୋଲୋଜିକାଲ ପାସପୋର୍ଟ ସହଜରେ ନିର୍ଦ୍ଧାରଣ କରିଥାଏ। ଫଳରେ ରକ୍ତରେ ଥିବା ଅବୈଧ ପଦାର୍ଥକୁ ମଧ୍ୟ ଚିହ୍ନଟ କରାଯାଏ। ମାତ୍ର ୧୯ ବର୍ଷ ବୟସରେ କିପ୍ରୁଟୋ ୨୦୧୯ ଦୋହା ବିଶ୍ୱ ଚାମ୍ପିୟନଶିପର ୧୦ ହଜାର ମିଟର ଦୌଡରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଗାଣ୍ଡାର ଜୋଶୁଆ ଚେପ୍ଟେଗେଇ ଏଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାର କିଛି ମାସ ପରେ ସ୍ପେନ୍‌ର ଭାଲେନ୍ସିଆରେ ଅନୁଷ୍ଠିତ ଏକ ୧୦ କିମି ରୋଡ୍ ରେସ୍‌ରେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ନବମ ସ୍ଥାନରେ ରହିଥିଲେ।




ରୋନେକ୍ସ କିପ୍ରୁଟୋ




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୮/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Thursday, May 18/2023 Page 16 ₹ 7.00



## ରୋଷୋଙ୍କ ପ୍ରଥମ ଆଇପିଏଲ୍ ଅର୍ଦ୍ଧଶତକ

ଧର୍ମଶାଳାରେ ବୁଧବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ରିଲି ରୋଷୋ।

୦୮

୦୪

## ବିଜୟ ଆଶାରେ ଏର୍ଡୋଗାନ୍

ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍ ମେ' ୨୮ ନିର୍ବାଚନ ଫଳ ତାଙ୍କ ସପକ୍ଷରେ ଯିବା ନେଇ ଦାବି କରିଛନ୍ତି।



# ଅଗଷ୍ଟ ୧୪ ସୁଦ୍ଧା ତଦନ୍ତ ସାର

### ଆଦାନୀ ଦୁର୍ନୀତି

**ନୂଆଦିଲ୍ଲୀ,୧୭।୫**

ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଷ୍ଟକ୍ସ ହେରଫେର ଦୁର୍ନୀତିର ତଦନ୍ତ ଶେଷ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ସୁପ୍ରିମକୋର୍ଟ ଅଗଷ୍ଟ ୧୪ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏଥିସହ ଅପ୍‌ଡେଟେଡ୍ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ମଧ୍ୟ ବଜାର ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ଜାନୁୟାରୀ ୨୪ରେ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ସାଂଘାତିକ ଅଭିଯୋଗ ଅଣାଯାଇଥିଲା। ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶିତ ଅନୁସନ୍ଧାନମୂଳକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଆଦାନୀ ଗ୍ରୁପ୍ ନିଜ ଷ୍ଟକ୍ସ ଓ ଆକାଉଣ୍ଟରେ ଦଶନ୍ଧି ଧରି ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଏହି ତଥ୍ୟ ପ୍ରଘଟ ହେବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଥିଲା। ଏହାର ପ୍ରଭାବରେ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ମଧ୍ୟ ଲଗାତର ଭାବେ ହ୍ରାସ ପାଇଥିଲା। ଆଦାନୀ ଗ୍ରୁପ୍ ଅଧୀନରେ ଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକର ଶେୟାର ମୂଲ୍ୟ ରେକର୍ଡ ପରିମାଣରେ ହ୍ରାସ ପାଇଥିବାରୁ ନିବେଶକମାନେ ବହୁ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଥିଲେ। ନିବେଶକଙ୍କ ସ୍ୱାର୍ଥ ରକ୍ଷା ଲାଗି ନିୟମ ପ୍ରଣୟନ ଏବଂ ଆଦାନୀ ଗ୍ରୁପ୍‌ର ତଦନ୍ତ ମାର୍ଚ୍ଚ ସୁଦ୍ଧା ଶେଷ କରିବା ପାଇଁ ସୁପ୍ରିମକୋର୍ଟ ସେବିକୁ ସମୟ ଦେଇଥିଲେ। କିନ୍ତୁ ସେବି ନିର୍ଦ୍ଧାରିତ ☞ପୃଷ୍ଠା–୪



ଗୌତମ ଆଦାନୀ

### ସେବିକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

## କେବଳ ଜେପିସି ସତ ପଦାକୁ ଆଣିବ: କଂଗ୍ରେସ

**ନୂଆଦିଲ୍ଲୀ,୧୭।୫**

ସୁପ୍ରିମକୋର୍ଟ ଆଦାନୀ–ହିଣ୍ଡେନ୍‌ବର୍ଗ ବିବାଦର ତଦନ୍ତ ସମ୍ପର୍କିତ ଅପ୍‌ଡେଟେଡ୍ ଷ୍ଟାଟସ୍ ରିପୋର୍ଟ ଅଗଷ୍ଟରେ ଦାଖଲ କରିବାକୁ ସେବିକୁ ନିର୍ଦ୍ଦେଶ ଦେଇଥିବାବେଳେ କଂଗ୍ରେସ ଏହାକୁ ନାପସନ୍ଦ କରିଛି। ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ଚାଲିଥିବା ତଦନ୍ତ ସୀମିତ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଗଲେ ସବୁ ସତ ପଦାକୁ ଆସିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

ଜୟରାମ ଏକାଧିକ ଟୁଇଟ୍ କରି କହିଛନ୍ତି, ସେବି ତଦନ୍ତ ସାରିବାକୁ ୬ ମାସ ମାଗିଛି। ସମ୍ପୂର୍ଣ୍ଣ ସମୀକ୍ଷା ଶେଷ କରିବାକୁ ୧୫ ମାସ ଲାଗିବ। ସୁପ୍ରିମକୋର୍ଟ ୩ ମାସ ଅବଧି ବୃଦ୍ଧି କରିଛନ୍ତି। କେବଳ ଜେପିସି ତଦନ୍ତ ଜରିଆରେ ମୋଦାନୀ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି + ଶିଳ୍ପପତି ଗୌତମ ଆଦାନୀ) ପିପିପି (ପଲିଟିକାଲ୍–ପ୍ରାଇଭେଟ୍ ପାର୍ଟନରଶିପ୍) ଦୁର୍ନୀତିର ତଦନ୍ତ ପର୍ଦ୍ଦାଫାଶ ହୋଇପାରିବ। ଦେଶର ସର୍ବବୃହତ୍ ବୀମା କମ୍ପାନୀ ଏଲ୍‌ଆଇସି ଗତବର୍ଷ ଆଜିର ଦିନରେ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ହୋଇଥିଲା। ସେତେବେଳେ ଏହାର ମାର୍କେଟ କ୍ୟାପିଟାଲାଇଜେଶନ୍ ୫.୪୮ ଲକ୍ଷ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୩.୫୯ ଲକ୍ଷ କୋଟି ଟଙ୍କାକୁ ଖସିଯାଇଛି, ☞ପୃଷ୍ଠା–୪

### ବର୍ଷକ ମଧ୍ୟରେ ଏଲ୍‌ଆଇସି ହରାଇଛି ୧.୯ ଲକ୍ଷ କୋଟି ଟଙ୍କା

## ୧୯ରେ ଓଡ଼ିଶା ଆସିବ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**

ମହାନଦୀ ସ୍ଥିତି ଅନୁଧ୍ୟାନ କରିବା ପାଇଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ମେ ୧୯ ତାରିଖଠାରୁ ଓଡ଼ିଶା ଗସ୍ତରେ ଆସିବେ। ୩ ଜଣିଆ ଖଣ୍ଡପୀଠ ସମେତ ବୈଷୟିକ ଓ ଲିଗାଲ ଟିମ୍ ଶୁକ୍ରବାର ଝାରସୁଗୁଡ଼ାରେ ପହଞ୍ଚିବେ। ଏହି ଟିମ୍ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହି ଅଣମୌସୁମୀ ସମୟରେ ମହାନଦୀର ଜଳସ୍ତର ଯାଞ୍ଚ କରିବା ସହ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖରେ ଟ୍ରିବ୍ୟୁନାଲ ଟିମ୍ ହୀରାକୁଦ ଡ୍ୟାମ୍ ପରିଦର୍ଶନ କରିବେ। ଏଥିସହିତ ବିଚାରପତି ଏବଂ ଉଭୟ ରାଜ୍ୟର ଟିମ୍ ଚିଲିକା ହ୍ରଦ, କଟକସ୍ଥିତ ମହାନଦୀ ବ୍ୟାରେଜ ଏବଂ ଅନ୍ୟାନ୍ୟ ସ୍ଥାନ ବୁଲି ପରିସ୍ଥିତି ଅନୁଧ୍ୟାନ କରିବେ।

ସୂଚନା ଅନୁଯାୟୀ ଟ୍ରିବ୍ୟୁନାଲ ଟିମ୍ ଏପ୍ରିଲ ୧୯ରୁ ମେ' ୩ ତାରିଖ ଯାଏ ଦୁଇଟି ପର୍ଯ୍ୟାୟରେ ଛତିଶଗଡ଼ର ମହାନଦୀ ଅବବାହିକା ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ଟିମ୍ ଛତିଶଗଡ଼ର ବିଭିନ୍ନ ବ୍ୟାରେଜ ପ୍ରକଳ୍ପ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୩ ମଧ୍ୟରେ ଓଡ଼ିଶା ଓ ☞ପୃଷ୍ଠା–୪

## ୨୦୨୩–୨୭ ହେବ ସବୁଠୁ ଉତ୍ତପ୍ତ: ଜାତିସଂଘ



**ଜେନେଭା, ୧୭।୫**

ଆହୁରି ବଢ଼ିବ ବୈଶ୍ୱିକ ତାପମାତ୍ରା। ସବୁଜ ଗୃହ ଗ୍ୟାସ୍, ଏଲ୍ ନିନୋ ପ୍ରଭାବରେ ଆସନ୍ତା ୫ ବର୍ଷ ସବୁଠୁ ଉତ୍ତପ୍ତ ଅବଧି ହେବ ବୋଲି ଜାତିସଂଘର ବିଶ୍ୱ ପାଣିପାଗ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ସତର୍କ କରାଯାଇଛି। ୨୦୨୩ରୁ ୨୭ ମଧ୍ୟରେ ତାତି ବୃଦ୍ଧି ପାଇବା ନେଇ ଦୁଇ–ତୃତୀୟାଂଶ ଆଶଙ୍କା ଥିବା ଡବ୍ଲ୍ୟୁଏମ୍‌ଓ କହିଛି।

ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ନେଇ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଆସନ୍ତା ୫ ବର୍ଷ (୨୦୨୩ରୁ–୨୭)ରୁ ଗୋଟିଏ ବର୍ଷରେ ତାତି ରେକର୍ଡ କରିବ। ରିପୋର୍ଟ ଅନୁଯାୟୀ ଆନୁଆଲ ଗ୍ଲୋବାଲ୍ ସର୍ଫେସ୍ ଟେମ୍ପରେଚର୍ସ ୧.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବା ନେଇ ୬୬% ଆଶଙ୍କା ଥିବା କୁହାଯାଇଛି। ସେହିପରି ୨୦୨୩–୨୭ ମଧ୍ୟରେ ପ୍ରତିବର୍ଷ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ୍‌ରୁ ୧.୮ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ଘଟିବ। ପ୍ୟାରିସ୍‌ରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ବିଶ୍ୱରେ ସମାନ ସ୍ଥିତି ଉପୁଜିବ ନାହିଁ। କିନ୍ତୁ ସାଧାରଣ ଭାବେ ପ୍ରତିବର୍ଷ ଯେଉଁଭଳି ତାପମାତ୍ରା ୧.୫ ଡିଗ୍ରୀ ☞ପୃଷ୍ଠା–୪



**ବ୍ରାଉନସୁଗାର ଜବତ, ଜଣେ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ବୁଧବାର ଅବକାରୀ ଟିମ୍ ଚଢ଼ାଉ କରି ଜଣେ ନିଶାବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ରାଜକିଶୋର ନାଏକ। ତାଙ୍କଠାରୁ ୪୨ ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ମୋଟରସାଇକେଲ ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ । ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ, ରାଜ୍ୟ ସଂଗ୍ରହାଳୟ, ମଧ୍ୟାହ୍ନ ୧୨ଟା ୩୦।
- ଲଳିତକଳା ଏକାଡେମୀ ପକ୍ଷରୁ ପରିକ୍ରମା ରିସର୍ଚ୍ଚ ସ୍କଲାର ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜୟନ୍ତୀ ଓ ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ଟ୍ରେନ୍ ଧକ୍କାରେ ଆହତଙ୍କୁ ଡାକ୍ତରଖାନା ନେଲେ ଯୁବକ

ବାରଙ୍ଗ,୧୭।୫(ଡି.ଏନ୍.ଏ.): ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କର ବାମ ହାତ କଟି ଯାଇଥିବାବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ହେଉଛନ୍ତି ଚୌଦ୍ୱାର କୟଲପଡ଼ା ଶିମିଳିହାଣ୍ଡ ଗ୍ରାମର ଅଭିମନ୍ୟୁ ଦାସ(୩୬)। ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଘରକୁ ଖବର ଦେଇଥିଲେ। ପରିବାର ଲୋକ କହିଛନ୍ତି, ଅଭିମନ୍ୟୁଙ୍କର ମାନସିକ ସ୍ଥିତି ଠିକ ରହୁନାହିଁ। ବୁଧବାର ଅଭିମନ୍ୟୁ ତ୍ରିଶୂଳିଆ ଅଞ୍ଚଳକୁ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରିବାକୁ ଆସିଥିଲେ। ଅପରାହ୍ନରେ ହଠାତ୍ ସେ କେଉଁଆଡେ ଚାଲି ଯାଇଥିଲେ। ପ୍ରାୟ ୩ଟାରେ କନକଦୁର୍ଗା ମନ୍ଦିର ସମ୍ମୁଖ ରେଳଧାରଣା ପାର ହେଉଥିବାବେଳେ କଟକ ପଟୁ ଆସୁଥିବା ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା।

# କୁଣ୍ଡା, ନଡ଼ିଆକତା ଭିତରେ ଗଞ୍ଜେଇ ଚାଲାଣ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କୁଣ୍ଡା ଓ ନଡିଆ କତା ଭିତରେ ଚୋରାରେ ଚାଲାଣ ହେଉଥିଲା ଗଞ୍ଜେଇ। ପୋଲିସ ନଜରରୁ ହଟିବା ପାଇଁ ଏସ୍କର୍ଟ କରି ଗଞ୍ଜାମରୁ ପୁରୀ ନିଆଯାଉଥିଲା। ହେଲେ ଭୁବନେଶ୍ୱରରେ ପହଞ୍ଚିବା ପରେ ଧରିଦେଲା ମଞ୍ଚେଶ୍ୱର ଥାନା ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୨ ଚାଲାଣକାରୀଙ୍କୁ ପୋଲିସ ଗିରଫ କରିବା ସହ ୧ କୁଇଣ୍ଟାଲ କୁଇଣ୍ଟାଲ ୪୦ କେଜି ଗଞ୍ଜେଇ, ଏକ ଟ୍ରକ୍, ଗୋଟିଏ ବାଇକ୍ ଓ ୨ ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ପ୍ରମୋଦ କୁମାର ବେହେରା ଓ ଖୋର୍ଦ୍ଧା ଜିଲାର ପ୍ରଭାତ ମୁଦୁଲି। ଏନେଇ ପୋଲିସ ମାମଲା (ନଂ ୨୦୯/୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୪୦ ଲକ୍ଷରୁ ଅଧିକ ହେବ। ଅଭିଯୁକ୍ତଦ୍ୱୟ ଗଞ୍ଜାମରୁ ପୁରୀକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଜାତୀୟ ରାଜପଥର ରସୁଲଗଡ଼ରୁ ହାଇଟେକ୍ ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ପୋଲିସ ଗାଡିକୁ ଯାଞ୍ଚ କରିବା ପରେ ଘଟଣା ଜଣାପଡିଥିଲା। ପୁଣି



ଜବତ ଟ୍ରକ୍‌ରେ ଥିବା କୁଣ୍ଡା, ନଡ଼ିଆ କତା ବସ୍ତା ଭିତରେ ଗଞ୍ଜେଇ ରହିଛି ।



ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ।

ରାସ୍ତାରେ ପୋଲିସ ନଜରକୁ ହଟିବା ପାଇଁ ଅଭିଯୁକ୍ତ ପ୍ରଭାତ ପଲ୍‌ସର ବାଇକ୍‌ରେ ଏସ୍କର୍ଟ କରି ଗଞ୍ଜେଇ ଭର୍ତ୍ତି ଟ୍ରକ୍‌କୁ ନେଉଥିବାବେଳେ ଡ୍ରାଇଭର ପ୍ରମୋଦ ତାହା ଚଳାଉଥିଲେ। ଅନ୍ୟପକ୍ଷରେ ଜବତ ହୋଇଥିବା ଉକ୍ତ ପଲ୍‌ସର ଗାଡିରେ ବ୍ୟବହୃତ ନମ୍ବର ପ୍ଲେଟ୍‌ଟି ପ୍ରାଥମିକ ତଦନ୍ତରୁ ନକଲି ବୋଲି ଜଣାପଡିଛି। ତେବେ ତାହା ଚୋରା କି ନୁହେଁ, ତାହା ଜାଣିବା ଲାଗି ଆର୍‌ଟିଓକୁ ରିପୋର୍ଟ ମଗାଯାଇଛି। ଏହାସହ ଘଟଣାର ଅଧିକ ଖୋଳତାଡ଼ ଚାଲିଛି। ଅଭିଯୁକ୍ତଦ୍ୱୟ କୋରାପୁଟ, ରାୟଗଡା, ଗଜପତିରୁ ଗଞ୍ଜେଇ ସଂଗ୍ରହ କରି ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀରେ ବିକ୍ରି କରିଥାନ୍ତେ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି।

- ୨ ଜଣଙ୍କୁ ଧରିଲା କମିଶନରେଟ ପୋଲିସ
- ୧.୪ କୁଇଣ୍ଟାଲ ଗଞ୍ଜେଇ, ଟ୍ରକ ଓ ବାଇକ ଜବତ
- ଏସ୍କର୍ଟ କରି ଗଞ୍ଜାମରୁ ପୁରୀ ଯାଉଥିଲା

ସୂଚନାନୁସାରେ, ହାଇଟେକ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଓଡି୦୨ବିଏକ୍ସ-୩୨୮୯ ଆଇଚର ଗାଡିରେ କୁଣ୍ଡା-ନଡିଆ କତା ଭିତରେ ଗଞ୍ଜେଇ ରହିଥିବା ଖବର ପାଇ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇଥିଲା। ସେଠାରେ ଏକ ଘଣ୍ଟାରୁ ଅଧିକ ସମୟ ଧରି ନଜର ରଖିବା ପରେ ପୋଲିସ ଟିମ୍ ଅତର୍କିତ ଚଢାଉ କରି ଉଭୟଙ୍କୁ କାବୁ କରିଥିଲା। କଥାବର୍ତ୍ତାରେ ସନ୍ଦେହ ହେବାରୁ ପୋଲିସ ଗାଡିକୁ ଯାଞ୍ଚ କରିଥିଲା। ସେଥିରେ ୩୦ରୁ ଅଧିକ କୁଣ୍ଡା ଓ ନଡ଼ିଆକଥା ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା।

# ରାଜଧାନୀରେ ଛାତ୍ର ନିଖୋଜ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

- ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଥିଲେ
- କୋଚିଂ ସେଣ୍ଟରରୁ ଘରକୁ ଫେରିନାହାନ୍ତି



ଲକ୍ଷ୍ମୀସାଗର ଥାନା ଖାରପଡ଼ା ଜେଲ ରୋଡ୍‌ରେ ରହୁଥିବା ଜଣେ ଛାତ୍ର ବୁଧବାର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସାଇପ୍ରସାଦ ପଣ୍ଡା (୧୬)। ସାଇ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ସେ ଶହୀଦନଗର ଥାନା ଅନ୍ତର୍ଗତ ସ୍ୱର୍ଶ ହସ୍ପିଟାଲ ନିକଟରେ ଥିବା ୟେଷା ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୁକ୍ତ୨ ପାଇଁ ନେଉଥିବା କୋଚିଂ ସାରି ଘରକୁ ଫେରି ନ ଥିବା ଅଭିଯୋଗ ହୋଇଛି। ଏନେଇ ସାଇଙ୍କ ବାପା ଅରୂପ ରଞ୍ଜନ ପଣ୍ଡା ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ନିଖୋଜ ମାମଲା (ନଂ.୧୧୮/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଅରୂପଙ୍କ ଘର ଯାଜପୁର ଟାଉନ ଥାନା ଅନ୍ତର୍ଗତ କୁଆଁରପୁରରେ ହୋଇଥିବାବେଳେ ସେ ପରିବାର ସହ ଖାରପଡ଼ା ଜେଲ ରୋଡ୍‌ରେ ରହୁଛନ୍ତି। ସାଇ ରସୁଲଗଡ଼ ସବରସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଦଶମ ଶ୍ରେଣୀ ପଢ଼ା ସାରିଥିଲେ। ସେ ଯୁକ୍ତ୨ ବାଣିଜ୍ୟ ପଢ଼ିବା ପାଇଁ ୟେଷା ଇନ୍‌ଷ୍ଟିଚ୍ୟୁଟ୍‌ରେ ମାସେ ହେଲା କୋଚିଂ ନେଉଛନ୍ତି। ସାଇ ପ୍ରତିଦିନ ସାଇକେଲ ଯୋଗେ କୋଚିଂ ସେଣ୍ଟର ଆସନ୍ତି। ତେବେ ସେ ଘରୁ ବୁଧବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ଇନ୍‌ଷ୍ଟିଚ୍ୟୁଟ୍ ଆସିଥିଲେ। ସେ ଠିକ୍ ସମୟରେ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ବାପା ଅରୂପ ଉକ୍ତ କୋଚିଂ ସେଣ୍ଟରକୁ ଯାଇ ବୁଝାବୁଝି କରିଥିଲେ। ପ୍ରାୟ ୬ଟା ୧୫ରେ କ୍ଲାସ ସାରି ସାଇ ଚାଲିଯାଇଥିବା କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ଓ ସାଙ୍ଗସାଥିମାନେ କହିଥିଲେ। ଏହାପରେ ଅରୂପ ସବୁଆଡୁ ସାଇଙ୍କୁ ଖୋଜାଖୋଜି କରି ନ ପାଇବାରୁ ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି, ଗୁରୁବାର ସାଇଙ୍କ ସାଙ୍ଗସାଥୀ ଓ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରାଯିବ। ଏଥିସହ କୋଚିଂ ସେଣ୍ଟରର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇ ଅଧିକ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଦେଶୀ ବନ୍ଧୁକ ଜବତ, ୨ ଛାତ୍ର ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ଜଟଣୀ,୧୭।୫(ଡି.ଏନ୍.ଏ.)

- ବିହାର, ଝାଡ଼ଖଣ୍ଡରୁ ଆସିଥିଲା ବନ୍ଧୁକ
- ଅପରାଧ କରିବାକୁ ଯୋଜନା କରିଥିଲେ



ବନ୍ଧୁକ ମୁନରେ ଅପରାଧ ରଚିବାକୁ ଯୋଜନା କରିଥିବା ୨ ଛାତ୍ର କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ମଙ୍ଗଳବାର ରାତିରେ ଜଟଣୀ ଥାନା ପୋଲିସ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଅରୁଗୁଳ ବଣିଆ ସାହିର ତପୁନା ଓରଫ ଅସିତ ସାହୁ(୨୧) ଏବଂ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଯମୁନା ତଳ ସାହିର ସୋମୁ ଓରଫ ସୌମ୍ୟରଞ୍ଜନ ଦାସ (୧୯)। ଉଭୟ ସ୍ଥାନୀୟ ଅଞ୍ଚଳର ଭିନ୍ନ ଭିନ୍ନ କଲେଜରେ ଯୁକ୍ତ୩ ପଢୁଛନ୍ତି। ପୋଲିସ ସେମାନଙ୍କଠାରୁ ବନ୍ଧୁକ ସମେତ ନଗଦ ୧୦,୨୦୦ ଟଙ୍କା, ୬ଟି ଗୁଳି, ଗୋଟିଏ ନମ୍ବର ବିହୀନ ବାଇକ୍‌କୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୮୭/୨୦୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଅଭିଯୁକ୍ତଦ୍ୱୟ ଏକ ବାଇକରେ ଜଟଣୀସ୍ଥ ବରଅରା ଭେଟେରିନାରି ଛକ ନିକଟ ରାସ୍ତାରେ ରହି ଅପରାଧ ଘଟାଇବାକୁ ଯୋଜନା କରୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ଅଭିଯୁକ୍ତଦ୍ୱୟ ପୋଲିସକୁ ଦେଖି ଦୌଡ଼ିଥିଲେ। କିନ୍ତୁ ପୋଲିସ ଘେରିଯାଇ ଉଭୟଙ୍କୁ କାବୁ କରିଥିଲା। ଅଭିଯୁକ୍ତଦ୍ୱୟ ବନ୍ଧୁକ ମୁନରେ ଅପରାଧ କରିବାକୁ ଯୋଜନା କରିଥିଲେ। ଚାଲାଣକାରୀଙ୍କ ସହଯୋଗରେ ସେମାନେ ବିହାର ଓ ଝାରଖଣ୍ଡରୁ ବନ୍ଧୁକ ଆଣିଥିଲେ ବୋଲି ପୋଲିସକୁ କହିଛନ୍ତି। ତେବେ ଏନେଇ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ସୌମ୍ୟକାନ୍ତ ବଳିଆରସିଂ କହିଛନ୍ତି।

# ବଜ୍ରକାପ୍ତା ବିକ୍ରି ଯୋଜନା, ୨ ଭାଇ ଗିରଫ

ଭୁବନେଶ୍ୱର, (ବ୍ୟୁରୋ) /ସୋନପୁର,୧୭।୫(ନି.ପ୍ର.)



ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଅନ୍ତର୍ଗତ ଡିଲେଇମାଲ-ଖେମୁଡିଆମୁଣ୍ଡା ରାସ୍ତାରେ ମଙ୍ଗଳବାର ରାତିରେ ବଜ୍ରକାପ୍ତା ବିକ୍ରି ଯୋଜନା ଚାଲିଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଚଢ଼ାଉକରି ତାହାକୁ ପଣ୍ଡ କରିଦେଇଛି। ଏଥିସହ ସମ୍ପୃକ୍ତ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଝଙ୍କରପାଲି ଗ୍ରାମର ନବଦୀପ ଧରୁଆ(୪୧) ଓ ବେଦବ୍ୟାସ ଧରୁଆ। ସେମାନଙ୍କଠାରୁ ୨ଟି ବଜ୍ରକାପ୍ତା ଜବତ କରାଯାଇଛି। ଗୋଟିଏ ମା' ଓ ଅନ୍ୟଟି ଛୁଆ ବଜ୍ରକାପ୍ତା। ମା'ର ଓଜନ ୭ କେଜି ଓ ଛୁଆଟି ୩ କେଜିର। ଏହି ଦୁଇ ବଜ୍ରକାପ୍ତାକୁ ସୋନପୁର ବନ କ୍ଷେତ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ରଖାଯାଇଛି। ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡାକ୍ତର ସୁନାକର ସାମଲ ଅସୁସ୍ଥ ମା'ଛୁଆଙ୍କ ଚିକିତ୍ସା କରୁଥିବା ସୂଚନା ଦିଆଯାଇଛି।

# ୩ ଦିନିଆ ରିମାଣ୍ଡରେ ଉଚ୍ଚଶିକ୍ଷିତ ଠକ ମନୋଜ

ଭୁବନେଶ୍ୱର,୧୭।୫(ବ୍ୟୁରୋ)



- ଜେଲରୁ ଆସି ଠକୁଥିଲେ, ଜେରା କରୁଛି ଏସ୍‌ଟିଏଫ୍
- ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ତଥ୍ୟ ପାଇଁ ଆର୍‌ବିଆଇକୁ ଚିଠି

ବିଭିନ୍ନ ସରକାରୀ ଅଧିକାରୀ ଓ ଭିଜିଲାନ୍ସ ଏସ୍‌ପିର ପରିଚୟ ଦେଇ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଉଚ୍ଚଶିକ୍ଷିତ ଠକ ମନୋଜ କୁମାର ମାଝିଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ୩ ଦିନିଆ ରିମାଣ୍ଡରେ ଆଣିଛି। ମନୋଜଙ୍କୁ ଏସ୍‌ଟିଏଫ୍ ଠକେଇ ସଂକ୍ରାନ୍ତରେ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରି ଅଧିକ ଜେରା କରୁଛି। ତେବେ ତାଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ ହୋଇଥିବା ବେଳେ କୋର୍ଟ ୩ ଦିନ ପାଇଁ ଅନୁମତି ଦେଇଥିଲେ। ତଦନ୍ତ ବେଳେ ମନୋଜଙ୍କ ଠକେଇ ସାମ୍ରାଜ୍ୟ ବିଷୟରେ ଏସ୍‌ଟିଏଫ୍ ଅଧିକ ଜାଣିବାକୁ ପାଇଛି। ସେ କିଛି ଦିନ ତଳେ ଜେଲରୁ ଆସି ପୁଣି ଠକେଇ କରୁଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ମନୋଜଙ୍କ ନାଁରେ ୨ଟି ଠକେଇ ମାମଲା ରହିଛି। ଗୋଟିଏ ମୟୂରଭଞ୍ଜ ଜିଲା ଉଦଳା ଥାନା ଓ ଅନ୍ୟଟି ଗଞ୍ଜାମ ଜିଲା ରମ୍ଭା ଥାନାରେ ରହିଛି। କିଛି ମାସ ତଳେ ନିଜକୁ ଆଇଆଇଏସ ପରିଚୟ ଦେଇ ଗଞ୍ଜାମରେ ଟଙ୍କା ମାଗୁଥିଲେ। ରମ୍ଭା ଥାନା ପୋଲିସ ମନୋଜଙ୍କୁ ଗିରଫ କରିଥିଲା। ପରେ ସେ ଉଦଳାରେ ଜଣଙ୍କୁ ଚାକିରି ଦେବା ଆଳରେ ୧ ଲକ୍ଷ ଟଙ୍କା ଠକିଥିଲେ। ଉଦଳା ପୋଲିସ ଜାନୁୟାରୀ ୫ରେ ଏକ ମାମଲା (ନଂ.୪/୨୦୨୩) ରୁଜୁ କରି ମନୋଜଙ୍କୁ ଗିରଫ କରି ଜେଲ ପଠାଇଥିଲା। ହେଲେ ମନୋଜ କିଛି ଦିନ ହେଲା ଜେଲରୁ ଜାମିନରେ ଆସି ପୁଣି ଠକେଇ କରିଥିଲେ। ତେବେ ମନୋଜଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୬ ହଜାର ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଠକେଇ ଟଙ୍କାକୁ ମନୋଜ ଶେୟାର ମାର୍କେଟରେ ଲଗାଇଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ତେଣୁ ସେ କେଉଁ ଜରିଆରେ ଟଙ୍କାକୁ ଖର୍ଚ୍ଚ କରିଛନ୍ତି ତାହା ଜାଣିବାକୁ ଏସ୍‌ଟିଏଫ୍ ବ୍ୟାଙ୍କ ଟ୍ରାଞ୍ଜାକ୍ସନର ତଥ୍ୟ ପାଇଁ ଆର୍‌ବିଆଇ (ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ) କୁ ଚିଠି ଲେଖିଛି।

ସୂଚନା ଅନୁଯାୟୀ, ମନୋଜ କେମିଷ୍ଟ୍ରିରେ ମାଷ୍ଟର ଡିଗ୍ରୀ ଓ ପିଏଚ୍‌ଡି କରିଛନ୍ତି। ସେ ଶିକ୍ଷିତ ଉପାୟରେ ବିଭିନ୍ନ ସରକାରୀ ଅଧିକାରୀ, ଚାକିରି ଆଶାୟୀ ଓ କଣ୍ଟ୍ରାକ୍ଟରଙ୍କୁ ଫସାଉଥିଲେ। ନିକଟରେ ମନୋଜ ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ପୂର୍ତ୍ତ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଜିତ ପ୍ରସାଦ ମହାପାତ୍ରଙ୍କୁ ୧ କୋଟି ଟଙ୍କା ଦେବାକୁ ଦାବି କରିଥିଲେ। ଅଜିତ ଏନେଇ ଏତଲା ଦେବା ପରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମେ ୬ରେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଫୁଲବାରୀ ଗ୍ରାମରୁ ଏସ୍‌ଟିଏଫ୍ ମନୋଜଙ୍କୁ ଗିରଫ କରିଥିଲା।




# ଅଧୁରା ରହିଛି ପୂର୍ବ ପ୍ରସ୍ତାବିତ ସମସ୍ୟା



ବ୍ଲକ, ପଞ୍ଚାୟତ ସମିତିର ସାଧାରଣ ଅଧିବେଶନରେ ଉପସ୍ଥିତ ବିଡିଓ, ଅଧିକାରୀ ଓ ଅନ୍ୟମାନେ।

**ବ୍ଲକ, ପଞ୍ଚାୟତ ସମିତିର ତୃତୀୟ ସାଧାରଣ ଅଧିବେଶନ**

■ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ସାଧାରଣ ବଣ୍ଟନ ବ୍ୟବସ୍ଥା ଉଦବେଗଜନକ

**ବେଗୁନିଆ,୧୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ବୁଧବାର ପଞ୍ଚାୟତ ସମିତିର ତୃତୀୟ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ପ୍ରଧାନ ଗୁଲ୍ଲୀ ଆମ୍ନା, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ୨୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଜିପିଇଓ ଦେବାଶିଷ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଦୀର୍ଘବର୍ଷ ହେଲା ବ୍ଲକ ଅଞ୍ଚଳରେ ଲାଗିରହିଥିବା ସମସ୍ୟା ଓ ଉନ୍ନତି ଦିଗରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ଓ ବ୍ଲକ ଅଞ୍ଚଳରେ ଲାଗିରହିଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଅଧିବେଶନରେ ଅସନ୍ତୋଷ ଦେଖାଦେଇଥିଲା।

ପ୍ରକାଶ ଥାଉକି, ଗତ ବର୍ଷ ଜୁନ ୧୦ରେ ପ୍ରଥମ ଓ ଡିସେମ୍ବର ୯ରେ ଦ୍ୱିତୀୟ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେଠାରେ ଲୋକଙ୍କ ମୌଳିକ ଆବଶ୍ୟକତା ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ପାନୀୟ ଜଳ ଯୋଗାଣ, ଶିକ୍ଷା, କୃଷି, ସମ୍ପର୍କିତ ଆଲୋଚନା କରାଯାଇଥିଲା। ସମସ୍ୟା କିଭଳି ଦୂର ହେବ ସେନେଇ ଗୁରୁତ୍ୱ ଦେବେ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଏଯାଏଁ କୌଣସି କାର୍ଯ୍ୟକାରୀ ହୋଇ ନ ଥିବାରୁ ଅସନ୍ତୁଷ୍ଟ ହେବା ସହ ତୁରନ୍ତ ସମାଧାନ ପ୍ରତି ପଦକ୍ଷେପ ନେବାକୁ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଦାବି କରିଥିଲେ। ସେହିପରି ରାଶନ ତାଲିକାରୁ ଧନୀ ଲୋକଙ୍କ ନାମ ବାଦ ଦେଇ ଗରିବଙ୍କ ନାମ ଅନ୍ତର୍ଭୁକ୍ତ କରାଗଲା ନାହିଁ ବୋତଲମା ସମିତିସଭ୍ୟ ଭରତଚରଣ ଛୋଟରାୟ ପ୍ରଶ୍ନ କରିଥିଲେ। ମେଗା ପାନୀୟ ଜଳ ଯୋଗାଣର ସୁବିଧା ଗାଁର ଲୋକେ ୨୦୨୩ ସୁଧା ପାଇବେ ବୋଲି ପୂର୍ବ ଅଧିବେଶନରେ ପ୍ରତିଶ୍ରୁତି ମିଳିଥିଲା। ହେଲେ ତାହା ଏବେଯାଏ ପୂରଣ ହେଲାନି ବୋଲି ସରପଞ୍ଚ ଅସିତ ତ୍ରିପାଠୀ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରକୃତ ହିତାଧିକାରୀଙ୍କୁ ପ୍ରମାଣପତ୍ର କାର୍ଡ ମିଳିପାରୁନି, ୨୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅନ୍‌ଲାଇନରେ ଆବେଦନ କରି ଅପେକ୍ଷା କରି ରହିଛନ୍ତି। ସେହିଭଳି ବାଘମାରି ପଞ୍ଚାୟତର ୬ଟି ପରିବାରଙ୍କୁ ଅନ୍ନପୂର୍ଣ୍ଣା ଅନ୍ତର୍ଦୋୟ ଯୋଜନାରେ ସାମିଲ ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନାହିଁ ବୋଲି ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ କହିଥିଲେ। ଟାର୍ଗେଟ ଅନୁସାରେ ଏବଂ ପ୍ରକୃତ ଚୟନ କରାଯାଇ ହିତାଧିକାରୀଙ୍କୁ ପ୍ରମାଣପତ୍ର ଦିଆଯିବ ବୋଲି ଯୋଗାଣ ଅଧିକାରୀ ମନୋଜ କୁମାର ଶର୍ମା କହିଥିଲେ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ନେଇ ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଜଣାଇଥିଲେ। ସେହିପରି ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ନିୟୁ)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ୨୫ ବର୍ଷର ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନିକ ଅବହେଳା କରାଯାଉଛି ବୋଲି ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହ ଉପସ୍ଥାପନା କରିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ କଣ୍ଟାମଳିମ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗିରହିଛି ବୋଲି ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଦାବି କରିଥିଲେ। ବିଡିଓ ସାହୁ ସମସ୍ତ ସମସ୍ୟାର ଉପଯୁକ୍ତ ତଦନ୍ତ କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ବାତ୍ୟାରେ ଭାଙ୍ଗିଯାଇଥିବା ରଥକାଠ ରହୁଥିବା ଗୃହ।



ବାହାରେ ପଡିଥିବା ରଥକାଠ।

# ଖୋଲାରେ ପଡ଼ିଛି ରଥ କାଠ

■ ଫନୀରେ ଭାଙ୍ଗିଯାଇଥିଲା କାଠ ରହୁଥିବା ଗୃହ

■ ମରାମତି ପାଇଁ ଦେଇଥିବା ପ୍ରତିଶ୍ରୁତି ପାଲଟିଛି ପାଣିର ଗାର

**ନିରାକାରପୁର,୧୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ଅଶୋକାଷ୍ଟମୀରେ ବିଜୟା ରଥ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ସରିବା ପରେ ଉକ୍ତ ରଥକୁ ଖୋଲାଯାଇ ଆଗାମୀ ବର୍ଷ ପାଇଁ ଏହି କାଠଗୁଡିକୁ ଏହାର ବିଶ୍ରାମ ଗୃହରେ ସୁରକ୍ଷିତ ଭାବରେ ରଖାଯାଇଥାଏ। କିନ୍ତୁ ଏହି ଗୃହଟି ଗତ ୨୦୧୯ ଫନୀ ବାତ୍ୟାରେ ଭାଙ୍ଗିଯାଇଥିଲା। ଫଳରେ ଏହି କାଠଗୁଡିକ ଖରା,ବର୍ଷା ଖାଇ ଦୀର୍ଘଦିନ ଧରି ଅସୁରକ୍ଷିତ ଭାବେ ବାହାରେ ଗଦା ହୋଇ ପଡିରହିଛି। ଏ ନେଇ ଉକ୍ତ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ପ୍ରଶାସନକୁ ବାରମ୍ବାର ଅବଗତ କରାଇବା ପରେ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ସମେତ ଅନ୍ୟ ଅଧିକାରୀମାନେ ପରିଦର୍ଶନ କରି ଉକ୍ତ ଗୃହଟିର ମରାମତି ପାଇଁ ପ୍ରତିଶ୍ରୁତି ଦେଇଯାଇଥିଲେ। ହେଲେ ଫନୀ ବାତ୍ୟାକୁ ଚାରିବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟ ହୋଇପାରି ନାହିଁ। ଫଳରେ କାଠଗୁଡିକ ଖୋଲାମେଲାରେ ପଡିରହି ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି । ତେବେ ରଥ ତିଆରି ପାଇଁ କାଠ ମିଳିବାରେ ସମସ୍ୟା ବଢୁଥିବା ବେଳେ ପ୍ରଶାସନର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କାଠ ରହୁଥିବା ଗୃହକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ତହସିଲଦାର ଜନ୍ମେଜୟ ସାହୁଙ୍କୁ ପଚାରିବାରେ ଏ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯାଇ ତୁରନ୍ତ କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଆମ୍ବୁଲାନ୍ସ ସେବା ଅବ୍ୟବସ୍ଥା ନେଇ ଅସନ୍ତୋଷ

**ଦୁର୍ଘଟଣାରେ ଆହତ ମହିଳାଙ୍କୁ ଡାଲା ଅଟୋରେ ନେଲେ**



**କୃଷ୍ଣପ୍ରସାଦ,୧୭।୫(ଡି.ଏନ୍.ଏ.):**କୃଷ୍ଣପ୍ରସାଦ ଥାନା ଅଧୀନ ସିପିଆ ଗ୍ରାମ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ସେ ହେଲେ କୃଷ୍ଣପ୍ରସାଦ ବ୍ଲକର ମଞ୍ଜୁଲତା ସାହୁ। ହେଲେ ଗୁରୁତର ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ଯୋଗାଯୋଗ କରିଥିବା ବେଳେ ୧୦୮ ଆମ୍ବୁଲାନ୍ସ ଖରାପ ଥିବା କହିବା ପରେ ଏକ ଡାଲା ଅଟୋରେ ମହିଳାଙ୍କୁ ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ୧୦୮ ଆମ୍ବୁଲାନ୍ସ ସେବା ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମହିଳା ଜଣକ ଏକ ବାଇକ ଯୋଗେ ଅପରାହ୍ନରେ ନିଜ ଗ୍ରାମ କମଳା ସିଂହକୁ ଫେରୁଥିବା ବେଳେ ସିପିଆ ଗ୍ରାମ ନିକଟରେ ଏକ କାର୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କ ବାଇକରୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ୧୦୮ ଆମ୍ବୁଲାନ୍ସକୁ ଫୋନ କରିବାରେ ଗାଡ଼ି ଖରାପ ଥିବା କହିବା ପରେ ଏକ ଡାଲା ଅଟୋ ଯୋଗେ ଆହତ ମହିଳାଙ୍କୁ ଉଦ୍ଧାର କରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତ ମହିଳାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଜବତ କରିଥିବା ବେଳେ ଚାଳକଙ୍କୁ ଅଟକ ରଖିଛି। ପ୍ରକାଶ ଥାଉକି, ଅଧିକାଂଶ ଦୁର୍ଘଟଣା ସମୟରେ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେଉ ନ ଥିବାରୁ ରୋଗୀ ଓ ସମ୍ପର୍କୀୟମାନଙ୍କୁ ଡାଲା ଅଟୋ, ଯାତ୍ରୀବାହୀ ଅଟୋ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ହେଉ ଅବା ଅନ୍ୟତ୍ର ସ୍ଥାନାନ୍ତର କରାଯିବାରେ ଅସୁବିଧା, ଖର୍ଚ୍ଚାନ୍ତ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା ଠିକ୍ କରିବାକୁ ଦାବି ହେଉଛି।

# ୪୮ ଘଣ୍ଟା ବିତିଲା, ପୋଲିସ ହାତ ଖାଲି

## ଯୁବକଙ୍କୁ ଗୁଳିମାଡ଼ ଘଟଣା

**ଖୋର୍ଦ୍ଧା ଅଫିସ,୧୭।୫:** ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପାନବରଜ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ସେକ୍ ନସିମ ଓରଫ ବବୁଲ ଖାଁଙ୍କୁ ଗୁଳିମାଡ଼ ଘଟଣାକୁ ଇତିମଧ୍ୟରେ ୪୮ ଘଣ୍ଟା ବିତିଗଲାଣି। ହେଲେ ଏଯାବତ୍ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଘଟଣାସ୍ଥଳରୁ ପୋଲିସ ଏକ ବାଇକ (ଓଡି୦୨-ଏଏଚ୍-୩୨୫୩) ଓ ଖୋକା ଜବତ କରିଥିବାବେଳେ ଅଭିଯୁକ୍ତ ଭାଲିଆବାଡ଼ିର ରଣାଙ୍କୁ ଥାନାରେ ଅଟକ ରଖିଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ, ଚୋରା ବନ୍ଧୁକ ବବୁଲ କେଉଁଠୁ ଆଣିଲେ, ଆଉ କାହା ପାଖରେ ଏଭଳି ବନ୍ଧୁକ ରହିଛି ସେନେଇ ପୋଲିସ ଖୋଳତାଡ଼ କରୁଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ କୌଣସି ସୂଚନା ଦେବାକୁ ମନା କରିଛି। ଅନ୍ୟପକ୍ଷରେ ବବୁଲ୍ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୩୦୩/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ମଙ୍ଗଳବାର ମଧ୍ୟାହ୍ନରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ଛାନ୍‌ଭିନ୍ କରିଛି। ତେବେ ପୋଲିସ ତଦନ୍ତ କେତେବାଟ ଆଗେଇଛି, ଘଟଣା ପଛରେ ପୂର୍ବ ଶତ୍ରୁତା ନା ଆଉ କିଛି ରହସ୍ୟ ରହିଛି, ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ବବୁଲଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଗୁଳି କରାଯାଇଥିବା ତାଙ୍କ ସ୍ତ୍ରୀ ଏତଲାରେ ଦର୍ଶାଇଛନ୍ତି। ସେପଟେ ବବୁଲ ଓ ଗୁଳିମାଡ଼ କରିଥିବା ଯୁବକ ଉଭୟ ଭଲ ସାଙ୍ଗ। ଏମାନେ ପୂର୍ବରୁ ଏକାଠି ବୁଲାବୁଲି କରୁଥିବା କୁହାଯାଇଛି। ତେବେ ଯଦି ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଥିଲା, ଏମିତି କଣ ହେଲା ଯେ, ଜଣେ ବନ୍ଧୁ ଅନ୍ୟ ଜଣଙ୍କୁ ଗୁଳିମାଡ଼ କଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଥିବା ବେଳେ ଏହା ଉପରୁ କେବେ ପରଦା ହଟିବ ତାହା ଏବେ ପ୍ରଶ୍ନ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି।

ସୂଚନାଯୋଗ୍ୟ, ସୋମବାର ରାତିରେ ପାନବରଜ ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡାରେ ବବୁଲ ବସିଥିଲେ। ଏହି ସମୟରେ ଭାଲିଆବାଡ଼ିର ଜଣେ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟ ବଚସା ସହ ଠେଲାପେଲା ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ବବୁଲଙ୍କୁ ଗୁଳିମାଡ଼ କରିଥିଲେ। ପରେ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ।

### ବଢୁଛି ଚୋରା ବନ୍ଧୁକ କାରବାର

ଭାଲିଆବାଡ଼ିରେ ଏକାଧିକ ଯୁବକଙ୍କ ନିକଟରେ ବନ୍ଧୁକ ଥିବା ଶୁଣିବାକୁ ମିଳୁଛି। ତେବେ ଏହି ବନ୍ଧୁକ କେଉଁଠାରୁ ଆସୁଛି ଓ କିଏ ଏମାନଙ୍କୁ ଯୋଗାଉଛି ତାହାର ଖୋଳତାଡ଼ କରାଗଲେ ଗୁମର ଖୋଲିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ବାଜପୁର ଅଞ୍ଚଳରେ ଜଣେ ଯୁବକ ବନ୍ଧୁକ ଧରି ଲୋକଙ୍କୁ ଭୟଭୀତ କରୁଥିବାବେଳେ ଧରାପଡ଼ିଥିଲେ। ୪ବର୍ଷ ତଳେ ଏସ୍‌ଟିଏଫ୍ ପକ୍ଷରୁ ଚଢାଉ ସମୟରେ ଟିଏଲ୍‌ସି ରୋଡରେ ଜଣେ ଯୁବକ ବନ୍ଧୁକ ଚଳାଇ ଫେରାର ହୋଇଯାଇଥିଲେ। ବ୍ରାଉନସୁଗାର କାରବାରରେ ସମ୍ପୃକ୍ତି ନେଇ ଭାଲିଆବାଡ଼ିରୁ ଏକାଧିକ ଯୁବକ ଗିରଫ ହୋଇଥିବା ପୋଲିସଠାରୁ ସୂଚନା ମିଳିଛି।

### ଭାଲିଆବାଡ଼ି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଗୁଳିମାଡ଼ କରିଥିବା ଯୁବକଙ୍କ ଆତ୍ମସମର୍ପଣ ଘଟଣାକୁ ପୋଲିସ ଖଣ୍ଡନ କରିଥିବା ବେଳେ ସମ୍ପୃକ୍ତ ଯୁବକ ବ୍ରାଉନସୁଗାର କାରବାରରେ ସଂଶ୍ଳିଷ୍ଟ ଥିବା କୁହାଯାଉଛି। ଭାଲିଆବାଡ଼ିରେ ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜଣେ ମାଫିଆଙ୍କ ଅଧୀନରେ ସେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ପୋଲିସକୁ ମୋଟା ଅଙ୍କର ବଟି ଦେଇ ନିଜ କଳା ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଥିବା ଚର୍ଚ୍ଚା ହେଉଛି। ବ୍ରାଉନ ସୁଗାର କାରବାରର ଡନ୍ ବୋଲାଉଥିବା ଉକ୍ତ ଯୁବକଙ୍କ ଅଧୀନରେ ଏକାଧିକ ସ୍ଥାନୀୟ ଯୁବକ କାମ କରୁଛନ୍ତି। ସେମାନଙ୍କର ଏକ ର୍‍ୟାକେଟ ରହିଛି। ସେମାନେ ବିଭିନ୍ନ ଗଳିକନ୍ଦି ସମେତ ସହରତଳି ଅଞ୍ଚଳ ଗ୍ରାମାଞ୍ଚଳକୁ ବ୍ରାଉନସୁଗାର ପଠାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏମାନେ ନିଶା କାରବାର ବ୍ୟତୀତ ଅସାମାଜିକ କାର୍ଯ୍ୟକଳାପରେ ମଧ୍ୟ ଲିପ୍ତ ରହୁଥିବା ଜଣାପଡ଼ିଛି।



**‘ଛାତ୍ରୀଛାତ୍ର ସୁନାଗରିକ ହୁଅନ୍ତୁ’**

ନିଆଳି,(ଡି.ଏନ୍.ଏ.): ନିଆଳି ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଯୁକ୍ତ ୩ ତୃତୀୟବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରକୋଷ୍ଠରେ ଅନୁଷ୍ଠିତ ଉତ୍ସବକୁ ଅଧକ୍ଷ ପ୍ରଫେସର ଭାଗୀରଥି ଜେନା ଉଦ୍‌ଘାଟନ କରିଥିଲେ। ବିଭାଗର ମୁଖ୍ୟ ଡ.ସତ୍ୟନାରାୟଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ସହ ଜଣେ ସୁନାଗରିକ ହେବା ଉଚିତ୍ ବୋଲି ବୋଲି କହିଥିଲେ। ପାଠଚକ୍ରର ସମ୍ପାଦକ ଆର୍ତ୍ତତ୍ରାଣ ମହାନ୍ତି ବିବରଣୀ ପାଠ କରିଥିଲେ। ଅଧାପିକା ପ୍ରିୟଦର୍ଶିନୀ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଆଜି କ’ଣ କେଉଁଠି

କଟକ
- ବନ୍ଦେ ଭାରତ ଏକ୍ସପ୍ରେସ୍ ସ୍ୱାଗତ ଉତ୍ସବ, କଟକ ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୦ଟା ୪୫।
- ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ମହିଳା କୁସ୍ତି ଯୋଦ୍ଧାଙ୍କ ସମର୍ଥନରେ ମହମବତି ଶୋଭାଯାତ୍ରା, ପିଲିଗ୍ରୀମ ରୋଡ୍, ସନ୍ଧ୍ୟା ୬ଟା ୩୦।

# ୭ ସପ୍ତାହରେ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ

**ନିଆଳି,୧୭।୫(ଡି.ଏନ୍.ଏ.)**

**ଭୁଲ୍ ତଥ୍ୟ ଦେଇ ସ୍କୁଲ ବନ୍ଦ କରିବା ମାମଲା**



ସରକାରଙ୍କ ନିକଟରେ ଭୁଲ୍ ତଥ୍ୟ ଉପସ୍ଥାପନ କରାଯାଇ ନିଆଳି ପଞ୍ଚାୟତ ଅଧୀନ ଦିନାସିଂହପାଟଣା ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟ ମିଶ୍ରଣ ଯୋଜନାରେ ନିଆଳି ହାଇସ୍କୁଲ ସହିତ ମିଶାଇ ଦିଆଯାଇଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ଦିନାସିଂହପାଟଣା, ବାରବୋଡିଆ, ହରିଶପୁର ଗ୍ରାମବାସୀ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଜଣାଇଥିଲେ। ହେଲେ ଏନେଇ କୌଣସି ସୁଫଳ ନ ମିଳିବାରୁ ସେମାନେ ବାଧ ହୋଇ ହାଇକୋର୍ଟରେ ପିଟିଶନ ଦାୟର କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାର କରି ୭ ସପ୍ତାହ ମଧ୍ୟରେ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ସହିତ ନିୟମିତ ଶିକ୍ଷକ ନିଯୁକ୍ତି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଆଇନଜୀବୀ ନିତ୍ୟାନନ୍ଦ ବେହୁରିଆ ମାମଲା ପରିଚାଳନା କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ନେଇ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦ ଜଣରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ କରିବା ପାଇଁ ୨୦୨୦ରେ ସରକାର ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଦିନାସିଂହପାଟଣା ପ୍ରାଥମିକ ବିଦ୍ୟାଳୟକୁ ନିଆଳି ହାଇସ୍କୁଲ ସହିତ ମିଶ୍ରଣ କରାଯାଇଥିଲା। ଉକ୍ତ ସ୍କୁଲରେ ଉପରୋକ୍ତ ୩ଟି ଗ୍ରାମର ୩୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଯାଞ୍ଚ କମିଟି ସରକାରଙ୍କ ନିକଟରେ ଭୁଲ୍ ତଥ୍ୟ ଉପସ୍ଥାପନ କରିବାରୁ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଥିଲା। ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂଙ୍କ ସମେତ ଗ୍ରାମବାସୀ ଏ ସମ୍ପର୍କରେ ଜାଣିବା ପରେ ଜିଲାପାଳ, ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯାଇଥିଲା। ଉକ୍ତ କମିଟି ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ପରେ ୩୬ ଜଣ ଛାତ୍ରୀଛାତ୍ର ପଢୁଥିବା ଜାଣିବାକୁ ପାଇଥିଲା। ପରେ କମିଟିର ସଦସ୍ୟମାନେ ପତ୍ରସଂଖ୍ୟା ୧୭୮/୧୫।୧।୨୦୨୨ରେ ଉକ୍ତ ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ ନ କରିବା ପାଇଁ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଜିଲାପାଳ ପତ୍ରସଂଖ୍ୟା ୨୪୬୮/୧୪।୭।୨୦୨୨ରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଓସେପାକୁ ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓସେପା କିମ୍ବା ସରକାରଙ୍କ ନିକଟରୁ ବିଦ୍ୟାଳୟ ଖୋଲିବା ପାଇଁ କୌଣସି ନିର୍ଦ୍ଦେଶ ନ ଆସିବାରୁ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୯ ଦଫା ଦାବି ନେଇ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ



କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକମାନେ ବିକ୍ଷୋଭ କରୁଛନ୍ତି।

**କଟକ ଅଫିସ, ୧୭।୫**

ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା ପ୍ରଦାନ ସହ ଅନ୍ୟାନ୍ୟ ଦାବି ପୂରଣ ପାଇଁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ନିକଟରେ ନିର୍ମାଣ ଶ୍ରମିକମାନେ ବାରମ୍ବାର ଗୁହାରି କରି ଆସିଛନ୍ତି। ହେଲେ ବୋର୍ଡ ନିର୍ମାଣ ଶ୍ରମିକମାନଙ୍କ ଦାବିଗୁଡ଼ିକ ପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ୯ ଦଫା ଦାବି ନେଇ ନିର୍ମାଣ ଶ୍ରମିକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ୫ ଜଣିଆ ପ୍ରତିନିଧିମଣ୍ଡଳୀ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ ଓ କଲ୍ୟାଣ ବୋର୍ଡ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦେଇଥିଲେ। ସଂଘର ଆହ୍ୱାନକ୍ରମେ ଶ୍ରମିକମାନେ ପୁରୀଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଉକ୍ତ ବିକ୍ଷୋଭରେ ସଂଘ ସଭାପତି ସନାତନ ସାହୁ ଯୋଗଦେଇ ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା, ପ୍ରସୂତିକାଳୀନ ସହାୟତା, କନ୍ୟା ବିବାହ, ବରିଷ୍ଠ ନିର୍ମାଣ ଶ୍ରମିକଙ୍କୁ ମାସିକ ୨୦୦୦ ଟଙ୍କା ଭତ୍ତା, ଅନ୍‌ଲାଇନ ପଞ୍ଜୀକରଣ ବନ୍ଦ, ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି, ବୋର୍ଡର ଆୟବ୍ୟୟ ହିସାବ ସାର୍ବଜନୀନ, କୋଭିଡ୍ ସହାୟତା, ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡକୁ କାର୍ଯ୍ୟକ୍ଷମ କରାଯିବାକୁ ଦାବି କରିଥିଲେ। ଏହି ବିକ୍ଷୋଭରେ ସଂଘର ଜିଲା ସମ୍ପାଦକ ଅମ୍ବିକା ପ୍ରସାଦ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, ମାନସ ଜେନା, ନୃସିଂହ ଚରଣ ମିଶ୍ର, ନାରାୟଣ ଚନ୍ଦ୍ର ନାୟକ, ସୁଧୀର କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ରଶ୍ମିକାନ୍ତ ୪୮ନଂ. ୱାର୍ଡ କଂଗ୍ରେସ ସଭାପତି

**କଟକ ଅଫିସ,୧୭।୫**

ଜଗତପୁରସ୍ଥିତ ୪୮ନଂ. ୱାର୍ଡ କଂଗ୍ରେସ କମିଟିର ସଭାପତି ଭାବେ ରଶ୍ମିକାନ୍ତ ସାମଲ ମନୋନୀତ ହୋଇଛନ୍ତି। ତାଙ୍କର କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ରଖି କଟକ ନଗର(ଜିଲା)କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ବୁଧବାର ତାଙ୍କୁ ଏହି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଉକ୍ତ ୱାର୍ଡରେ ତାଙ୍କ ନେତୃତ୍ୱରେ ଦଳୀୟ ସଙ୍ଗଠନ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ନିଯୁକ୍ତି ପାଇଁ ସେ ପିସିସି ସଭାପତି ଶରତ ପଟ୍ଟନାୟକ, ଅଲେଖ ଚନ୍ଦ୍ର ବେହେରା ଓ ଯୁବନେତା ମାନସ ପରିଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖୁବ୍‌ଶୀଘ୍ର ୱାର୍ଡରେ ପୂର୍ଣ୍ଣାଙ୍ଗ କମିଟି ଓ ବୁଥ୍ କମିଟି ଗଠନ କରାଯିବ। ଅଧିକରୁ ଅଧିକ ଯୁବକ, ମହିଳା ଓ ଛାତ୍ରଙ୍କୁ ସଙ୍ଗଠନରେ ସାମିଲ କରାଯିବ ବୋଲି ସାମଲ କହିଛନ୍ତି।

# ମାଡ଼ ମାରି ୨ ଗିରଫ

**କଟକ ସଦର,୧୭।୫(ଡି.ଏନ୍.ଏ.):** ମାଡ଼ ମାରିବା ଅଭିଯୋଗରେ ୪୨ ମୌଜା ପୋଲିସ ୨ ଜଣ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କୂଳସରିଚୁଆଁ ଦଣ୍ଡାସାହିର ଲିପୁ ଭୋଇ ଓ ପ୍ରଦୀପ ଭୋଇ। କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ପ୍ରମୋଦ ଦାସ ନାମକ ବ୍ୟବସାୟୀ ପୁରୁଣା ଲୁହା କିଣିବା ପାଇଁ ମଙ୍ଗଳବାର କୂଳସରିଚୁଆଁ ଗ୍ରାମକୁ ଆସିଥିବାବେଳେ ଅଭିଯୁକ୍ତ ଦ୍ୱୟ ଏକ ପୁରୁଣା ସାଇକେଲ ବିକିବା ପାଇଁ କହିଥିଲେ। ହେଲେ ଦାମ୍‌କୁ ନେଇ ପାଟିତୁଣ୍ଡ ହୋଇଥିଲା। ଖୁବ୍‌ବେଶୀ ହେଲେ ୫୦୦ ଟଙ୍କା ଦେଇପାରିବି ବୋଲି ପ୍ରମୋଦ କହିବାରୁ ସେମାନେ ତାଙ୍କୁ ମାଡ଼ ମାରି ଆହତ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୩/୨୩) ରୁଜୁ କରିଥିଲା।

# ଖାଉଟି ଅଦାଲତରେ ଆକ୍ସିସ୍ ବ୍ୟାଙ୍କ ଦଣ୍ଡିତ

**କଟକ ଅଫିସ,୧୭।୫**

**୧.୯ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ**

କଟକ ଜିଲା ଖାଉଟି ଅଦାଲତରେ ଭଦ୍ରକସ୍ଥିତ ଆକ୍ସିସ୍ ବ୍ୟାଙ୍କ ଦଣ୍ଡିତ ହୋଇଛି। ଏକ ବାଇକ୍ କିଣା ନିମନ୍ତେ ଦିଆଯାଇଥିବା ଋଣ ପରିଶୋଧ ପାଇଁ ହୋଇଥିବା ସର୍ତ୍ତାବଳୀ ବ୍ୟାଙ୍କ ପକ୍ଷରୁ ଉଲ୍ଲଂଘନ କରାଯିବାରୁ ୧.୯ ଲକ୍ଷ ଟଙ୍କା ଜରିମାନା ଦେବାକୁ ଅଦାଲତ ବୁଧବାର ରାୟ ପ୍ରକାଶ କରି ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୧ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଖାଉଟିଅଦାଲତର ସଭାପତି ଦେବାଶିଷ ନାୟକ ଓ ସଦସ୍ୟ ଶିବାନନ୍ଦ ମହାନ୍ତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କୁ ମାନସିକ ଆଘାତ ଓ ହଇରାଣ ପାଇଁ ୧ ଲକ୍ଷ ୫୦ ହଜାର ଓ ମାମଲା ଖର୍ଚ୍ଚ ବାବଦରେ ୪୦ ହଜାର ମିଶି ମୋଟ ୧ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, କଟକ ଷ୍ଟେଶନ ବଜାରରେ ରହୁଥିବା ବାଲେଶ୍ୱର ରାଜାବଗିଚା ଅଞ୍ଚଳର ତପନ ପାଣିଗ୍ରାହୀ ଏକ ବାଇକ୍ କିଣିବା ପାଇଁ ଭଦ୍ରକସ୍ଥିତ ଆକ୍ସିସ ବ୍ୟାଙ୍କରୁ ଋଣ ନେଇଥିଲେ। ଋଣ ନେବା ପୂର୍ବରୁ ୩,୭୦୦ ଟଙ୍କା ପ୍ରୋସେସିଂ ଫି ବାବଦରେ ଆବେଦନକାରୀ ଦେଇଥିଲେ। ସେ ୨୦୨୨ ଜାନୁୟାରୀ ୭ରେ ଋଣ ନେଇଥିବାବେଳେ ମାସିକ କିସ୍ତି ବାବଦରେ ୭,୨୦୨ ଟଙ୍କା ଦେବାକୁ ଥିଲା। ପ୍ରଥମ କିସ୍ତି ପ୍ରଦାନ ପୂର୍ବରୁ ଆବେଦନକାରୀଙ୍କୁ ଏକ ମେସେଜ ପଠାଯାଇଥିଲା। ସେଥିରେ କିସ୍ତି ଅର୍ଥଠାରୁ ଅଧିକ ଦେବାକୁ କୁହାଯାଇଥିଲା। ଆବେଦନକାରୀ ଏ ବାବଦରେ ଉକ୍ତ ବ୍ୟାଙ୍କରେ ଅଭିଯୋଗ କରିବାରୁ ନୂଆ ନିୟମ କାରଣରୁ କିସ୍ତି ଅଧିକ ହୋଇଛି। ତେବେ ତାଙ୍କର ଆର୍ଥିକ କ୍ଷତିକୁ ବ୍ୟାଙ୍କ ଭରଣା କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ବାସ୍ତବରେ ତାହା କାର୍ଯ୍ୟକାରୀ ନ ହେବାରୁ ସେ କଟକ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଶିକ୍ଷାର ଉନ୍ନତି ପାଇଁ ନିଷ୍ଠାର ସହ କାର୍ଯ୍ୟ କର

**କଟକ ଅଫିସ,୧୭।୫**

ସିଭିଲ୍ ସର୍ଭିସ ପରୀକ୍ଷାଫଳ ବାହାରିବା ପରେ କଟକ ଜିଲାରେ କାର୍ଯ୍ୟରତ ୯ ଜଣ ଶିକ୍ଷୟିତ୍ରୀ ଓଇଏସ୍ ପାଇଥିବା ଜଣାପଡିଛି। ସେମାନେ ହେଲେ ପ୍ରିୟଙ୍କା ବେହେରା, ଜ୍ୟୋତି ଷଡ଼ଙ୍ଗୀ, ମୋନାଲିସା ସରକାର, ଧୃତିଦ୍ୱୀପା ପରିଡ଼ା, ଦୀପ୍ତିମୟୀ ସିଂ, ରଶ୍ମିତା ନାୟକ, ରୂପାଲି ସେନାପତି ଓ ଲୋପାମୁଦ୍ରା ରାଉତରାୟ। ଏହି ଶିକ୍ଷୟିତ୍ରୀମାନଙ୍କୁ କଟକ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ତାଙ୍କ କାର୍ଯ୍ୟାଳୟରେ ବୁଧବାର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଭବିଷ୍ୟତରେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ସୋନାମିକା ରାୟ ଓ ଦୀପ୍ତିମୟୀ ଶୁଭଦର୍ଶିନୀ ଯୋଗଦେଇ କୃତୀ ଶିକ୍ଷୟିତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ନନ୍ଦ, ସୁକାନ୍ତ କୁମାର ଷଡ଼ଙ୍ଗୀ, ପ୍ରମୋଦ କୁମାର ଦେ, ସୌଦାମିନୀ ଦାସ, କଟକ ଜିଲା ଏନ୍‌ପିଏସ୍ ଶିକ୍ଷକ ସଂଘର ଶୁଭ୍ରଜିତ ପ୍ରତିହାରୀ, ଶୁଭ ସୁନ୍ଦର ପଣ୍ଡା, ବିଭୁଦତ୍ତ ବେହେରା, ଚନ୍ଦ୍ରକାନ୍ତ ଜେନା, ସୌଭାଗ୍ୟ ରଞ୍ଜନ ପାତ୍ର, ଜ୍ଞାନରଞ୍ଜନ ଦାସ, ଦେବରାଜ ସାହୁ, ଶୁଭକାନ୍ତ ସେଠି ଓ ଜ୍ଞାନ ରଞ୍ଜନ କର ଉପସ୍ଥିତ ଥିଲେ।

# ୪ରେ ମହାପ୍ରଭୁଙ୍କ ଦେବସ୍ନାନ ଯାତ୍ରା



ପ୍ରସ୍ତୁତି ବୈଠକରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସହ ଅନ୍ୟମାନେ।

**ନେମାଳ, ୧୭।୫ (ଡି.ଏନ.ଏ.)**

**ନେମାଳ ଅଚ୍ୟୁତାନନ୍ଦ ପୀଠ**

କଟକ ଜିଲା ନେମାଳର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଜୁନ୍ ୪ରେ ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହେବ। ଏନେଇ ନେମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ କମଳଜିତ୍ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଦେବସ୍ନାନ ଯାତ୍ରାକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବିଶେଷକରି ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଟ୍ରାଫିକ୍ ବ୍ୟବସ୍ଥା, ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା, ନିର୍ଦ୍ଧାରିତ ସମୟରେ ପ୍ରଭୁଙ୍କର ସେବା ପୂଜା, ଶୃଙ୍ଖଳିତ ଦର୍ଶନ, ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ବ୍ୟାପକ ପାନୀୟଜଳ ବ୍ୟବସ୍ଥା ସହିତ ଅଗ୍ନିଶମ ବାହିନୀ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯିବା ଲାଗି ପ୍ରସ୍ତାବ ଆଗତ କରାଯାଇଥିଲା। ପୀଠଠାରୁ ୫କି.ମି. ବ୍ୟାପୀ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ୱାନ୍ ୱେ ଗମନାଗମନ ବ୍ୟବସ୍ଥା ସମ୍ପର୍କରେ ପ୍ରସ୍ତାବ ଆଗତ କରାଯାଇଥିଲା। ବ୍ୟବସାୟ ପାଇଁ ଜାଗା ଚିହ୍ନଟ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଏଥିର କିଶୋରନଗର ତହସିଲଦାର ମଧୁସୂଦନ ନାୟକ, କଟକ ସଦର ବିଡିଓ ରାଜୀବ ଲୋଚନ ପରିଡା, ସହକାରୀ ଯନ୍ତ୍ରୀ ବିକାଶ କୁମାର ସାହୁ, ଡା. ପ୍ରିୟରଞ୍ଜନ ପତି, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଅନୀଲ କୁମାର ନାୟକ, ଅଗ୍ନିଶମ ଅଧିକାରୀ, ସରପଞ୍ଚ ଅଚ୍ୟୁତାନନ୍ଦ ଦାସ, ଜିଲା ପରିଷଦ ସଭ୍ୟ ବିଳାସ ଭୋଇ, ସେବାୟତ ସଂଘର ସଭାପତି କ୍ଷମାନିଧି ପୂଝାରୀ, ପ୍ରତିନିଧି ଅମିୟ ମହାନ୍ତି, ନୃସିଂହ ଚରଣ ମୁଦୁଲି, ନନ୍ଦିନୀ ନାୟକ, ପୂର୍ବତନ ସରପଞ୍ଚ ମୀନକେତନ ସ୍ୱାଇଁ, ରମାକାନ୍ତ ବେହେରା, ରମାକାନ୍ତ ନାୟକ, ପୂର୍ବତନ ସରପଞ୍ଚ ସରୋଜ ବେହେରା, ବିଶ୍ୱନାଥ ପଣ୍ଡା, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ଉମେଶ ଭୂୟାଁ, ଗୋବିନ୍ଦ ଦାସ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ, ସରକାରୀ ଅଧିକାରୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭|୫|୨୦୨୩

| | |
|---|---|
| ୩,୮୯,୫୮୮ ଟଙ୍କା | |
| ସୁନା | ୨.୪୫୦ ଗ୍ରାମ୍ |
| ରୁପା | ମିଳିନାହିଁ |

# ଶୃଙ୍ଖଳିତ ନୀତି ସମ୍ପାଦନ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧୭।୫**

ମହାପ୍ରଭୁଙ୍କ ନୀତିରେ ଅନେକ ସମୟରେ ବିଳମ୍ବ ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଉଥିଲେ ମଧ୍ୟ ସେହି ଅନୁସାରେ ନୀତି ହେଉ ନାହିଁ। ଫଳରେ ଅନେକ ସମୟରେ ନୀତି ବିଳମ୍ବ କାରଣରୁ ଶ୍ରୀବିଗ୍ରହମାନେ ଅନିଦ୍ରା ରହୁଛନ୍ତି। ଏପରିକି ଦିନର ନୀତି ରାତିରେ ହେଉଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ନୀତି ବିଳମ୍ବ ନେଇ ଆଲୋଚନା ହୋଇଛି। ଧାର୍ଯ୍ୟ ସମୟରେ ତଥା ଶୃଙ୍ଖଳିତ ଭାବେ ନୀତି ସମ୍ପନ୍ନ କରାଯିବା ଉପରେ ମୁଖ୍ୟ ପ୍ରଶାସକ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଏବଂ ନୀଳାଦ୍ରିବିଜେ ନିମନ୍ତେ ନୀତି ସଂକ୍ରାନ୍ତରେ ବୈଠକରେ ଆଲୋଚନା କରାଯାଇଛି। ଆସନ୍ତା ୨୦ ତାରିଖରେ ଛତିଶା ନିଯୋଗ ବୈଠକ ବସି ଏ ସଂକ୍ରାନ୍ତରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ନୃସିଂହ ଚତୁର୍ଦ୍ଦଶୀ ଅବସରରେ ନୀତି ବିଳମ୍ବ କାରଣରୁ ଭୋରୁ ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ହୋଇଥିଲା। ଏପରକି ମହାପ୍ରଭୁଙ୍କ ରାତ୍ର ପହୁଡ଼ ହୋଇପାରି ନ ଥିଲା। ସେହିପରି ଜଳକ୍ରୀଡ଼ା ଏକାଦଶୀ ଦିନ ନୀତି ବିଳମ୍ବ ଯୋଗୁ ରାତ୍ର ପହୁଡ଼ ହୋଇ ନ ଥିଲା। ଫଳରେ ଶ୍ରୀବିଗ୍ରହମାନେ ଅନିଦ୍ରା ରହିଥିଲେ। ବାହାର ଚନ୍ଦନ ଯାତ୍ରା ସମୟରେ ମଧ୍ୟ କେତୋଟି ଦିନ ମହାପ୍ରଭୁଙ୍କ ଦିନଚାପ ଦିନରେ ହୋଇପାରି ନ ଥିଲା। ସମ୍ପ୍ରତି କିଛିଦିନ ହେବ ମହାପ୍ରଭୁଙ୍କ ନୀତିରେ ବିଳମ୍ବ ହେଉଥିବା ପରିଲକ୍ଷିତ ହେଉଛି। ଏଥିଯୋଗୁ ମହାପ୍ରସାଦ ମଧ୍ୟ ଡେରିରେ ବାହାରୁଛି। ଅନେକ ଭକ୍ତ ମହାପ୍ରସାଦ ନ ପାଇ ଫେରୁଥିବା ଅଭିଯୋଗ ହେଉଛି।

### ଶ୍ରୀମନ୍ଦିର ନୀତି ସବ୍‌କମିଟି ବୈଠକ

- ରଥଯାତ୍ରା ନୀତି ନିର୍ଘଣ୍ଟ ନେଇ ଆଲୋଚନା
- ଜାଣିଶୁଣି ନୀତି ବିଳମ୍ବ କଲେ କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ପ୍ରଶାସକ

ମୁଖ୍ୟତଃ ସେବାୟତଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏହାର କାରଣ ବୋଲି କୁହାଯାଉଛି। ଏନେଇ ମହାସୁଆର ନିଯୋଗ ସଭାପତି ବୈଦ୍ୟନାଥ ମହାସୁଆର କହିଛନ୍ତି, ମନ୍ଦିରରେ ସମନ୍ୱୟର ଅଭାବ ରହୁଛି। ତେଣୁ ଯେଉଁ ସମୟରେ ନୀତିକାନ୍ତି ହେବା କଥା, ସେହି ସମୟରେ ହୋଇପାରୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଉଚିତ୍। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସମହାପାତ୍ର କହିଛନ୍ତି, ଆଗକୁ ମହାପ୍ରଭୁଙ୍କ ବିଭିନ୍ନ ନୀତି ରହିଛି। ବିଶେଷ ଦିନଗୁଡ଼ିକରେ ଭକ୍ତମାନେ କିପରି ନିର୍ଦ୍ଧାରିତ ସମୟରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ସେବାୟତ ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ସଜାଗ ରହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ କହିଛନ୍ତି, ଦୁଇଦିନ ତଳେ ଏକାଦଶୀ ଓ ସଂକ୍ରାନ୍ତି ଥିବାରୁ ମନ୍ଦିରରେ ଗହଳି ରହିଥିଲା। ବର୍ତ୍ତମାନ ଭିତର ଚନ୍ଦନ ଯାତ୍ରା ଚାଲିଛି। ଏଥିସହ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଭକ୍ତମାନେ ଦିନ ପରିବର୍ତ୍ତେ ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ଆସୁଛନ୍ତି। ଏହାର ପ୍ରଭାବ ନୀତି ଉପରେ ପଡୁଛି। ସେହିପରି ଶ୍ରୀମନ୍ଦିର ପରିକ୍ରମା ମାର୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାର୍ଯ୍ୟ ଚାଲିଥିବା ଅଞ୍ଚଳରେ ବିଭିନ୍ନ ମେଶିନ ଓ ସାମଗ୍ରୀ ରହିଛି। ତେଣୁ ଟ୍ରାଫିକ ସମସ୍ୟା ଉପୁଜୁଛି। ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ନୀତି ପରିଚାଳନା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଧ୍ୟାନ ଦିଆଯାଉଛି। ତେବେ ନୀତି ଯଦି ମନୁଷ୍ୟକୃତ ହେବା ନେଇ ଦୃଷ୍ଟିକୁ ଆସେ ତାହାହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚିନ୍ତା କରାଯାଇପାରେ ବୋଲି ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି।

ଉଲ୍ଲେଖ ଥାଉ କି, ୨୦୧୯ରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ନିଯୋଗର ସମ୍ପାଦକମାନଙ୍କୁ ନୀତି ସମ୍ପାଦନରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ରକ୍ଷା ପାଇଁ ଚିଠି କରାଯାଇଥିଲା। ଉକ୍ତ ଚିଠି ଅନୁଯାୟୀ, ନୀତି ସମ୍ପୃକ୍ତ ସେବାୟତ ସେବାରେ ୧୫ ମିନିଟ୍ ବିଳମ୍ବ କଲେ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବାର ବ୍ୟବସ୍ଥା ହୋଇଥିଲା। ଅଧଘଣ୍ଟା ବିଳମ୍ବ ହେଲେ ସେଦିନର ଅଧା ପାଳିଆ ପୁରସ୍କାର ଓ ଅନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବାର ବ୍ୟବସ୍ଥା ହୋଇଥିଲା। ଘଣ୍ଟାଏ ବିଳମ୍ବ ହେଲେ ସେଦିନର ସମସ୍ତ ପାଳିଆ ପୁରସ୍କାର ଓ ପ୍ରାପ୍ୟ ପାଉଣା କାଟି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହା କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ ନୀତିରେ ଶୃଙ୍ଖଳା ଆସିପାରୁନାହିଁ।

# ଇସ୍ତଫା ଦେଲେ ୭ ପଞ୍ଚାୟତର ବିଜେଡି ସଭାପତି



ସମୀକ୍ଷା ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

**ଗୋପ,୧୭।୫(ଡି.ଏନ୍.ଏ.)**

ଆମକୁ ସଂଗଠିତ ହେବା ସହ ନିଜ ଭିତରେ ଶୃଙ୍ଖଳା ସହିତ ଦଳର କାମ କରିବାକୁ ପଡ଼ିବ। ୧୧ ନଂ. ଜିଲା ପରିଷଦ ଉପନିର୍ବାଚନରେ ବିଜେଡିର ପରାଜୟ ପରେ ବୁଧବାର ଗୋପ କୁଶୁପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ବିଜେଡିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ୭ ଗୋଟି ପଞ୍ଚାୟତର ନେତୃତ୍ୱଙ୍କୁ ଏହା କହିଛନ୍ତି। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ଏଥିରେ ସଭାପତିତ୍ୱ କରିଥିଲେ। ସମୀକ୍ଷା ବୈଠକରେ ୧୧ ନଂ. ଜିଲା ପରିଷଦ ଉପନିର୍ବାଚନରେ ଭାଗ ନେଇଥିବା ୯ ଗୋଟି ପଞ୍ଚାୟତ ମଧ୍ୟରୁ ଗୋପ- ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ୭ ଗୋଟି ପଞ୍ଚାୟତର ସମସ୍ତ ନେତୃବୃନ୍ଦ ଯୋଗଦେଇ ପରାଜୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କେତେକ ନେତୃବୃନ୍ଦ ପଞ୍ଚାୟତର ବିଭିନ୍ନ ସମସ୍ୟା ସହିତ ଦଳର ପଦ ପଦବୀରେ ଲାଗି ରହିଥିବା ବିବାଦ ଏହାର ମୁଖ୍ୟ କାରଣ ବୋଲି କହିଥିଲେ। ଗୋପ- ନିମାପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ସମୀର ରଞ୍ଜନ ଦାଶ ଏପରି ଏକ ପରାଜୟ ଆମକୁ ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ରେୟ ଦେଇଥିବାବେଳେ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଏହି ସମୀକ୍ଷା ବୈଠକ ଗୋପ- ନିମାପଡ଼ା ନିର୍ବାଚନ ମଣ୍ଡଳୀର ୭ ଗୋଟି ପଞ୍ଚାୟତର ସଭାପତିମାନେ ବ୍ଲକ ସଭାପତି ମଧୁସୂଦନ ପାଇକରାୟଙ୍କୁ ତାଙ୍କ ଇସ୍ତଫା ପତ୍ର ଦେଇଥିଲେ। ପରପକ୍ଷେ ଖୁବ୍‌ଶୀଘ୍ର ବ୍ଲକ ସଭାପତି ପାଇକରାୟ ମଧ୍ୟ ଦଳରୁ ଇସ୍ତଫା ଦେବେ ବୋଲି ସୂଚନା ମିଳିଛି। ଏ ପ୍ରସଙ୍ଗରେ ବିଧାୟକ ଦାଶଙ୍କୁ ପଚାରିବାରେ, ତାଙ୍କ ନିର୍ବାଚନ ମଣ୍ଡଳୀର ଦଳୀୟ ପଞ୍ଚାୟତ ସଭାପତିମାନେ ଇସ୍ତଫା ଦେଇଛନ୍ତି। କିନ୍ତୁ ଦଳରେ ଶୃଙ୍ଖଳାର ସହିତ କାମ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ପୋଖରୀକୁ ଓଲଟିଲା ଡାଲା ଅଟୋ

**ବଲଙ୍ଗା,୧୭।୫(ଡି.ଏନ୍.ଏ.) :** ବଲଙ୍ଗା-ମଙ୍ଗଳପୁର ରାସ୍ତାର ଚନ୍ଦ୍ରାଦେଇପୁରଠାରେ ମଙ୍ଗଳବାର ରାତିରେ ଏକ ଡାଲା ଅଟୋ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ଓଲଟି ପଡ଼ିଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ବଲଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଜଣେ ବ୍ୟକ୍ତି ବଲଙ୍ଗା ବଜାରରେ ପରିବା ବ୍ୟବସାୟ କରୁଥିବା ବେଳେ ସବୁଦିନ ପରି ମଙ୍ଗଳବାର ରାତି ୧୧ ଟାରେ ଦୋକାନ ବନ୍ଦ କରି ତାଙ୍କ ଡାଲା ଅଟୋ ଯୋଗେ ପରିବା ବସ୍ତା ଧରି ଘରକୁ ଫେରୁଥିଲେ। ତେବେ ନହରପୋଖରୀ ନିକଟରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ଓଲଟି ପଡିଥିଲା। ତେବେ ଅଟୋରେ ଥିବା ପରିବା ବସ୍ତାଗୁଡିକ ପୋଖରୀକୁ ପଡ଼ିଯାଇଥିବା ବେଳେ ସୌଭାଗ୍ୟବଶତଃ ବ୍ୟକ୍ତିଜଣକ ସାମାନ୍ୟ ଆହତ ହୋଇଛନ୍ତି। ବୁଧବାର ସକାଳୁ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଅଟୋକୁ ପୋଖରୀରୁ ଉଦ୍ଧାର କରାଯାଇଛି।

### ପୂର୍ବ ବିବାଦରୁ ଯୁବକଙ୍କୁ ଆକ୍ରମଣ

**ବଲଙ୍ଗା,୧୭।୫(ଡି.ଏନ୍.ଏ.):** ବଲଙ୍ଗା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଜଣେ ଯୁବକଙ୍କୁ ପୂର୍ବ ବିବାଦକୁ ନେଇ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୮୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ହରିପୁର ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ଅଭିଯୋଗ ଅନୁଯାୟୀ ମଙ୍ଗଳବାର ସକାଳ ୯ ଟାରେ ତାଙ୍କ ପୁଅ ବିଜୟ ଗହିରକୁ ଯାଉଥିଲେ। କିନ୍ତୁ ବାଟରେ ସେହି ଗ୍ରାମର ଏକ ଦମ୍ପତି ପୂର୍ବ ବିବାଦକୁ କେନ୍ଦ୍ର କରି ବିଜୟଙ୍କୁ ଅଟକାଇ ଅଚାନକ ଠେଙ୍ଗାରେ ମାଡମାରିଥିଲେ। ଫଳରେ ବିଜୟର ମୁଣ୍ଡ ଫାଟି ଯାଇ ପ୍ରବଳ ରକ୍ତସ୍ରାବ ହେବା ସହିତ ଘଟଣା ସ୍ଥଳରେ ସେ ଚେତା ହରାଇ ତଳେ ପଡିଯାଇଥିଲେ। ଏହାକୁ ଦେଖି ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଖବରପାଇ ଲକ୍ଷ୍ମୀଧର ପହଞ୍ଚି ପୁଅକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

**ନିମାପଡ଼ା,୧୭।୫(ଡି.ଏନ୍.ଏ.):** ଜଣେ ଦଳିତ ସରପଞ୍ଚଙ୍କୁ ସମସ୍ତଙ୍କ ସମ୍ମୁଖରେ ଜଣେ ବ୍ୟକ୍ତି ଗାଳିଗୁଲଜ କରିଥିବା ନେଇ ସରପଞ୍ଚ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ୧୬୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିମାପଡ଼ା ବ୍ଲକ ସଲଙ୍ଗ ଗ୍ରାମ ପଞ୍ଚାୟତର ଦଳିତ ବର୍ଗର ସରପଞ୍ଚ ସୁମନ୍ତ ଭୋଇଙ୍କୁ ନିକଟ ଭଣ୍ଟି ଗ୍ରାମର କାଳୁ ପରିଡ଼ା ନାମକ ଜଣେ ବ୍ୟକ୍ତି କୌଣସି କାରଣରୁ ଅତି କଦର୍ଯ୍ୟ ଭାଷାରେ ଗାଲୁଗୁଲଜ କରି ଠେଲାପେଲା କରିଥିଲେ। ଏପରିକି କାଳୁ କ୍ରୋଧାନ୍ୱିତ ହୋଇ ସରପଞ୍ଚ ଭୋଇଙ୍କୁ ପଞ୍ଚାୟତର ଏସିଏମ୍‌ଙ୍କ ସମ୍ମୁଖରେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରି ବିଭିନ୍ନ ଧମକଚମକ ଦେଇଥିବାରୁ ସର୍ବସମ୍ମୁଖରେ ତାଙ୍କ ସମ୍ମାନ ହାନି ଘଟିଥିବା ସରପଞ୍ଚ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଜଣେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଏଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଇଛି।

# ନାବାଳିକାଙ୍କୁ ଅପହରଣ କରି ହତ୍ୟା ଧମକ

**ପିପିଲି,୧୭।୫(ଡି.ଏନ୍.ଏ.):** ପିପିଲି ଥାନା ଅଞ୍ଚଳର ଜନୈକ ନାବାଳିକାଙ୍କୁ ଜଣେ ଯୁବକ ମଙ୍ଗଳବାର ଅପରାହ୍ଣରେ ଅପହରଣ କରି ଫୋନ ଯୋଗେ ନାବାଳିକାଙ୍କୁ ମାରି ଦେବାକୁ ଧମକ ଦେଇଥିବା ଝିଅଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଯୁବକ ଜଣକ ହେଲେ ପିପିଲି ଜଇଶପାଟଣା ଅଞ୍ଚଳର କାହ୍ନା ମାଝି ଓରଫ ମୁନା (୨୩)। ଏନେଇ ପିପିଲି ପୋଲିସ ନଂ ୨୧୯/୨୩ରେ ମାମଲା ରୁଜୁ କରିବା ସହ ନାବାଳିକାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ମଙ୍ଗଳବାର ସନ୍ଧ୍ୟାରେ ଟିଉଶନ କରିବାକୁ ଯାଇ ଆଉ ଫେରି ନ ଥିଲେ। ଘରକୁ ଝିଅ ନ ଫେରିବାରୁ ତାଙ୍କ ବାପା ଓ ଭାଇ ସପରିବାର ତାଙ୍କୁ ସବୁଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ବୁଧବାର ସକାଳ ୮ଟାରେ ଝିଅଙ୍କ ଭାଇ ଫୋନକୁ ଏକ ଫୋନ କଲ ଆସିଥିଲା। ସେହି ଫୋନରେ ତାଙ୍କ ଭଉଣୀଙ୍କୁ ଉକ୍ତ ଯୁବକ ତାଙ୍କ ପାଖରେ ରଖିଥିବାବେଳେ ଏନେଇ ଥାନାରେ ଅଭିଯୋଗ କରିବାକୁ ମନା କରିଥିଲେ। ନ ହେଲେ ତାଙ୍କ ଝିଅଙ୍କୁ ଜୀବନରୁ ମାରିଦେବେ ବୋଲି ଧମକାଇ ଥିଲେ।

# ନୀଳକଣ୍ଠଦେବଙ୍କ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା

**ପୁରୀ ଅଫିସ,୧୭।୫**

ପବିତ୍ର ଭଉଁରି ଯାତ୍ରା ଅବସରରେ ପୁରୀ ଜିଲାର ବୀରନରସିଂହପୁରସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠଦେବଙ୍କ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ବିଭୁକଣ୍ଠ ଚିତ୍ତରଞ୍ଜନ ମିଶ୍ର, ପ୍ରଭାକର ରଥ, ଅରବିନ୍ଦ ମିଶ୍ର, ସ୍ୱରୂପ ରଥ ଏବଂ ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ରଞ୍ଜନ ବେହେରା, ସୌମ୍ୟଶେଖର ରଥ ଏବଂ ଦିବାକର ମିଶ୍ର ସହଯୋଗ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଉପସ୍ଥିତ ରହି ଭଜନ ଶ୍ରବଣ କରିଥିଲେ।

# ଆର୍ଟ ଅଫ୍ ଦି ଗିଭିଂ ସଂକ୍ରାନ୍ତ ଆଲୋଚନାଚକ୍ର



**ସାକ୍ଷୀଗୋପାଳ,୧୭।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳାରେ ଆର୍ଟ ଅଫ୍ ଦି ଗିଭିଂର ଆଲୋଚନାଚକ୍ର ପାଳିତ ହୋଇଯାଇଛି। ସମାଜରେ ଏକତା ଓ ଭାଇଚାରା ସୃଷ୍ଟି କରି ଅବହେଳିତ, ନିଷ୍ପେସିତ ଜନଗଣଙ୍କୁ ସେବା ଯୋଗାଉଥିବା ବ୍ୟକ୍ତିବିଶେଷଙ୍କୁ ସବୁକ୍ଷେତ୍ରରେ ସହଯୋଗ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି ସତ୍ୟବାଦୀ ବ୍ଲକର ଆର୍ଟ ଅଫ୍ ଦି ଗିଭିଂର ସଂଯୋଜକ ଉପେନ୍ଦ୍ର ବିଶ୍ୱାଳ ସୂଚନା ଦେଇଥିଲେ। ଅତିଥି ଭାବେ ପୂର୍ବତନ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାପକ ଡ. ଅଭିମନ୍ୟୁ ବରାଳ, ସାମାଜିକ କର୍ମୀ ସଚିକାନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ଷଡଙ୍ଗୀ, ଶିକ୍ଷକ ବିଜୟ ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ କବିତା ପାଠ ଉତ୍ସବ ହୋଇଥିଲା। ଉପସ୍ଥିତ କବି, କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଆର୍ଟ ଅଫ୍ ଦି ଗିଭିଂ ପକ୍ଷରୁ ଉଲ୍ଲେଖନୀୟ ସେବା ପାଇଁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଅଶୋକ ସେଠୀ, ସତ୍ୟବାଦୀ ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ ପାତ୍ର, ଆଇନଜୀବୀ ସୁଶାନ୍ତ ରଥ, କବି ସଚିକାନ୍ତି ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଯଯାତି କେଶରୀ ରାୟ, ସବିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ହରଚଣ୍ଡୀପୁରସ୍ଥିତ ପତିତପାବନ ଦେବଙ୍କ ମନ୍ଦିର ସମ୍ମୁଖରେ ଆର୍ଟ ଅଫ ଦି ଗିଭିଂ କାର୍ଯ୍ୟକ୍ରମ ହୋଇଯାଇଛି। ସଦସ୍ୟ ସତ୍ୟରଞ୍ଜନ ପଟ୍ଟନାୟକ, ନିରଞ୍ଜନ ମିଶ୍ର ଓ ସାହୁ ପ୍ରମୁଖଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଛି ବରିଷ୍ଠ ନାଗରିକଙ୍କ ସହିତ ନିର୍ଦ୍ଦିଷ୍ଟ ଶ୍ରେଣୀର କୁଶଳୀ ଓ ଅଣକୁଶଳୀ ଶ୍ରମଜୀବୀଙ୍କୁ ଛତା, କଲମ ଦିଆଯାଇଥିଲା।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁମନ୍ତ


@ ହରିହର


@ ସମୀର


@ ଅଶୋକ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବିଦେଶ ଯାତ୍ରାରୁ ଫେରିଲେ ମିଶନ ଶକ୍ତି ମହିଳା

# ଖୁସି ଅନୁଭୂତି ବଖାଣିଲେ

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

ଦୁବାଇରେ ଓଡ଼ିଶା ଦିବସ ପାଳନ କରି ବୁଧବାର ଭୁବନେଶ୍ୱର ଫେରିଛନ୍ତି ଓଡ଼ିଆ ପ୍ରତିନିଧିମଣ୍ଡଳୀ। ଭୁବନେଶ୍ୱରରୁ ସିଧାସଳଖ ଦୁବାଇ ଯାଇ ଫେରିଥିବାରୁ ସମସ୍ତେ ଖୁସି ପ୍ରକାଶ କରିଛନ୍ତି। ମେ' ୧୫ରେ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ାଣ ପ୍ରଥମ ଯାତ୍ରାରେ ଓଡ଼ିଶାରୁ ୧୭୦ ଜଣ ଯାତ୍ରୀ ଦୁବାଇ ଗସ୍ତ କରିଥିବାବେଳେ ସେମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ୭୦ଜଣ ପ୍ରତିନିଧି ରହିଥିଲେ। ଏହି ପ୍ରତିନିଧିଙ୍କ ମଧ୍ୟରେ ୧୦ଜଣ ଏସ୍‌ଏଚ୍‌ଜି ମହିଳା ରହିଥିଲେ। ୩ଦିନିଆ ଦୁବାଇ ଗସ୍ତ ସାରି ଫେରିବା ପରେ ପ୍ରଥମ ବିଦେଶ ଗସ୍ତର ଅନୁଭୂତି ବଖାଣିଛନ୍ତି ଏସ୍‌ଏଚ୍‌ଜି ମହିଳା।

### ମିଶନଶକ୍ତି ଉତ୍ପାଦିତ ଖାଦ୍ୟ ସାମଗ୍ରୀ ରପ୍ତାନି ନେଇ ପ୍ରସ୍ତାବ ଦେବୁ

ଆମେ ସମସ୍ତେ ବହୁତ ଖୁସି। ଦୁବାଇରେ ବୁର୍ଜ ଖଲିଫା, ରାଜାଙ୍କ ପ୍ୟାଲେସ, ସମୁଦ୍ର ବୁଲିଲୁ। ସେଠାରେ ଥିବା ଓଡ଼ିଆ ଲୋକଙ୍କ ସହ ମିଶିଲୁ। ଦୁବାଇରେ ଟଟକା ପନିପରିବା କିମ୍ବା ଓଡ଼ିଶାର ଖାଦ୍ୟ କିଛି ମିଳୁନାହିଁ। ସେଠାରେ ଥିବା ବଙ୍ଗାଳିଲୋକମାନେ ମୁଢ଼ିକୁ ପସନ୍ଦ କରୁଥିବାବେଳେ ଓଡ଼ିଆମାନଙ୍କ ଚୁଡ଼ା, ବଡ଼ି, ପାମ୍ପଡ଼ ଅତି ପ୍ରିୟ। ମାତ୍ର ଏ ସବୁ ସେଠାରେ ସହଜରେ ମିଳି ପାରୁନାହିଁ। ମିଶନଶକ୍ତି ବିଷୟରେ ସେମାନେ ପଚାରି ବୁଝିଥିଲେ। ଏସ୍‌ଏଚ୍‌ଜି ଉତ୍ପାଦିତ ଖାଦ୍ୟକୁ ରପ୍ତାନି କରାଯିବା ନେଇ ସେମାନେ ପ୍ରସ୍ତାବ ଦେଇଛନ୍ତି। ଏସ୍‌ଏଚ୍‌ଜି ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିପରି ପହଞ୍ଚାଯାଇ ପାରିବ ସେ ନେଇ ତେଣୁ ମିଶନଶକ୍ତି ବିଭାଗ ସହିତ ଆଲୋଚନା କରିବୁ।



**– ମୀନାକ୍ଷୀ ପୃଷ୍ଟି, ପୁରୀ ଜିଲା ସଭାପତି**

### ବିଦେଶ ଯିବି କେବେ ଭାବି ନ ଥିଲି

ଗାଁରୁ ଭୁବନେଶ୍ୱରକୁ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲୁ। ସେଠାରୁ ଦୁବାଇକୁ ଗଲୁ। ବହୁତ ଭଲ ଲାଗିଲା। ଆମେ କେବେ ବି ଭାବି ନ ଥିଲୁ ବିଦେଶ ଯିବୁ ବୋଲି। ବହୁତ କିଛି ଦେଖିବା ସହ ଶିଖିବାକୁ ମିଳିଲା। ସେଠାରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଦେଖିଲୁ। ପ୍ରଥମ ବିମାନରେ ଆମେ ଯିବାର ସୁଯୋଗ ପାଇ ଥିବାରୁ ନିଜକୁ ଗର୍ବିତ ଲାଗୁଛି। ସେହିପରି ସିଧାସଳଖ ବିମାନ ଯାତ୍ରା ଆରମ୍ଭ ହୋଇଥିବାରୁ ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଗଲା। ଯାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ।



**– ବିଜୟଲକ୍ଷ୍ମୀ ପାଢ଼ୀ, କଳାହାଣ୍ଡି, ଡିଏଲ୍‌ଏଫ୍ ସଭାପତି**

### ହାଣ୍ଡିଶାଳରୁ ବିଦେଶ ଯାତ୍ରା ଛୋଟକଥା ନୁହେଁ

ମୋ ଜୀବନର ସବୁଠାରୁ ଭଲ ଏବଂ ରୋମାଞ୍ଚକର ଯାତ୍ରା ଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କୁ ବହୁତ ଧନ୍ୟବାଦ ଦେବି। ମିଶନଶକ୍ତିର ସଦସ୍ୟା ହୋଇ ଆଜି ନିଜକୁ ଗର୍ବ ଅନୁଭବ ହେଉଛି। ଏସ୍‌ଏଚ୍‌ଜି ମହିଳାମାନେ ହାଣ୍ଡିଶାଳରୁ ବିଦେଶ ଯାତ୍ରା କରିବା କିଛି ଛୋଟ କଥା ନୁହେଁ। ଆମେ ନିଜ ପଇସା ଖର୍ଚ୍ଚ କରି ଏତେ ସୁବିଧାରେ ଦୁବାଇ ବୁଲି ପାରି ନ ଥାନ୍ତୁ। ସବୁଠାରୁ ବଡ଼ କଥା ହେଉଛି ଆମକୁ ସେଠାରେ ବହୁତ ସମ୍ମାନ ମିଳିଛି, ଯାହାକୁ ଭାଷାରେ କହିବା କଷ୍ଟକର।



**– ଆରତୀ କର, ବଲାଙ୍ଗୀର, ଡିଏଲ୍‌ଏଫ୍ ସଭାପତି**

### ଅଖ୍ୟାତ ଗାଁରୁ ଦୁବାଇ ଅନୁଭୂତି ନିଆରା

ବହୁତ ଖୁସି ଲାଗୁଛି। ଜଣେ ଏସ୍‌ଏଚ୍‌ଜି ମହିଳା ଭାବେ ଅଖ୍ୟାତ ଗାଁରୁ ଦୁବାଇକୁ ବୁଲିବାକୁ ଯିବି ବୋଲି କେବେ ବି ଭାବି ନ ଥିଲି। ଆମକୁ ହାଣ୍ଡିଶାଳରୁ ନେଇ ବିଦେଶ ପରିଭ୍ରମଣ କରାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବି। ଓଡ଼ିଶାର ମହିଳାଙ୍କୁ ସଶକ୍ତ ମହିଳା କରିବା ପାଇଁ ଯେଉଁ ଲକ୍ଷ୍ୟ ରହିଛି ତାହାକୁ ପୂରଣ କରିବା ଦିଗରେ ଏହା ଆଉ ଏକ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜିଲାରୁ ବାହାରି ସିଧା ବିଦେଶ ଯାତ୍ରା କରିବାର ଅନୁଭୂତି ସତରେ ନିଆରା।



**– ପ୍ରତିଭା ସାହୁ, କେନ୍ଦ୍ରାପଡ଼ା ଜିଲା ସଭାପତି**

# ସେବା ପାଇଁ ୬ଜଣଙ୍କୁ 'ଆର୍ଟ ଅଫ୍ ଗିଭିଂ ହିରୋ ସମ୍ମାନ'

**ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ**

**୬ମାସିଆ ପାଠ୍ୟକ୍ରମ ପୁସ୍ତିକା ଓ ସ୍ମରଣିକା ଉନ୍ମୋଚିତ**

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ସମଗ୍ର ବିଶ୍ୱରେ ବୁଧବାର ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସେବା କରୁଥିବା ୬ଜଣଙ୍କୁ 'ଆର୍ଟ ଅଫ୍ ଗିଭିଂ ହିରୋ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ୧ଟଙ୍କାରେ ଚିକିତ୍ସା ସେବା ପ୍ରଦାନ କରୁଥିବା ସମ୍ବଲପୁରର ବିଶିଷ୍ଟ ଡାକ୍ତର ଡ. ଶଙ୍କର ରାମଚନ୍ଦାନୀ, ଯାଜପୁରର ମହିଳା ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ରଥ, କନ୍ଧମାଳର ଆଶାକର୍ମୀ ଶୀଳାବତୀ ପ୍ରଧାନ, କେନ୍ଦୁଝରର ଆମ୍ବୁଲାନ୍ସ ଡ୍ରାଇଭର ଅମରନାଥ ମହାନ୍ତ, କମିଶନରେଟ୍ ପୋଲିସର ଟ୍ରାଫିକ କନ୍‌ଷ୍ଟେବଲ ଫିରୋଜ ମହମ୍ମଦ ଏବଂ ପତିତା ଉଦ୍ଧାର ସମିତିର ସମ୍ପାଦକ ଆଭାରାଣୀ ଚୌଧୁରୀ। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ ଯୋଗଦେଇ କହିଛନ୍ତି, ଆର୍ଟ ଅଫ୍ ଗିଭିଂ ହେଉଛି ହାର୍ଟ ଅଫ୍ ଗିଭିଂ। ଏହା ଆମ ପ୍ରତ୍ୟେକଙ୍କ ନୈତିକ ଦାୟିତ୍ୱବୋଧ ହେବା ଉଚିତ। ପ୍ରମୁଖ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ଆର୍ଟ ଅଫ୍ ଗିଭିଂ ମାଧ୍ୟମରେ ଅନ୍ୟକୁ ଆନନ୍ଦ ଦେବା ସହ ନିଜକୁ ପ୍ରକୃତ ଖୁସି ମିଳିଥାଏ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ୟୁନିଟ-୨ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତା ସଭାପତି ବାବା ରାମ ନାରାୟଣ ଦାସ କହିଲେ, ଆମେ ଯେଉଁ ସବୁ ସତ୍‌କର୍ମ କରୁଛନ୍ତି ସେସବୁ ଆମକୁ ଜୀବନରେ ଶାନ୍ତି ପ୍ରଦାନ କରିଥାଏ। ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପରେ ଆର୍ଟ ଅଫ୍ ଗିଭିଂର ୬ମାସିଆ ପାଠ୍ୟକ୍ରମ ପୁସ୍ତିକା ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା।



କାର୍ଯ୍ୟକ୍ରମରେ 'ଆର୍ଟ ଅଫ୍ ଗିଭିଂ ହିରୋ ସମ୍ମାନ'

## ଶୈଳଜ ରବି, ଫକୀରମୋହନ ସାହୁ ପାଇବେ ଓଡ଼ିଆ ଗବେଷଣା ପରିଷଦ ପୁରସ୍କାର

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଓଡ଼ିଆ ଗବେଷଣା ପରିଷଦ ପକ୍ଷରୁ ୨୦୨୨ ପାଇଁ ପୁରସ୍କାର ଘୋଷଣା ହୋଇଛି। ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡ. କ୍ଷେତ୍ରବାସୀ ନାୟକଙ୍କ ନାମରେ ପ୍ରବର୍ତ୍ତିତ 'କ୍ଷେତ୍ରବାସୀ ସାହିତ୍ୟବିଦ୍ୟା ପୁରସ୍କାର' ପାଇବେ ବିଶିଷ୍ଟ କବି ତଥା ପ୍ରାବନ୍ଧିକ ଶୈଳଜ ରବି। ସେହିଭଳି ପ୍ରତିଷ୍ଠାତା ସଭାପତି ଡ. କୃଷ୍ଣଚରଣ ବେହେରାଙ୍କ ନାମରେ ପ୍ରବର୍ତ୍ତିତ 'କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର' ବିଶିଷ୍ଟ ମନୋବିଜ୍ଞାନୀ ପ୍ରଫେସର ଫକୀରମୋହନ ସାହୁଙ୍କୁ ପ୍ରଦାନ କରାଯିବ। ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କାର ଅର୍ଥରାଶି, ମାନପତ୍ର, ଅଙ୍ଗବସ୍ତ୍ର ଓ ସ୍ମାରକୀ ଦିଆଯିବ। ଆଗାମୀ ୨୧ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯିବ ବୋଲି ସଭାପତି ସୁଧୀର ଚନ୍ଦ୍ର ବେହେରା, ଉପସଭାପତି ଅସିତ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ ଜଣାଇଛନ୍ତି।

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

# ୩୦ ଆମ୍ବୁଲାନ୍ସ, ୧୩୨ ଜରୁରିକାଳୀନ ଶଯ୍ୟା ପ୍ରସ୍ତୁତ ରହିବ

ପୁରୀ ଅଫିସ, ୧୭।୫

**ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କଲେ ସଚିବ**

- ୨୪୦ ବିଶେଷଜ୍ଞ ଡାକ୍ତର, ପାରାମେଡିକ୍ ଷ୍ଟାଫ୍ ପଠାଇବାକୁ ନିର୍ଦ୍ଦେଶ
- ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ଭେଟିଲେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ବୁଧବାର ପୁରୀ ଗସ୍ତରେ ଆସି ଚଳିତବର୍ଷର ରଥଯାତ୍ରା ନିମନ୍ତେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନବଯୌବନ ଦର୍ଶନଠାରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସରିବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଣ ନିଶ୍ଚିତ କରାଇବା ପାଇଁ ଆଗୁଆ ପୂର୍ଣ୍ଣ ପ୍ରସ୍ତୁତି କରିବାକୁ ସଚିବ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଅଧିକ ୧୩୨ଟି ଜରୁରିକାଳୀନ ବେଡ୍ ଏବଂ ୮୨ଟି ହିଟ୍ ଷ୍ଟ୍ରୋକ୍ ଚିକିତ୍ସା ବେଡ୍ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ହୋଇଛି। କାଜୁଆଲିଟି ଏବଂ ଏମର୍ଜେନ୍ସି ମେଡିକାଲ ୟୁନିଟ୍ ସବୁ ପୂର୍ଣ୍ଣ ପ୍ରସ୍ତୁତିରେ ରଖିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ବଡ଼ଦାଣ୍ଡସ୍ଥିତ ଗାଣ୍ଡୁଆଚଉରା ଛକ, ସିଂହଦ୍ୱାର, ଉତ୍କଳ ହିନ୍ଦୀ ବିଦ୍ୟାପୀଠ, ଜନତା ସିନେମା ହଲ୍, ଜଗନ୍ନାଥ ବଲ୍ଲଭ ପାର୍କିଂ, ବଗଲା ଧର୍ମଶାଳା, ବଡ଼ଶଙ୍ଖ, ଗଜପତି ନଗର ଛକ, ସଂଗ୍ରାମ କ୍ଲବ୍, ପଲ୍ଲିଶ୍ରୀ ମେଳା ସ୍ଥାନ, ଗୁଣ୍ଡିଚା ମନ୍ଦିର ନିକଟରେ ଫାଷ୍ଟ ଏଡ୍ ସେଣ୍ଟର୍ ସ୍ଥାପନ ହେବ। ସେହିପରି ସମୁଦ୍ରକୂଳସ୍ଥିତ ଦିଗବାରେଣୀ ଖୁଣ୍ଟି, ସ୍ୱର୍ଗଦ୍ୱାର, ବଟଘର, ତାଳବଣିଆ ବସ୍‌ଷ୍ଟାଣ୍ଡ ଓ ପୁରୀ ରେଳଷ୍ଟେଶନ୍‌ଠାରେ ଫାଷ୍ଟ ଏଡ୍ କେନ୍ଦ୍ର ସ୍ଥାପନ କରାଯିବ। ପୁରୀ-ଭୁବନେଶ୍ୱର ରାସ୍ତାର ଗୁଡ଼ିଆପୋଖରୀ, ପିପିଲି ଓଭରବ୍ରିଜ୍, ଦାଣ୍ଡମୁକୁନ୍ଦପୁର, ପଟ୍ଟନାୟିକିଆ, ମାଳତିପାଟପୁର ବସ୍‌ଷ୍ଟାଣ୍ଡ ଏବଂ ଅଠରନଳା ପୁରୀ-କୋଣାର୍କ ରାସ୍ତାର ଗୋପାଳପୁର ଛକ ଓ ବାଲିଘାଇ ଛକ, ରାମଚଣ୍ଡୀ ମନ୍ଦିର, ପୁରୀ-ସାତପଡ଼ା ରାସ୍ତାର ମଙ୍ଗଳା ଘାଟ ଛକ ଓ ଗିରାଳ ଛକଠାରେ ମଧ୍ୟ ଫାଷ୍ଟ ଏଡ୍ କେନ୍ଦ୍ର ସ୍ଥାପନ ହେବ। ଏହାଛଡ଼ା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩୦ଟି ଆମ୍ବୁଲାନ୍ସ ପ୍ରସ୍ତୁତ ରଖାଯିବ। ଖାଦ୍ୟ ସୁରକ୍ଷା ଯାଞ୍ଚ ପାଇଁ ୨ଟି ଦଳ ନିୟୋଜିତ ହେବା ସହିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ଇତିମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୫ଟି ଅମ୍ଳଜାନ ସଂଯୁକ୍ତ ବେଡ୍, ଅପରେଶନ୍ ଥିଏଟର୍ ଓ ଆଇସିୟୁକୁ ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି। ରଥଯାତ୍ରା ସମୟରେ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଏଡ଼ାଇବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟ ସୁରକ୍ଷା ଓ ପିଇବା ପାଣି ବ୍ୟବସ୍ଥା ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ସେହିପରି ଜିଲାରେ ଡାକ୍ତର ଓ ପାରାମେଡିକ୍ସ ଷ୍ଟାଫ୍ ସଂଖ୍ୟା ଯେପରି ଅଭାବ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଚିବ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କୁ କହିଥିଲେ। ରାଜ୍ୟସ୍ତରରୁ ଅଧିକ ୨୪୦ ଜଣ ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଅନ୍ୟ ପାରାମେଡିକ୍ ଷ୍ଟାଫ୍ ପୁରୀକୁ ପଠାଇବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ପରିମାଣର ଔଷଧ ମହଜୁଦ ରଖିବା ସହ ସମସ୍ତ ଯନ୍ତ୍ରପାତି ଓ ଚିକିତ୍ସା ଉପକରଣ କାର୍ଯ୍ୟକାରିତା ପୁନଃ ତନଖି କରିବା ପାଇଁ କୁହାଯାଇଛି। ରଥଯାତ୍ରା ସମୟରେ ରୋଗୀ ସେବା ନିମନ୍ତେ ଯାତାୟାତ ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲା ପ୍ରଶାସନ ତରଫରୁ ପାସ୍ ଦେବାପାଇଁ ନିଷ୍ପତ୍ତି ହୋଇଛି। ଏହି ଗସ୍ତ ଅବସରରେ ସଚିବ ପଣ୍ଡିତ ଶ୍ରୀଜଗନ୍ନାଥ ମେଡିକାଲ୍ ଓ ହସ୍ପିଟାଲ୍ ପରିଦର୍ଶନ କରି ରୋଗୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଆଦି ଠିକ୍ ଭାବେ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ରୋଗୀମାନେ ଦେୟମୁକ୍ତ ଗୁଣାତ୍ମକ ଔଷଧ ସେବା ବିଷୟରେ ନିଜ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ।


ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ଅଧିକାରୀମାନେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.11/ET/SBP/ENGG/2023-24, ତା.12.05.2023ରିଖ

ଇ-ଟେଣ୍ଡର ସଂ.11-eT-SDENE-SBP-23

**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ହଣ୍ଡପା-ବଉଣ୍ଡା ସେକ୍ସନରେ କି.ମି.116/6-8(UP) ଠାରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ କି.ମି.116/6-9(DN) ଠାରେ ୱାୟର ରୋପ ନେଟ୍ (Wire rope net) ଦ୍ୱାରା ବୋଲ୍ଡର ଅପସାରଣ ଏବଂ ସ୍ଲୋପ ସୁରକ୍ଷା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,19,67,608.81, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,09,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.06.2023ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-179/O/23-24

# ଦେବାଶିଷ ଦାଶ ହେଲେ ଆଇଏଲଏସ୍ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭।୫(ବ୍ୟୁରୋ)



ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ(ଆଇଏଲଏସ୍)ର ନିର୍ଦ୍ଦେଶକ ଭାବେ ଡ. ଦେବାଶିଷ ଦାଶଙ୍କୁ ନିଯୁକ୍ତି ମିଳିଛି। ବର୍ତ୍ତମାନ ସେ ସିଏସ୍‌ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜେନୋମିକ୍ସ ଆଣ୍ଡ୍ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିର ମୁଖ୍ୟ ବୈଜ୍ଞାନିକ ଅଛନ୍ତି। ଡ. ଦାଶଙ୍କର ଜୀବ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ସେ ଜେନୋମ ଇନ୍‌ଫର୍ମେଟିକ୍ସ, ବାୟୋ ଇନ୍‌ଫର୍ମାଟିକ୍ସ, ସିଷ୍ଟମ ବାୟୋଲୋଜି ଏବଂ ପ୍ରୋଟୋମିକ୍ସରେ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏଥିସହ ଡ. ଦେବାଶିଷ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ମଲିକୁଲାର ବାୟୋଫିଜିକ୍ସରେ ଡକ୍ଟର ଅଫ୍ ଦି ଫିଲୋସଫି (ପିଏଚ୍‌ଡି) ଡିଗ୍ରୀ ହାସଲ କରିଛନ୍ତି।

**ବନ୍ଦେ ଭାରତ ଏକ୍ସପ୍ରେସ୍**



ଶ୍ରୀକ୍ଷେତ୍ରରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ ଅବ୍ୟବହିତ ପୂର୍ବରୁ ବୁଧବାର ପୁରୀ ମରିଚକୋଟ ଅଞ୍ଚଳର ନନ୍ଦିନୀ ପଟ୍ଟନାୟକ କାର୍ଡବୋର୍ଡରେ ପ୍ରସ୍ତୁତ କରିଥିବା ଟ୍ରେନ୍ ପ୍ରତିକୃତିକୁ ପ୍ରଦର୍ଶନ କରୁଛନ୍ତି।

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ କାଟାଲଗ ନଂ.: ପାର୍କ-କେଜିପି-୨୩-୦୯, ତାରିଖ: ୧୫।୦୫।୨୦୨୩।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ୩ (ତିନି) ବର୍ଷ ଅବଧି ପାଇଁ ବିଆର୍‌ଡିବି, ବିଟିକ୍ୟୁ, ଏଚ୍‌ଏଲ୍‌ଜେଡ୍, କେଜିପିଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୪ (ଚାରି) ଗୋଟି ପାର୍କିଂ ଲଟ୍ ଏବଂ ସିକେୟୁ ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୧ (ଏକ) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ଲଟ୍ ସଂଖ୍ୟା | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ଦୁଇଚକିଆ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୩-୦୯ | ୦୫ | ୦୧।୦୬।୨୩ | ୧୧.୦୦ ଘଟିକା | ୧୨.୧୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-174) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ମେ, ୨୦୨୩

**୩ ସ୍ଥାନରୁ ହଟିଲା ୭୦ରୁ ଊର୍ଦ୍ଧ୍ୱ ବେଆଇନ ଜବରଦଖଲ**

ଭୁବନେଶ୍ୱର(ବ୍ୟୁରୋ) - ବିଡିଏ ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ୩ଟି ସ୍ଥାନରେ ବେଆଇନ ନିର୍ମାଣ ଉଚ୍ଛେଦ କରାଯାଇଛି। ଏମ୍ସ ରୋଡ୍‌ରେ ଘର ନିର୍ମାଣ ସାମଗ୍ରୀ ବିକ୍ରି ହେଉଥିବା ୧୬ଟି ଦୋକାନ, ୧୬ଟି ଶୌଚାଳୟ ଓ ୧୬ଟି ପାଣି ଟାଙ୍କିକୁ ଭଙ୍ଗାଯାଇଛି। ସେହିପରି ଚିନ୍ତାମଣିଶ୍ୱର ପୋଖରୀ ନିକଟରୁ ୩ ବେଡରୁମ ବିଶିଷ୍ଟ ଗୋଟିଏ ଛାତ ଘର, ୩ଟି ବାଉଁଶ ନିର୍ମିତ ସେଡ, ୬ଟି ଟିଣ ସେଡ, ୫ଟି କ୍ୟାବିନ, ୨ଟି ପିଣ୍ଡି ଓ ୪୪୦ ଫୁଟ ଲମ୍ବର ପାଚେରୀ ମାଟିରେ ମିଶିଛି। ପାଣ୍ଡରାରେ ୩ ବଖରା ଆଜବେଷ୍ଟସ ଘର, ୮ ଦୋକାନ, ଗୋଟିଏ ପର୍ଣ୍ଣଚର ଦୋକାନ, ଗୋଟିଏ କବାଡ଼ିଆ ଦୋକାନ ଆଦି ଭଙ୍ଗାଯାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକ ଓ ଦୋକାନୀ ପ୍ରବଳ ବିରୋଧ କରିଥିଲେ।



# ଭୁଆସୁଣୀ ଡମ୍ପିଂୟାର୍ଡକୁ ଅଳିଆ ବନ୍ଦ

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

■ଦାରୁଠେଙ୍ଗ ସରପଞ୍ଚଙ୍କୁ ଚିଠି ଲେଖି ଅବଗତ କଲେ ବିଏମ୍‌ସି କର୍ତ୍ତୃପକ୍ଷ
■ଏବେଠୁ ଚ୍ୟାଲେଞ୍ଜିଂ ହେବ ବର୍ଜ୍ୟ ପରିଚାଳନା
■ବାୟୋ ମାଇନିଂ କାମ ଆଗେଇବ

ସବୁ ବାଦବିବାଦର ଅନ୍ତ ଘଟିବା ସହ ଦାରୁଠେଙ୍ଗ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜଧାନୀ ଭୁବନେଶ୍ୱରରୁ ବାହାରୁଥିବା ଅଳିଆ ଆଉ ଭୁଆସୁଣୀ ଡମ୍ପିଂୟାର୍ଡକୁ ଯିବନାହିଁ ବୋଲି ସୂଚନା ଦିଆଯିବା ପରେ ବୁଧବାରଠାରୁ ଏଠାରେ ଅଳିଆ ପକା ବନ୍ଦ ହୋଇଛି। ଏ ନେଇ ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ଭାବେ ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି। ୨୦୨୨ ଅଗଷ୍ଟ ୩୦ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକ ଅନୁସାରେ ଚଳିତ ମାସ ୩୧ ତାରିଖ ସୁଦ୍ଧା ଏହାକୁ ବନ୍ଦ କରିବା ପାଇଁ ସମୟ ନିର୍ଦ୍ଧାରଣ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ତାରିଖର ୧୫ ଦିନ ପୂର୍ବରୁ ବିଏମ୍‌ସି ପକ୍ଷରୁ ଡମ୍ପିଂୟାର୍ଡକୁ ବର୍ଜ୍ୟ ପରିବହନ ବନ୍ଦ କରାଯାଇଛି। ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ଆଧାର କରି ଭୁବନେଶ୍ୱର ମହାନଗର (ବିଏମ୍‌ସି) ନିଜ ଅଞ୍ଚଳରେ ୩୪ଟି ସମ୍ପଦ କେନ୍ଦ୍ର ବା ୱେଲ୍‌ଥ ସେଣ୍ଟର ପ୍ରତିଷ୍ଠା କରିଛି। ଏଥିସହ ନିକଟରେ ଆଧୁନିକ ତଥା ବିଜ୍ଞାନ ସମ୍ମତ ବର୍ଜ୍ୟ ପରିଚାଳନାକୁ ଭିତ୍ତିକରି ଅଧିକ କ୍ଷମତା ବିଶିଷ୍ଟ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରିବା ଏବଂ ବର୍ଜ୍ୟ ପୃଥକୀକରଣ କରିବା ସହିତ ଜିରୋ ଲିଟରିଂକୁ ପାଥେୟ କରି ସହରର ପରିମଳ ସମସ୍ୟା ସମାଧାନ କରିବ ବୋଲି ସୂଚନା ଦିଆଯାଇଛି। ସେହିପରି ଭୁଆସୁଣୀ ଡମ୍ପିଂୟାର୍ଡରେ ନିର୍ମାଣ ହେବାକୁ ଥିବା ବାୟୋ ମାଇନିଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ସହରର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଆସୁଥିବା ବିଏମ୍‌ସି ବାରମ୍ବାର ପରିମଳ ପରିଚାଳନାକୁ ନେଇ ଅତୀତରେ ସମାଲୋଚନାର ଶିକାର ହୋଇଛି। ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଦାରୁଠେଙ୍ଗ ଯୁବକଙ୍କ ମୃତ୍ୟୁହେବା କାରଣରୁ ଗ୍ରାମବାସୀ ବିଏମ୍‌ସି ଅଳିଆ ଗାଡ଼ିକୁ ପୂରାଇ ଦେଇ ନ ଥିଲେ। ଫଳରେ ସହର ସାରା ଅଳିଆ ଆବର୍ଜନା ଗଦା ହୋଇ ଯାଇଥିଲା। ଟିଟିଏସ୍ ଉଛୁଳିବା ସହ ଗଳିକନ୍ଦି ଏପରିକି ମୁଖ୍ୟ ରାସ୍ତାରେ ମଧ୍ୟ ଅଳିଆ ପାହାଡ଼ ତିଆରି ହୋଇଥିଲା। ୩/୪ ଦିନରେ ସ୍ମାର୍ଟସିଟି ଆବର୍ଜନା ସିଟିରେ ପରିଣତ ହୋଇଥିଲା। ବହୁ ବୁଝାଶୁଝା ପରେ ଗ୍ରାମବାସୀଙ୍କୁ ମନାଇ ସହରରୁ ଅଳିଆ ଉଠି ଡମ୍ପିଂୟାର୍ଡରେ ପଡ଼ିଥିଲା। ସହରରେ ଆବର୍ଜନା ପରିଚାଳନା ପାଇଁ ଯଥେଷ୍ଟ ଏମ୍‌ସିସି, ଏମ୍‌ଆରଏଫ୍ ନିର୍ମାଣ ହୋଇଗଲେ ଅଳିଆ ବାହାରକୁ ନେବାକୁ ପଡିବ ନାହିଁ ବୋଲି ବିଏମ୍‌ସି ସେ ସମୟରେ ସଫେଇ ଦେଇଥିଲା। ଏଯାବତ ସମସ୍ତ ୱାର୍ଡରେ ଏମ୍‌ସିସି ନିର୍ମାଣ ହୋଇନାହିଁ। ମାତ୍ର ୩୪ଟି ଏମ୍‌ସିସି ନିର୍ମିତ ହୋଇ ଥିବାବେଳେ ଏମ୍‌ଆର୍‌ଏଫ୍ ମଧ୍ୟ ଯଥେଷ୍ଟ ନାହିଁ। ସେହିପରି ଯେଉଁ ମେଗା ଏମ୍‌ସିସିର ସ୍ୱପ୍ନ ବିଏମ୍‌ସି ସହରବାସୀଙ୍କୁ ଦେଖାଇଥିଲା ତାହା ମଧ୍ୟ ପୂରଣ ହୋଇ ନାହିଁ। ଏପରି କ୍ଷେତ୍ରରେ ସହରରୁ ବାହାରୁଥିବା ଦୈନିକ ୫ଶହ ଟନ୍‌ରୁ ଊର୍ଦ୍ଧ୍ୱ ଆବର୍ଜନାକୁ ତାହା କିଭଳି ପରିଚାଳନା କରିବ ତାହା ବିଏମ୍‌ସି ପାଇଁ ନିଶ୍ଚିତ ପକ୍ଷେ ଚ୍ୟାଲେଞ୍ଜିଂ ହେବ। ତେଣୁ ଡମ୍ପିଂୟାର୍ଡରେ ଅଳିଆ ପକାଇବା ସମ୍ପୂର୍ଣ୍ଣ ବନ୍ଦ କରିବା ବିଏମ୍‌ସିର ସପକ୍ଷରେ ଯିବ କି ନାହିଁ ତାହା ଭବିଷ୍ୟତରେ ଜଣାପଡ଼ିବ। ଅପରପକ୍ଷେ ୨୦୦୮ରୁ ଭୁଆସୁଣୀରେ ଆବର୍ଜନା ପଡ଼ି ଆରମ୍ଭ ହୋଇଥିଲା। ସେବେଠାରୁ ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଥିଲେ। ତେବେ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ବିଏମ୍‌ସି ଅଳିଆ ପକାଇବା ବନ୍ଦ କରିଥିବାରୁ ଦାରୁଠେଙ୍ଗ ଗ୍ରାମବାସୀ ନିଜର ଖୁସିବ୍ୟକ୍ତ କରିଛନ୍ତି। ଏନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ମେ’ ୩୧ ସୁଦ୍ଧା ଭୁଆସୁଣୀରେ ଅଳିଆ ପକାଇବାକୁ ନିର୍ଦ୍ଦେଶ ରହିଥିଲା। ଆମେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛୁ। ଏଣିକି ସହରର ଅଳିଆ ସହର ମଧ୍ୟରେ ରହିବ। ବିଏମ୍‌ସି ପକ୍ଷରୁ ନିର୍ମାଣ ହୋଇଥିବା ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର), ଏମ୍‌ଆର୍‌ଏଫ୍ (ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି) ନିର୍ମାଣ ହୋଇଛି। ସହରରୁ ଦୈନିକ ବାହାରୁଥିବା ଅଳିଆ ସେଠାକୁ ଯିବ। ଆବଶ୍ୟକ ପଡ଼ିଲେ ସୈନିକ ସ୍କୁଲ ପାଖ ଟିଟିଏସ୍‌କୁ ମଧ୍ୟ ଅଳିଆ ସ୍ଥାନାନ୍ତର ହେବ ଏବଂ ସେଠାରୁ ପୁଣି ଏମ୍‌ସିସିକୁ ଅଣାଯିବ। ବାୟୋ ମାଇନିଂ ପ୍ରକଳ୍ପ ନେଇ ମଧ୍ୟ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ସେଠାରେ ମେଶିନ୍ ଇନ୍‌ଷ୍ଟାଲେସନ କରାଯିବ।

## ଖୁସି ମନାଇଲେ ଦାରୁଠେଙ୍ଗ ଗ୍ରାମବାସୀ

ବାରଙ୍ଗ,୧୭।୫(ଡି.ଏନ୍.ଏ.)- ୧୫ ବର୍ଷ ଧରି ଦାରୁଠେଙ୍ଗ ଗ୍ରାମବାସୀ କରିଆସୁଥିବା ଦାବିକୁ ଶେଷରେ ସରକାର ଶୁଣିଛନ୍ତି। ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପଡ଼ିବନି ବୋଲି ବିଏମ୍‌ସି କହିବା ପରେ ଗ୍ରାମବାସୀ ଖୁସି ହୋଇଛନ୍ତି। ଏ ନେଇ ଗ୍ରାମର ସରପଞ୍ଚ ତପନ ଚକ୍ରବର୍ତ୍ତୀ ସ୍ଥାନୀୟ ଯାତ୍ରା ପଡିଆରେ ଖବରଦାତା ସମ୍ମିଳନୀ କରି କହିଥିଲେ, ୨୦୦୮ରୁ ଏଠାରେ ଅଳିଆ ପକାଇବାକୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ। ଯାହାକୁ ନେଇ ଗ୍ରାମର ପୂର୍ବତନ ସରପଞ୍ଚ, କେତେକ ଯୁବକ ଜେଲ ଯାଇଛନ୍ତି। ହେଲେ ଆମ ସଂଗ୍ରାମ ଜାରି ରହିଥିଲା। ଗତ ୩୦ ଅଗଷ୍ଟ ୨୦୨୨ରେ ଗ୍ରାମବାସୀ ଓପନ ଡମ୍ପିଂୟାର୍ଡ ବନ୍ଦ କରିବାକୁ ରାସ୍ତାରୋକୋ କରି ନିଜ ଜିଦ୍‌ରେ ଅଟଳ ରହିଥିଲେ। ଯାହାକୁ ନେଇ ଭୁବନେଶ୍ୱର ମେୟର, ବିଏମ୍‌ସି କମିଶନର, ବିଧାୟକ ସମେତ ଗ୍ରାମବାସୀ ଭୁବନେଶ୍ୱର ସର୍କିଟ ହାଉସରେ ଏକ ବୈଠକ କରାଯାଇଥିଲା। ଯାହା ଏବେ ସଫଳ ହୋଇଛି। ଫଳରେ ଭୁଆସୁଣୀ ତା’ର ପୂର୍ବ ଅବସ୍ଥାକୁ ଫେରିପାଇବ। ଏବଂ ସରକାର ୩ ବର୍ଷ ସମୟ ମାଗିଛନ୍ତି ଭୁଆସୁଣୀ ପଡ଼ିଥିବା ଅଳିଆକୁ ବାୟୋ ମାଇନିଂ କରାଯାଇ ସଫା କରାଯିବ ବୋଲି ସରପଞ୍ଚ କହିଛନ୍ତି।

## କ୍ୟାଡର ପୁନର୍ଗଠନ କାର୍ଯ୍ୟକାରୀ କରିବାରେ ଅବହେଳା

**ଟ୍ରେଜେରି ଅମଲା ସଂଘର ଆନ୍ଦୋଳନ ଚେତାବନୀ**

ଭୁବନେଶ୍ୱର,୧୭।୫(ବ୍ୟୁରୋ)

୨୦୧୮ରୁ କ୍ୟାଡର ପୁନର୍ଗଠନ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ବିଭିନ୍ନ ବିଭାଗରେ ତାହା କାର୍ଯ୍ୟକାରୀ ହେଉଥିବା ବେଳେ ଟ୍ରେଜେରିରେ ଅମଲାମାନଙ୍କ କ୍ଷେତ୍ରରେ ତାହା ଲାଗୁ କରାଯାଉ ନାହିଁ। ଏନେଇ କର୍ମଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କ୍ୟାଡର କାର୍ଯ୍ୟକାରୀ ନ ହେବା ଯୋଗୁ ନିର୍ଦ୍ଦେଶାଳୟରେ ଠିକ୍ ସମୟରେ ପଦୋନ୍ନତି ଦିଆଯାଇପାରୁ ନାହିଁ। ଗୃହ ଋଣ, ଗ୍ରାଚ୍ୟୁଇଟି, ବଳକା ଛୁଟି ଆଦି କ୍ଷେତ୍ରରେ କର୍ମଚାରୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଅବହେଳାର ପ୍ରତିବାଦରେ ଟ୍ରେଜେରି ଅମଲା ସଂଘ ପକ୍ଷରୁ ଆନ୍ଦୋଳନ କରିବାକୁ ଧମକ ଦିଆଯାଇଛି । ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

## ସିଲିଗୁଡ଼ି, ଗ୍ୟାଙ୍ଗ୍‌ଟକ ବୁଲିଲେ ଲୟୋଲା ଛାତ୍ରୀଛାତ୍ର

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଲୟୋଲା ସ୍କୁଲର ୯୭ ଜଣ ଛାତ୍ରୀଛାତ୍ର ଦାର୍ଜିଲିଂ, ଗ୍ୟାଙ୍ଗ୍‌ଟକ ଓ ସିଲିଗୁଡ଼ି ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। ୯ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଥିଲା। ସ୍କୁଲର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ପ୍ରଥମେ ସିଲିଗୁଡିର ନୂଆ ଜଲପାଇଗୁଡ଼ିରେ ପହଞ୍ଚିଥିଲେ। ବିଦ୍ୟାର୍ଥୀମାନେ ଟାଇଗର୍ ହିଲ୍ସ, ବାଟାସିଆ ଲୁପ ଓ ଦଲାଇ ଲାମା ଦ୍ୱାରା ନିର୍ମିତ ଏକ ପ୍ରାଚୀନ ମଠ ପରିଦର୍ଶନ କରିଥିଲେ। ଏହା ସହ ଚା’ ବଗିଚା ମଧ୍ୟ ବୁଲି ଦେଖିଥିଲେ। ଗ୍ୟାଙ୍ଗ୍‌ଟକରେ ପହଞ୍ଚିବା ପରେ ପ୍ରକଳ୍ପର ମୁଖ୍ୟ ଚିତ୍ତରଞ୍ଜନ ଦାସ, ସି.ଆର. ଦାସଙ୍କ ସ୍ତ୍ରୀ ସ୍ମୃତି ରୁମୀ ଦାସ ଏବଂ ଅନ୍ୟ ଅଧିକାରୀଙ୍କ ସହଯୋଗରେ ଛାତ୍ରୀଛାତ୍ର ଜାତୀୟ ଜଳ ବିଦ୍ୟୁତ ନିଗମ(ଏନ୍‌ଏଚ୍‌ପିସି) ପରିଦର୍ଶନ କରିଥିଲେ। ସେହିପରି ତିସ୍ତା ନଦୀ, ପାଇନ୍ ବୃକ୍ଷର ଦୃଶ୍ୟ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନାଥୁଲା ପାସ୍, ଚାଙ୍ଗୁ ହ୍ରଦ, ବାବା ମନ୍ଦିର ସହ ବରଫାବୃତ୍ତ କାଞ୍ଚନଜଙ୍ଘା ପର୍ବତ ପରିଭ୍ରମଣ କରିଥିଲେ।



ଭ୍ରମଣ ଅବସରରେ ସ୍ଥାନୀୟ ବେଶଭୂଷାରେ ଲୟୋଲା ସ୍କୁଲ ଛାତ୍ରୀ।



ରବୀନ୍ଦ୍ର ମଣ୍ଡପରେ ବୁଧବାର ଉଦ୍‌ଘାଟିତ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ କୋଲକାତାର ଅଜୟ ଚକ୍ରବର୍ତ୍ତୀ ଶାସ୍ତ୍ରୀସଙ୍ଗୀତ ଗାନ କରୁଛନ୍ତି।

## ଅଜୟ ଚକ୍ରବର୍ତ୍ତୀଙ୍କ ଶାସ୍ତ୍ରୀୟ ସଙ୍ଗୀତ ମନ ମୋହିଲା

ଭୁବନେଶ୍ୱର,୧୭।୫(ବ୍ୟୁରୋ)

**ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଆରମ୍ଭ**

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଓ ଫାଉଣ୍ଡେଶନର ୩୧ତମ ବାର୍ଷିକୋତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ମଣ୍ଡପ ବାହାରେ ବାଲକାଟୀରୁ ଆସିଥିବା କଳାକାରଙ୍କ ଘୋଡ଼ାନାଚ, ଘଣ୍ଟ ମର୍ଦ୍ଦଳରେ ପରିବେଶ ମୁଖରିତ ହୋଇ ଉଠିଥିଲା। ସେହିପରି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ କୋଲକାତାର ପଣ୍ଡିତ ଅଜୟ ଚକ୍ରବର୍ତ୍ତୀ। ସେ ତାଙ୍କ ସାଥୀଙ୍କ ସହ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରି ଦାଶଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଦର୍ଶକଙ୍କ ମନମୋହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ବିଶିଷ୍ଟ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, କୋଲ ଆଣ୍ଡ ପାୱାର ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରିପୁତ ମିଶ୍ର, ଗ୍ରାମୀଣ ବିଦ୍ୟୁତିକରଣ ନିଗମର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସଙ୍ଗୀତ ଗୁରୁ ରାମହରି ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି କ୍ଷୀରୋଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ଆବାହକ ଅରକ୍ଷିତ ଦାଶ ସଭା ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ଭୁବନେଶ୍ୱରର ଶିବାଗ୍ନି ଅନୁଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓ ସର୍ଜନଶୀଳ ଗୀତ–ବାଦ୍ୟର ମିଶ୍ରଣ ସନ୍ଧ୍ୟା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ।

## ବିଏମ୍‌ସିକୁ ୨.୫ ଏକର ଜମି ଦେବ ଓୟୁଏଟି

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

**ବର୍ଜ୍ୟ ପରିଚାଳନା : ଏମ୍‌ଓୟୁ ସ୍ୱାକ୍ଷରିତ**

କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ଅଧିନିୟମ ୨୦୧୬କୁ ଭିତ୍ତିକରି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସହରକୁ ବର୍ଜ୍ୟମୁକ୍ତ କରିବା ସହ ବର୍ଜ୍ୟ ପରିଚାଳନାକୁ ତ୍ୱରାନ୍ୱିତ କରୁଛି। ଇତିମଧ୍ୟରେ ୩୪ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଓ ୧୮ଟି ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ) କାର୍ଯ୍ୟକାରୀ ହୋଇଛି। ଏତଦ୍‌ବ୍ୟତୀତ ବର୍ଜ୍ୟ ପରିଚାଳନା ଲାଗି ଆଧୁନିକ ତଥା ବିକାଶ ମୂଳକ ପଦକ୍ଷେପ ମଧ୍ୟ ନିଆଯାଉଛି। ଏବେ ଏହି କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)। ଏନେଇ ବୁଧବାର ବିଏମ୍‌ସି ଏବଂ ଓୟୁଏଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହିଅନୁଯାୟୀ ଓୟୁଏଟି ୨.୫ ଏକର ଜମି ଦେବ। ଏଥିରେ ବିଏମ୍‌ସି ପକ୍ଷରୁ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କରାଯାଇ ସଂଲଗ୍ନ ଅଞ୍ଚଳରୁ ବର୍ଜ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣ କରାଯିବ। ଏଠାରୁ ବାହାରିବାକୁ ଥିବା ‘ମୋ ଖତ’ ଓୟୁଏଟିର ଆବଶ୍ୟକତା ମେଣ୍ଟାଇବ ଓ ବଳକା ଖତକୁ ବିଏମ୍‌ସି ବିକ୍ରି କରିବ। ଅନ୍ୟପକ୍ଷରେ ଖତର ମାନ ଓ ଏ ସମ୍ପର୍କିତ ଗବେଷଣାକୁ ଦୃଢ କରିବାରେ ଓୟୁଏଟି ସହଯୋଗ କରିବ ବୋଲି ରାଜିନାମାରେ ଉଲ୍ଲେଖ ରହିଛି। ‘ମୋ ଖତ’ର ଚାହିଦା ବଢ଼ିବା ବିଏମ୍‌ସି ପାଇଁ ପ୍ରଶଂଶା ଯୋଗ୍ୟ ପଦକ୍ଷେପ ହୋଇଛି। ସେହିପରି ସହରରେ ଅଧିକ ଶକ୍ତି ସମ୍ପନ୍ନ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ବର୍ଜ୍ୟର ସୁପରିଚାଳନା କରାଯାଇ ସହରର ସ୍ୱଚ୍ଛତାରେ ଉନ୍ନତି ଆଣିବା ସହ ବାସୋପଯୋଗିତାର ଗୁଣାତ୍ମକ ମାନ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଗୋଷ୍ଠୀ ସହଭାଗିତା, ଆନୁଷ୍ଠାନିକ ସଂଯୋଜନା ଦ୍ୱାରା ବର୍ଜ୍ୟ ପରିଚାଳନାରେ ଆମେ ଶୀର୍ଷରେ ପହଞ୍ଚି ପାରିବା ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ଉପସ୍ଥିତିରେ ବିଏମ୍‌ସି ପକ୍ଷରୁ ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ ଏବଂ ଓୟୁଏଟି ପକ୍ଷରୁ ରେଜିଷ୍ଟ୍ରାର ଲୋପାମୁଦ୍ରା ମହାନ୍ତି ଓଏମ୍‌ୟୁ ସ୍ୱାକ୍ଷର କରିଥିଲେ।

## ଆର୍ଟ ଅଫ୍ ଗିଭିଂ ଦିବସ ନିଶ୍ଚିତ ଜାତିସଂଘର ବିଶ୍ୱଦାନ ଦିବସ ରୂପେ ସ୍ଥାନ ପାଇବ : ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସର ୧୦ମ ସଂସ୍କରଣ ବୁଧବାର ଦୂରଦର୍ଶୀ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ଏମ୍‌ପି ତଥା କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଏହି ଆନନ୍ଦ ଦିବସ ଦିନେ ନିଶ୍ଚିତ ଜାତିସଂଘର ବିଶ୍ୱଦାନ ଦିବସ ରୂପେ ସ୍ଥାନ ପାଇବ। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ସମାଜସେବୀ ଚିଦାତ୍ମିକା ଖଟୁଆ, ସ୍ୱାପ୍ନା ପତି, ପ୍ରବୀଣ ଅଗ୍ରୱାଲ୍, ଡ. ଅଭିଜିତ୍ ପଟ୍ଟଯୋଶୀ, ରୋଟାରି ଗଭର୍ନର ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଋଷି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖବରକାଗଜର ବ୍ୟୁରୋ ଚିଫ୍ ପ୍ରସନ୍ନ ବିଷୋଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, ଡାକ୍ତର, ସମାଜସେବୀ, ନର୍ସ, ଫାର୍ମାସିଷ୍ଟ, ସ୍ୱେଚ୍ଛାସେବୀ, ସାନିଟାରି ଇନ୍ସପେକ୍ଟର, ୱାର୍ଡ ଅଫିସର, ସୁପରଭାଇଜର, ସଫେଇ କର୍ମଚାରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରକାଶ ପାଇବ ୪ ପୁସ୍ତକ

**ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ**




ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଓଡ଼ିଶାର ଐତିହ୍ୟ, କୀର୍ତ୍ତିରାଜି, ସଂସ୍କୃତି ଓ ପରମ୍ପରାର ମୁଖଶାଳା ପାଟିଛି ରାଜ୍ୟ ସଂଗ୍ରହାଳୟ। ସାଇତି ରଖିଛି କେତେ ସ୍ମୃତି, କେତେ ଗାଥା। କଳିଙ୍ଗ, ଉତ୍କଳରୁ ଓଡ଼ିଶା ଯାଏ, ପ୍ରାଚୀନରୁ ଅତି ପ୍ରାଚୀନତାର ତଥ୍ୟ, ପୋଥି, ଚିତ୍ର, ସାମଗ୍ରୀ ଅନେକ କିଛି ବଖାଣୁଛି। ରାଜ୍ୟ ସହ ଯୋଡ଼ି ହୋଇଥିବା ଅନେକ ଘଟଣା, ପ୍ରବାହର ସୂଚନା ମଧ୍ୟ ଏଠାରେ ରହିଛି। ପର୍ଯ୍ୟଟକ, ଛାତ୍ରୀଛାତ୍ର, ଅତିଥିଙ୍କୁ ଜ୍ଞାନ ବାଣ୍ଟୁଥିବା ରାଜ୍ୟ ସଂଗ୍ରହାଳୟର ବିକାଶ ଓ କାର୍ଯ୍ୟଧାରା ବୃଦ୍ଧି ପାଇଁ ପ୍ରତିବର୍ଷ କିଛି ନା କିଛି ଯୋଜନା ହେଉଛି। ଚଳିତବର୍ଷ ମଧ୍ୟ ପର୍ଯ୍ୟଟକଙ୍କ ଆଗ୍ରହକୁ ଦେଖି ନୂଆ ପଦକ୍ଷେପ ନେବାକୁ ରାଜ୍ୟ ସଂଗ୍ରହାଳୟ ଅଣ୍ଟା ଭିଡିଛି। ଗୁରୁବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ ପରିପ୍ରେକ୍ଷୀରେ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ କହିଛନ୍ତି, ଚଳିତବର୍ଷ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରି ସହ କିଭଳି ସୁବିଧାରେ ଯାଇ ସବୁ ଦେଖିପାରିବେ ସେ ଦିଗରେ ପଦକ୍ଷେପ ନିଆଯାଇଛି। ସାରଳା ମହାଭାରତର ବିଭିନ୍ନ ପର୍ବକୁ ନେଇ ଗବେଷଣାତ୍ମକ ୪ଟି ପୁସ୍ତକ ପ୍ରକାଶ ପାଇବ। ଏଥିସହ ଓଡ଼ିଶା ହିଷ୍ଟୋରିକାଲ ଜର୍ନାଲର ବିଶେଷ ସଂଖ୍ୟା ମଧ୍ୟ ଉନ୍ମୋଚନ ହେବ।

### ଖୋଲିବ ନୂଆ ୪ ଗ୍ୟାଲେରି

ରାଜ୍ୟ ସଂଗ୍ରହାଳୟରେ ୪ଟି ନୂଆ ଗ୍ୟାଲେରି ଖୋଲାଯିବ। ଆଇଭରି ଗ୍ୟାଲେରି, ପ୍ରି ହିଷ୍ଟ୍ରି ଗ୍ୟାଲେରି, ଟେକ୍ସଟାଇଲ ଗ୍ୟାଲେରି ଓ ନାଚୁରାଲ ହିଷ୍ଟ୍ରି ଗ୍ୟାଲେରି ରହିବ। ଆଇଭରିରେ ହାତୀଦାନ୍ତ କାରୁକାର୍ଯ୍ୟ, ସିଂହାସନ ଆଦି ସ୍ଥାନିତ ହେବାକୁ ଥିବାବେଳେ ପ୍ରି ହିଷ୍ଟ୍ରିରେ ଆଦିମାନବ ସମ୍ପର୍କିତ ଜିନିଷ ରଖାଯିବ। ସେହିପରି ଟେକ୍ସଟାଇଲରେ ବହୁ ପୁରୁଣା ସାମଗ୍ରୀ ସହ ଆଦିବାସୀମାନେ ବ୍ୟବହାର କରୁଥିବା ବସ୍ତ୍ର ରହିବ। ଏଥିସହିତ ନାଚୁରାଲ ହିଷ୍ଟ୍ରିରେ ଗ୍ୟାଲେରିରେ ପ୍ରାଣୀ ସମ୍ବନ୍ଧିତ ତଥ୍ୟ ଓ ସାମଗ୍ରୀ ଉପଲବ୍ଧ ହେବ।

### ବାଧକ ସାଜୁଛି କର୍ମଚାରୀ ଅଭାବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନରେ ପଦବୀ ପୂରଣ ସମସ୍ୟା ଏକ ବଡ଼ ବାଧକ ସାଜିଛି। ଲୋକବଳ ବା କର୍ମଚାରୀ ଅଭାବରୁ ଯେତିକି କାମ ହେବା କଥା ତାହା ହୋଇପାରୁନି। ରାଜ୍ୟ ସଂଗ୍ରହାଳୟରେ ସଂଗ୍ରହାଧ୍ୟକ୍ଷ ଜଣେ ହିଁ ଅଛନ୍ତି। ସହ ସଂଗ୍ରହାଧ୍ୟକ୍ଷ ନାହାନ୍ତି। ସେହିପରି ଉପ ନିର୍ଦ୍ଦେଶକ ମଧ୍ୟ ନାହାନ୍ତି। ମୋଟ ୯ ସଂଗ୍ରହାଧ୍ୟକ୍ଷଙ୍କ ମଧ୍ୟରୁ ଜଣେ ହିଁ ଏକାଧିକ କାର୍ଯ୍ୟ ତୁଲାଉଛନ୍ତି। ୧୧ ଅତିରିକ୍ତ ସଂଗ୍ରହାଧ୍ୟକ୍ଷ ପଦବୀ ଫାଙ୍କା ପଡିଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
No:-Tender-Online-BBSR Divn.-03, Date :- 15.05.2023
Ph.No.-0674-2301787, Fax No.:0674-2300965, Email ID: eerw_bbsr@yahoo.co.in
e-Procurement NOTICE

No.O-142:1. Name of the work : Construction / Special Repair of Building work. 2. Total No. of Building: 1 No. 3. Class of contractor : a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities. 4.Estimate cost of Individual project : Rs.16.95 Lakh. 5. Time for completion : 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn. -02 | 20.05.2023 at 11.00 A.M. | 29.05.2023 upto 5.00 P.M. | 30.05.2023 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Superintending Engineer, Rural Works Division, BBSR
OIPR-25066/11/0002/2324

GOVERNMENT OF ODISHA
OFFICE OF THE ENGINEER-IN-CHIEF
PUBLIC HEALTH, ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
No.C-335: Invitation For Bids (IFB) Dtd.08.05.2023

| S. N. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Improvement of Water Supply to Balimela NAC including O&M for 5 Years under AMRUT 2.0 SWAP-I | EICPH-03/ 2023-24 | 1443.40 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 2 | Improvement of Water Supply to Khariar NAC including O&M for 5 Years under AMRUT 2.0 SWAP-I | EICPH-04/ 2023-24 | 1351.94 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 3 | Improvement of Water Supply to Boudhgarh NAC including O&M for 5 Years under AMRUT 2.0 SWAP-I | EICPH-05/ 2023-24 | 1923.70 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 4 | Improvement of Water Supply to Kotpada NAC including O&M for 5 Years under AMRUT 2.0 SWAP-I | EICPH-06/ 2023-24 | 1458.83 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 5 | Improvement of Water Supply to Athagarh NAC including O&M for 5 Years under AMRUT 2.0 SWAP-I | EICPH-07/ 2023-24 | 4023.33 | Spl. Class & Super Class | 15 (Fifteen) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |

Name & Address of Officer Inviting Bid: The Engineer-In-Chief (PH) Office of The Engineer-in-Chief, PH 1st Floor, Unnati Bhawan, Satyanagar, Bhubaneswar, Odisha-751007, Phone:#91-674-2575309, email: eicphodisha@gmail.com
❖Further details can be seen from the e-Procurement portal "https://www.tendersodisha.gov.in"
❖All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
OIPR-13068/11/0006/2324
Sd./- Engineer-in-Chief (PH)

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

ସାଲେପୁର,୧୭।୫(ଡି.ଏନ୍.ଏ.) ସାଲେପୁର ଥାନା ମହଣ ପଞ୍ଚାୟତର ବଳଭଦ୍ରପୁର ଗାଁରେ ମଙ୍ଗଳବାର ପ୍ରବଳ ପବନ ସହ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଳମଣି ଭୋଇ(୬୫)। ବିଲରେ ଛେଳି ଚରୁଥିବାବେଳେ ବର୍ଷା ପବନରୁ ଘରକୁ ଆଣିବାକୁ କୁଳମଣି ଯାଇଥିଲେ। ହଠାତ୍ ବର୍ଷା ପବନ ହେବାରୁ ଏକ ଆମ୍ବଗଛ ମୂଳେ ଆଶ୍ରୟ ନେଇଥିଲେ। ସେଠାରେ ସେ ଠିଆ ହୋଇଥିବାବେଳେ ବଜ୍ରପାତରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଏଠାରେ ତାଙ୍କର ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ରାତି ୧୧ଟାରେ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁକୁ ନେଇ ବଳଭଦ୍ରପୁର ଗ୍ରାମରେ ଓ ମହଣ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଏହି ଗରିବ ପରିବାରକୁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ସରପଞ୍ଚ ପ୍ରଭାତ ପାତ୍ର ନିବେଦନ କରିଛନ୍ତି।

### ୨ ପ୍ରକଳ୍ପର ଶିଳାନ୍ୟାସ

ଫୁଲନଖରା,୧୭।୫(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅଧୀନ ହରିଅନ୍ତା ଓ ସାଇଁଶୋ ପଞ୍ଚାୟତରେ ବୁଧବାର ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ହରିଅନ୍ତା ପଞ୍ଚାୟତର ଆର୍‌ଡି ରାସ୍ତାଠାରୁ ନୂଆ ଖଲର୍ଦ୍ଦା ଭାୟା ପୁରୁଷୋତ୍ତମପୁର ରାସ୍ତା ଓ ସାଇଁଶୋ ପଞ୍ଚାୟତର ପଣ୍ଡାଗାଡ଼ିଆଠାରୁ ଫୁଲର ରାସ୍ତାର ଉନ୍ନତୀକରଣ ନିମନ୍ତେ ୩ କୋଟି ୯୯ ଲକ୍ଷ ୪୯ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ପ୍ରଦୀପ କୁମାର ଭୋଇ, ବାରଙ୍ଗ ବ୍ଲକ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ପାତ୍ର, ହରିଅନ୍ତା ସରପଞ୍ଚ ପଦ୍ମିନୀ ପ୍ରଧାନ, ସମିତି ସଭ୍ୟ ବୈକୁଣ୍ଠ ବେହେରା, ସାଇଁଶୋ ସରପଞ୍ଚ ସରୋଜ କୁମାର ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, ବିଶ୍ୱରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆଦର୍ଶ ଗୁରୁ ସମ୍ମାନ ପ୍ରଦାନ ଉତ୍ସବ

କଟକ ଅଫିସ, ୧୭।୫: ରଘୁନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାପୀଠ ୧୯୯୩ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ ଓ ଆଦର୍ଶ ଗୁରୁ ସମ୍ମାନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁରମା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପଣ୍ଡା, ଦିଲ୍ଲୀପ କର, ଶିଶିର କୁମାର ନାୟକ, ଗୋକୁଳି ଚନ୍ଦ୍ର ମହାପାତ୍ର, ମୁରଲୀଧର ସାହୁ, ସାଧୁ ଚରଣ ପ୍ରଧାନ, ସତ୍ୟଜିତ୍ ମହାପାତ୍ର, ନିରଞ୍ଜନ ପାତ୍ର, ସଂଯୁକ୍ତା ଦାସ, ଲିପିକା ମହାନ୍ତିଙ୍କୁ ଆଦର୍ଶ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା। ଅକ୍ଷୟ ମହାନ୍ତି, ସୁକାନ୍ତ ରାଉତ, ରାଜେନ୍ଦ୍ର ସାହୁ, ଜନ୍ମେଜୟ ସାହୁ ଓ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡା. ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଖୁଣ୍ଟୁଣୀ,୧୭।୫(ଡି.ଏନ୍.ଏ.):ଆଠଗଡ଼ ଅଞ୍ଚଳର ସୁଯୋଗ୍ୟ କନ୍ୟା ପ୍ରଫେସର ଡା. ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗରେ ବୁଧବାର କଖଡ଼ିଠାରେ ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ କିରଣ ବିହାରୀ ଖଟୁଆ, ବେଣୁଧର ମହାନ୍ତି, ରାଜକିଶୋର ଖଟୁଆ, ପ୍ରଫୁଲ୍ଲ ଖଟୁଆ, ଚନ୍ଦ୍ରଶେଖର ପରିଡ଼ା, ପ୍ରମୋଦ କୁମାର ଧଳ, ନୀଳମଣି ବାରିକ, ଧ୍ରୁବ ଚରଣ ସାହୁ ଓ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଅନ୍ନପୂର୍ଣ୍ଣାଙ୍କ ରୋଗୀ ସେବା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଅନ୍ନପୂର୍ଣ୍ଣାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସୂଚନାଯୋଗ୍ୟ, ଆଠଗଡ଼ର ପତଣ୍ଡା ଗାଁରେ ଅନ୍ନପୂର୍ଣ୍ଣା ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ବିଜ୍ଞାନରେ ଶିକ୍ଷାପ୍ରାପ୍ତ କରିଥିଲେ। ପରେ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ୧୯୬୯ରେ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ସର୍ବଭାରତୀୟ ସ୍ତରରେ ଜଣେ ଦକ୍ଷ ଚିକିତ୍ସକ ଭାବେ ସେ ୭ଟି ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

# ସମାଜ ପାଇଁ କାର୍ଯ୍ୟ ନ କଲେ ଜୀବନ ନିରର୍ଥକ

## ସତ୍ୟଭାମାପୁରଠାରେ ଦଶମ ବାର୍ଷିକ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

ସାଲେପୁର,୧୭।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ ଦଶମ ବାର୍ଷିକ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ଓ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭବେ ଯୋଗଦେଇଥିଲେ। ସେ କହିଥିଲେ, ଏହି କାର୍ଯ୍ୟକ୍ରମ ମାଧମରେ ବିଶ୍ୱର ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ସଂସ୍ଥା ମାଧମରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉପକୃତ ହୋଇପାରିଛନ୍ତି। ସମାଜ ଆମକୁ ଯାହା ଦେଇଛି, ଆମେ ଯଦି ସମାଜ ପାଇଁ କିଛି ଦେଇ ନ ପାରିବା, ତାହା ହେଲେ ମଣିଷ ଜୀବନ ନିରର୍ଥକ। ଏଥିସହ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ଅନ୍ତେବାସୀମାନଙ୍କୁ ଉପହାର ଦେବା ସହ ଏଠାରେ ପଢୁଥିବା ଛାତ୍ରୀମାନେ ଦଶମ ଶ୍ରେଣୀ ପାସ୍ ପରେ କିଟ୍ ବିଶ୍ୱ ବିଦ୍ୟାଳୟରେ ଏମାନଙ୍କୁ ମାଗଣାରେ ପାଠ ପଢ଼ାଇବା ଦାୟିତ୍ୱ ଆମ ଅନୁଷ୍ଠାନ ଗ୍ରହଣ କରିବ ବୋଲି ସାମନ୍ତ ଘୋଷଣା କରିଥିଲେ। ଏହି ଅନୁଷ୍ଠାନକୁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବାକୁ ମଧ କହିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗଦେଇ ଡ. ସାମନ୍ତଙ୍କର ଚେଷ୍ଟାରେ ଆର୍ଟ ଅଫ୍ ଗିଭିଂର ମହନୀୟତାକୁ ପ୍ରଶଂସା କରିଥିଲେ। ସାଂସ୍କୃତିକ ପରିଷଦର ସଭାପତି ରାଉତ ଆର୍ଟ ଅଫ୍ ଗିଭିଂର ପରିକଳ୍ପନା ସମ୍ପର୍କରେ କହିଥିଲେ। ଏହି ଅବସରରେ କଟକ ଉପଜିଲାପାଳ କମଳଜିତ୍ ଦାଶ, ଡେପୁଟି କଲେକ୍ଟର ପ୍ରସନ୍ନ କୁମାର ସେନାପତି, ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟରଞ୍ଜନ ଦେଓ, କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ୧୨ଶହରୁ ଊର୍ଦ୍ଧ୍ୱ ସମାଜର ବିଭିନ୍ନ ବର୍ଗର ଲୋକମାନେ ତାଙ୍କ ସ୍ତରରେ ସମାଜକୁ କିଛି ସାହାଯ୍ୟ କରିଆସୁଛନ୍ତି। ସେମାନଙ୍କୁ ଉପହାର, ଛତା ଆଦି ପ୍ରଦାନ କରାଯାଇଥିଲା। ଏଥିରେ ଆର୍ଟ ଅଫ୍ ଗିଭିଂର ସ୍ଥାନୀୟ ଆବାହକ ତଥା ପର୍ଯ୍ୟବେକ୍ଷକ ସୁବ୍ରତ ବିଶ୍ୱାଳଙ୍କ ସମେତ କ୍ଷିତୀଶ ନାୟକ, ଦୀପକ ଦାଶ, ଦୁଃଶାସନ ବେହେରା, ପ୍ରକାଶ ମିଶ୍ର, ବ୍ରଜକିଶୋର ଲେଙ୍କା, ଜ୍ଞାନରଞ୍ଜନ ବିଶ୍ୱାଳ, ସଂଗ୍ରାମ ପାଣି, ଅମୀୟ ରଞ୍ଜନ ଦାଶ, ଜୟନ୍ତ କୁମାର ବିଶ୍ୱାଳ, ଦେବାଶିଷ ଶତପଥୀଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ଡ. ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସାଂସ୍କୃତିକ ପରିଷଦ ପକ୍ଷରୁ ସରୋଜ କୁମାର ମହାନ୍ତି, ସଂଗ୍ରାମ ସାମଲ, ଦିଲୀପ ସାମଲ, ନିରୋଜ ନାୟକ, ପ୍ରଦୀପ ସାମଲ, ହେମନ୍ତ ସାମଲ, ଅଭିମନ୍ୟୁ ରାଉତ, ମହେନ୍ଦ୍ର ନାଥ ଓ ବିଶ୍ୱରଞ୍ଜନ ସାହୁ ଯୋଗ ଦେଇଥିଲେ।



ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରଫେସର ଡ. ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟମାନେ।

# ସତ୍‌କର୍ମ, ସତ୍‌ମାର୍ଗରେ ପରିଚାଳିତ ହେବାକୁ ଆହ୍ୱାନ

ନିଶ୍ଚିନ୍ତକୋଇଲି,୧୭।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁରଠାରେ ପଦ୍ମଶ୍ରୀ ବାବା ବଳିଆଙ୍କ ଏକ ଧର୍ମ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବା ବଳିଆ ତାଙ୍କ ପ୍ରବଚନରେ ହିନ୍ଦୁ,ଇସଲାମ ଓ ବୌଦ୍ଧ ଧର୍ମର ମୂଳ ମନ୍ତ୍ରକୁ ଉପସ୍ଥାପିତ କରି ମାନବ ଧର୍ମ ସତ କର୍ମ ସମ୍ବନ୍ଧେ ଦିବ୍ୟ ଜ୍ଞାନ ନେଇ ସଂସାରରୁ ହିଂସା ଦ୍ୱେଷ, ପରଶ୍ରୀକାତରତା, ବଦ ଅଭ୍ୟାସ, ଅସୂୟାଭାବ, ଅସହିଷ୍ଣୁତା ପରିତ୍ୟାଗ କରି ଈଶ୍ୱରଙ୍କ ପ୍ରଦର୍ଶିତ ସତ ମାର୍ଗରେ ପରିଚାଳିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଯୁଧିଷ୍ଠିର ଦଳାଇଙ୍କର ଏକ ନବ ନିର୍ମିତ ବ୍ୟବସାୟିକ ଗୃହ ଉଦ୍‌ଘାଟନ ଅବସରରେ ଏହି ଧର୍ମ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଉତ୍ସର୍ଗୀକୃତ ସେବା ନିମନ୍ତେ ମହମ୍ମଦପୁରର ସରପଞ୍ଚ ପ୍ରତିଭା ବେହେରା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରା, ୨୮ ନଂ. ଜିଲା ପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ଉତ୍ତରକୂଳ ସେବା ସମବାୟ ସମିତିର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି, ଜନାବ ମୀର ଲିୟାକତ ଅଲ୍ଲୀ, ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ବେହେରା, ସାମାଜିକ କର୍ମୀ ନିରଞ୍ଜନ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜଲାଲ ଉଦ୍ଦିନ ଅହମ୍ମଦ ଅତିଥି ପରିଚୟ ପ୍ରଦାନ ସ୍ୱାଗତ ଭାଷଣ ଓ ଶେଷରେ ମନୋଜ କୁମାର ଗୌତମ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ସବୁଧର୍ମର ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ।


ଧର୍ମ ସଭାରେ ପଦ୍ମଶ୍ରୀ ବାବା ବଳିଆ ପ୍ରବଚନ ଦେଉଛନ୍ତି।

# ବିଶୁଦ୍ଧ ଧାନ ବିହନ ସୁବିଧାରେ ଚାଷୀଙ୍କୁ ମିଳିବ


ବିହନ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟନ ଉତ୍ସବରେ ଅତିଥି ଓ ଅନ୍ୟମାନେ।

## ମାହାଙ୍ଗାରେ ବିହନ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟନ

ମାହାଙ୍ଗା,୧୭।୫(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ମୂଳବସନ୍ତଠାରେ ଫୋରଏସ୍‌ଫୋରଆର୍‌ସିଡ ଫାର୍ମର ପ୍ରଡ୍ୟୁସର କମ୍ପାନୀରେ ଉନ୍ନତ ବିହନ ପ୍ରକ୍ରିୟାକରଣର ୟୁନିଟ୍‌ର ଉଦ୍‌ଘାଟନ ବୁଧବାର ହୋଇଯାଇଛି। କମ୍ପାନୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ବଳବନ୍ତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କମ୍ପାନୀଟି କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ର ଦ୍ୱାରା ସଂଯୋଜିତ ହେଉଛି। ଏହି ବିହନ ପ୍ରକ୍ରିୟାକରଣ ୟୁନିଟ୍ ଖୋଲିବା ଦ୍ୱାରା ବିଶୁଦ୍ଧ ଧାନ ବିହନ ସୁବିଧାରେ ଓ ଶୀଘ୍ର ଚାଷୀଙ୍କୁ ମିଳିବ ବୋଲି କମ୍ପାନୀ ନିର୍ଦ୍ଦେଶକ ବଳବନ୍ତରାୟ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କମ୍ପାନୀ ନିର୍ଦ୍ଦେଶକ ଦୀନବନ୍ଧୁ ନାୟକ, ଗଙ୍ଗାଧର ସାହୁ, ଚୈତନ୍ୟ ଚରଣ ପାଣି, ଶରତ ଚନ୍ଦ୍ର ସ୍ୱାଇଁ, କମଳଲୋଚନ ମଲ୍ଲ, ଧନେଶ୍ୱର ସ୍ୱାଇଁ, ହେମନ୍ତ କୁମାର ରାଉତ, ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ଜୟଶ୍ରୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ସାମାଜିକ କର୍ମୀ ବଟକୃଷ୍ଣଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

ମାହାଙ୍ଗା,୧୭।୫ (ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ସିପୁରା ଗ୍ରାମର ସାମାଜିକ କର୍ମୀ ବଟକୃଷ୍ଣ ରାଉତରାୟଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ରବି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି ଯୋଗଦେଇ ସାଇ ଭକ୍ତ ବଟବାବୁ ଜଣେ ଉଚ୍ଚ କୋଟୀର ମାନବବାଦୀ ମଣିଷ ଥିଲେ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ସରପଞ୍ଚଙ୍କ ପ୍ରତିନିଧି କବି ପ୍ରଶାନ୍ତ କୁମାର କର ଯୋଗଦେଇ ବଟବାବୁଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର କାର୍ତ୍ତିକ ପୃଷ୍ଟି, ଖବରଦାତା ରମେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଅକ୍ଷୟ ସୁନ୍ଦରରାୟ, ବିଜୟ କୁମାର ରାଉତରାୟ, ବିଚିତ୍ରାନନ୍ଦ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଂ. ଜିତେନ କୁମାର ରାଉତରାୟ, ନଳିନୀକାନ୍ତ ରାଉତରାୟ, ନିରଞ୍ଜନ ରାଉତରାୟ, ନରୋତ୍ତମ ରାଉତରାୟ, କଳ୍ପନା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସାଲେପୁର ପବ୍ଲିକ ସ୍କୁଲର କୃତୀ ପିଲାଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୧୭।୫(ଡି.ଏନ୍.ଏ.)

ସାଲେପୁରର ମାଛୁଆତିଠାରେ ଥିବା ସାଲେପୁର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଚଳିତ ବର୍ଷ ପ୍ରକାଶିତ ସିବିଏସ୍‌ଇ ପରୀକ୍ଷାରେ ସଫଳତା ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଶାନ୍ତି ପ୍ୟାଲେସ୍‌ରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷା ଡ. ଜୟନ୍ତୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟାପକ ତଥା ପଞ୍ଚାୟତ ପ୍ରହଲାଦ ମହାବିଦ୍ୟାଳୟ ନିଶ୍ଚିନ୍ତକୋଇଲିର ପରିଚାଳନା ସଭାପତି ପଲ୍ଲବ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ବିଷ୍ଣୁଚରଣ ପାତ୍ର ଯୋଗଦେଇ ବିଫଳତା ହିଁ ସଫଳତାର ଚାବିକାଠି ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଶିକ୍ଷା କ୍ଷେତ୍ରରେ ଧୈର୍ଯ୍ୟ ଓ ନିଷ୍ଠାର ସହ ଅଧ୍ୟୟନ କଲେ ସଫଳତା ମିଳିବା ସହ ବିଦ୍ୟାଳୟର ଗରିମା ବଢ଼ିବ ସହ ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ଆନନ୍ଦ ଦେଇପାରିବ ବୋଲି ପ୍ରକାଶ କରିଥିଲେ। ଆଜି ଯେଉଁମାନେ ଦଶମ ଶ୍ରେଣୀରେ ଯୋଗ୍ୟ ବିବେଚିତ ହୋଇ ସମ୍ବର୍ଦ୍ଧିତ ହେଉଛନ୍ତି, ଆଗାମୀ ଦିନରେ ସେହିଭଳି ଭାବେ ପରିଶ୍ରମ କଲେ ଆସନ୍ତା ବର୍ଷରେ ବି ତୁମ୍ଭେମାନେ ପୁଣି କୃତିତ୍ୱ ଅର୍ଜନ କରିବ। ଏହି ଅବସରରେ ଚଳିତ ବର୍ଷର ଛାତ୍ରୀ ଗାର୍ଗୀ ମହାରଣା ୯୭.୨, ରିତୁଶ୍ରୀ ରିତୁପର୍ଣ୍ଣା, ରୁଦ୍ର ପ୍ରତାପ ପାତ୍ର, ବିରଞ୍ଚି ନାରାୟଣ ଦାଶ ୯୬%, ଶ୍ରେୟାଂଶ ଦାଶ ୯୫.୮%, କ୍ରିଷ୍ଣା ମହାନ୍ତି ୯୫.୪%, ଅଭିଲିପ୍ସା ସେନାପତି ୯୫% ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦିଲୀପ କୁମାର ବରାଳ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।


ପବ୍ଲିକ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ନିଶ୍ଚିନ୍ତକୋଇଲି,୧୭।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୪୧ ପଞ୍ଚାୟତରେ ମଙ୍ଗଳବାର କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାଯାଇଛି। ଆକସ୍ମିକ ଭାବେ କଳା ହାଣ୍ଡିଆ ମେଘ ଘୋଟି ଆସିବା ସହ ପ୍ରବଳ ଝଡ ତୋଫାନ, ବଜ୍ରପାତ ହୋଇଥିଲା। ପ୍ରବଳ ବର୍ଷା ମଧ ହୋଇଥିଲା। ପ୍ରବଳ ଝଡ ତୋଫାନ ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ବହୁ ବଡ଼ବଡ଼ ଗଛ ଭାଙ୍ଗି ପଡ଼ିଥିଲା। ଏପରି କି ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିବା ସହ ତାର ମଧ ଛିଣ୍ଡି ପଡ଼ିଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବହୁ ସ୍ଥାନରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା। ଲୋକେ ଅନ୍ଧାରରେ ହଇରାଣ ହୋଇଥିଲେ। ଏପରିକି ବହୁ ସ୍ଥାନରେ ମଧ ରାସ୍ତାରେ ଗଛ ଉପୁଡି ପଡ଼ିବା କାରଣରୁ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ବ୍ୟାପକ ପନିପରିବା ଫସଲ, ରବି ଫସଲ ନଷ୍ଟ ହୋଇଥିବା ଜଣାଯାଇଛି।

# କଟକ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ନେମାଳ,୧୭।୫ (ଡି.ଏନ.ଏ.)

ରାଜ୍ୟ ସାମ୍ବାଦିକ ସଂଘ, ଓଡ଼ିଶା (ଏସ୍‌ୟୁଜେ) କଟକ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ଆଲୋଚନାଚକ୍ର ଜିଲା ସଂଘର ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଦାଉଦପୁର ପଞ୍ଚାୟତସ୍ଥିତ ନଇଁଗୁଆସ୍ଥିତ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଦୀନବନ୍ଧୁ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ଉପଦେଷ୍ଟା ରଘୁନାଥ ଆଚାର୍ଯ୍ୟ, ସମରେନ୍ଦ୍ର ଭୂୟାଁ, ଶଶିଭୂଷଣ ଷଡଙ୍ଗୀ, ରାଜ୍ୟସଭା ସମ୍ପାଦକ ଗୌରପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି ସୁରନାରାୟଣ ସାହୁ, ସାମ୍ବାଦିକ ବିନୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବର୍ତ୍ତମାନ ପରିସ୍ଥିତିରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ରାଜ୍ୟ ଓ ଜିଲା ସ୍ତରୀୟ ସଂଘଗୁଡ଼ିକ ଏ ଦିଗରେ କାର୍ଯ୍ୟକରି ସମସ୍ୟାର ସମାଧାନ କରିବାକୁ ମତବ୍ୟକ୍ତ କରିଥିଲେ। ଅଭୟ କୁମାର ଜେନା, ସୁବାସ ଧଳ, ସୁହାଗିନୀ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ବିଷ୍ଣୁ ଚରଣ ନାୟକ, ନିବେଦିତା ସିଂ, ଶିଶିର ଦାସ, ସୂର୍ଯ୍ୟନାରାୟଣ ଦାସ, ଶାନ୍ତନୁ ମିଶ୍ର, ରଶ୍ମିରଂଜନ ମଲ୍ଲିକ, ମନୋଜ କୁମାର ନାୟକ, କାଜଲକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ହୋଇ ସାମ୍ବାଦିକମାନଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ କ୍ଷମାନିଧି ପୂଝାରୀ ସ୍ୱାଗତ ଭାଷଣ ଓ ରତ୍ନାକର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂଘର ଉପସଭାପତି ମୀନକେତନ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋବିନ୍ଦ ଦାସ, ସଚ୍ଚିଦାନନ୍ଦ ମଲ୍ଲିକ, ଜୟପ୍ରକାଶ ମିଶ୍ର, ରମେଶ ଜେନା, ରଣଜିତ୍ ମଲ୍ଲିକ, ପ୍ରକାଶ ଚନ୍ଦ୍ର ରାଉଳ, ଜାନକୀ ବଲ୍ଲଭ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକରେ ଖବରଦାତାମାନେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
No:-Tender-Online-BBSR Divn.-03, Date :- 15.05.2023
Ph.No.-0674-2301787, Fax No.:0674-2300965, Email ID: eerw_bbsr@yahoo.co.in

e-Procurement NOTICE

**No.O-142:**1. Name of the work : Construction / Special Repair of Building work. 2. Total No. of Building: 1 No. 3. Class of contractor : a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities. 4.Estimate cost of Individual project : Rs.16.95 Lakh. 5. Time for completion : 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn. -02 | 20.05.2023 at 11.00 A.M. | 29.05.2023 upto 5.00 P.M. | 30.05.2023 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Superintending Engineer, Rural Works Division, BBSR
OIPR-25066/11/0002/2324

GOVERNMENT OF ODISHA
OFFICE OF THE ENGINEER-IN-CHIEF
PUBLIC HEALTH, ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
No.C-335: Invitation For Bids (IFB) Dtd.08.05.2023

| S. N. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Improvement of Water Supply to Balimela NAC including O&M for 5 Years under AMRUT 2.0 SWAP-I | EICPH-03/ 2023-24 | 1443.40 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 2 | Improvement of Water Supply to Khariar NAC including O&M for 5 Years under AMRUT 2.0 SWAP-I | EICPH-04/ 2023-24 | 1351.94 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 3 | Improvement of Water Supply to Boudhgarh NAC including O&M for 5 Years under AMRUT 2.0 SWAP-I | EICPH-05/ 2023-24 | 1923.70 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 4 | Improvement of Water Supply to Kotpada NAC including O&M for 5 Years under AMRUT 2.0 SWAP-I | EICPH-06/ 2023-24 | 1458.83 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 5 | Improvement of Water Supply to Athagarh NAC including O&M for 5 Years under AMRUT 2.0 SWAP-I | EICPH-07/ 2023-24 | 4023.33 | Spl. Class & Super Class | 15 (Fifteen) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |

**Name & Address of Officer Inviting Bid: The Engineer-In-Chief (PH) Office of The Engineer-in-Chief, PH 1st Floor, Unnati Bhawan, Satyanagar, Bhubaneswar, Odisha-751007, Phone:#91-674-2575309, email: eicphodisha@gmail.com**
❖Further details can be seen from the e-Procurement portal "https://www.tendersodisha.gov.in"
❖**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
OIPR-13068/11/0006/2324
Sd./- Engineer-in-Chief (PH)

## ସଂକ୍ଷେପରେ

### ବିଷ ପିଇ ଯୁବତୀଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ, ୧୭।୫: ବାଣପୁର ଥାନା ଅନ୍ତର୍ଗତ ଖୁଣ୍ଟପଲ୍ଲୀ ଗ୍ରାମର ଜଣେ ଯୁବତୀଙ୍କ ବିଷ ପିଇବାରୁ ବୁଧବାର ମୃତ୍ୟୁ ହୋଇଯାଇଛି। ସେ ହେଲେ ଉକ୍ତ ଗ୍ରାମର ସୁନୀତା ଜେନା। ସୂଚନା ମୁତାବକ, ସୁନୀତା ସନ୍ଧ୍ୟାରେ ଏକ ଘରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଥିବାବେଳେ ପରିବାର ଲୋକ ଡାକିଥିଲେ ମଧ ଶୁଣି ନ ଥିଲେ। ସନ୍ଦେହରେ କବାଟ ଖୋଲିବାରୁ ପାଟିରୁ ଫେଣ ବାହାରିବା ସହ ପାଖରେ ବିଷ ବୋତଲ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ପରିବାର ଲୋକେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମେଡିକାଲ ପକ୍ଷରୁ ବାଣପୁର ପୋଲିସକୁ ସୂଚନା ଦିଆଯିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁନୀତା ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଥିଲେ।

### ୩ ଦିନିଆ ରିମାଣ୍ଡରେ ଉଚ୍ଚଶିକ୍ଷିତ ଠକ ମନୋଜ

ଭୁବନେଶ୍ୱର,୧୭।୫(ବ୍ୟୁରୋ): ବିଭିନ୍ନ ସରକାରୀ ଅଧିକାରୀ ଓ ଭିଜିଲାନ୍ସ ଏସ୍‌ପିର ପରିଚୟ ଦେଇ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଉଚ୍ଚଶିକ୍ଷିତ ଠକ ମନୋଜ କୁମାର ମାଝିଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ୩ ଦିନିଆ ରିମାଣ୍ଡରେ ଆଣିଛି। ମନୋଜଙ୍କୁ ଏସ୍‌ଟିଏଫ୍ ଠକେଇ ସଂକ୍ରାନ୍ତରେ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରି ଅଧିକ ଜେରା କରୁଛି। ତେବେ ତାଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ ହୋଇଥିବା ବେଳେ କୋର୍ଟ ୩ ଦିନ ପାଇଁ ଅନୁମତି ଦେଇଥିଲେ। ତଦନ୍ତ ବେଳେ ମନୋଜଙ୍କ ଠକେଇ ସାମ୍ରାଜ୍ୟ ବିଷୟରେ ଏସ୍‌ଟିଏଫ୍ ଅଧିକ ଜାଣିବାକୁ ପାଇଛି। ସେ କିଛି ଦିନ ତଳେ ଜେଲରୁ ଆସି ପୁଣି ଠକେଇ କରୁଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ମନୋଜଙ୍କ ନାଁରେ ୨ଟି ଠକେଇ ମାମଲା ରହିଛି। ଗୋଟିଏ ମୟୂରଭଞ୍ଜ ଜିଲା ଉଦଳା ଥାନା ଓ ଅନ୍ୟଟି ଗଞ୍ଜାମ ଜିଲା ରମ୍ଭା ଥାନାରେ ରହିଛି। କିଛି ମାସ ତଳେ ନିଜକୁ ଆଇଆଇସି ପରିଚୟ ଦେଇ ଗଞ୍ଜାମରେ ଟଙ୍କା ମାଗୁଥିଲେ। ରମ୍ଭା ଥାନା ପୋଲିସ ମନୋଜଙ୍କୁ ଗିରଫ କରିଥିଲା। ପରେ ସେ ଉଦଳାରେ ଜଣଙ୍କୁ ଚାକିରି ଦେବା ଆଳରେ ୧ ଲକ୍ଷ ଟଙ୍କା ଠକିଥିଲେ। ଉଦଳା ପୋଲିସ ଜାନୁୟାରୀ ୫ରେ ଏକ ମାମଲା (ନଂ.୪/୨୦୨୩) ରୁଜୁ କରି ମନୋଜଙ୍କୁ ଗିରଫ କରି ଜେଲ ପଠାଇଥିଲା। ହେଲେ ମନୋଜ କିଛି ଦିନ ହେଲା ଜେଲରୁ ଜାମିନରେ ଆସି ପୁଣି ଠକେଇ କରିଥିଲେ। ତେବେ ମନୋଜଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୬ ହଜାର ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଠକେଇ ଟଙ୍କାକୁ ମନୋଜ ଶେୟାର ମାର୍କେଟରେ ଲଗାଇଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ସେ କେଉଁ ଜରିଆରେ ଟଙ୍କାକୁ ଖର୍ଚ୍ଚ କରିଛନ୍ତି ତାହା ଜାଣିବାକୁ ଏସ୍‌ଟିଏଫ୍ ବ୍ୟାଙ୍କ ଟ୍ରାଞ୍ଜାକ୍ସନର ତଥ୍ୟ ପାଇଁ ଆର୍‌ବିଆଇ (ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ)କୁ ଚିଠି ଲେଖିଛି।

# ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ବନ୍ଦ

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

- ଦାରୁଠେଙ୍ଗ ସରପଞ୍ଚଙ୍କୁ ଚିଠି ଲେଖି ଅବଗତ କଲେ ବିଏମ୍‌ସି କର୍ତ୍ତୃପକ୍ଷ
- ଏବେଠୁ ଚ୍ୟାଲେଞ୍ଜିଂ ହେବ ବର୍ଜ୍ୟ ପରିଚାଳନା
- ବାୟୋ ମାଇନିଂ କାମ ଆଗେଇବ

ସବୁ ବାଦବିବାଦର ଅନ୍ତ ଘଟିବା ସହ ଦାରୁଠେଙ୍ଗ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜଧାନୀ ଭୁବନେଶ୍ୱରରୁ ବାହାରୁଥିବା ଅଳିଆ ଆଉ ଭୁଆସୁଣୀ ଡମ୍ପିଂୟାର୍ଡକୁ ଯିବନାହିଁ ବୋଲି ସୂଚନା ଦିଆଯିବା ପରେ ବୁଧବାରଠାରୁ ଏଠାରେ ଅଳିଆ ପକା ବନ୍ଦ ହୋଇଛି। ଏ ନେଇ ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ଭାବେ ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି। ୨୦୨୨ ଅଗଷ୍ଟ ୩୦ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକ ଅନୁସାରେ ଚଳିତ ମାସ ୩୧ ତାରିଖ ସୁଦ୍ଧା ଏହାକୁ ବନ୍ଦ କରିବା ପାଇଁ ସମୟ ନିର୍ଦ୍ଧାରଣ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ତାରିଖର ୧୫ ଦିନ ପୂର୍ବରୁ ବିଏମ୍‌ସି ପକ୍ଷରୁ ଡମ୍ପିଂୟାର୍ଡକୁ ବର୍ଜ୍ୟ ପରିବହନ ବନ୍ଦ କରାଯାଇଛି। ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ଆଧାର କରି ଭୁବନେଶ୍ୱର ମହାନଗର (ବିଏମ୍‌ସି) ନିଜ ଅଞ୍ଚଳରେ ୩୪ଟି ସମ୍ପଦ କେନ୍ଦ୍ର ବା ୱେଲ୍‌ଥ ସେଣ୍ଟର ପ୍ରତିଷ୍ଠା କରିଛି। ଏଥିସହ ନିକଟରେ ଆଧୁନିକ ତଥା ବିଜ୍ଞାନ ସମ୍ମତ ବର୍ଜ୍ୟ ପରିଚାଳନାକୁ ଭିତ୍ତିକରି ଅଧିକ କ୍ଷମତା ବିଶିଷ୍ଟ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରିବା ଏବଂ ବର୍ଜ୍ୟ ପୃଥକୀକରଣ କରିବା ସହିତ ଜିରୋ ଲିଟରିଂକୁ ପାଥେୟ କରି ସହରର ପରିମଳ ସମସ୍ୟା ସମାଧାନ କରିବ ବୋଲି ସୂଚନା ଦିଆଯାଇଛି। ସେହିପରି ଭୁଆସୁଣୀ ଡମ୍ପିଂୟାର୍ଡରେ ନିର୍ମାଣ ହେବାକୁ ଥିବା ବାୟୋ ମାଇନିଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ସହରର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଆସୁଥିବା ବିଏମ୍‌ସି ବାରମ୍ବାର ପରିମଳ ପରିଚାଳନାକୁ ନେଇ ଅତୀତରେ ସମାଲୋଚନାର ଶିକାର ହୋଇଛି। ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଦାରୁଠେଙ୍ଗ ଯୁବକଙ୍କ ମୃତ୍ୟୁହେବା କାରଣରୁ ଗ୍ରାମବାସୀ ବିଏମ୍‌ସି ଅଳିଆ ଗାଡ଼ିକୁ ପୂରାଇ ଦେଇ ନ ଥିଲେ। ଫଳରେ ସହର ସାରା ଅଳିଆ ଆବର୍ଜନା ଗଦା ହୋଇ ଯାଇଥିଲା। ଟିଟିଏସ୍ ଉଛୁଳିବା ସହ ଗଳିକନ୍ଦି ଏପରିକି ମୁଖ୍ୟ ରାସ୍ତାରେ ମଧ ଅଳିଆ ପାହାଡ଼ ତିଆରି ହୋଇଥିଲା। ୩/୪ ଦିନରେ ସ୍ମାର୍ଟସିଟି ଆବର୍ଜନା ସିଟିରେ ପରିଣତ ହୋଇଥିଲା। ବହୁ ବୁଝାଶୁଝା ପରେ ଗ୍ରାମବାସୀଙ୍କୁ ମନାଇ ସହରରୁ ଅଳିଆ ଉଠି ଡମ୍ପିଂୟାର୍ଡରେ ପଡ଼ିଥିଲା। ସହରରେ ଆବର୍ଜନା ପରିଚାଳନା ପାଇଁ ଯଥେଷ୍ଟ ଏମ୍‌ସିସି, ଏମ୍‌ଆରଏଫ୍ ନିର୍ମାଣ ହୋଇଗଲେ ଅଳିଆ ବାହାରକୁ ନେବାକୁ ପଡିବ ନାହିଁ ବୋଲି ବିଏମ୍‌ସି ସେ ସମୟରେ ସଫେଇ ଦେଇଥିଲା। ଏଯାବତ ସମସ୍ତ ୱାର୍ଡରେ ଏମ୍‌ସିସି ନିର୍ମାଣ ହୋଇନାହିଁ। ମାତ୍ର ୩୪ଟି ଏମ୍‌ସିସି ନିର୍ମିତ ହୋଇ ଥିବାବେଳେ ଏମ୍‌ଆର୍‌ଏଫ୍ ମଧ ଯଥେଷ୍ଟ ନାହିଁ। ସେହିପରି ଯେଉଁ ମେଗା ଏମ୍‌ସିସିର ସ୍ୱପ୍ନ ବିଏମ୍‌ସି ସହରବାସୀଙ୍କୁ ଦେଖାଇଥିଲା ତାହା ମଧ ପୂରଣ ହୋଇ ନାହିଁ। ଏପରି କ୍ଷେତ୍ରରେ ସହରରୁ ବାହାରୁଥିବା ଦୈନିକ ୫ଶହ ଟନ୍‌ରୁ ଉର୍ଦ୍ଧ୍ୱ ଆବର୍ଜନାକୁ ତାହା କିଭଳି ପରିଚାଳନା କରିବ ତାହା ବିଏମ୍‌ସି ପାଇଁ ନିଶ୍ଚିତ ପକ୍ଷେ ଚ୍ୟାଲେଞ୍ଜିଂ ହେବ। ତେଣୁ ଡମ୍ପିଂୟାର୍ଡରେ ଅଳିଆ ପକାଇବା ସମ୍ପୂର୍ଣ୍ଣ ବନ୍ଦ କରିବା ବିଏମ୍‌ସିର ସପକ୍ଷରେ ଯିବ କି ନାହିଁ ତାହା ଭବିଷ୍ୟତରେ ଜଣାପଡ଼ିବ। ଅପରପକ୍ଷେ ୨୦୦୮ରୁ ଭୁଆସୁଣୀରେ ଆବର୍ଜନା ପଡ଼ି ଆରମ୍ଭ ହୋଇଥିଲା। ସେବେଠାରୁ ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଥିଲେ। ତେବେ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ବିଏମ୍‌ସି ଅଳିଆ ପକାଇବା ବନ୍ଦ କରିଥିବାରୁ ଦାରୁଠେଙ୍ଗ ଗ୍ରାମବାସୀ ନିଜର ଖୁସିବ୍ୟକ୍ତ କରିଛନ୍ତି। ଏନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ମେ' ୩୧ ସୁଦ୍ଧା ଭୁଆସୁଣୀରେ ଅଳିଆ ପକାଇବାକୁ ନିର୍ଦ୍ଦେଶ ରହିଥିଲା। ଆମେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛୁ। ଏଣିକି ସହରର ଅଳିଆ ସହର ମଧରେ ରହିବ। ବିଏମ୍‌ସି ପକ୍ଷରୁ ନିର୍ମାଣ ହୋଇଥିବା ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର), ଏମ୍‌ଆର୍‌ଏଫ୍ (ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି) ନିର୍ମାଣ ହୋଇଛି। ସହରରୁ ଦୈନିକ ବାହାରୁଥିବା ଅଳିଆ ସେଠାକୁ ଯିବ। ଆବଶ୍ୟକ ପଡ଼ିଲେ ସୈନିକ ସ୍କୁଲ ପାଖ ଟିଟିଏସ୍‌କୁ ମଧ ଅଳିଆ ସ୍ଥାନାନ୍ତର ହେବ ଏବଂ ସେଠାରୁ ପୁଣି ଏମ୍‌ସିସିକୁ ଅଣାଯିବ। ବାୟୋ ମାଇନିଂ ପ୍ରକଳ୍ପ ନେଇ ମଧ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ସେଠାରେ ମେଶିନ୍ ଇନ୍‌ଷ୍ଟାଲେଶନ କରାଯିବ।

# ଶେଷ ପର୍ଯ୍ୟାୟରେ ୩ ରଥର ଅଖ ନିର୍ମାଣ



ପୁରୀ ଅଫିସ, ୧୭।୫:

**ରଥଖଳାରୁ ...**

ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତିନି ରଥର ମୋଟ ୪୨ ଚକ ମଧ୍ୟରୁ ୩୮ଟି ଚକର ନିର୍ମାଣ ସରିଥିବା ବେଳେ ଗୁରୁବାର ବାକି ୪ ଚକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥର ଶେଷ ଦୁଇଟି ଚକର ତୁମ୍ବ ଅରରେ ପଇ ସଂଯୋଗ ପୂର୍ବକ ପଇରେ କିଳାବାଡ଼ିଆ ସହ ପଇ ସଂଯୋଗ ସ୍ଥଳରେ କାପ ବା କଳସା କାର୍ଯ୍ୟ ଜାରି ରହିଛି। ସେହିପରି ଦର୍ପଦଳନ ଓ ନନ୍ଦିଘୋଷ ରଥର ଶେଷ ଚକ ଦ୍ୱୟର ତୁମ୍ବଅରରେ ପଇପିନ୍ଧା ସରି ପଇକଳଶା କାମ ଚାଲିଛି। ତିନିରଥର ଆବଶ୍ୟକ ସଂଖ୍ୟକ ଅଖ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଗୋଟିଏ ଲେଖାଏ ପଡ଼ିନାହାକା ଅଖର ଆଁଶମରା କାର୍ଯ୍ୟ ଚାଲୁ ରହିଛି। ଗୁରୁବାର ତିନି ରଥର ଅଖ ଓ ଚକ ନିର୍ମାଣ ସରିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ତିନି ରଥର ୧୨ଟି ଲେଖାଏ ୨୦ ଫୁଟିଆ ଚଉତା କାଠର ଚଉପଟ ଶେଷହୋଇ ସମସ୍ତ ଚଉତାର ଦୁଇମୁହଁ କାପ କରାଯାଇଛି। ଗୁରୁବାର ଚଉତା କାଠର ଦୁଇ ମୁହଁରେ ବିନ୍ଧ ଅନୁକୂଳ କାର୍ଯ୍ୟ ହେବ, ସେଥିପାଇଁ ମହାରଣାମାନେ ଚଉତାଗୁଡିକରେ ମାପଚିହ୍ନ ମାରିଛନ୍ତି। ପ୍ରତି ରଥର ତିନୋଟି ଭୂଇଁ ନିର୍ମାଣ ପାଇଁ ୪ଟି ଲେଖାଏ ଚଉତା କାଠ ଆବଶ୍ୟକ ହୋଇଥାଏ। ଏହା ରଥର ଚାରି ନାହାକା ଉପରେ ସଂଯୋଗ କରାଯାଇଥାଏ। କରତି ସେବକମାନେ ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଳର ଚିରଟ ଶେଷ କରିଛନ୍ତି। ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ ପୋଲ ଗୟଳ କାଠର ଦୁଇପାର୍ଶ୍ୱ ଚିତା କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକମାନେ ତିନିରଥର କୋଣଗୁଜଗୁଡିକରେ ରୂପ କାର୍ଯ୍ୟ ଖୋଦେଇ ସହ ପଲିସ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା କଣ୍ଟା ଏବଂ କଇଁଚି କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।

## ରାଜଧାନୀରେ ଛାତ୍ର ନିଖୋଜ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ରାଜଧାନୀ ଲକ୍ଷ୍ମୀସାଗର ଥାନା ଖାରପଡ଼ା ଜେଲ ରୋଡରେ ରହୁଥିବା ଜଣେ ଛାତ୍ର ବୁଧବାର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସାଇପ୍ରସାଦ ପଣ୍ଡା (୧୬)। ନିଖୋଜ ସାଇ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ସେ ଶହୀଦନଗର ଥାନା ଅନ୍ତର୍ଗତ ସ୍ୱର୍ଗ ହସ୍ପିଟାଲ ନିକଟରେ ଥିବା ଯେଷା ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୁକ୍ତ୨ ପାଇଁ ନେଉଥିବା କୋଚିଂ ସାରି ଘରକୁ ଫେରି ନ ଥିବା ଅଭିଯୋଗ ହୋଇଛି। ଏନେଇ ସାଇଙ୍କ ବାପା ଅରୁପ ରଞ୍ଜନ ପଣ୍ଡା ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ନିଖୋଜ ମାମଲା (ନଂ.୧୧୮/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅରୂପଙ୍କ ଘର ଯାଜପୁର ଟାଉନ ଥାନା ଅନ୍ତର୍ଗତ କୁଆଁରପୁରରେ ହୋଇଥିବା ବେଳେ ସେ ପରିବାର ସହ ଖାରପଡ଼ା ଜେଲ ରୋଡରେ ରହୁଛନ୍ତି। ସାଇ ରସୁଲଗଡ଼ ସବରସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଦଶମ ଶ୍ରେଣୀ ପଢ଼ା ସାରିଥିଲେ। ସେ ଯୁକ୍ତ୨ ବାଣିଜ୍ୟ ପଢ଼ିବା ପାଇଁ ଯେଷା ଇନ୍‌ଷ୍ଟିଚ୍ୟୁଟ୍‌ରେ ମାସେ ହେଲା କୋଚିଂ ନେଉଛନ୍ତି। ସାଇ ପ୍ରତିଦିନ ସାଇକେଲ ଯୋଗେ କୋଚିଂ ସେଣ୍ଟର ଆସନ୍ତି। ତେବେ ସେ ଘରୁ ବୁଧବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ଇନ୍‌ଷ୍ଟିଚିଉଟ୍ ଆସିଥିଲେ। ସେ ଠିକ୍ ସମୟରେ ଘରକୁ ନ ଫେରିବାରୁ ପରିବାର ଲୋକେ ସବୁଠି ଖୋଜାଖୋଜି କରି ନ ପାଇ ପରେ ପୋଲିସ୍‌କୁ ଜଣାଇଥିଲେ।

# ଦେଶୀ ବନ୍ଧୁକ ଜବତ, ୨ ଛାତ୍ର ଗିରଫ



ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ଭୁବନେଶ୍ୱର/ଜଟଣୀ, (ବ୍ୟୁରୋ), ୧୭।୫ (ଡି.ଏନ୍.ଏ.)

- ବିହାର, ଝାଡ଼ଖଣ୍ଡରୁ ଆସିଥିଲା ବନ୍ଧୁକ
- ଅପରାଧ କରିବାକୁ ଯୋଜନା କରିଥିଲେ

ବନ୍ଧୁକ ମୁନରେ ଅପରାଧ ରଚିବାକୁ ଯୋଜନା କରିଥିବା ୨ ଛାତ୍ର କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ମଙ୍ଗଳବାର ରାତିରେ ଜଟଣୀ ଥାନା ପୋଲିସ ଚଢ଼ଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଅରୁଗୁଳ ବଣିଆ ସାହିର ତପୁନା ଓରଫ ଅସିତ ସାହୁ(୨୧) ଏବଂ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଯମୁନା ତଳ ସାହିର ସୋମୁ ଓରଫ ସୌମ୍ୟରଞ୍ଜନ ଦାସ (୧୯)। ଉଭୟ ସ୍ଥାନୀୟ ଅଞ୍ଚଳର ଭିନ୍ନ ଭିନ୍ନ କଲେଜରେ ଯୁକ୍ତ୩ ପଢୁଛନ୍ତି। ପୋଲିସ ସେମାନଙ୍କଠାରୁ ବନ୍ଧୁକ ସମେତ ନଗଦ ୧୦,୨୦୦ ଟଙ୍କା, ୬ଟି ଜୀବନ୍ତ ଗୁଳି, ଗୋଟିଏ ନମ୍ବର ବିହୀନ ବାଇକ୍‌କୁ ଜବତ କରିଛି। ଏସଂକ୍ରାନ୍ତରେ ଏକ ମାମଲା (ନଂ.୧୮୭/୨୦୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ଅଭିଯୁକ୍ତଦ୍ୱୟ ଏକ ବାଇକ ଯୋଗେ ଜଟଣୀସ୍ଥ ବରଅରା ଭେଟନାରି ଛକ ରାସ୍ତାରେ ଛିଡ଼ା ହୋଇଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ଉ କରି ଉଭୟଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ଅଭିଯୁକ୍ତଦ୍ୱୟ ପୋଲିସ ଦେଖି ଦୌଡ଼ିଥିଲେ। ହେଲେ ପୋଲିସ ଘେରିଯାଇ ଉଭୟଙ୍କୁ କାବୁ କରିଥିଲା। ଅଭିଯୁକ୍ତଦ୍ୱୟ ବନ୍ଧୁକ ମୁନରେ ଅପରାଧ କରିବାକୁ ଯୋଜନା କରିଥିଲେ। ଚାଲାଣକାରୀଙ୍କ ସହଯୋଗରେ ସେମାନେ ବିହାର ଓ ଝାରଖଣ୍ଡରୁ ବନ୍ଧୁକ ଆଣିଥିଲେ ବୋଲି ପୋଲିସ ପାଖରେ କହିଛନ୍ତି। ତେବେ କାହା ଦ୍ୱାରା ଏହି ବନ୍ଧୁକ ଆଣିଥିଲେ ସେନେଇ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ସୌମ୍ୟକାନ୍ତ ବଳିଆରସଂ କହିଛନ୍ତି।

# ସେବାକାରୀଙ୍କୁ ସମ୍ମାନ ପ୍ରଦାନ

ଖୋର୍ଦ୍ଧା ଅଫିସ, ୧୭।୫




ଜଣେ ସେବାକାରୀଙ୍କୁ ଅତିଥି ସମ୍ମାନ ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା ଗୀତା ଭବନରେ କିଟ୍ କିସ୍ ପକ୍ଷରୁ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ମେ ୧୭ରେ ଓଡ଼ିଶାର କୋଣ ଅନୁକୋଣ ସହିତ ଭାରତ ଏବଂ ଭାରତ ବାହାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଗୀତା ଭବନରେ ଜିଲାସ୍ତରୀୟ ଆର୍ଟ ଅଫ୍ ଗିଭିଙ୍ଗ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି ସେବାକାରୀଙ୍କୁ ସେବା। ଖୋର୍ଦ୍ଧାର ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିବା ପୋଲିସ, ଟ୍ରାଫିକ ପୋଲିସ, ଆଶା ଦିଦି, ଅଙ୍ଗନବାଡ଼ି କର୍ମୀ, ମନ୍ଦିର ପୂଜକ, ଗାଡି ଚାଳକ, ଆମ୍ବୁଲାନ୍ସ ଚାଳକ, ସଫେଇ କର୍ମଚାରୀ ଭଳି ବିଭିନ୍ନ ବର୍ଗର ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟସେବୀ ଶକ୍ତିଶଙ୍କର ମିଶ୍ର ଯୋଗଦେଇ ସାମଗ୍ରୀ ବଣ୍ଟନ କରିବା ସହ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।

# ରେଡ୍ ୱାଇନକୁ ହରାଇ ପାୱାର ହିଟର ଚାମ୍ପିୟନ




ବୋଲଗଡସ୍ଥିତ ଚମ୍ପାଇଲୋ ଗ୍ରାମରେ ଚାଲିଥିବା କ୍ରିକେଟ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ବୋଲଗଡ,୧୭।୫(ଡି.ଏନ୍.ଏ.)

**ଚମ୍ପାଇଲୋ କ୍ରିକେଟ୍ ପ୍ରିମିୟର ଲିଗ୍**

ବୋଲଗଡ ବ୍ଲକ ପିଚୁକୁଳି ପଞ୍ଚାୟତ ଚମ୍ପାଇଲୋ ଗ୍ରାମସ୍ଥିତ ଦାମୋଦର ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଚମ୍ପାଇଲୋ କ୍ରିକେଟ ପ୍ରିମିୟର ଲିଗ ସିଜିନ-୩ର ଫାଇନାଲ ମ୍ୟାଚରେ ବୁଧବାର ହୋଇଥିବାବେଳେ ପାୱାର ହିଟର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଦୁଇ ଫ୍ରାଞ୍ଚାଇଜ ଦଳ କମଳାକାନ୍ତ ବରାଡ଼ଙ୍କ 'ପାୱାର ହିଟର' ଓ ଅଜିତ ପାହାଡ଼ସିଂହଙ୍କ ରେଡ୍ ୱାଇନ ଟିମ୍ ମଧରେ ମୁକାବିଲା ହୋଇଥିଲା। ଏଥିରେ ରେଡ୍ ୱାଇନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ପାୱାର ହିଟର ୧୦.୩ ଓଭର ୬ ଉଇକେଟ ହରାଇ ୯୬ରନ ସଂଗ୍ରହ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ସମବାୟ ପରିଚାଳନା ବୋର୍ଡ ସଭ୍ୟ ପବିତ୍ର ମୋହନ ମାଝୀ, ଶିକ୍ଷାବିତ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ଅରୁଣ କୁମାର ସାହୁ, ଗୌତମ ଜେନା, ଆନନ୍ଦ ସାମନ୍ତରାୟ , କୈଳାସ ଚମ୍ପତି, ଭରତ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ, ରନର୍ସ ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଅପରାହ୍ନ ପୁରସ୍କାର ବିତରଣୀ ସଭାକୁ ଶିକ୍ଷାବିତ ବାସୁଦେବ ବରାଡ଼ ଓ ମୁଖ୍ୟ ଆୟୋଜକ ଇ.ପ୍ରୀତିଶ କୁମାର ରାୟ ସଂଯୋଜନା କରିଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ରୁଦ୍ର, ଚନ୍ଦନ, ସମ୍ପିତ, ଜିତୁ, ବିକାଶଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଦୁଇ ଫ୍ରାଞ୍ଚାଇଜ ବିପିନ କୁମାର ପାଇକରାୟଙ୍କ 'ଏମ୍‌ବି ବ୍ଲାଷ୍ଟର' ଓ ଆଶୁତୋଷ ଗୁମାନସିଂହଙ୍କ 'ଚମ୍ପାଇଲୋ ଚାଲେଞ୍ଜର'କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚରେ ଅମ୍ପାୟର ଭାବେ ବିନାୟକ ସାହୁ ଓ ଅଜୟ ରାଉତରାୟ ଦାୟିତ୍ୱ ନିର୍ବାହ କରିଥିଲେ।

## ବଜ୍ରକାପ୍ତା ବିକ୍ରି ଯୋଜନା, ୨ ଭାଇ ଗିରଫ

ଭୁବନେଶ୍ୱର, (ବ୍ୟୁରୋ) /ସୋନପୁର,୧୭।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଅନ୍ତର୍ଗତ ତିଲେଇମାଲ-ଖେମୁଡିଆମୁଣ୍ଡା ରାସ୍ତାରେ ମଙ୍ଗଳବାର ରାତିରେ ବଜ୍ରକାପ୍ତା ବିକ୍ରି ଯୋଜନା ଚାଲିଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଚଢ଼ାଉକରି ତାହାକୁ ପଣ୍ଡ କରିଦେଇଛି। ଏଥିସହ ସମ୍ପୃକ୍ତ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଝଙ୍କରପାଲି ଗ୍ରାମର ନବଦୀପ ଧରୁଆ(୪୧) ଓ ବେଦବ୍ୟାସ ଧରୁଆ। ସେମାନଙ୍କଠାରୁ ୨ଟି ବଜ୍ରକାପ୍ତା ଜବତ କରାଯାଇଛି। ଗୋଟିଏ ମା' ଓ ଅନ୍ୟଟି ଛୁଆ ବଜ୍ରକାପ୍ତା। ମା'ର ଓଜନ ୭ କେଜି ଓ ଛୁଆଟି ୩ କେଜିର। ଏହି ଦୁଇ ବଜ୍ରକାପ୍ତାକୁ ସୋନପୁର ବନ କ୍ଷେତ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ରଖାଯାଇଛି। ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡାକ୍ତର ସୁନାକର ସାମଲ ଅସୁସ୍ଥ ମା'ଛୁଆଙ୍କ ଚିକିତ୍ସା କରୁଥିବା ସୂଚନା ଦିଆଯାଇଛି। ତଦନ୍ତବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି ଯେ, ଦୁଇ ଅଭିଯୁକ୍ତ ଭାଇ ନବଦୀପ ଓ ବେଦବ୍ୟାସ ନିକଟ ବାରପାହାଡ ସଂରକ୍ଷିତ ଜଙ୍ଗଲରୁ ୩ଦିନ ପୂର୍ବରୁ ବଜ୍ରକାପ୍ତା ଆଣି ବିକ୍ରି ପାଇଁ ଘରେ ରଖିଥିଲେ। ଏନେଇ ଏସ୍‌ଟିଏଫ୍ ଟିମ୍ ବିଶେଷ ସୂତ୍ରରୁ ଖବର ପାଇବା ପରେ ଧରିବାକୁ ଜାଲ ବିଛାଇଥିଲା। ନବଦୀପ ଓ ବ୍ୟାସଦେବ ବଜ୍ରକାପ୍ତା ୨ଟିକୁ ଅଖାରେ ପୂରାଇ ବିକ୍ରି କରିବା ପାଇଁ ତିଲେଇମାଲ-ଖେମୁଡିଆମୁଣ୍ଡା ମଝି ରାସ୍ତାରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଚାଲାଣକାରୀ ୨ ଭାଇଙ୍କୁ ଧରିବା ସହ ବଜ୍ରକାପ୍ତା ଉଦ୍ଧାର କରିଥିଲେ। ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଅଭିଯୁକ୍ତ ନବଦୀପ ଓ ବ୍ୟାସଦେବଙ୍କ ସହ ଉଦ୍ଧାର ବଜ୍ରକାପ୍ତାକୁ ସୁବର୍ଣ୍ଣପୁର ବନ ବିଭାଗକୁ ହସ୍ତାନ୍ତର କରିଛି। ସୋନପୁର ଫରେଷ୍ଟ ରେଞ୍ଜ ଅଫିସ ପକ୍ଷରୁ ୧୭/୨୩-୩୪ ମାମଲା ରୁଜୁ ହେବା ସହ ଅଧିକ ତଦନ୍ତ ଜାରି ରଖିଛି। ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ ବନ ବିଭାଗ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
No:-Tender-Online-BBSR Divn.-03, Date :- 15.05.2023
Ph.No.-0674-2301787, Fax No.:0674-2300965, Email ID: eerw_bbsr@yahoo.co.in
e-Procurement NOTICE

No.O-142:1. Name of the work : Construction / Special Repair of Building work. 2. Total No. of Building: 1 No. 3. Class of contractor : a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities. 4.Estimate cost of Individual project : Rs.16.95 Lakh. 5. Time for completion : 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn. -02 | 20.05.2023 at 11.00 A.M. | 29.05.2023 upto 5.00 P.M. | 30.05.2023 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Superintending Engineer, Rural Works Division, BBSR
OIPR-25066/11/0002/2324

GOVERNMENT OF ODISHA
OFFICE OF THE ENGINEER-IN-CHIEF
PUBLIC HEALTH, ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
No.C-335: Invitation For Bids (IFB) Dtd.08.05.2023

| S. N. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Improvement of Water Supply to Balimela NAC including O&M for 5 Years under AMRUT 2.0 SWAP-I | EICPH-03/ 2023-24 | 1443.40 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 2 | Improvement of Water Supply to Khariar NAC including O&M for 5 Years under AMRUT 2.0 SWAP-I | EICPH-04/ 2023-24 | 1351.94 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 3 | Improvement of Water Supply to Boudhgarh NAC including O&M for 5 Years under AMRUT 2.0 SWAP-I | EICPH-05/ 2023-24 | 1923.70 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 4 | Improvement of Water Supply to Kotpada NAC including O&M for 5 Years under AMRUT 2.0 SWAP-I | EICPH-06/ 2023-24 | 1458.83 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 5 | Improvement of Water Supply to Athagarh NAC including O&M for 5 Years under AMRUT 2.0 SWAP-I | EICPH-07/ 2023-24 | 4023.33 | Spl. Class & Super Class | 15 (Fifteen) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |

Name & Address of Officer Inviting Bid: The Engineer-In-Chief (PH) Office of The Engineer-in-Chief, PH 1st Floor, Unnati Bhawan, Satyanagar, Bhubaneswar, Odisha-751007, Phone:#91-674-2575309, email: eicphodisha@gmail.com
❖Further details can be seen from the e-Procurement portal "https://www.tendersodisha.gov.in"
❖All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
OIPR-13068/11/0006/2324
Sd./- Engineer-in-Chief (PH)

## ସଂକ୍ଷେପରେ

### ଘରେ ପଶି ୱାର୍ଡ ସଭ୍ୟା, ସ୍ୱାମୀଙ୍କୁ ଆକ୍ରମଣ

ନିମାପଡ଼ା,୧୭।୫(ଡି.ଏନ୍‌ଏ.)- ନିମାପଡ଼ା ଥାନା ଅଧୀନ ସଲଙ୍ଗ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟାଙ୍କ ଘରେ ପଶି ୪ ଦୁର୍ବୃତ୍ତ ଆକ୍ରମଣ କରି ଗାଳିଗୁଲଜ ସହ ଧମକଚମକ ଦେଇଥିବା ୱାର୍ଡ ସଭ୍ୟା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୫୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭଣ୍ଟି ଗ୍ରାମର ୪ ବ୍ୟକ୍ତି ସୁରେଶ ଭୋଇ, ଡଲି ଭୋଇ, ସୁକାନ୍ତ ଭୋଇ, କାହ୍ନା ଭୋଇ ପ୍ରମୁଖ ୱାର୍ଡ ସଭ୍ୟା କଳ୍ପନା ନାୟକଙ୍କ ଘରେ ପଶି ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ କଳ୍ପନାଙ୍କ ସ୍ୱାମୀ ଦୀପକ ନାୟକ ପ୍ରତିବାଦ କରିବାରୁ ୪ ଜଣ ସଂଘବଦ୍ଧ ଭାବେ ସ୍ୱାମୀ-ସ୍ତ୍ରୀଙ୍କୁ ମାଡ଼ ମାରି ବିଭିନ୍ନ ଧମକଚମକ ଦେଇଥିଲେ। ସୂଚନାଯୋଗ୍ୟ, ସରପଞ୍ଚ ସୁମନ୍ତ ଭୋଇଙ୍କୁ କାହିକି ଗାଳିଗାଲୁଜ କଲ ବୋଲି ୱାର୍ଡ ସଭ୍ୟା କଳ୍ପନା ଗ୍ରାମର କାଳୁ ପରିଡ଼ାଙ୍କୁ ପଚାରିବା କାରଣରୁ ଏଭଳି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।

### ଘର ତାଲା ଭାଙ୍ଗି ସୁନାଗହଣା ଚୋରି

ନିମାପଡ଼ା,୧୭।୫(ଡି.ଏନ୍‌ଏ.): ଚାରିଛକ ଥାନା ବାହାରେଣ ପଞ୍ଚାୟତର ଖୁଲିସ ଗ୍ରାମର ନିଶିକାନ୍ତ ସ୍ୱାଇଁଙ୍କ ଘରୁ ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଘରର ତାଲା ଓ ଲୁହା ଗଡ୍‌ରେଜ ଭାଙ୍ଗି ସେଥିରେ ଥିବା ୩ଟି ସୁନା ଚେନ୍, ୨ଟି ସୁନା ହାର, ୫ଟି ସୁନା ମୁଦି, ୩ହଳ କାନଫୁଲ ଚୋରି ହୋଇଥିବା ଜଣାପଡିଛି। ଚୋରି ସୁନାଗହଣାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଗୃହକର୍ତ୍ତା କହିଛନ୍ତି। ପୋଲିସ ଏନେଇ ୫୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବରପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ଚୋରଙ୍କୁ ଠାବ କରାଯାଇ ଗିରଫ କରାଯିବାକୁ ଗୃହକର୍ତ୍ତା ଓ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଛନ୍ତି।

### ଉପନିର୍ବାଚନ ଫଳାଫଳକୁ ନେଇ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧରଙ୍କ ଇସ୍ତଫା

ଗୋପ,୧୭।୫(ଡି.ଏନ୍.ଏ.)- ୧୧ନଂ ଜିଲା ପରିଷଦ ଉପନିର୍ବାଚନରେ କଂଗ୍ରେସର ପରାଜୟ ଘଟିଛି। ଏହାକୁ ନେଇ ବୁଧବାର ଗୋପ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ପ୍ରଧାନ ଇସ୍ତଫା ଦେଇଥିବା ଜଣାପଡିଛି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଓ ଜିଲା ସଭାପତି ରବୀନ୍ଦ୍ର ସେଠୀଙ୍କୁ ଦେଇଛନ୍ତି। ଗତ ଉପନିର୍ବାଚନରେ କଂଗ୍ରେସରେ କର୍ମୀମାନେ ଠିକ୍ ଢଙ୍ଗରେ କାର୍ଯ୍ୟ ନ କରିବା ଓ ଦଳରେ ଥିବା କର୍ମୀମାନେ ଅନ୍ତର୍ଘାତୀ କାର୍ଯ୍ୟ କରିବାକୁ ନେଇ ସେ ଇସ୍ତଫା ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଙ୍କୁ ପଚାରିବାରେ, ଦଳ ମାତ୍ର ୧୦୨୪ ଭୋଟ ପାଇବା ଦଳ ପାଇଁ ଲଜ୍ଜା ବୋଲି ସେ କହିଛନ୍ତି।



# ବିଭିନ୍ନ ସମସ୍ୟା ଦୂର ଉପରେ ଗୁରୁତ୍ୱ

## କାକଟପୁର ପଞ୍ଚାୟତ ସମିତିର ୫ମ ଅଧିବେଶନ

କାକଟପୁର,୧୭।୫(ଡି.ଏନ୍.ଏ.)



ଅଧିବେଶନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଏବଂ ଅନ୍ୟମାନେ।

କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ଅଧ୍ୟକ୍ଷତାରେ ସମିତି ପରିସରସ୍ଥ ସଭାଗୃହରେ ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ବିଭାଗ, ପ୍ରାଣୀଧନ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ ସମେତ ସମସ୍ତ ବିଭାଗର ଜନହିତକର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କୁଣ୍ଢେଇ ସମିତି ସଭ୍ୟ ପ୍ରମୋଦ ଦାସ, କାକଟପୁର ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ, ସମିତି ସଭ୍ୟା ପ୍ରଭାତି ବିଶାଳ, ସମିତି ସଭ୍ୟା ଶାନ୍ତିଲତା ପଣ୍ଡା, ପାଟସୁନ୍ଦରପୁର ସମିତି ସଭ୍ୟ ମନୋଜ ସ୍ୱାଇଁ, କାକଟପୁର ସରପଞ୍ଚ ଅଭୟ ସେଠୀ, ସୁହାଗପୁର ସରପଞ୍ଚ ସେଖ ଅବୁତାର, କୁରୁଜଙ୍ଗ ସରପଞ୍ଚ ରୁପାଲି କାଣ୍ଡି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକର ଅଙ୍ଗନବାଡ଼ିଗୁଡିକରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି ସମିତି ଅଧ୍ୟକ୍ଷଙ୍କ ସହ ବହୁ ସଭ୍ୟ ଅଭିଯୋଗ କରିଥିଲେ। ତେଣୁ ୧୨ବର୍ଷ ଧରି ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଛତୁଆ ପ୍ରସ୍ତୁତି ପାଇଁ ଦିଆଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଟେଣ୍ଡର ପାଇଁ ଦାବି କରିଥିଲେ। ମିଶନ ଶକ୍ତି ବିଭାଗ ଦ୍ୱାରା ସିଆରପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ପାଇଁ ଯେଉଁ ମନୋନୟନ ପ୍ରକ୍ରିୟା ଚାଲିଛି ସେଥିରେ ବହୁ ଜାଲ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରଧାରୀ ରହିଥିବା ଅଭିଯୋଗ ହୋଇଥିଲା। ସାମାଜିକ ସୁରକ୍ଷା ବିଭାଗରେ ବାପ ପରିବର୍ତ୍ତେ ପୁଅ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ପାଟସୁନ୍ଦରପୁର ଗ୍ରାପର ସମିତି ସଭ୍ୟ ଅଭିଯୋଗ କରିଥିଲେ। ବହୁ ଭତ୍ତା ଧାରି ୪ମାସ ଧରି ଭତ୍ତା ନ ପାଇ ହଇରାଣ ହେଉଥିବା ଆଲୋଚିତ ହୋଇଥିଲା। ଏ ନେଇ ବିଡିଓ ତୁଷାର ଜ୍ୟୋତି ରଞ୍ଜନ କହିଥିଲେ, ଆକାଉଣ୍ଟ ପରିବର୍ତ୍ତେ ଆଧାରବେସ୍‌ରେ ଭତ୍ତା ବଣ୍ଟନ ଫଳରେ ଏ ଅବସ୍ଥା ଉପୁଜିଛି। ଆଗାମୀ ମାସରେ ଏହାର ସମାଧାନ ହୋଇଯିବ। ଆଗାମୀ ଦିନରେ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ସେ ଜନପ୍ରତିନିଧିଙ୍କର ସହଯୋଗ କାମନା କରିଥିଲେ। ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ସାହୁ, ୭ନଂ. ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରାଚୀପ୍ରଜ୍ଞା ସାହୁ, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ସୁବ୍ରତ ପରିଡା ବୈଠକ ପରିଚାଳନା କରିଥିଲେ। ବୈଠକରେ କେତେକ ବିଭାଗୀୟ ଅଧିକାରୀଙ୍କ ପରିବର୍ତ୍ତେ ସହକାରୀ ଅଧିକାରୀମାନଙ୍କ ଉପସ୍ଥିତି ସମିତି ବୈଠକକୁ ଅଧିକାରୀଙ୍କ ବେଖାତିର ମନୋଭାବକୁ ପରିପ୍ରକାଶ କରୁଥିବା କେତେକ ନିର୍ବାଚିତ ପ୍ରତିନିଧିମାନେ ପ୍ରକାଶ କରିଥିଲେ।



ଗୁରୁବାର ପୁରୀରୁ ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ ହେବାକୁ ଥିବାରୁ ବୁଧବାର ବିଳମ୍ବିତ ରାତିରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳ ଷ୍ଟେଶନରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

## ଶେଷ ପର୍ଯ୍ୟାୟରେ ୩ ରଥର ଅଖ ନିର୍ମାଣ

### ଆଜି ଚଉତା କାଠର ଦୁଇମୁହଁରେ ବିନ୍ଧ ଅନୁକୂଳ



ପୁରୀ ଅଫିସ, ୧୭।୫:

**ରଥଖଳାରୁ ...**

ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତିନି ରଥର ମୋଟ ୪୨ ଚକ ମଧ୍ୟରୁ ୩୮ଟି ଚକର ନିର୍ମାଣ ସରିଥିବା ବେଳେ ଗୁରୁବାର ବାକି ୪ ଚକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥର ଶେଷ ଦୁଇଟି ଚକର ତୁମ୍ବ ଅରରେ ପଇ ସଂଯୋଗ ପୂର୍ବକ ପଇରେ କିଳାବାଡ଼ିଆ ସହ ପଇ ସଂଯୋଗ ସ୍ଥଳରେ କାପ ବା କଳସା କାର୍ଯ୍ୟ ଜାରି ରହିଛି। ସେହିପରି ଦର୍ପଦଳନ ଓ ନନ୍ଦିଘୋଷ ରଥର ଶେଷ ଚକ ଦ୍ୱୟର ତୁମ୍ବଅରରେ ପଇପିନ୍ଧା ସରି ପଇକଳଶା କାମ ଚାଲିଛି। ତିନିରଥର ଆବଶ୍ୟକ ସଂଖ୍ୟକ ଅଖ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଗୋଟିଏ ଲେଖାଏ ପଡ଼ିନାହାକା ଅଖର ଆଁଶମରା କାର୍ଯ୍ୟ ଚାଲୁ ରହିଛି। ଗୁରୁବାର ତିନି ରଥର ଅଖ ଓ ଚକ ନିର୍ମାଣ ସରିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ତିନି ରଥର ୧୨ଟି ଲେଖାଏ ୨୦ ଫୁଟିଆ ଚଉତା କାଠର ଚଉପଟ ଶେଷହୋଇ ସମସ୍ତ ଚଉତାର ଦୁଇମୁହଁ କାପ କରାଯାଇଛି। ଗୁରୁବାର ଚଉତା କାଠର ଦୁଇ ମୁହଁରେ ବିନ୍ଧ ଅନୁକୂଳ କାର୍ଯ୍ୟ ହେବ, ସେଥିପାଇଁ ମହାରଣାମାନେ ଚଉତାଗୁଡିକରେ ମାପଚିହ୍ନ ମାରିଛନ୍ତି। ପ୍ରତି ରଥର ତିନୋଟି ଭୂଇଁ ନିର୍ମାଣ ପାଇଁ ୪ଟି ଲେଖାଏ ଚଉତା କାଠ ଆବଶ୍ୟକ ହୋଇଥାଏ। ଏହା ରଥର ଚାରି ନାହାକା ଉପରେ ସଂଯୋଗ କରଯାଇଥାଏ। କରତି ସେବକମାନେ ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଳର ଚିରଟ ଶେଷ କରିଛନ୍ତି। ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ ପୋଲ ଗୟଳ କାଠର ଦୁଇପାର୍ଶ୍ୱ ଚିତା କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକମାନେ ତିନିରଥର କୋଣଗୁଜଗୁଡିକରେ ରୂପ କାର୍ଯ୍ୟ ଖୋଦେଇ ସହ ପଲିସ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା କଣ୍ଟା ଏବଂ କଇଁଚି କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।

## ଇଲେଭେନ୍ ଷ୍ଟାର, ଗୋପୀନାଥ ଏକାଦଶ ବିଜୟୀ

### ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍

କଣାସ,୧୭।୫(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ବୁଧବାର ୬ଷ୍ଠ ଦିନରେ ପହଞ୍ଚିଛି। ୮ମ ମ୍ୟାଚ୍‌ରେ ଇଲେଭେନ୍ ଷ୍ଟାର ଓ ନବମ ମ୍ୟାଚରେ ଗୋପୀନାଥ ଏକାଦଶ ବିଜୟୀ ହୋଇଛି। ମଙ୍ଗଳବାରର ଅସମାପ୍ତ ମ୍ୟାଚ ଇଲେଭେନ୍ ଷ୍ଟାର ଏବଂ ଏମ୍‌କେସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ୍ ହରାଇ ୧୩୯ ରନ୍ କରିଥିଲେ। ପ୍ରତ୍ୟୁତ୍ତରରେ କଣାସର ଏମ୍‌କେସିସି ୫ଟି ଉଇକେଟ୍ ହରାଇ ୧୩୭ ରନ୍ କରି ପରାଜିତ ହୋଇଥିଲା। ନବମ ମ୍ୟାଚ୍ ଗୋପୀନାଥ ଏକାଦଶ ଓ ଗ୍ଲାଡିଏଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପୀନାଥ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ୍ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଗ୍ଲାଡିଏଟର ୭ ଉଇକେଟ୍ ହରାଇ ୫୧ରନ୍ କରି ପରାଜିତ ହୋଇଥିଲା। ଇଲେଭେନ ଷ୍ଟାରର ତୁଷାର ଏବଂ ଗୋପୀନାଥ ଏକାଦଶର ବାପି ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିକ୍ଷକ ଅନିଲ ରାଉତ ଓ ସୁଧୀର ତ୍ରିପାଠୀ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର ସ୍ୱାଇଁ, ସୁନୀଲ ତ୍ରିପାଠୀ, ଶରତ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ।

## ସ୍ୱାମୀଙ୍କ ସହ ରହିବାକୁ ଶାଶୁଘର ସମ୍ମୁଖରେ ବୋହୂଙ୍କ ଧାରଣା

ନିମାପଡ଼ା,୧୭।୫(ଡି.ଏନ୍‌ଏ.)

ଶାଶୁଘରେ ସ୍ୱାମୀଙ୍କ ସହ ରହିବାକୁ ଦାବି କରି ସ୍ତ୍ରୀ ବୁଧବାର ଶାଶୁଘର ସମ୍ମୁଖରେ ୩ ବର୍ଷର ଝିଅଙ୍କୁ ଧରି ଖରାରେ ଧାରଣାରେ ବସିଛନ୍ତି। ଖବରପାଇ ନିମାପଡ଼ା ପୋଲିସ ସେଠାରେ ପହଞ୍ଚି ମହିଳାଙ୍କ ଶାଶୁଙ୍କୁ ବୁଝାଶୁଝା କରି ମହିଳାଙ୍କୁ ଶାଶୁଘରେ ଛାଡ଼ିଥିବା ପୋଲିସ କହିଛି। ସୂଚନା ମୁତାବକ, ଗଞ୍ଜାମ ଜିଲା ଅଗସ୍ତି ନୂଆ ଗାଁର ୨୮ ବର୍ଷୀୟା ବାସନ୍ତୀ ବେହେରା ୪ ବର୍ଷ ତଳେ ନିମାପଡ଼ା ଥାନା ଅଧୀନ ସଲଙ୍ଗ ପଞ୍ଚାୟତ ଆମରଙ୍ଗ ଗ୍ରାମର ପ୍ରଳୟ ବେହେରାଙ୍କୁ ପ୍ରେମ କରି ଛତ୍ରପୁର କୋର୍ଟରେ ଓ ପରେ ମନ୍ଦିରରେ ବିବାହ କରିଥିଲେ। ଦୁହେଁ ଗଞ୍ଜାମ ଅଞ୍ଚଳରେ ଏକାଠି ରହିଆସୁଥିଲେ। ହେଲେ ସ୍ତ୍ରୀ ବାସନ୍ତୀଙ୍କ ପୂର୍ବରୁ ଏକ ୭ ବର୍ଷର ପୁଅ ଓ ୩ ବର୍ଷର ଝିଅ ଥିବାରୁ ପ୍ରଳୟଙ୍କ ପରିବାର ତାଙ୍କୁ ବୋହୂ ଭାବେ ଗ୍ରହଣ କରୁ ନ ଥିଲେ କି ପୁଅ ବୋହୂକୁ ଘରେ ପୂରାଉ ନ ଥିଲେ। ଗତ କିଛି ଦିନ ହେବ ଉଭୟେ ନିମାପଡ଼ା ଆସି ଏକ ଭଡ଼ା ଘର ନେଇ ମୁଲିଆ ଭାବେ କାର୍ଯ୍ୟ କରି ରହୁଥିଲେ। ଗତ ୨/୩ ଦିନ ହେବ ପ୍ରଳୟ କେଉଁଆଡ଼େ ପଳାଇଯାଇଛନ୍ତି। ଫଳରେ ସ୍ତ୍ରୀ ବାସନ୍ତୀ ତାଙ୍କ ଶାଶୁ ଘରେ ସ୍ୱାମୀଙ୍କ ସହ ରହିବାକୁ ଘର ଆଗରେ ଧାରଣାରେ ବସିଛନ୍ତି। ବୁଝାଶୁଝା କରି ପୋଲିସ ତାଙ୍କୁ ଘର ଭିତରକୁ ନେବା ପରେ ସ୍ୱାମୀ ପ୍ରଳୟ ଘରେ ନ ଥିବା ଜଣାପଡିଛି। ଶାଶୁଘର ଲୋକେ ବୋହୂଙ୍କୁ ସ୍ୱୀକାର ନ କରିପାରି ଶାଶୁ ଶ୍ୱଶୁର କିଛି ସମୟ ପରେ ଥାନାରେ ହାଜର ହୋଇଛନ୍ତି।

## ପୋଖରୀରୁ ମାଛ ଚୋରି କରି ୪ ଗିରଫ

ବଳଙ୍ଗା,୧୭।୫(ଡି.ଏନ୍.ଏ.): ପୋଖରୀରୁ ମାଛ ଚୋରି କରିଥିବା ଅଭିଯୋଗରେ ବୁଧବାର ବଳଙ୍ଗା ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଳଙ୍ଗା ଥାନା ନୂଆସନ୍ଥ ଗ୍ରାମର ଲୋକନାଥ ମିଶ୍ର, ବାଙ୍କନିଧି ନାୟକ, ହରପ୍ରସାଦ ସାହୁ ଓ ଭରତ ବେହେରା। ବ୍ରାହ୍ମଣ ଚାନ୍ଦପୁର ପାଟଣା ଗ୍ରାମର କୁଳମଣୀ ସେଠୀଙ୍କ ଅଭିଯୋଗ ଅନୁଯାୟୀ, ସେ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ସମ୍ପାଦକ ରହିଥିବା ବେଳେ ଗୋଷ୍ଠୀ ତରଫରୁ ପଞ୍ଚାୟତ ପୋଖରୀକୁ ନିଲାମକୁ ଆଣି ମାଛ ଚାଷ କରୁଥିଲେ। ଅନେକ ସମୟରେ ପୋଖରୀରୁ ମାଛ ଚୋରି କାରଣରୁ ଗୋଷ୍ଠୀ ପକ୍ଷରୁ ସବୁଦିନ ପରି ପାଳିକରି ରାତିରେ ପୋଖରୀକୁ ୨ଜଣ ସଦସ୍ୟ ଜଗିଥାନ୍ତି। ଗତ ସୋମବାର ରାତିରେ କୁଳମଣୀଙ୍କ ପାଳି ଥିବାରୁ ସେ ସଂଘର ଅନ୍ୟ ସଦସ୍ୟ ସପନି ମହାରଣାଙ୍କ ସହ ପୋଖରୀକୁ ଜଗି ଥିବାବେଳେ ରାତିରେ କୁଳମଣୀ ଘରକୁ ଚାଲି ଆସିଥିଲେ। ତେବେ ରାତି ୨ଟା ସମୟରେ ଉପରୋକ୍ତ ୪ ଅଭିଯୁକ୍ତ ପୋଖରୀରୁ ଜାଲ ସାହାଯ୍ୟରେ ମାଛ ଧରି ନୂଆସନ୍ଥ ଯାଉଥିବା ନେଇ ସପନି ଦେଖି କୁଳମଣୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଫଳରେ କୁଳମଣୀ ଗ୍ରାମର କେତେଜଣ ଲୋକଙ୍କୁ ସାଙ୍ଗରେ ଧରି ନୂଆ ସନ୍ଥ ବଜାରରେ ଛପି ରହିଥିବା ବେଳେ ଅଭିଯୁକ୍ତମାନେ ହାତରେ ଜାଲ ଓ ମାଛ ଧରିଥିବା ଦେଖିଥିଲେ। ଏହି ସମୟରେ ସେମାନେ କୁଳମଣୀଙ୍କ ସହ ଅନ୍ୟମାନଙ୍କୁ ଦେଖି ଜାଲ ସହ ମାଛକୁ ଫୋପାଡି ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ଏ ନେଇ କୁଳମଣୀ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ପକ୍ଷରୁ ନଂ. ୮୧/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବୁଧବାର ସକାଳେ ନୂଆସନ୍ଥ ଗ୍ରାମରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଗର୍ଭ ନଷ୍ଟ, ଯୌତୁକ ନିର୍ଯାତନା ଅଭିଯୋଗ: ୬ ଜଣଙ୍କ ବିରୋଧରେ ମାମଲା

ନିମାପଡ଼ା,୧୭।୫(ଡି.ଏନ୍‌ଏ.)

ନିମାପଡ଼ା ଥାନା ଅଧୀନ ଦିଘାଲୋ ମୁସଲିମ ବସ୍ତିର ବଧୂ ସୁଲତାନା ପରଭିନ୍‌ଙ୍କୁ ଶାଶୁଘର ଲୋକେ ଯୌତୁକ ଆଣିବା, ଗର୍ଭ ନଷ୍ଟ କରିବାକୁ ବାଧ୍ୟ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ସେ ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ତାଙ୍କ ସ୍ୱାମୀ ଶେକ୍ ଅମିର, ଦିଅର ଶେକ୍ ସମିର, ଶ୍ୱଶୁର ଶେକ୍ ସରିଫ୍, ଶାଶୁ ଦୁଲଫା ବିବି, ଭିଣୋଇ ଶେକ୍ ମୁନ୍ନୁ, ଭଉଣୀ ଦୁଲି ବିବି ପ୍ରମୁଖ ୬ ଜଣଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗରେ ନଂ.୧୫୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏପରିକି ଗତ ୧୦ ତାରିଖରେ ଶାଶୁଘର ଲୋକେ ସୁଲତାନାଙ୍କୁ ଜୋରଜବରଦସ୍ତି ଗର୍ଭ ନଷ୍ଟ କରିବାକୁ ଏକ ବଟିକା ଖୁଆଇବା ସହ ମାଡ଼ ମାରି ତାଙ୍କ ବାପଘର ନିକଟରେ ପକାଇ ଦେଇଥିବା ସୁଲତାନା ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନା ମୁତାବକ, ସୁଲତାନା ଏବଂ ଶେକ୍ ଅମିର ପ୍ରେମ ବିବାହ କରିଥିଲେ। ଗତ କିଛି ମାସ ଧରି ଦୁହେଁ ହାଇଦ୍ରାବାଦରେ ରହିଆସୁଥିଲେ। ଗତ ଏପ୍ରିଲ ୧୦ ତାରିଖରେ ସେମାନେ ଘରକୁ ଫେରି ଆସିଥିବା ଜଣାପଡିଛି।

# ବିଶ୍ୱରେ ଶାନ୍ତି, ଖୁସି ବାଣ୍ଟିବା ମୂଳମନ୍ତ୍ର

## ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ

ପିପିଲି/କଣାସ/ନିମାପଡ଼ା,୧୭।୫ (ଡି.ଏନ୍.ଏ./ସ୍ୱ.ପ୍ର.)

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ୧୦ମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ମଙ୍ଗଳବାର ପିପିଲିଠାରେ ଅନୁଷ୍ଠିତ ହୋଇଯାଇଛି। କିମ୍ସ୍ ସହ ନିର୍ଦ୍ଦେଶକ ମହମ୍ମଦ ଜମିଲ ଅଖତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିପିଲି ପେଟ୍ରୋଲ ପମ୍ପଠାରୁ ଶତାଧିକ ମହିଳା ପୁରୁଷ, ଛାତ୍ରୀଛାତ୍ର ଶାନ୍ତି, ପ୍ରେମ, ପରୋପକାରିତା ଲକ୍ଷ୍ୟ ନେଇ ଏକ ସଚେତନତା ପଦଯାତ୍ରାରେ ପିପିଲି ବଜାର ପରିକ୍ରମା କରିଥିଲେ। ପିପିଲି ହାଟଛକଠାରେ ଏକ ସଭା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମହିଳା ଓ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଆଇଜି ମହମଦ ଜାହିଦ୍, ଓଡ଼ିଶା ମାଇନରଟି କାଉନସିଲ ସଭାପତି ମହମଦ ଅଲ୍ଲି ପ୍ରମୁଖ ଯୋଗଦେଇ ଲୋକଙ୍କୁ ସାହାଯ୍ୟ, ନିରୀହଙ୍କ ମୁହଁରେ ହସ ଫୁଟାଇବାକୁ କହିଥିଲେ। ଏହି ଅବସରରେ ସମାଜସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଗୃହିଣୀ, ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜାଗୃତି ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସାମିଲ ଥିଲେ। ସେହିପରି କଣାସ ବ୍ଲକର କଣାସଠାରେ ଏହି ଦିବସ ପାଳିତ ହୋଇଯାଇଛି। କଣାସ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଉମ୍ବରୁଧର ଛୁଆଳସିଂ ଏହାର ତତ୍ତ୍ୱାବଧାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବନବିହାରୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜ ଯୋଗଦେଇଥିଲେ। କଣାସ ସାନମଠ ମହନ୍ତ ବିଶ୍ୱମ୍ଭର ଦାଶ ମହାରାଜ, ମହନ୍ତ ସୁଦର୍ଶନ ଦାଶ ମହାରାଜ, କଣାସ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ୟାସୀ ସୁବୁଦ୍ଧି, ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ ଜେନା, ଅଧ୍ୟାପକ ପ୍ରସନ୍ନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ ସତ୍ୟପ୍ରିୟା ପରିଡ଼ା, ରୋଗୀ ସେବକ ସନ୍ତୋଷ ଦାଶ, ସଫେଇ କର୍ମଚାରୀ ଦାଶରଥି ଗୁମାନସିଂଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ଓ ପ୍ରେମାନନ୍ଦ ଜାଲି ଏହାକୁ ପରିଚାଳନା କରିଥିଲେ। ପ୍ରଥମ ଥର ପାଇଁ ନିମାପଡ଼ାଠାରେ ଏହି ଦିବସ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ନାୟକ ଏଥିରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ନିମାପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବିଚିତ୍ରାନନ୍ଦ ସାହୁ, ଶିକ୍ଷାବିତ୍ ଶାରଦା ପ୍ରସନ୍ନ ବେହେରା, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ ଜୟନ୍ତୀ ପଣ୍ଡା ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମଗ୍ର ବିଶ୍ୱରେ ଶାନ୍ତି, ଖୁସି ବିତରଣ କରିବା ଏହି ଦିବସର ମୂଳମନ୍ତ୍ର ବୋଲି ଅତିଥିମାନେ କହିଥିଲେ। ଉପସ୍ଥିତ ଅତିଥିମାନଙ୍କୁ ଉଲ୍ଲେଖନୀୟ ସେବାପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।




ନିମାପଡ଼ା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।




ପିପିଲିରେ ଆୟୋଜିତ ଶୋଭାଯାତ୍ରା।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
No:-Tender-Online-BBSR Divn.-03, Date :- 15.05.2023
Ph.No.-0674-2301787, Fax No.:0674-2300965, Email ID: eerw_bbsr@yahoo.co.in
e-Procurement NOTICE
No.O-142:1. Name of the work : Construction / Special Repair of Building work. 2. Total No. of Building: 1 No. 3. Class of contractor : a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities. 4.Estimate cost of Individual project : Rs.16.95 Lakh. 5. Time for completion : 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn. -02 | 20.05.2023 at 11.00 A.M. | 29.05.2023 upto 5.00 P.M. | 30.05.2023 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Superintending Engineer, Rural Works Division, BBSR
OIPR-25066/11/0002/2324

GOVERNMENT OF ODISHA
OFFICE OF THE ENGINEER-IN-CHIEF
PUBLIC HEALTH, ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
No.C-335: Invitation For Bids (IFB) Dtd.08.05.2023

| S. N. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Improvement of Water Supply to Balimela NAC including O&M for 5 Years under AMRUT 2.0 SWAP-I | EICPH-03/ 2023-24 | 1443.40 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 2 | Improvement of Water Supply to Khariar NAC including O&M for 5 Years under AMRUT 2.0 SWAP-I | EICPH-04/ 2023-24 | 1351.94 | 'A' Class & Special Class | 12 (Twelve) Months | 11.00 Hrs. of 20.05.2023 | 17.00 Hrs. of 12.06.2023 |
| 3 | Improvement of Water Supply to Boudhgarh NAC including O&M for 5 Years under AMRUT 2.0 SWAP-I | EICPH-05/ 2023-24 | 1923.70 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 4 | Improvement of Water Supply to Kotpada NAC including O&M for 5 Years under AMRUT 2.0 SWAP-I | EICPH-06/ 2023-24 | 1458.83 | 'A' Class & Special Class | 12 (Twelve) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |
| 5 | Improvement of Water Supply to Athagarh NAC including O&M for 5 Years under AMRUT 2.0 SWAP-I | EICPH-07/ 2023-24 | 4023.33 | Spl. Class & Super Class | 15 (Fifteen) Months | 11.00 Hrs. of 23.05.2023 | 17.00 Hrs. of 16.06.2023 |

Name & Address of Officer Inviting Bid: The Engineer-In-Chief (PH) Office of The Engineer-in-Chief, PH 1st Floor, Unnati Bhawan, Satyanagar, Bhubaneswar, Odisha-751007, Phone:#91-674-2575309, email: eicphodisha@gmail.com
❖Further details can be seen from the e-Procurement portal "https://www.tendersodisha.gov.in"
❖All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
Sd./- Engineer-in-Chief (PH)
OIPR-13068/11/0006/2324

# ରହିଗଲା ଅବସୋସ



ଆଲିଆ

ବେଳେବେଳେ ମନରେ ଏଭଳି ଅବସୋସ ରହିଯାଏ, ଯାହାକୁ ନେଇ ସାରା ଜୀବନ ଅନୁତାପ କରିବାକୁ ପଡିଥାଏ। ସେଭଳି ଏକ କଥାକୁ ଏବେ ବି ମନେ ପକାଇ ଦୁଃଖ ପ୍ରକାଶ କରନ୍ତି ଆଲିୟା ଭଟ୍ଟ। କଥା କ'ଣ କି, ୨୦୦୫ରେ ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲିଙ୍କ 'ବ୍ଲାକ୍' ରିଲିଜ ହୋଇଥିଲା। ଏହାର କାଷ୍ଟିଂ ସମୟରେ ଏକ ଭୂମିକା ପାଇଁ ନଅ ବର୍ଷ ବୟସ୍କା ଆଲିୟାଙ୍କ ନାମ ବିଚାରକୁ ନେଇଥିଲେ ନିର୍ଦ୍ଦେଶକ। କିନ୍ତୁ ଦୁର୍ଭାଗ୍ୟ ବଶତଃ ପରବର୍ତ୍ତୀ ସମୟରେ ଆଲିୟାଙ୍କ ହାତରୁ ଏଭଳି ଅଫର ଖସିଯାଇଥିଲା। କେବଳ ସେତିକି ନୁହେଁ, ଆଲିୟାଙ୍କୁ ଯେତେବେଳେ ୧୨ ବର୍ଷ ସେତେବେଳେ ପୁଣି ଥରେ ସଞ୍ଜୟ ତାଙ୍କୁ ଆଉ ଏକ ସିନେମା ପାଇଁ ସାଇନ୍ କରାଇବାକୁ ଯୋଜନା କରିଥିଲେ। 'ବାଲିକା ବଧୂ' ଟାଇଟଲବିଶିଷ୍ଟ ଏହି ଫିଲ୍ମରେ ଆଲିୟା ନାୟିକା ଭୂମିକାରେ ଅଭିନୟ କରିଥାଆନ୍ତେ ଏବଂ ୨୦ ବର୍ଷ ବୟସ୍କ ରଣବୀର କପୁର ନାୟକ ଭାବରେ ଦେଖାଦେଇଥାଆନ୍ତେ। ହେଲେ କେତେକ କାରଣରୁ ଏହି ପ୍ରୋଜେକ୍ଟ ବନ୍ଦ ହୋଇଯାଇଥିଲା। ୨୦୧୨ରେ କରନ୍ ଜୋହର ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ, ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ଏଥିଲାଗି ପାଖାପାଖି ୫ଶହ ନବାଗତାଙ୍କ ମଧ୍ୟରୁ ବାଜି ମାରିଥିଲେ ଆଲିୟା। କେବଳ ସେତିକି ନୁହେଁ, ଏହି ସିନେମା ପାଇଁ ତାଙ୍କୁ ୧୫ କିଗ୍ରା ଓଜନ କମାଇବାକୁ ପଡିଥିଲା। ଏଥିରେ ଆଲିୟାଙ୍କ ଅପୋଜିଟ୍‌ରେ ଥିଲେ ବରୁଣ ଧାୱନ ଏବଂ ସିଦ୍ଧାର୍ଥ ମାଲହୋତ୍ରା।

ଛୋଟ ପରଦା

# ନୂଆ ମୋଡ଼ରେ 'ମୁଁ ବି ବିଜୟିନୀ'



ଧାରାବାହିକ 'ମୁଁ ବି ବିଜୟିନୀ'ର ଅଭିନେତ୍ରୀମାନେ।

କାହାଣୀ ଆରମ୍ଭ ହୋଇଥିଲା ସ୍ମୃତି ମହାରଥୀଙ୍କ ପାଖରୁ। ଜଣେ ଏମ୍‌ଏଲଏ, ଯିଏ ଇନ୍ଦ୍ରଜିତ ମହାରଥୀଠାରୁ ପ୍ରତିଶୋଧ ନେବାକୁ ସର୍ବଦା ପ୍ରୟାସରତ। ଦୀର୍ଘ ୨୦ ବର୍ଷ ଧରି ସ୍ମୃତି ଦୁଇ ପୁଅ ବୈଭବ ଓ କାହ୍ନାକୁ ପାଳୁଥାଏ। ସମୟକ୍ରମେ ଦୁଇଜଣ ବଡ ହେଉଛନ୍ତି ଓ ବୈଭବ ବାହା ହେଉଛି ଲୋକପ୍ରିୟ ସାମ୍ବାଦିକ ନନ୍ଦନ ମହାପାତ୍ରଙ୍କ ଝିଅ ଦେବିକା ମହାପାତ୍ରକୁ। କିନ୍ତୁ ବିବାହ ପୂର୍ବରୁ ଦେବିକା ବୈଭବର ସାନଭାଇ କାହ୍ନାକୁ ପ୍ରେମ କରୁଥିଲା। କାହ୍ନାର ଆକ୍ରମଣାତ୍ମକ ଚରିତ୍ର ପାଇଁ ତା'ଠାରୁ ଦେବିକା ଦୂରେଇଗଲା ହେଲେ ପରିସ୍ଥିତିରେ ପଡ଼ି ବୈଭବକୁ ବିବାହ କରିଛି। କାହ୍ନା ଦେବିକାଠାରୁ ପ୍ରତିଶୋଧ ନେବା ପାଇଁ ଦେବିକାର ସାନ ଭଉଣୀ ରାଧିକାକୁ ପ୍ରେମଜାଲରେ ଫସାଇଛି। ଏବେ ଦେବିକା କେମିତି ରକ୍ଷା କରିବ ଭଉଣୀ ରାଧିକାକୁ? ଅନ୍ୟପଟେ ପ୍ରତିଶୋଧର ନିଆଁରେ ଜଳୁଥିବା ସ୍ମୃତି କେମିତି ଇନ୍ଦ୍ରଜିତ ମହାରଥୀଠାରୁ ପ୍ରତିଶୋଧ ନେବ? ଦେବିକା ଓ ରାଧିକା କ'ଣ ସ୍ମୃତିର ସାହାରା ହେବେ? ବର୍ତ୍ତମାନ ଏଭଳି ରୋଚକ ମୋଡରେ ପହଞ୍ଚିଛି ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜି-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ମୁଁ ବି ବିଜୟିନୀ'। ଏହାର ବିଭିନ୍ନ ଭୂମିକାରେ ଆକାଶ (ବୈଭବ), ବିଜୟ (କାହ୍ନା), ସୁଶ୍ରୀ (ଦେବିକା), ସିମରନ୍ (ରାଧିକା)ଙ୍କ ବ୍ୟତୀତ ଦୀପିକା ତ୍ରିପାଠୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଧାରାବାହିକ ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୬.୩୦ମିନିଟ୍‌ରେ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ସାଉଁଟୁଛି।



'ଶଳା ବୁଢ଼ାର ବଦଲା' ଫିଲ୍ମର ଦୃଶ୍ୟ

# କଥା ଘୃଣା-ପ୍ରେମର

ଦୁଇଟି ଗାଁ ଏକଦା ମହାନ ପଡ଼ୋଶୀ ଥିଲେ। ଏକ ବିବାହ ଶୋଭାଯାତ୍ରାରେ ଦୁର୍ଭାଗ୍ୟଜନକ ଝଗଡା ହେତୁ ତିକ୍ତ ଶତ୍ରୁ ହୋଇଗଲେ। ଏହି ବିବାହ କୌଣସି ପ୍ରକାରେ ସମ୍ପୃକ୍ତ ଗାଁ ମୁଖିଆଙ୍କ ଦ୍ୱାରା ସମ୍ପନ୍ନ ହୁଏ କିନ୍ତୁ ଏହି ଦୁଇ ପଡୋଶୀ ଗାଁର ଲୋକମାନେ ନିଜ ନିଜ ମଧ୍ୟରେ ସବୁଦିନ ପାଇଁ ଶତ୍ରୁ ହୋଇଯାନ୍ତି। ଏପରି କି କେବେ ବି କାହା ରାସ୍ତା ଅତିକ୍ରମ କରିବେ ନାହିଁ ବୋଲି ଶପଥ ନିଅନ୍ତି। ହେଲେ ଉତ୍ତେଜନା ଏବଂ ଘୃଣା ମଧ୍ୟରେ ଦୁଇ ଗାଁ ଭିତରେ ସୃଷ୍ଟି ହୁଏ ପ୍ରେମ। ଏହି ପ୍ରେମ କେତେ ଦୀର୍ଘସ୍ଥାୟୀ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଶଳା ବୁଢ଼ାର ବଦଲା' ଚଳିତ ମାସ ୨୬ରେ ପରଦା ଉପରକୁ ଆସୁଛି। ଏହାର ବିଭିନ୍ନ ଭୂମିକାରେ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଚନ୍ଦନା ସିଂହ, ଲୋଚନି ବାଗ ବିନ୍ଦୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର କ୍ରିଏଟିଭ୍ ହେଡ୍ ଏବଂ ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ।

# ଅନୁଶୋଚନାର ସମୟ ଆସିଛି



"ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇ ମଧ୍ୟ ପରିଣତ ବୟସରେ ଅପରିପକ୍ୱତାର ଲକ୍ଷଣମାନ ଦୃଶ୍ୟମାନ ହେଉଛି। ଭଲ ଟେକ୍ନିକାଲ ନିର୍ଦ୍ଦେଶକମାନଙ୍କର ଆବଶ୍ୟକତା ଅନୁଭୂତ ହେଲାଣି। ବର୍ତ୍ତମାନ ଓଡ଼ିଆ ସିନେମା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଭଲ କାହାଣୀ ଚୟନ ଏବଂ ତାହାର ଠିକ୍ ଉପସ୍ଥାପନା କରାଗଲେ ସିନେମା ଦେଖିବାଯୋଗ୍ୟ ହେବ। "

ଓଡ଼ିଶାରେ ଭଲ ସିନେମାର ପ୍ରଭାବ କମୁଛି। ବ୍ୟବସାୟିକ ଦିଗକୁ ଲକ୍ଷ୍ୟ କରି ଯେତୋଟି ସିନେମା ହେଉଛି, ତନ୍ମଧ୍ୟରୁ ପ୍ରାୟତଃ ବ୍ୟବସାୟିକ ଅସ୍ଥିରତା ମଧ୍ୟରେ ଗତି କରୁଛି। ୮୮ ବର୍ଷ ବୟସର ଓଡ଼ିଆ ସିନେମା ପାଇଁ ବେଳ ଯେତିକି ଗଡୁଛି ସେଇ ଅନୁପାତରେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଆସୁଛି। ସିନେମା ପାଇଁ ଦିଆଯାଉଥିବା 'ନାମ କରଣ' (ଟାଇଟଲ)କୁ ଶୁଣି ସଚେତନ ଦର୍ଶକ ବିତସ୍ପୃହ ହେଉଛନ୍ତି। ଖରାପ ଶୀର୍ଷକ ହେଲେ ବି ସିନେମା ଯଦି ଭଲ ଲାଗନ୍ତା, ତେବେ ସବୁକିଛିର ସମାଧାନ ହୋଇଯାଆନ୍ତା।

ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇ ମଧ୍ୟ ପରିଣତ ବୟସ ଅପରିପକ୍ୱତାର ଲକ୍ଷଣମାନ ଦୃଶ୍ୟମାନ ହେଉଛି। ଭଲ ଟେକ୍ନିକାଲ ନିର୍ଦ୍ଦେଶକମାନଙ୍କର ଆବଶ୍ୟକତା ଅନୁଭୂତ ହେଲାଣି। ବର୍ତ୍ତମାନ ଓଡ଼ିଆ ସିନେମା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଭଲ କାହାଣୀ ଚୟନ ଏବଂ ତାହାର ଠିକ୍ ଉପସ୍ଥାପନା କରାଗଲେ ସିନେମା ଦେଖିବା ଯୋଗ୍ୟ ହେବ। କେବଳ ପ୍ରଯୋଜକ, ନିର୍ଦ୍ଦେଶକ ସାଜିଲେ ଯେ ଭଲ ଓଡ଼ିଆ ସିନେମା ପ୍ରସ୍ତୁତ ହୋଇଯିବ, ତାହା ଭାବିବା ଭୁଲ। ତେଣୁ ଏବେ ଅନୁଶୋଚନାର ସମୟ ଆସିଯାଇଛି।

ପ୍ରଯୋଜକମାନଙ୍କ ମଧ୍ୟରେ ସମନ୍ୱୟ ରହିବା ନିହାତି ଦରକାର। ଫିଲ୍ମଟିଏ ପ୍ରଯୋଜନା କରିବା ସମୟରେ ଖାମଖିଆଲ ନୀତି ଚିତ୍ରଟିକୁ ଦିଅଁ ଗଡୁ ଗଡୁ ବାନ୍ଦର କରିଦେଉଛି। ତେଣୁ ଭଲ ସିନେମାଟିଏ ନିର୍ମାଣ କରିବାକୁ ପ୍ରଯୋଜକ ନିଜର ଦୃଢ଼ମନୋବଳ ଏବଂ ଅଭିଜ୍ଞତାକୁ ଆଧାର କରି ଆଗେଇବା ଉଚିତ।

ଓଡ଼ିଆ ସିନେମା ପାଇଁ ବ୍ୟବସାୟିକ ସ୍ଥିରତା ଯେପର୍ଯ୍ୟନ୍ତ ନହେବ ସେପର୍ଯ୍ୟନ୍ତ ଏପରି ଅସୁବିଧା ଦେଖାଦେଉଥିବ। ପ୍ରେକ୍ଷାଳୟର ଅଭାବ ବେଳେ ବ୍ୟବସାୟୀମାନେ ଅର୍ଥାତ୍ ପ୍ରଯୋଜକମାନେ ଓଡ଼ିଆ ସିନେମା କଥା ଚିନ୍ତା କରିବା ବୃଥା ପ୍ରୟାସ। ୮୮ ବର୍ଷର ଚଳଚ୍ଚିତ୍ର ଜଗତରେ ସଂସ୍କାର ଅପେକ୍ଷା ପରସ୍ପର ମଧ୍ୟରେ ସମନ୍ୱୟ ନଥିବା ପରିଲକ୍ଷିତ ହେଉଛି। ଅନୁଷ୍ଠାନଗୁଡ଼ିକ କେବଳ ବାର୍ଷିକ ଉତ୍ସବ ଜରିଆରେ ନିଜର ଆଭିମୁଖ୍ୟକୁ ବଖାଣି ବାହାସ୍ଫୋଟ ମାରୁଛନ୍ତି। ସିନେମାର ସାମଗ୍ରିକ ଉନ୍ନତି ଦିଗରେ ଆମେ ଚେଷ୍ଟା କରିବା ନିହାତି ଦରକାର। ଓଡ଼ିଆ ସିନେମା ଶିଳ୍ପ ବୟସ ଅନୁସାରେ ଅନେକ ବାଟ ଅତିକ୍ରମ କରିବା କଥା। ହେଲେ ଆମେ ଅବାଟରେ ଯିବା ଫଳରେ ଭଲ ସିନେମାର ସ୍ୱାଦ ଚାଖିପାରୁ ନାହୁଁ। ନୂତନ ପିଢିର ଟେକ୍ନିସିଆନମାନେ ନୂଆ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ଇଚ୍ଛା ପ୍ରକାଶ କଲେ ମଧ୍ୟ ସେମାନଙ୍କୁ ସୁଯୋଗ ମିଳୁନାହିଁ। ଗତ କିଛି ବର୍ଷ ଧରି କପି ସିନେମାର ପରମ୍ପରା ଚାଲି ଆସିଛି। ଆମ ରାଜ୍ୟର ପରମ୍ପରା, ସଂସ୍କୃତିରେ ଅନେକ କାହାଣୀ ରହିଛି, ଯାହାକୁ ଆଧାର କରି ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ହେଲେ କାହାଣୀ ଚୟନରେ ଅନେକ ସମୟରେ ଗୁରୁତର ତ୍ରୁଟି ରହିଯାଉଛି, ଯାହାଫଳରେ ସିନେମାଟିକୁ ନେଇ ପ୍ରଯୋଜକ ଯେଉଁ ଆଶା ରଖୁଛି ତାହା ପୂରଣ ହୋଇପାରୁନାହିଁ। ସରକାରଙ୍କ ଦ୍ୱାରା ଋଣ, ସବ୍‌ସିଡି ଓ ୩୦ଟି ଜିଲାରେ ପ୍ରେକ୍ଷାଳୟ ବ୍ୟାପକ ହେଲେ ପ୍ରଯୋଜକମାନେ ଓଡ଼ିଆ ସିନେମା ପ୍ରତି ଗୁରୁତ୍ୱ ଦେବେ। ନଚେତ୍ କେବଳ ମଝିରେ ମଝିରେ ନିଗମର ମନଗଢା କଥା ହିଁ 'ଥକ୍କା' ମାରିବା ଶ୍ରେୟସ୍କର ହେବ। ତେଣୁ ବେଳ ହୁଁ ସାବଧାନ।

**-ଦିଲ୍ଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଯାଦେଁ



ସୁନୀଲ

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ସୁନୀଲ ଦତ୍ତ। ଯେ କୌଣସି ଭୂମିକା ହେଉ, ତାହାକୁ ସୁଚାରୁରୂପେ ତୁଲାଇବାରେ ସେ ଥିଲେ ମାହିର। ୧୯୬୪ରେ ନିର୍ମିତ ହୋଇଥିଲା ଏକ ବର୍ଣ୍ଣନାତ୍ମକ (ନ୍ୟାରେଟିଭ୍) ଫିଲ୍ମ 'ଯାଦେଁ'। ଏଥିରେ ମାତ୍ର ଅଳ୍ପ କଳାକାର ଅଭିନୟ କରିଥିଲେ ଆଉ ମୁଖ୍ୟ ଭୂମିକାରେ ଥିଲେ ସୁନୀଲ। ଏହି ଫିଲ୍ମର ଅବଧି ଥିଲା ମାତ୍ର ୧୧୩ ମିନିଟ୍। କମ୍ ସଂଖ୍ୟକ କଳାକାରଙ୍କୁ ନେଇ ନିର୍ମିତ ଏହି ସ୍ୱଳ୍ପ ଅବଧିବିଶିଷ୍ଟ ଫିଲ୍ମଟିକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା।

# ସହଜେ ବୁଝେନା ମନ



ପରିଣିତି

ପରିଣିତି ଚୋପ୍ରା ଖୁବ୍‌ଶୀଘ୍ର ଘର ସଂସାର କରିବେ। ସାଂସଦ ରାଘବ ଚଡ୍ଢାଙ୍କ ସହ ତାଙ୍କର ରିଂ ସେରିମନି ନିକଟରେ ଶେଷ ହୋଇଛି। ପରିଣିତିଙ୍କ ଗୋଟିଏ ଆଶା ପୂରଣ ନ ହେଲେ ତାଙ୍କ ମନ ବୁଝି ନ ଥାଏ। ତାହା କ'ଣ ଜାଣନ୍ତି ? ଜୋତା କିଣିବା। ପଢ଼ିବା ସମୟରୁ ତାଙ୍କର ଏଥିପ୍ରତି ଆଗ୍ରହ ରହିଆସିଛି। ନିଜର ଏଭଳି ରୁଚି ସମ୍ପର୍କରେ ସେ କହନ୍ତି, 'ନୂଆ ବ୍ରାଣ୍ଡର ଜୋତା ଦେଖିଲେ ତାହାକୁ ନ କିଣି ମୁଁ ରହିପାରେନା। ତେଣୁ ବଜାରକୁ କେଉଁ ନୂଆ ଜୋତା ଆସୁଛି ସେ ନେଇ ମୁଁ ସବୁବେଳେ ଅପଡେଟ୍ ଥାଏ। ପୁଣି ସେଥିରୁ ହଳେ ନୁହେଁ, ଯଦି ମନ ମାନିଲା ତେବେ ୫-୬ ହଳ ଏକାଥରେ କିଣିଆଣିଥାଏ।' ପରିଣିତିଙ୍କର ପ୍ରଥମ ସିନେମା ଥିଲା 'ଲେଡିଜ ଭର୍ସେସ ରିକି ବହଲ'। ୨୦୧୧ରେ ମୁକ୍ତିଲାଭ କରିଥିବା ରୋମାଣ୍ଟିକ-କମେଡି କାହାଣୀ ଉପରେ ଆଧାରିତ ଚିତ୍ରଟି ଯଦିଓ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହା ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ଥିଲା। କାରଣ ନିଜର ପ୍ରଥମ ସିନେମା ପାଇଁ ତାଙ୍କୁ ୧୦ଟି ପୁରସ୍କାର ମିଳିଥିଲା। ବିଶେଷଭାବରେ ଏଥିରେ ତାଙ୍କର ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ। କଲେଜ କ୍ୟାରିୟର ଶେଷ ହେବା ପରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ପରିଣିତି। କିନ୍ତୁ କେତେକ କାରଣରୁ ସେ ୟଶରାଜ ଫିଲ୍ମସରେ ଜଣେ ପି.ଆର. କନସଲଟାଣ୍ଟ ଭାବରେ କିଛି ବର୍ଷ କାମ କରିଥିଲେ। ବାହାରକୁ ଗଲାବେଳେ ସେ ସାଙ୍ଗରେ ଲିପ୍ ବାମ୍ ଏବଂ ଫେସ୍‌ୱାଶ ନେବାକୁ ଭୁଲି ନ ଥାନ୍ତି। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି- 'ଇସ୍କଜାଦେ', 'ଶୁଦ୍ଧ ଦେଶୀ ରୋମାନ୍ସ', 'ହସି ତୋ ଫସି', 'ମେରି ପ୍ୟାରି ବିନ୍ଦୁ', 'ନମସ୍ତେ ଇଂଲଣ୍ଡ', 'ଦ ଗର୍ଲ ଅନ ଦ ଟ୍ରେନ୍', 'ସାଇନା' ଏବଂ 'ଉଞ୍ଚାଇ'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ଚମ୍‌କିଲା'ର ଶୁଟିଂ ନିକଟରେ ଶେଷ ହୋଇଛି।

ରିଲିଜ ଅପେକ୍ଷାରେ

# ଡ୍ରିମ୍ ଗର୍ଲ- ୨

ଏକ କମେଡି-ଡ୍ରାମା କାହାଣୀକୁ ଆଧାର କରି ନିର୍ମିତ ହୋଇଛି ହିନ୍ଦୀ ସିନେମା 'ଡ୍ରିମ୍ ଗର୍ଲ-୨'। ବାଲାଜୀ ମୋଶନ୍ସ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଏକତା କପୁର ଏବଂ ଶୋଭା କପୁର। ନିର୍ଦ୍ଦେଶନା ଦେଇଛନ୍ତି ରାଜା ସାନ୍ଦିଲ୍ୟା। ୨୦୧୯ରେ ନିର୍ମିତ 'ଡ୍ରିମ୍ ଗର୍ଲ'ର ଏହା ହେଉଛି ସିକୁଏଲ। ଏହି ଫିଲ୍ମରେ ଆୟୁଷ୍ମାନ ଖୁରାନାଙ୍କୁ ଦର୍ଶକ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ପାଇବେ। ତା'ସହ ଅନନ୍ୟା ପାଣ୍ଡେ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ଆଶା ବାନ୍ଧିଛନ୍ତି। ଏମାନଙ୍କ ବ୍ୟତୀତ ଅନୁ କପୁର, ପରେଶ ରାୱଲ, ବିଜୟ ରାଜା, ଆସରାନୀ, ଅଭିଷେକ ବାନାର୍ଜୀ, ମନଜୋତ ସିଂ ପ୍ରମୁଖ କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ୨୦୨୨ରେ ଏହାର ଶୁଟିଂ ଆରମ୍ଭ କରାଯାଇ ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଛି। ଫିଲ୍ମଟି ଏବର୍ଷ ଅଗଷ୍ଟ ୨୫ରେ ମୁକ୍ତିଲାଭ କରିବ।

'ଡ୍ରିମ୍ ଗର୍ଲ-୨'ର ଏକ ଦୃଶ୍ୟରେ ଆୟୁଷ୍ମାନ୍-ଅନନ୍ୟା



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୧୮/୨୦୨୩ Bhubaneswar, Thursday, May 18/ 2023

# ଦିଲ୍ଲୀଠୁ ହାରି ପଞ୍ଜାବ ଆଶା ମଉଳିଲା

**ଧର୍ମଶାଳା, ୧୭।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରିଲି ରୋଷୋଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୫ ରନରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨ ଉଇକେଟ ହରାଇ ୨୧୩ ରନ୍ କରିଥିଲା । ଜବାବରେ ପଞ୍ଜାବ ଲିଆମ ଲିଭିଂଷ୍ଟୋନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ୨୦ ଓଭରରେ ୮ ଉଇକେଟ ହରାଇ ୧୯୮ ରନ୍‌ରେ ସୀମିତ ରହି ଯାଇଥିଲା । ଏହି ପରାଜୟ ସହିତ ପଞ୍ଜାବର ପ୍ଲେ ଅଫ୍ ଆଶା ମଉଳିଛି । ଦଳ ବର୍ତ୍ତମାନ ୧୩ ମ୍ୟାଚରୁ ୧୨ ପଏଣ୍ଟ ସହିତ ଟେବୁଲର ୮ ନମ୍ବର ସ୍ଥାନରେ ରହିଛି ।

ଏଚ୍‌ପିସିଏ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା । ଡେଭିଡ୍ ୱାର୍ନର ଓ ପୃଥ୍ୱୀ ଶ' ଦିଲ୍ଲୀ ପାଇଁ ଓପନ କରିଥିଲେ । ଉଭୟ ଖେଳାଳି ଓପନିଂ ଯୋଡିରେ ୬୨ ବଲରୁ ୯୪ ରନ୍ ଯୋଡିଥିଲେ । ୱାର୍ନର ୩୧ ବଲ୍ ଖେଳି ୪୬ ରନ୍ କରିଥିଲେ । ଏହି ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା । ଅନ୍ୟ ପକ୍ଷରେ ପୃଥ୍ୱୀ ଶ ନିଜର ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଜବରଦସ୍ତ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୩୮ ବଲ୍ ଖେଳି ୫୪ ରନ୍ କରିଥିଲେ । ଏହି ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା । ଦଳୀୟ ସ୍କୋର ୧୪୮ରେ ଶ' ପ୍ୟାଭିଲିୟନ୍ ଫେରିଥିଲେ । ଆଉଟ ହେବା ପୂର୍ବରୁ ରିଲି ରୋଷୋଙ୍କ ସହିତ ସେ ୫୪ ରନ୍ ଯୋଡିଥିଲେ । ଶ' ଆଉଟ ହେବା ପରେ କ୍ୟାପିଟାଲ୍ସର ରନ୍ ସଂଗ୍ରହ ହାର ସାମାନ୍ୟ ଧୀମେଇ ଯାଇଥିଲା । ତେବେ ରିଲି ରୋଷୋ (୮୨*) ଓ ଫିଲିପ୍ ସଲ୍ଟ (୨୬*) ଅସମାପ୍ତ ତୃତୀୟ ଉଇକେଟରେ ୬୫ ରନ୍ ଯୋଡିଥିଲେ । ଶେଷ ଯାଏ ଅପରାଜିତ ରହିଥିବା ରୋଷୋ ୩୭ ବଲ ଖେଳି ୬ଟି ଲେଖାଏ ଛକା ଓ ଚୌକା ମାରିଥିଲେ । ଅନ୍ୟ ପକ୍ଷରେ ୧୪ ବଲ୍ ଖେଳି ସଲ୍ଟ ୨ଟି ଲେଖାଏ ଛକା ଓ ଚୌକା ମାରିଥିଲେ । ଏହା ସହିତ ଆଇପିଏଲ୍‌ରେ ରୋଷୋ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ । ପଞ୍ଜାବ ପକ୍ଷରୁ ଶିଖର ଧାୱନ ୬ ଜଣ ବୋଲରଙ୍କୁ ନିୟୋଜିତ କରିଥିଲେ ମଧ ତା ମଧ୍ୟରୁ ୫ ଜଣ ଉଇକେଟ ଶୂନ୍ୟ ରହିଥିଲେ । ଏକାକୀ ସାମ୍ କୁରାନ ଦୁଇଟି ଯାକ ଉଇକେଟ ନେଇଥିଲେ । ଶେଷ ଓଭର ବୋଲିଂ କରିଥିବା ହରପ୍ରୀତ ବ୍ରାର ୨୦ ରନ୍ ବ୍ୟୟ କରିଥିଲେ ।

୨୧୪ ରନ୍ ଲକ୍ଷ୍ୟରେ ପଞ୍ଜାବର ଆରମ୍ଭ ଅତ୍ୟନ୍ତ ଧୀମା ରହିଥିଲା । ପ୍ରଥମ ଓଭର ମେଡେନ୍ ରହିଥିବା ବେଳେ ଦ୍ୱିତୀୟ ଓଭରରେ ଖାତା ଖୋଲିବା ପୂର୍ବରୁ ଶିଖର ଧାୱନ ଆଉଟ ହୋଇଥିଲେ । ପ୍ରଭସିମରନ୍(୨୨) ଓ ଅଥର୍ବ ତାଇଡେ(୫୫) ଦ୍ୱିତୀୟ ଉଇକେଟରେ ୫୦ ରନ୍ ଯୋଡିଥିଲେ । ଏହାପରେ କ୍ରିଜରେ ଯୋଗ ଦେଇ ଲିଆମ୍ ଲିଭିଙ୍ଗଷ୍ଟୋନ୍ ଆତସବାଜି ବ୍ୟାଟିଂ କରିଥିଲେ । ସେ ୪୮ ବଲ ଖେଳି ୫ ଚୌକା ଓ ୯ ଛକା ସହିତ ୯୪ ରନ୍ କରିଥିଲେ । ଅନ୍ତିମ ଓଭରରେ ୩୩ ରନ୍ ଆବଶ୍ୟକ ଥିବା ବେଳେ ଇଶାନ୍ତ ଶର୍ମା ଏହାକୁ ଡିଫେଣ୍ଡ କରିଥିଲେ । ଦିଲ୍ଲୀ ଇନିଂସ୍ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ରିଲି ରୋଷୋ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରିଲି ରୋଷୋ ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୨ (ରିଲି ରୋଷୋ–୮୨*, ପୃଥ୍ୱୀ ଶ'–୫୪, ଡେଭିଡ୍ ୱାର୍ନର–୪୬, ଫିଲିପ୍ ସଲ୍ଟ–୨୬*, ସାମ୍ କୁରାନ୍–୨/୩୬) । ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୯୮/୮ (ଲିଆମ ଲିଭିଙ୍ଗଷ୍ଟୋନ–୯୪, ଅଥର୍ବ ତାଇଡେ–୫୫(ରିଟାୟର୍ଡ), ପ୍ରଭସିମରନ୍ ସିଂ–୨୨, ଇଶାନ୍ତ ଶର୍ମା–୨/୩୬, ଖଲିଲ ଅହମଦ–୧/୨୦, ଅକ୍ଷର ପଟେଲ–୧/୨୭) ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)
**ହାଇଦ୍ରାବାଦ ବନାମ ବାଙ୍ଗାଲୋର**
ସ୍ଥାନ: ହାଇଦ୍ରାବାଦ, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | -୦.୩୦୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୫ | ୮ | ୧୦ | -୦.୫୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୮ | ୮ | -୦.୫୭୫ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା ।

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

**ନୂଆଦିଲ୍ଲୀ, ୧୭।୫ (ପି.ଟି.)**

ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) କପ୍ ବେଙ୍ଗାଲୁରୁଠାରେ ଆସନ୍ତା ଜୁନ୍ ୨୧ରୁ ଜୁଲାଇ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି । ତେଣୁ ପାଖାପାଖି ୫ ବର୍ଷ ବ୍ୟବଧାନରେ ଭାରତ-ପାକିସ୍ତାନ ଫୁଟବଲ ସମ୍ପର୍କ ନବୀକରଣର ସୁଯୋଗ ସୃଷ୍ଟି ହୋଇଛି । ସାଫ୍ କପ୍ ୧୪ତମ ସଂସ୍କରଣର ଡ୍ର' ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି । ତଦନୁସାରେ ଗତଥରର ଚାମ୍ପିୟନ ଭାରତ, ପାକିସ୍ତାନ, କୁଏଟ୍ ଓ ନେପାଳ ଗ୍ରୁପ୍ 'ଏ'ରେ ରହିଛନ୍ତି । ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ହେଲେ ଲେବାନନ, ମାଳଦ୍ୱୀପ, ବାଂଲାଦେଶ ଓ ଭୁଟାନ ।

ପ୍ରତିଯୋଗିତାର ଗ୍ରୁପ୍ ମ୍ୟାଚଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ । ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ । ୮ଟି ଦଳକୁ ନେଇ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର ସମସ୍ତ ମ୍ୟାଚ କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଦକ୍ଷିଣ ଏସିଆ ବାହାରର ଦୁଇ ଦଳ ଲେବାନନ ଓ କୁଏଟ୍ ଏଥରେ ଆମନ୍ତ୍ରଣୀୟ ଦଳଭାବେ ଖେଳିବେ । ପ୍ରତିଯୋଗିତାକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିବା ପାଇଁ ଏହି ଦୁଇ ଦଳକୁ ସାମିଲ କରାଯାଇଛି । ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଦଳ ହେଲା ଲେବାନନ । ଏହାର ର୍ୟାଙ୍କ୍ ହେଲା ୯୯ । ଦ୍ୱିତୀୟ ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଦଳଭାବେ ଭାରତ (୧୦୧ତମ ସ୍ଥାନ) ଏହି ଟୁର୍ଣ୍ଣାମେଣ୍ଟ ଖେଳିବ । ସବୁଠାରୁ ନିମ୍ନ ର୍ୟାଙ୍କ୍‌ପ୍ରାପ୍ତ ଦଳ ହେଲା ପାକିସ୍ତାନ (୧୯୫) । ୨୧ ତାରିଖରେ କୁଏଟ୍ ଓ ନେପାଳ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ । ଏହି ଦିନ ଦ୍ୱିତୀୟ ମ୍ୟାଚରେ ଭାରତ-ପାକିସ୍ତାନ ମୁକାବିଲା ହେବ ।

ଭାରତ ଓ ପାକିସ୍ତାନ ଶେଷଥର ପାଇଁ ୨୦୧୮ ସେପ୍ଟେମ୍ବରରେ ପରସ୍ପରକୁ ଭେଟିଥିଲେ । ଢାକାରେ ଅନୁଷ୍ଠିତ ସାଫ୍ କପ୍‌ର ଏହା ସେମିଫାଇନାଲ ମ୍ୟାଚ ଥିଲା । ସେହି ମ୍ୟାଚରେ ଭାରତ ୩-୧ ଗୋଲରେ ପାକିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ତେବେ ଟାଇଟଲ ମୁକାବିଲାରେ ମାଳଦ୍ୱୀପ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା । ଓଭରଅଲ୍ ଦେଖିବାକୁ ଗଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଆନୁଷ୍ଠାନିକଭାବେ ୨୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳାଯାଇଛି । ଏହା ମଧ୍ୟରୁ ଭାରତ ଡଜନେରୁ ଊର୍ଦ୍ଧ୍ୱ ମ୍ୟାଚ ଜିତି ଆଧିପତ୍ୟ ବଜାୟ ରଖିଛି ।

ସାଫ୍ କପ୍‌ରେ ଭାରତ ୮ ଥର ଚାମ୍ପିୟନ ଏବଂ ୪ ଥର ରନରଅପ୍ ହୋଇଛି । ଇତିହାସରେ କେବଳ ଥରେ ୨୦୦୩ରେ ଭାରତ ଫାଇନାଲରେ ପ୍ରବେଶ କରିପାରି ନ ଥିଲା । ଢାକାରେ ଅନୁଷ୍ଠିତ ପ୍ରତିଯୋଗିତାର ୫ମ ସଂସ୍କରଣରେ ଦଳ ତୃତୀୟ ସ୍ଥାନରେ ରହିଥିଲା । ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଠିକ୍ ସମୟରେ ଭିଜା ମିଳିଯିବ ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଆଶା ରଖିଛି । ପ୍ରତିଯୋଗିତାରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ସମ୍ମତି ଜଣାଇଛି । ଫଳରେ ଏହାର ନାମ ଡ୍ର' ଉଠାଣ ସମୟରେ ସାମିଲ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ଦକ୍ଷିଣ ଏସୀୟ ଅଞ୍ଚଳର ସମସ୍ତ ଦେଶର ଅଧିକାର ରହିଛି ବୋଲି ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରକାଶ କରିଛନ୍ତି । ପାକିସ୍ତାନ ପ୍ରତିନିଧି ଦଳ ଭିଜା ପାଇଁ ଆବେଦନ କରି ସାରିଛି ବୋଲି ଏଆଇଏଫ୍ଏଫ୍ ସମ୍ପାଦକ ଶାଜି ପ୍ରଭାକରନ ସୂଚନା ଦେଇଛନ୍ତି । ପ୍ରକାଶଯୋଗ୍ୟ ଯେ, ୧୯୯୩ରେ ପ୍ରତିଯୋଗିତା ଆରମ୍ଭ ହେବାଠାରୁ ୧୩ ସଂସ୍କରଣ ମଧ୍ୟରେ ପାକିସ୍ତାନ କେବଳ ୨ ଥର ଅଂଶଗ୍ରହଣ କରିନାହିଁ । ଆଭ୍ୟନ୍ତରୀଣ ସମସ୍ୟା ଯୋଗୁ ୨୦୧୫ରେ ଭାରତରେ ଅନୁଷ୍ଠିତ ପ୍ରତିଯୋଗିତାକୁ ପାକିସ୍ତାନ ଫୁଟବଲ ଫେଡେରେଶନ ଏହାର ଦଳ ପ୍ରେରଣ କରି ନ ଥିଲା । ଅନ୍ୟପକ୍ଷରେ ଫିଫା ଦ୍ୱାରା ବାସନ୍ଦ ହୋଇଥିବାରୁ ୨୦୨୧ରେ ଦଳ ମାଳଦ୍ୱୀପରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇପାରି ନ ଥିଲା । ଗତବର୍ଷ ଜୁନ୍‌ରେ ଦଳ ଉପରୁ ବାସନ୍ଦ ଉଠିଛି ।

# ଅଷ୍ଟ୍ରେଲିଆକୁ ୪-୧ରେ ହରାଇଲା ଭାରତ

**ସୁଝୋଉ, ୧୭।୫(ପି.ଟି.):** ସୁଦିରମାନ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି । ପୂର୍ବରୁ ନକ୍‌ଆଉଟ ରେସ୍‌ରୁ ବାଦ୍ ପଡିସାରିଥିବା ଭାରତ ବୁଧବାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରିଛି । ଭାରତ ପୂର୍ବରୁ ଚାଇନିଜ୍ ତାଇପେ ନିକଟରୁ ୧-୪ ଓ ମାଲେସିଆ ନିକଟରୁ ୦-୫ରେ ପରାଜିତ ହୋଇଥିଲା । ନକ୍‌ଆଉଟରୁ ବାଦ୍ ପଡିସାରିଥିବା ଭାରତ ଅନ୍ତିମ ମ୍ୟାଚରେ ଦ୍ୱିତୀୟ ପସନ୍ଦର ଖେଳାଳିଙ୍କୁ ନେଇ ଓହ୍ଲାଇଥିଲା । ପ୍ରଥମ ମ୍ୟାଚରେ ସାଇ ପ୍ରତୀକ ଓ ତନିଶା କ୍ରାଷ୍ଟୋଙ୍କ ଯୋଡି ପରାଜିତ ହୋଇଥିଲେ । ଏଚ୍. ଏସ୍. ପ୍ରଣୟ ୨୧-୮ ଓ ୨୧-୮ ସେଟ୍‌ରେ ଜ୍ୟାକ୍ ୟୁଙ୍କୁ ହରାଇବାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା । ପି. ଭି. ସିନ୍ଧୁଙ୍କୁ ବିଶ୍ରାମ ଦେଇ ଭାରତ ଅନୁପମା ଉପାଧ୍ୟାୟଙ୍କୁ ହରାଇଥିଲେ । ଯୁବ ଖେଳାଳି ଅନୁପମା ନିରାଶ ନ କରି ନିଜ ମ୍ୟାଚକୁ ୨୧-୨୬ ଓ ୨୧-୧୨ ସେଟ୍‌ରେ ଟିଫାନୀ ହୋଙ୍କୁ ପରାସ୍ତ କରିଥିଲେ । ପୁରୁଷ ଡବଲ୍ସ ଯୋଡି ଏମ୍. ଆର. ଅର୍ଜୁନ ଓ ଧ୍ରୁବ କପିଳାଙ୍କ ଯୋଡି ପ୍ରତିପକ୍ଷ ରିକି ଟାଙ୍ଗ ଓ ରେନ୍ ୱାଙ୍ଗଙ୍କ ଯୋଡିକୁ ୨୧-୧୧ ଓ ୨୧-୧୨ରେ ପରାସ୍ତ କରିଥିଲେ । ମହିଳା ଡବଲ୍ସରେ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡି ବିଜୟୀ ହୋଇଥିଲେ ।

# କଟକ ଜିତିଲା ସାହାଣୀ କପ୍

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୬୨ତମ ସଂସ୍କରଣ ବୁଧବାର ଶେଷ ହୋଇଛି । କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଟକ-କନ୍ଧମାଳ ଦ୍ୱିତୀୟ ଫାଇନାଲ ୧-୧ ଗୋଲରେ ଡ୍ର ରହିଥିଲା । କନ୍ଧମାଳ ପକ୍ଷରୁ ବିଜୟ ମୁଖୀ ୪୦ ଓ କଟକର ଦୀନବନ୍ଧୁ ଦାସ ୪୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ତେବେ ଡବଲ ଲିଗ୍ ବିଶିଷ୍ଟ ଫାଇନାଲର ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିବାରୁ କଟକ ଚାମ୍ପିୟନ ହୋଇଛି । ୧୪ ତାରିଖରେ ଅନୁଷ୍ଠିତ ପ୍ରଥମ ଫାଇନାଲରେ କଟକ ୨-୧ ଗୋଲରେ କନ୍ଧମାଳକୁ ପରାସ୍ତ କରିଥିଲା । ଚାମ୍ପିୟନ ଦଳକୁ ଟ୍ରଫି ସହ ୧,୦୦,୦୦୦ ଏବଂ ରନରଅପ୍ ଦଳକୁ ୫୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ତୃତୀୟ ଓ ୪ର୍ଥ ସ୍ଥାନ ହାସଲ କରିଥିବା ଦଳକୁ ଯଥାକ୍ରମେ ୨୫,୦୦୦ ଓ ୧୫,୦୦୦ ଟଙ୍କା ଦିଆଯାଇଥିଲା । ପ୍ରକାଶ ଯୋଗ୍ୟ ଯେ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳକୁ ୨ ଲକ୍ଷ ଓ ରନରଅପ୍ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ଅଭିଜିତ ପାଲ, ମହମ୍ମଦ ସହିଦ ଜବାର, ସଦସ୍ୟ କମଳାକାନ୍ତ ପାଣ୍ଡେ, ଶିବ ପ୍ରସାଦ ତ୍ରିପାଠୀ, ତଡ଼ିତ କୁମାର ରାଉତ, ବିଜୟ କୁମାର ଦାସ, ଅମିତ କୁମାର ବେହେରା, ଶିବବ୍ରତ ମଲିକ, ମହିଳା କମିଟି ଅଧ୍ୟକ୍ଷ ସହଦେବ ରାଉତ, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ କଟକ ଦଳର ଖେଳାଳିମାନେ ।

## ପ୍ରମୋଦ, ଦିଲେଶ୍ୱରଙ୍କ ବିଜୟ

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି):** ମାନାମାଠାରେ ବୁଧବାର ଆରମ୍ଭ ହୋଇଥିବା ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି । ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ମିକ୍ସଡ ଡବଲ୍ସର ପ୍ରଥମ ରାଉଣ୍ଡରେ ବ୍ରାଜିଲର ଇଉଜେନୋ କ୍ଲେଟୋ ଓ ଅଷ୍ଟ୍ରେଲିଆର ସେଲିନେ ଉରେଲି ଭିନୋଟଙ୍କୁ ୨୧-୮, ୨୧-୧୩ରେ ପରାସ୍ତ କରିଛନ୍ତି । ଦିଲେଶ୍ୱର ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସ୍ପେନ୍‌ର ଆଲେକ୍ସ ସାଣ୍ଟାମାରିଆ କାରାସ୍କୋଙ୍କୁ ୨୧-୭, ୨୧-୧୦ରେ ହରାଇ ଦେଇଛନ୍ତି । ଅନ୍ୟତମ ଓଡ଼ିଆ ଖେଳାଳି ଶୁଭ୍ରଜିତ ମହାରଣା ଓ ଦୀପ୍ ରଞ୍ଜନ ବିଷୋୟୀ ହାରି ଯାଇଛନ୍ତି ।

# ହନୁମାନ ମନ୍ଦିର ଯାଏ ରେସ୍‌ଲରଙ୍କ ଶୋଭାଯାତ୍ରା

**ନୂଆଦିଲ୍ଲୀ, ୧୭।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତର ଆନ୍ଦୋଳନରତ ଖେଳାଳିମାନେ ସମର୍ଥକଙ୍କ ସହିତ କନ୍ନଟ ପ୍ଲେସ୍‌ର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଏହା ସହିତ ବଙ୍ଗଳା ସାହିବ ଗୁରୁଦ୍ୱାରରେ ଖେଳାଳିମାନେ ପ୍ରାର୍ଥନା କରିଥିଲେ । ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୫ ଦିନରେ ପହଞ୍ଚିଛି । ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି । ଧାରଣା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ପାଇଁ ବିଗତ ଦୁଇ ଦିନ ଧରି ଆଥ୍‌ଲେଟମାନେ କନ୍ନଟ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳକୁ ଯାଉଛନ୍ତି । ବୁଧବାର ଖେଳାଳିମାନେ ନିଜର ସମର୍ଥକଙ୍କ ସହିତ କନ୍ନଟ ପ୍ଲେସ୍ ସ୍ଥିତ ହନୁମାନ ମନ୍ଦିରକୁ ଯାଇଥିଲେ । ଶୋଭାଯାତ୍ରା ପରେ ଖବରଦାତା ସମ୍ମିଳନୀରେ ମହିଳା ରେସ୍‌ଲରଙ୍କୁ ନ୍ୟାୟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଥିଲେ ବଜରଙ୍ଗ ପୁନିଆ । ସରକାର 'ବେଟି ବଚାଓ, ବେଟି ପଢାଓ' ନାରା ଦେଉଛନ୍ତି । ଏଠାରେ ଦେଶର ଝିଅ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି କହିଥିଲେ ବଜରଙ୍ଗ ପୁନିଆ । ଦେଶର ଝିଅମାନଙ୍କୁ ନ୍ୟାୟ ଦେବା ପାଇଁ ଆମେ ବଜରଙ୍ଗ ବଲୀଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ଆସିଛୁ ବୋଲି ସେ କହିଛନ୍ତି । ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗତ କହିଛନ୍ତି, ନ୍ୟାୟ ପାଇଁ କ'ଣ ସବୁ ମହିଳାଙ୍କୁ ଧାରଣାରେ ବସିବାକୁ ପଡିବ । ଆମ ଦେଶ ଏତେ ଦୁର୍ବଳ ନୁହେଁ ଯେ, ଦୋଷୀଙ୍କୁ ଦଣ୍ଡ ଦେଇପାରିବା ନାହିଁ । ରେସଲରମାନଙ୍କ ଏହି ଶୋଭାଯାତ୍ରାରେ ଅନେକ ସାଧାରଣ ଲୋକ ମଧ୍ୟ ସାମିଲ ହୋଇଥିଲେ । ଆମେ ଆଥ୍‌ଲେଟମାନଙ୍କ ସହିତ ଅଛୁ ଓ ବ୍ରିଜ୍ ଭୂଷଣଙ୍କୁ ଗିରଫ କର ନାରା ମଧ୍ୟରେ ଶୋଭାଯାତ୍ରା ସମ୍ପୂର୍ଣ୍ଣ ହୋଇଥିଲା । ଅନ୍ୟତମ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ୍ ମଧ୍ୟ ଆନ୍ଦୋଳନ ସମ୍ପର୍କରେ ଟୁଇଟ୍ କରିଥିଲେ । ଭିଡିଓଗ୍ରାଫି ବା ଫଟୋଗ୍ରାଫି କରୁଥିବା କିଛି ସ୍ୱେଚ୍ଛାସେବୀ ଆମକୁ ଆବଶ୍ୟକ । ଇଚ୍ଛୁକ ବ୍ୟକ୍ତି ଡିଏମ୍ କରିପାରନ୍ତି । ମଙ୍ଗଳବାର ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଖେଳାଳିମାନଙ୍କ ସହିତ ଆଲୋଚନା କରିବା ସହିତ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ । ଯନ୍ତରମନ୍ତର ଅପେକ୍ଷା ରାମଲୀଳା ମଇଦାନ ଏକ ବଡ ଜାଗା । ଫଳରେ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇପାରିବେ ବୋଲି ସେ କହିଥିଲେ । ଉଲ୍ଲେଖଯୋଗ୍ୟ, ମହିଳା ରେସ୍‌ଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବ୍ରିଜ୍‌ଭୂଷଣଙ୍କ ନାମରେ ମାମଲା ରୁଜୁ କରାଯାଇଛି । ୭ ଜଣ ମହିଳା ଆଥ୍‌ଲେଟ ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି ।

**ଡବ୍ଲ୍ୟୁଏଫ୍ଆଇ ଯୌନ ନିର୍ଯାତନା ମାମଲା**






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ